# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୭/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, December 17/ 2018 | ★★★★

୪୫ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



DSPL-302

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ଓଡ଼ିଶା ସରକାର

ଓଡ଼ିଶା ଶାସନ



ଆମ ଗାଁ ଆମ ବିକାଶ

# ଆମ ଗାଁ ଆମ ବିକାଶ

## ନବୀନ ଓଡ଼ିଶାର ନୂତନ କିରଣ

## ପିଠା

## PEETHA

(Peoples' Empowerment - Enabling Transparency and Enhancing Accountability on Odisha Initiatives)

| କେଉଁ ପ୍ରକାର ସହାୟତା | କେଉଁଠି | କିଏ ପାଇବ | କଣ ମିଳିବ |
|---|---|---|---|
| ୧ମ ପ୍ରକାର | ଉପ ସାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ | ସର୍ବସାଧାରଣଙ୍କ ପାଇଁ ( କୌଣସି ପ୍ରମାଣପତ୍ରର ଆବଶ୍ୟକତା ନାହିଁ ) | ସମସ୍ତଙ୍କ ନିମନ୍ତେ ସମ୍ପୂର୍ଣ୍ଣ ମାଗଣା ସାସ୍ଥ୍ୟ ସେବା |
| ୨ୟ ପ୍ରକାର | ରାଜ୍ୟ ସରକାରଙ୍କ ମେଡିକାଲ କଲେଜ / ପଞ୍ଜୀକୃତ ଘରୋଇ ଚିକିତ୍ସାଳୟ / ଜାତୀୟ ସ୍ତରର କିମ୍ବା ଖ୍ୟାତି ସଂପନ୍ନ ଚିକିତ୍ସାଳୟ | ବିକେକେୱାଇ, ଆର୍‌ଏସବିୱାଇ ହିତାଧିକାରୀ, ବିପିଏଲ୍, ଏଏୱାଇ ହିତାଧିକାରୀ<br>ଗ୍ରାମାଂଚଳରେ ବାର୍ଷିକ ୫୦,୦୦୦ ଟଙ୍କାରୁ କମ୍ ଏବଂ ସହରାଂଚଳରେ ବାର୍ଷିକ ୬୦,୦୦୦ ଟଙ୍କାରୁ କମ୍ ଉପାର୍ଜନ କରୁଥିବା ବ୍ୟକ୍ତି | ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟଙ୍କ କ୍ଷେତ୍ରରେ ବାର୍ଷିକ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାସ୍ଥ୍ୟ ସେବା ସହାୟତା |

10001/13/0045/1819

ଦେୟମୁକ୍ତ ନମ୍ବର
୧୫୫୩୬୯
ସକାଳ ୬ଟା ରୁ ରାତି ୧୦ଟା

ଚିକିତ୍ସା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏବଂ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟଗୁଡିକର ତାଲିକା ସାସ୍ଥ୍ୟ ଓ ପରିବାର କଲ୍ୟାଣ ୱେବ୍‌ସାଇଟ୍ (www.health.odisha.gov.in), ଏନ୍‌ଏଚ୍‌ଏମ୍ ୱେବ୍‌ସାଇଟ୍ (www.nhmodisha.gov.in) ଏବଂ ସମସ୍ତ ଜିଲ୍ଲା ୱେବ୍‌ସାଇଟ୍‌ରେ ଉପଲବ୍ଧ

ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

## ବିଜୁ ସାସ୍ଥ୍ୟ କଲ୍ୟାଣ ଯୋଜନା | ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

# ୨୪ରେ ପ୍ରଧାନମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ

## ପ୍ରଶାସନିକ, ରାଜନେତାଙ୍କ ତତ୍ପରତା

**ଭୁବନେଶ୍ୱର/ଖୋର୍ଦ୍ଧା ଅଫିସ,୧୬।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ମୋଦି ଖୋର୍ଦ୍ଧା ନିକଟରେ ଏକ ସାଧାରଣ ସଭାରେ ଯୋଗଦେବେ। ଯାହାକୁ ନେଇ ପ୍ରଶାସନିକ ଓ ଜାତୀୟ ସ୍ତରରେ ବେଶ୍ ତତ୍ପରତା ପ୍ରକାଶ ପାଇଛି। ସାଧାରଣ ସଭା ପାଇଁ ଖୋର୍ଦ୍ଧା ଜଟଣୀ ରାସ୍ତାର କାର୍ମେଲ ସ୍କୁଲ ପାଖରେ ରହିଥିବା ସରକାରୀ ଜମି ୩୮ ଏକରରୁ ୨୦ ଏକରକୁ ଚିହ୍ନଟ ହୋଇଛି। ଏହି ଜମିରେ ସଭାମଞ୍ଚ, ହେଲିପ୍ୟାଡ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସଫେଇ କାର୍ଯ୍ୟ ଚାଲୁ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଖେଇ ଆସୁଥିବାବେଳେ ରବିବାର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନାରୀନେତ୍ରୀ ଅପରାଜିତା ଷଡଙ୍ଗୀ, ଭାଜପା ରାଜ୍ୟ ମୁଖପାତ୍ର ସମୀର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି କନକବର୍ଦ୍ଧନ ସିଂଦେଓ, ସ୍ଥାନୀୟ ନେତୃମଣ୍ଡଳୀ, ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ଉପଜିଲାପାଳ ସରୋଜ ସାହୁ ପ୍ରମୁଖ ଚିହ୍ନଟ ସ୍ଥଳକୁ ଯାଇ କେଉଁ କେଉଁ ସ୍ଥାନରେ କ'ଣ କରାଯିବ ସେନେଇ ଆଲୋଚନା କରିଥିଲେ। ପ୍ରକାଶଥାଉ କି ପୁରୀ ଲୋକ ସଭା ଏମ୍‌ପି ଭାବେ ପ୍ରଧାନମନ୍ତ୍ରୀ ମୋଦି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଭାଜପା ପକ୍ଷରୁ କୁହାଯାଉଥିଲେ ହେଁ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ। ସେହିଭଳି ଆଇଏଏସ ଅଫିସର ଅପରାଜିତା ଷଡଙ୍ଗୀ ନିକଟରେ ଭାଜପାରେ ମିଶିଥିବାବେଳେ ଭୁବନେଶ୍ୱର ଲୋକ ସଭା ଏମ୍‌ପି ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଅନୁରୂପ ଚର୍ଚ୍ଚା ରହିଛି। ଅନ୍ୟପକ୍ଷେ ନିକଟରେ ଶେଷ ହୋଇଥିବା ଦେଶର ୫ଟି ରାଜ୍ୟରେ ଭାଜପାର ନୈରାଶ୍ୟଜନକ ଫଳାଫଳ ପରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଫୋକସ କରି ଚାଲିଛନ୍ତି। ଗତଥର ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜ୍ୟବାସୀ ପିସିରେ ପେଶି ହୋଇ ଯାଇଛନ୍ତି ବୋଲି କହିଥିଲେ। ଯାହା ବର୍ତ୍ତମାନ ମୁଖ୍ୟ ପ୍ରସଙ୍ଗ ହୋଇଯାଇଛି। ପାଇକ୍ ବିଦ୍ରୋହକୁ ରାଷ୍ଟ୍ରୀୟସ୍ତରରେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପାଇକ୍ ବିଦ୍ରୋହର ସ୍ମୃତିରେ ଡାକ ଟିକେଟ, କଏନ, ଉତ୍କଳ ବିଶ୍ୱ ବିଦ୍ୟାଳୟକୁ ଚେୟାର ଦିଆଯାଇଛି। ପ୍ରଧାନମନ୍ତ୍ରୀ ଏସବୁର ଲୋକାର୍ପଣ କରିବେ। ଏହାସହ ଆଇଆଇଟି କ୍ୟାମ୍ପସ ଆସିବେ। ଭୁବନେଶ୍ୱର ଆଇଆଇଟିର ଲୋକାର୍ପଣ, ବ୍ରହ୍ମପୁରସ୍ଥିତ ଆଇଜରର ଶିଳାନ୍ୟାସ କରିବେ ବୋଲି ସେ ସୂଚନା ଦେଇଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ରବିବାର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ନେତୃମଣ୍ଡଳୀ ପ୍ରସ୍ତାବିତ ସଭାସ୍ଥଳକୁ ଗସ୍ତକରି ଅନୁଧ୍ୟାନ କରୁଛନ୍ତି।




# ବିରଳ ଧଳା ଚିତିସାପ ଉଦ୍ଧାର

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଭୁବନେଶ୍ୱର କଳିଙ୍ଗବିହାର କେ-୭ ଅଞ୍ଚଳରୁ ଏକ ଧଳାରଙ୍ଗର ବିରଳ ଆଲବିନୋ ଚିତିସାପ ଉଦ୍ଧାର କରାଯାଇଛି। ଶନିବାର ରାତି ପ୍ରାୟ ୧୦ଟାରେ ସାପଟି ରାସ୍ତା ପାର ହେଉଥିବାବେଳେ ସ୍ଥାନୀୟ ଯୁବକମାନେ ବାଡ଼ି ସାହାଯ୍ୟରେ ଧରି ଏକ ଖାଲି ପ୍ଲାଷ୍ଟିକ ପାଣିବୋତଲରେ ପୂରାଇ ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ସ୍ନେକ ହେଲ୍ପଲାଇନ୍ ସଦସ୍ୟ ପ୍ରଶାନ୍ତ ସାହୁ ସାପ ଥିବା ବୋତଲଟି ନେଇଥିଲେ। ରବିବାର ସକାଳେ ସ୍ନେକ ହେଲ୍ପଲାଇନର ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ତାହାକୁ ଚିତିସାପ ବୋଲି ଚିହ୍ନଟ କରିଥିଲେ। ଚିତିସାପ ରାତ୍ରିଚର ହୋଇଥିବାରୁ ତାହାକୁ ରାତିରେ ଏକ ଜଙ୍ଗଲରେ ଛଡ଼ାଯିବ ବୋଲି ଶୁଭେନ୍ଦୁ କହିଛନ୍ତି।



# ଜ୍ୱାଇଁ ଟାଙ୍ଗିଆ ଚୋଟରେ ଶ୍ୱଶୁର ମୃତ

**ବୌଦ୍ଧ, ୧୬।୧୨(ସ୍ୱ.ପ୍ର.)**

ବୌଦ୍ଧ ଥାନା ଅନ୍ତର୍ଗତ ସରସରା ଗାଁରେ ରବିବାର ଜ୍ୱାଇଁର ଟାଙ୍ଗିଆ ଚୋଟରେ ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘୁଣ୍ଟୁ ବାରିକ (୭୦)। ପୋଲିସ ଅଭିଯୁକ୍ତ ଜ୍ୱାଇଁ ପଙ୍କଜ ସେଠୀ(୪୬)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। ଘରଜ୍ୱାଇଁ ଭାବେ ଶ୍ୱଶୁର ଘରେ ରହୁଥିଲେ ପଙ୍କଜ। ପୋଲିସ ସୂଚନା ଅନୁଯାୟୀ, ଘୁଣ୍ଟୁ ଗାଁର ଜଣେ ବ୍ୟକ୍ତିଙ୍କ ବିଲକୁ ଭାଗରେ ନେଇ ଧାନଚାଷ କରିଥିଲେ। ରବିବାର ଜ୍ୱାଇଁଙ୍କ ସହ ସେ ବିଲରେ କଟା ହୋଇ ପଡିଥିବା ଧାନ ବାନ୍ଧିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପଙ୍କଜ ଏକ ଟାଙ୍ଗିଆରେ ଘୁଣ୍ଟୁଙ୍କୁ ଆକ୍ରମଣ କରିଥିଲେ। ଟାଙ୍ଗିଆ ଚୋଟରେ ଶ୍ୱଶୁର ଲହୁଲୁହାଣ ହୋଇ ବିଲରେ ପଡି ଯାଇଥିବା ବେଳେ ପଙ୍କଜ ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କ୍ଷେତରେ ଥିବା ଅନ୍ୟ ଚାଷୀ ଓ ଗ୍ରାମବାସୀ ତାଙ୍କୁ କାବୁ କରିଥିଲେ। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ସ୍ତ୍ରୀ ଶ୍ରାବଣୀ ବାରିକଙ୍କ ଏତଲାକୁ ଭିତ୍ତି କରି ବୌଦ୍ଧ ଥାନାରେ ଏକ ମାମଲା ( ନଂ. ୨୮୦/୧୮) ରୁଜୁ ହୋଇଛି।

# ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

**ଯୋଡ଼ା, ୧୬।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଖଣ୍ଡବନ୍ଧ ବୈତରଣୀ ସଂରକ୍ଷିତ ଜଙ୍ଗଲ ନିକଟରେ ରବିବାର ପୂର୍ବାହ୍ନରେ ଏକ ଦନ୍ତାହାତୀ ଜଣେ ମହିଳାଙ୍କୁ କଚାଡ଼ି ମାରି ଦେଇଛି। ମୃତ ମହିଳା ଜଣକ ହେଲେ ଖଣ୍ଡବନ୍ଧ ଗ୍ରାମର ବିଜୟ ମୁଣ୍ଡାଙ୍କ ସ୍ତ୍ରୀ ଲିପି। ବିଜୟଙ୍କ ସହ ତାଙ୍କ ସ୍ତ୍ରୀ ଓ ପୁଅ ମିଶି ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ଜଙ୍ଗଲରୁ ଫେରୁଥିବା ବେଳେ ସେମାନେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ବିଜୟ ଏବଂ ତାଙ୍କ ପୁଅ ଦୌଡ଼ି ପଳାଇଯାଇଥିବା ବେଳେ ଲିପିଙ୍କୁ ଦନ୍ତାହାତୀ ଶୁଣ୍ଢରେ ଟେକି ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ଲିପିଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଯୋଡ଼ା ବନପାଳ ପହଞ୍ଚି ମୃତଦେହ ଉଦ୍ଧାର କରି ସ୍ଥାନୀୟ ବାମେବାରି ପୋଲିସକୁ ହସ୍ତାନ୍ତର କରିଥିଲା। ମୃତଦେହ ସଂସ୍କାର ଓ ଶୁଦ୍ଧିକ୍ରିୟା ନିମନ୍ତେ ୪୦ ହଜାର ଟଙ୍କା ଏବଂ କାଗଜପତ୍ର ପ୍ରଦାନ କରାଗଲେ ୩ ଲକ୍ଷ ୬୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବ ବୋଲି ଯୋଡ଼ା ବନପାଳ ପିଅନ ନାଏକ କହିଛନ୍ତି।

■ ବ୍ରିଜ୍ ଉପରେ ବିଚ୍ଛିନ୍ନ ହେଲା ସଂଯୋଗ

# ଇଞ୍ଜିନ ସହ ଗଡ଼ିଗଲା ୫ ୱାଗନ

**ରାଉରକେଲା ଅଫିସ,୧୬।୧୨**

ରବିବାର ପୂର୍ବାହ୍ନ ୧୧ଟା ୪୭ରେ ଏକ ମାଲବାହୀ ଟ୍ରେନ୍ ବେଦବ୍ୟାସ ବ୍ରାହ୍ମଣୀ ନଦୀ ବ୍ରିଜ ଉପରେ ଯାଉଥିବାବେଳେ ହଠାତ୍ ଏହାର ଇଞ୍ଜିନ ସଂଲଗ୍ନ ୫ ୱାଗନଠାରୁ ଅନ୍ୟ ୱାଗନଗୁଡ଼ିକ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ୫ ୱାଗନ ସହ ଇଞ୍ଜିନ ପ୍ରାୟ ୫ଶହ ମିଟର ଆଗକୁ ଗଡ଼ିଯାଇଥିବାବେଳେ ଅବଶିଷ୍ଟ ୱାଗନଗୁଡ଼ିକ ବ୍ରିଜ୍ ଉପରେ ପ୍ରାୟ ୨୫ ମିନିଟ ପର୍ଯ୍ୟନ୍ତ ଠିଆହୋଇ ରହିଥିଲା। ଡ୍ରାଇଭର ଏହା ଜାଣିପାରି ଇଞ୍ଜିନ ସହ ଲାଗିଥିବା ୫ ୱାଗନକୁ ପଛକୁ ଫେରାଇ ଅଟକି ରହିଥିବା ୱାଗନ ସହ ଯୋଡ଼ିବା ପରେ ଟ୍ରେନ ଆଗକୁ ଗଡ଼ିଥିଲା। ଏନ୍‌ଏମ୍‌ବିପି ଜେ ୨୮୧୬୪୨୧୫ନଂ ଏହି ମାଲବାହୀ ଟ୍ରେନ୍ ପୂର୍ବାହ୍ନ ୧୧ଟା ୪୫ରେ ରାଉରକେଲା ଷ୍ଟେଶନ ଅତିକ୍ରମ କରି କଳୁଙ୍ଗା ଅଭିମୁଖେ ଯାଉଥିବାବେଳେ ଏହି ଘଟଣା ଘଟିଥିଲା। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ମଧ୍ୟ ଏଭଳି ଏକ ଘଟଣା ବନ୍ଧମୁଣ୍ଡା ଷ୍ଟେଶନରେ ଘଟିଥିଲା। ଡ୍ରାଇଭରଙ୍କ ଅସାବଧାନତା ହେଉ କିମ୍ବା ଅନ୍ୟ କୌଣସି କାରଣରୁ ବୀରମିତ୍ରପୁର ପାସେଞ୍ଜର ଟ୍ରେନ ବନ୍ଧମୁଣ୍ଡା ଷ୍ଟେଶନରେ ରହଣି ନ କରି ୩କିମି ଆଗକୁ ପଳାଇ ଯାଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୭/୨୦୧୮ | Bhubaneswar, Monday, December 17/ 2018 | ପୃଷ୍ଠା-୧




**ସିନ୍ଧୁଙ୍କୁ ସ୍ୱର୍ଣ୍ଣ ପଦକ**

ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ପ୍ରଥମ ଭାରତୀୟ ଭାବେ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛନ୍ତି।

୧୭

୧୨

**ଅନ-ସ୍କ୍ରିନ୍ କ୍ୟାରେକ୍ଟର ପାଇଁ ଅଧିକ ପରିଚିତ ରାଜଶ୍ରୀ**

'ଆଗ୍ରି ଇଣ୍ଡିଆନ୍ ଗଡେସ୍'ର ଲକ୍ଷ୍ମୀ ଚରିତ୍ର ହେଉ ଅଥବା 'ଏସ୍ ଦୁର୍ଗା'ର ଦୁର୍ଗା ଚରିତ୍ର ପାଇଁ ଦର୍ଶକଙ୍କ ନିକଟରେ ଅଧିକ ପରିଚିତି ହାସଲ କରିପାରିଛନ୍ତି ଅଭିନେତ୍ରୀ ରାଜଶ୍ରୀ ଦେଶପାଣ୍ଡେ।



# ବେଲଜିୟମ ବିଶ୍ୱ ବିଜୟୀ



ଚାମ୍ପିୟନ ଦଳ ବେଲଜିୟମ ଅଧିନାୟକ ବ୍ରିକ୍ସ ଥୋମାସ୍‌ଙ୍କୁ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ତର୍ଜାତୀୟ ହକି ଫେଡେରେଶନର ସଭାପତି ନରିନ୍ଦର ବାତ୍ରା ବିଶ୍ୱକପ୍ ଟ୍ରଫି ପ୍ରଦାନ କରୁଛନ୍ତି।



**ହକି ବିଶ୍ୱକପ୍**

ଫାଇନାଲ
ନେଦରଲାଣ୍ଡ୍ସ-୦
ବେଲଜିୟମ-୦

ଶୁଟ୍ ଆଉଟ/ ସଡନ୍ ଡେଥ୍
ବେଲଜିୟମ-୩
ନେଦରଲାଣ୍ଡ୍ସ-୨

ହକି ବିଶ୍ୱକପ୍ ଟ୍ରଫି ସହ ଉତ୍‌ଫୁଲ୍ଲିତ ରେଡ ଲାୟନ୍ସର ଖେଳାଳି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ୪୭ ବର୍ଷର ଇତିହାସରେ ବେଲଜିୟମ ହୋଇଛି ନୂଆ ଚାମ୍ପିୟନ। ପ୍ରତିଯୋଗିତାର ୧୬ସଂସ୍କରଣ ପରେ ରେଡ୍ ଲାୟନ୍ସ ପିନ୍ଧିଛି ବିଜୟ ମୁକୁଟ। ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ବେଲଜିୟମ ଶୁଟ୍‌ଆଉଟ୍/ସଡନ୍ ଡେଥ୍ ୩-୨ ଗୋଲରେ ପୂର୍ବତନ ଚାମ୍ପିୟନ ନେଦରଲାଣ୍ଡ୍ସକୁ ହରାଇ ପ୍ରଥମଥର ପାଇଁ ବିଶ୍ୱକପ୍ ବିଜୟୀ ହୋଇଛି।

ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଫଳରେ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସ୍ଥିତି ୨-୨ରେ ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ସଡନ୍‌ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ବେଲଜିୟମର ୮ନମ୍ବର ଖେଳାଳି ଫ୍ଲୋରେଣ୍ଟ ଭାନ ଆଉବେଲ ଗୋଲ ଦେଇଥିବାବେଳେ ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର ମାରିଥିବା ଶଟ୍ ଗୋଲପୋଷ୍ଟ ଉପରେ ଚାଲି ଯାଇଥିଲା। ଶନିବାର ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲର ସଡନ୍ ଡେଥ୍ ପର୍ଯ୍ୟାୟରେ ହର୍ଜବର୍ଗର ଗୋଲ ଦେଇ ହିରୋ ବନିଥିଲେ। ମାତ୍ର ଫାଇନାଲରେ ସେ ଫେଲ୍ ମାରିବାପରେ ଆରମ୍ଭ ହୋଇଥିଲା ବେଲଜିୟମ ଦଳର ବିଜୟ ଉତ୍ସବ। ଶେଷରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା, ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ, ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ, ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଆର.କେ. ଶ୍ରୀବାସ୍ତବ, ପଦ୍ମଶ୍ରୀ ଦିଲୀପ ତିର୍କୀ, ମନ୍ତ୍ରୀ ଶଶିଭୂଷଣ ବେହେରା, ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବେଲଜିୟମ ଦଳକୁ ସ୍ୱର୍ଣ୍ଣପଦକ ଓ ସ୍ମାରକୀ ସହିତ ବିଶ୍ୱକପ ପ୍ରଦାନ କରାଯାଇଥିଲା। ନେଦରଲାଣ୍ଡ୍ସ ଦଳକୁ ରୌପ୍ୟ ପଦକ, ସ୍ମାରକୀ ଦିଆଯାଇ ସମ୍ମାନିତ କରାଯାଇଥିଲା।

ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ୪ଟି ଯାକ କ୍ୱାର୍ଟରରେ କେହି ଗୋଲ ଦେଇପାରି ନ ଥିଲେ। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ହେଁ ଦୃଢ଼ ରକ୍ଷଣଭାଗ ଯୋଗୁ ଠିକ୍ ଭାବେ ଫିନିଶିଂ ହୋଇପାରି ନ ଥିଲା। ବେଲଜିୟମ ୧୨ଥର ନେଦରଲାଣ୍ଡ୍ସର ସର୍କଲ ଭିତରକୁ ପଶି ଆକ୍ରମଣ କରିଥିବାବେଳେ ନେଦରଲାଣ୍ଡ୍ସ ୧୮ ଥର ଏହା କରି ପାରିଥିଲା। ବେଲଜିୟମ ୩ ଥର ଏବଂ ନେଦରଲାଣ୍ଡ୍ସ ୫ ଥର ଶୁଟ୍ କରିଥିଲେ ହେଁ ତାହା ଗୋଲରେ ପରିଣତ ହୋଇପାରି ନ ଥିଲା। ନେଦରଲାଣ୍ଡ୍ସ ଖେଳାଳିଙ୍କ ସତର୍କତା ଯୋଗୁ ବେଲଜିୟମ ଗୋଟିଏ ହେଲେ ପେନାଲ୍ଟି କର୍ନର ପାଇ ନ ଥିଲା। ନେଦରଲାଣ୍ଡ୍ସ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ ଓ ବେଲଜିୟମର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ୭ଟି ଲେଖାଏ ଗୋଲ ଦେଇ ଟୁର୍ନାମେଣ୍ଟର ଯୁଗ୍ମ ଟପ୍ ସ୍କୋରର ପୁରସ୍କାର ପାଇଥିଲେ।

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରା ଓ କ୍ରୀଡ଼ା ସଚିବ ବିଶାଲ ଦେବ ଖେଳାଳିଙ୍କ ସହ ପରିଚିତ ହୋଇ ଏହି ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବ ପରେ ବେଲଜିୟମ ଖେଳାଳିମାନେ ଗୀତ ଗାଇବା ସହ ନାଚିନାଚି ଷ୍ଟାଡିୟମ ଦୁଲୁକାଇ ଦେଇଥିଲେ। ଶେଷରେ ଆତସବାଜି କାର୍ଯ୍ୟକ୍ରମ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା।


## ଦର୍ଶକଙ୍କ କୋଳାହଳ ଖେଳିବା ଦିନକୁ ମନେ ପକାଇ ଦେଇଛି: ସଚିନ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପ୍‌ର ରବିବାର ଫାଇନାଲର ମଧ୍ୟାନ୍ତରରେ ପଡ଼ିଆକୁ ଆସିଥିଲେ କିମ୍ବଦନ୍ତୀ କ୍ରିକେଟର ଭାରତରତ୍ନ ସଚିନ ତେନ୍ଦୁଲକର। ଏହି ସମୟରେ ୧୫,୦୦୦ ଦର୍ଶକରେ ଭରା ଷ୍ଟାଡିୟମ ସଚିନ ସଚିନ ଶବ୍ଦରେ କମ୍ପି ଉଠିଥିଲା। ସଚିନ ଷ୍ଟାଡିୟମରେ କ୍ରିକେଟ ଖେଳୁଥିବାବେଳେ ଦର୍ଶକମାନେ ଯେପରି କୋଳାହଳ କରିଥାନ୍ତି ତାହା ଏଠାରେ ଅନୁଭୂତ ହୋଇଥିଲା। ସଚିନ ମଧ କଳିଙ୍ଗ ଷ୍ଟାଡିୟମ ଏବଂ ଓଡ଼ିଶା ଦର୍ଶକଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଏତେ ସଂଖ୍ୟକ ଦର୍ଶକ ହକିକୁ ଉପଭୋଗ କରୁଥିବାରୁ ମୁଁ ଅତ୍ୟନ୍ତ ଖୁସୀ। ହକି ପ୍ରତି ଦେଖଣାହାରୀଙ୍କ ଭଲପାଇବାରେ ମୁଁ ଉତ୍‌ଫୁଲ୍ଲିତ। ଏଠାକାର ପରିବେଶ ଅତ୍ୟନ୍ତ ଚିତ୍ତାକର୍ଷକ। ପ୍ରକୃତରେ ଏହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଓଡ଼ିଶା ସରକାରଙ୍କ ବିନା ସହଯୋଗରେ ଏପରି ଏକ ବିଶ୍ୱକପ୍ କେବେ ସମ୍ଭବ ହୋଇ ନ ଥାନ୍ତା। ଏହି ଟୁର୍ନାମେଣ୍ଟ ନିଶ୍ଚିତଭାବେ ଯୁବ ପ୍ରତିଭାଙ୍କୁ ହକି ପ୍ରତି ଆକୃଷ୍ଟ କରିବ। ଦର୍ଶକମାନଙ୍କ କୋଳାହଳ ମୋ ଖେଳ କ୍ୟାରିୟରକୁ ମନେ ପକାଇ ଦେଇଛି ବୋଲି ସେ ଭାବବିହ୍ୱଳ ହୋଇ କହିଥିଲେ।




ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଆର୍ଥର ଭାନ ଡୋରେନଙ୍କୁ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ପୁରସ୍କୃତ କରୁଛନ୍ତି।

## ଭୂପେଶ ବାଘେଲ ଛତିଶଗଡ଼ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୧୬।୧୨(ପି.ଟି.)

ଛତିଶଗଡ ପ୍ରଦେଶ କଂଗ୍ରେସ ସଭାପତି ଭୂପେଶ ବାଘେଲ ରବିବାର ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ସେ ଛତିଶଗଡ଼ର ତୃତୀୟ ମୁଖ୍ୟମନ୍ତ୍ରୀ ଭାବେ ସୋମବାର ଅପରାହ୍ନ ୫ଟାରେ ଶପଥ ନେବେ। ପୃଷ୍ଠା-୨

ସେଲ୍‌ଫି ନେବା ମହଙ୍ଗା ପଡ଼ିଲା

## ବୈତରଣୀରେ ବୁଡ଼ିଗଲେ ଛାତ୍ର

ଆନନ୍ଦପୁର/ଘସିପୁରା, ୧୬।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ବ୍ୟାରେଜ୍ ଘାଟରେ ରବିବାର ପାଣି ଭିତରେ ସେଲ୍‌ଫି ନେବା ବେଳେ ଜଣେ ଇଞ୍ଜିନିୟରିଂ ଛାତ୍ର ବୁଡ଼ି ନିଖୋଜ ହୋଇଛନ୍ତି। ନିଖୋଜ ଛାତ୍ର ଜଣଙ୍କ ହେଲେ ବୈଲୋଚନ ସାମଲ। ତାଙ୍କ ଘର ଯାଜପୁର ଟାଉନ୍‌ରେ। କଟକସ୍ଥିତ ବୋସ୍ ଇଞ୍ଜିନିୟରିଂ କଲେଜରେ ପଢୁଥିବା ୩ ଛାତ୍ର ବୈଲୋଚନ(୨୦), ଢେଙ୍କାନାଳ ଅଞ୍ଚଳର ଛାତ୍ର ବିଭୁ ପ୍ରସାଦ ବେହେରା(୨୧) ଓ ଘସିପୁରା ଥାନା କଇନିପୁରା ଗ୍ରାମର ଛାତ୍ର ବିପୁ ପ୍ରଦାନନ୍ଦ ପ୍ରଧାନ(୧୮) ଆନନ୍ଦପୁର ବୁଲିବାକୁ ଆସିଥିଲେ। ସେମାନେ ବିପୁଙ୍କ ଘର କଇନିପୁରାରେ ରାତ୍ରିଯାପନ କରି ରବିବାର ଘଟଗାଁ ଅଭିମୁଖେ ବାହାରିଥିଲେ। ବାଟରେ ବ୍ୟାରେଜ ଦେଖି ବୈତରଣୀ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ଘାଟ ନିକଟ ପାଣି ସ୍ରୋତ ସ୍ଥାନରେ ଫଟୋ ଉଠାଉଥିବାବେଳେ ବୈଲୋଚନଙ୍କ ଗୋଡ ଖସି ଯାଇଥିଲା। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ଦୀର୍ଘ ୩ରୁ ୪ ଘଣ୍ଟା କାଳ ଖୋଜି ଥିଲେ ସୁଦ୍ଧା ଛାତ୍ରଙ୍କୁ ଉଦ୍ଧାର କରିପାରି ନ ଥିଲେ।

**ଆଜିର ସମ୍ପାଦକୀୟ**

ବିଶ୍ୱାସ ତ୍ରୁଟିଲା

**ଆଜିର ମନ୍ତବ୍ୟ**

"ନ୍ୟାୟପାଳିକା ଉପରେ କଂଗ୍ରେସ ଚାପ ପକାଇବା ଦୁର୍ଭାଗ୍ୟଜନକ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ ଅଂଶଧନ ବିକ୍ରି ଦ୍ୱାରା ୮୦,୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ବଜେଟରେ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୪,୦୦୦ କୋଟି ଟଙ୍କା ସଂଗ୍ରହ ହୋଇଛି। - ଅର୍ଥ ମନ୍ତ୍ରଣାଳୟ

# ଦନ୍ତାର କ୍ଷତାକ୍ତ ମୃତଦେହ ଉଦ୍ଧାର



- ଶିକାରୀଙ୍କ ଗୁଳିମାଡ଼ ସନ୍ଦେହ
- ୨ ଦନ୍ତା ହାତୀଙ୍କ ଲଢ଼େଇରୁ ହୋଇଛି ମୃତ୍ୟୁ: ରେଞ୍ଜର
- ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ତଦନ୍ତ

ଦିଗପହଣ୍ଡି,୧୬।୧୨(ଡି.ଏନ.ଏ.)

ବ୍ରହ୍ମପୁର ବନଖଣ୍ଡ ଅଧୀନ ଦିଗପହଣ୍ଡି ବନାଞ୍ଚଳ ନିମଖଣ୍ଡିପେଣ୍ଠ ଗ୍ରାମ ଦାନବେଢ଼ା ପୋଖରୀ ନିକଟରୁ ଏକ ଦନ୍ତାହାତୀର କ୍ଷତାକ୍ତ ମୃତଦେହ ରବିବାର ସକାଳେ ବନ ବିଭାଗ ଉଦ୍ଧାର କରିଛି। ମୃତଦେହରେ ଏକାଧିକ ଗଭୀର କ୍ଷତ ଚିହ୍ନ ରହିଛି। ଦାନ୍ତ ଲୋଭରେ ଶିକାରୀମାନେ ହାତୀଟିକୁ ଗୁଳିମାଡ଼ କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ବନ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଦୁଇଟି ଦନ୍ତାହାତୀଙ୍କ ମଧ୍ୟରେ ଦୀର୍ଘ ସମୟ ଲଢ଼େଇ ପରେ ଗୋଟିଏର ମୃତ୍ୟୁ ଘଟିଛି ବୋଲି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ ସ୍ପଷ୍ଟ କରିଛନ୍ତି।

ପ୍ରାୟ ୧ ମାସ ପୂର୍ବେ ସୋରଡ଼ା ଜଙ୍ଗଲରୁ ହାତୀପଲ ଦିଗପହଣ୍ଡି ବନାଞ୍ଚଳ ପାଟପୁର ସେକ୍ସନ ଅଧୀନ ରତନେଇ ଜଙ୍ଗଲକୁ ଆସିଥିଲେ। ଗଙ୍ଗାପୁର, ପଳାସପୁର ଆଦି ଅଞ୍ଚଳରେ ହାତୀପଲ ବ୍ୟାପକ ଉପଦ୍ରବ କରିବା ପରେ ଦିଗପହଣ୍ଡି ବନ ବିଭାଗ କେନ୍ଦ୍ରୀୟ ନର୍ସରୀ ଚାଙ୍ଗୁଡ଼ିଦେଇ ଜଙ୍ଗଲରେ ରହୁଥିଲେ। ପଲରେ ଥିବା ୨ଟି ଦନ୍ତା, ଗୋଟିଏ ଛୁଆହାତୀ ସମେତ ୬ଟି ହାତୀ ୧୫ ଦିନ ମଧ୍ୟରେ ଦିଗପହଣ୍ଡି ବ୍ଲକର କଇଠଖଣ୍ଡି, ଚଷାନିମଖଣ୍ଡି ପଞ୍ଚାୟତ ଅଞ୍ଚଳକୁ ଆସି ବ୍ୟାପକ ଧାନ ଓ ପରିବା ଫସଲ ନଷ୍ଟ କରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ନିମଖଣ୍ଡିପେଣ୍ଠ ଗାଁ ନିକଟ ଖଳାରେ ପଶି ଅମଳ ଧାନ ଖାଇଦେଇଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ୭ଟା ପର୍ଯ୍ୟନ୍ତ ବହୁସଂଖ୍ୟକ ତାଲିମପ୍ରାପ୍ତ ବନ କର୍ମଚାରୀ କଇଠଖଣ୍ଡି ଅଞ୍ଚଳରେ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ଥିଲେ। ରବିବାର ଭୋର ପ୍ରାୟ ୫ଟାରେ ନିମଖଣ୍ଡିପେଣ୍ଠ ଗ୍ରାମର କିଛି ଚାଷୀ ଦନ୍ତାହାତୀର ରକ୍ତାକ୍ତ ମୃତଦେହ ଚାଷ ଜମିରେ ପଡ଼ିଥିବା ଦେଖିଥିଲେ। ଏ ନେଇ ସରପଞ୍ଚ ବିଭୂତି ପୃଷ୍ଠା-୨

# ଦୁବାଇରେ ସଫ୍ଟୱେର କମ୍ପାନୀ ମାଲିକ ୧୩ ବର୍ଷର ଭାରତୀୟ



ଦୁବାଇ,୧୬।୧୨ପି.ଟି.)

ଜଣେ ୧୩ ବର୍ଷର ଭାରତୀୟ ବାଳକ ଦୁବାଇରେ ଏକ ସଫ୍ଟୱେର କମ୍ପାନୀର ମାଲିକ ହୋଇପାରିଛନ୍ତି। ଆଦିତ୍ୟନ୍ ରାଜେଶ ନାମକ ଏହି ଛାତ୍ର ମାତ୍ର ୯ ବର୍ଷ ବୟସରେ ତାଙ୍କର ପ୍ରଥମ ମୋବାଇଲ ଆପ୍ଲିକେଶନର ବିକାଶ କରିଥିଲେ। ସଫ୍ଟୱେର ଉପରେ କାମ କରିବା ତାଙ୍କର ଏକ ସଉକ ହୋଇଥିବାବେଳେ ସେ କ୍ଲାଏଣ୍ଟମାନଙ୍କ ଲାଗି ଲୋଗୋ ଏବଂ ୱେବ୍‌ସାଇଟ ଡିଜାଇନ୍ କରିଛନ୍ତି। ୫ ବର୍ଷ ବୟସରୁ କମ୍ପ୍ୟୁଟର ବ୍ୟବହାର କରିଥିବା ଆଦିତ୍ୟନ୍ ଶେଷରେ 'ଟ୍ରିନେଟ ସଲ୍ୟୁଶନ୍ସ' ନାମକ ସଫ୍ଟୱେର କମ୍ପାନୀର ମାଲିକ ହୋଇଛନ୍ତି।

କେରଳର ଥିରୁଭିଲ୍ଲାରେ ଜନ୍ମିତ ଆଦିତ୍ୟନ୍ ୫ ବର୍ଷ ବୟସର ହୋଇଥିଲା ବେଳେ ତାଙ୍କ ପରିବାର ଦୁବାଇ ଚାଲିଆସିଥିଲେ। ବାପା ତାଙ୍କୁ ପ୍ରଥମ ୱେବସାଇଟ ଭାବେ ବିବିସି ଟାଇପିଂ ଦେଖାଇଥିଲେ, ଯେଉଁଥିରୁ ପିଲାମାନେ ଟାଇପ୍ ଶିଖିଥାନ୍ତି। ଟ୍ରିନେଟ୍‌ରେ ମୋଟ ୩ ଜଣ କର୍ମଚାରୀ ଅଛନ୍ତି। ସେମାନେ ଆଦିତ୍ୟନ୍‌ଙ୍କ ସାଙ୍ଗ ଏବଂ ତାଙ୍କ ସ୍କୁଲ୍‌ର ଛାତ୍ର। ନିୟମ ଅନୁସାରେ ପ୍ରତିଷ୍ଠିତ କମ୍ପାନୀ ସ୍ଥାପନ କରିବା ଲାଗି ୧୮ ବର୍ଷ ବୟସ ହେବା ଆବଶ୍ୟକ। ତେବେ ଆମେ ଏକ କମ୍ପାନୀ ଭଳି ଏବେ କାମ କରୁଛୁ ବୋଲି ଆଦିତ୍ୟନ୍ କହିଛନ୍ତି। ତାଙ୍କର ୧୨ରୁ ଅଧିକ କ୍ଲାଏଣ୍ଟ ରହିଛନ୍ତି। ସେମାନଙ୍କୁ ମାଗଣାରେ ଡିଜାଇନ ଏବଂ କୋଡିଂ ସେବା ଯୋଗାଉଥିବା ଆଦିତ୍ୟନ୍ ସୂଚନା ଦେଇଛନ୍ତି।


**CBSE Exam Mate**
ପୃଷ୍ଠା-୧୩



NECC NATIONAL EGG CO-ORDINATION COMMITTEE — 16.12.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: .............................


ସୌମ୍ୟ
ପରିବାରବର୍ଗ


ମିଲି
ପରିବାରବର୍ଗ


ଉମେଶ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



### SALE

For sale Renault Kwid Rxt(O) 1lt AMT. M/F-2017, Renault Kwid Rxt(O) 1lt AMT. M/F-2018, Renault Kwid Rxt(O) 800 M/F-2017, Duster RXZ 110ps M/F- 2013, Renault Koleos 4dw M/F- 2014, Renault lodgy RXZ 85ps stepway M/F- 2017, Audi Q7 M/F- 2013, Toyota Etios liva GD M/F- 2013, Polo highline 1.5 (D) M/F-2013 excellent condition. Contact No: 9777752210, 8750472269. D-10051



### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65235

Litigation free plots near Xavier University/ Birla School BDA Zone, Bhubaneswar. Sqft.-250/-, 160/-. 9937746907, 9337259012. D-64382

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-65228

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 620/-ରେ ଦିଆଯାଉଅଛି। 7008045582, 9078967488. D-9988

16 decimil land near to Angul new bus stand for immediate sale. Contact: 9439351760. D-10062

KIIT University ଜଗନ୍ନାଥ ମନ୍ଦିର ପାଖରେ 40'/30 ରାସ୍ତା, electricity, water, ପାଚେରି ଥାଇ ଘରବାରି ପ୍ଲଟ କିଣନ୍ତୁ। 8917333281. D-65305

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64395

For sale Paradeep town 11000 sqft. gharabari plot with boundarywall in residential area. Contact M-9938219434. D-10054

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65407



1000, 750, 700, 650, 450 sqft. available for office purpose at Centrally located Unit-9. Mob: 7789837712. D-9976

2300 sqft. office space available at Metro House, Vanivihar. Mob: 7789837712. D-9977

3BHK available for rent at Damayanti Apartment at Nayapalli. Mob: 7789837712. D-9978



Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

All type of full body massage by expert therapist. 7609005923. D-65230

Herbal full body massage by smart/ expert therapist. Contact: 8338067247. D-65231

Newly opening ayurvedic massage smart therapist, Shree herbal. 7750020754. D-65232

Pamper yourself this Mansoon professional massage. Contact Purple Orchid. 9776598888. D-65233

Fantacy newly opening ayurvedic full body massage ladies, gents. 7609923705, 7438851534. D-38541

Improving your health, skin care through expert therapist, excellent offer. 9668374480. D-65234

Experience full body massage with us by expert Enquiry: 06742597822, 7377048581. D-65246

Herbal full body massage with refreshment by well trained therapist. 7381239385. D-65240

Physiotherapy, full body massage by trained ladies/ gents therapist: 7008773793. D-65402

**ଜନ୍ମଦିନ ଶୁଭେଚ୍ଛା**



(ମିଲି)
**ଅର୍ଚ୍ଚନା ସାହୁ**
**Happy Birthday**
ବାରିପଦା
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ ଚଲାପଥ ପୁଷ୍ପିତ ଏବଂ ନିଷ୍କଣ୍ଟକ ହେଉ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ବାପା, ବୋଉ, ସିଲୁ, ବନ୍ଧୁ ଓ ପରିବାରବର୍ଗ
ଧ-୬୫୩୦୮

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଲକ୍ଷ୍ମୀପ୍ରିୟା ବେହେରା**
ସାମପୁର, ଭୁବନେଶ୍ୱର
ଆଜି ତୋର ଜନ୍ମବାର୍ଷିକୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୦୬୫

**ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା**



(ଗୁନୁ)
**ଅନୁଷ୍କା ପ୍ରିୟଦର୍ଶିନୀ**
**କୋରଙ୍ଗା- ତରାବୋଇ-ଜଟଣୀ, ଖୋର୍ଦ୍ଧା**
ଆଜି ତୋର ସପ୍ତମ ଜନ୍ମବାର୍ଷିକ ଅବସରରେ ବାବା ସାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଓ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବାବା-ସୁକାନ୍ତ, ମାମା-ରାଜଶ୍ରୀ, ମିମି, ବା, ମାମୁ, ମାଈଁ, ଅଜା, ଆଈ, ବଡବାପା, ବଡବୋଉ, ଦାଦା, ଖୁଡୀ, ଡନ୍, ଜନ୍, ସିନୁ, ଗେହ୍ଲି, ଅର୍ଣ୍ଣବ, ରିଆ, ଶ୍ରୀୟା ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୧୦୦୬୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶାନ୍ତିଲତା ବିଶ୍ୱାଳ**
(ମାଣିତରା, ବୁଗୁଡା, ଗଞ୍ଜାମ)
ଆଇ.ଭି.ବି-୪୫/୧, ୟୁନିଟ୍-୩
ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୨
ତିରୋଧାନ: ୦୭।୧୨।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର-ମନୋରଞ୍ଜନ ଏବଂ ବନ୍ଧୁ ଓ ପରିବାରବର୍ଗ। ଧ-୬୧୯୧୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଭୋଳାନାଥ ସାହୁ**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୦୭।୦୮।୧୯୪୧
ତିରୋଧାନ: ୦୯।୧୨।୨୦୧୬
ପଞ୍ଚଭୂତରେ ତୁମ ଶରୀର ବିଲୀନ ହେଲା ସତ କିନ୍ତୁ ତୁମେ ଚିରଦିନ ଆମ ହୃଦୟରେ ଜୀବନ୍ତ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଇତି ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୧୦୦୫୮


# ଆନ୍ଧ୍ର ଉପକୂଳମୁହାଁ 'ପେଥାଇ'

- ଓଡ଼ିଶା ଉପକୂଳରେ ବର୍ଷା, ଥଣ୍ଡା ଲହରି
- ପ୍ରଶାସନ ସଜାଗ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ପେଥାଇ' ଆନ୍ଧ୍ର ଉପକୂଳମୁହାଁ ହୋଇଛି। ଶେଷ ଖବର ସୁଦ୍ଧା ମଛଲିପଟ୍ଟନମ୍‌ଠାରୁ ଏହା ୩୮୦ କିମି ଦୂରରେ ରହିଛି। ସୋମବାର ଅପରାହ୍ନରେ ମଛଲିପଟ୍ଟନମ୍ ଏବଂ କାକିନାଡା ମଧ୍ୟରେ ଏହା ସ୍ଥଳଭାଗ ଛୁଇଁବ। ଏହାର ପ୍ରଭାବରେ ଆନ୍ଧ୍ର ଉପକୂଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବରେ ୧୫ଟି ଜିଲାରେ ବର୍ଷା ହେବା ସହ ପାଗ କୋହଲା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କୋରାପୁଟ, ମାଲକାନଗିରି, ରାୟଗଡା ଏବଂ ଗଜପତିରେ ଅଧିକ ବର୍ଷାର ସମ୍ଭାବନା ରହିଛି। ସେହିପରି ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ, ମାଲକାନଗିରି, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି , ବରଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ଼ରେ ମଧ୍ୟ ବର୍ଷା ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି। ଉପକୂଳ ଓଡ଼ିଶାରେ ଥଣ୍ଡା ପବନ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ଥିବା ସମସ୍ତ ବନ୍ଦରରେ ୨ ନମ୍ବର ବିପଦ ସଙ୍କେତ ଦିଆଯାଇଛି।

ଅନେକ ଜିଲାରେ ଧାନ କଟାହୋଇ ପଡିଥିବାରୁ ତାହାର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯୁଗ୍ମ ରିଲିଫ୍ କମିଶନର ପ୍ରଭାତ ମହାପାତ୍ର କହିଛନ୍ତି ଯେ, ଖେତରେ ଥିବା ପାଚିଲା ଧାନ ଏବଂ ମଣ୍ଡିରେ ଥିବା ଧାନକୁ ସୁରକ୍ଷିତ ରଖିବା ପାଇଁ ସ୍ଥାନୀୟ ଜିଲାପାଳମାନେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। କ୍ଷୟକ୍ଷତିକୁ ଯେପରି ହ୍ରାସ କରିହେବ, ସେନେଇ ସମସ୍ତଙ୍କୁ ସତର୍କ କରାଯାଉଛି। ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଘଟଣା ଉପରେ ନଜର ରଖାଯାଇଛି।

# ଉଜ୍ଜ୍ୱଳାକୁ ନେଇ କେନ୍ଦ୍ର, ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

- କଂଗ୍ରେସ ଦେଶକୁ ଭୂ-ଲୁଣ୍ଠିତ କରିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାହାସ୍ଫୋଟ ମାରୁଛନ୍ତି। ମାତ୍ର ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସ ମୁଖ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ସୋନାଲି ସାହୁ ଉଜ୍ଜ୍ୱଳା ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନା ଆରମ୍ଭ ହେବା ପୂର୍ବରୁ ଦେଶରେ ରାଜୀବ ଗାନ୍ଧୀ ଗ୍ରାମୀଣ ଏଲପିଜି ବିତରଣ ଯୋଜନାରେ ୧,୬୨,୩୮,୦୬୯ ବିପିଏଲ ପରିବାରକୁ ରନ୍ଧନଗ୍ୟାସ ଯୋଗାଇ ଦିଆଯାଇଥିଲା। ୨୦୧୬ ମେ'ରେ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ କରି ଦେଶର ୫କୋଟି ବିପିଏଲ ପରିବାରଙ୍କୁ ରନ୍ଧନ ଗ୍ୟାସ ମାଗଣାରେ ଯୋଗାଇ ଦେବାକୁ ଯେଉଁ ଘୋଷଣା କରିଥିଲେ, ହେଲେ ଏହା ସମ୍ପୂର୍ଣ୍ଣ ଭାବରେ ଫେଲ ମାରିଛି। କେନ୍ଦ୍ର ସରକାର ୫ଶହ ଟଙ୍କାର ରନ୍ଧନଗ୍ୟାସ ଚୁଲାକୁ ୯୯୦ଟଙ୍କାରେ ବିକ୍ରୟ କରି ଗରିବ ହିତାଧିକାରୀଙ୍କୁ ଲୁଟୁଛନ୍ତି। ଏଥିରେ ସାମିଲ ହୋଇ କେନ୍ଦ୍ର ସରକାର ଚୁଲା ତିଆରି କରୁଥିବା କମ୍ପାନୀଗୁଡିକ ପାଖରୁ ବ୍ୟାପକ ପିସି ଆଦାୟ କରୁଛନ୍ତି। ଗ୍ୟାସର ବଜାର ଦର ବିଗତ ତିନି ବର୍ଷରେ ପାଖାପାଖି ତିନିଗୁଣ ବୃଦ୍ଧି ପାଇଛି। ଏହା ଘରୋଇ ରନ୍ଧନ ଗ୍ୟାସ ବ୍ୟବହାରକାରୀଙ୍କ ପାଇଁ ଆର୍ଥିକ ବୋଝ ସଦୃଶ। ଗ୍ୟାସ ଯୋଗାଣ କରୁଥିବା କମ୍ପାନୀଗୁଡିକର ଲାଭାଂଶ କେତେ ପ୍ରତିଶତ ବଢିଛି ମନ୍ତ୍ରୀ ତା'ର ଉତ୍ତର ରଖନ୍ତୁ। ଏଥିପାଇଁ କ୍ରାଇମବ୍ରାଞ୍ଚ କିମ୍ବା ଭିଜିଲାନ୍ସ ତଦନ୍ତ ମଧ୍ୟ କରାଯାଉ ନାହିଁ। ବିଜେଡି କେବଳ ଗୋଳିଆ ପାଣିରୁ ଫାଇଦା ନେବାକୁ ବସିଛି। ଯୋଗାଣ ବିଭାଗ ଓଜନ ଏବଂ ମାପରେ ଠକେଇ କରୁଥିବା ଅଭିଯୋଗ ଭିତ୍ତିରେ କେବଳ ଦୁଇ ତିନୋଟି ପେଟ୍ରୋଲ ପମ୍ପର ଯାଞ୍ଚ କରି ନୀରବ ରହିବା ବିଜେଡି ଏବଂ ଭାଜପାର ଭିତିରିଆ ସଂପର୍କକୁ ପଦାରେ ପକାଇଦେଇଛି ବୋଲି ସୋନାଲି କହିଛନ୍ତି।

କଂଗ୍ରେସ ଦଳ ୬୦ବର୍ଷରୁ ଅଧିକ ଦିନ ସରକାରରେ ଥିଲା । ଗରିବ ମା' ଓ ଭଉଣୀମାନଙ୍କୁ ଏଲପିଜି ଦେବାକୁ ତାଙ୍କୁ କିଏ ମନା କରିଥିଲା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି । ଉଜ୍ଜ୍ୱଳା ଗ୍ୟାସକୁ ନେଇ କଂଗ୍ରେସ ଆଣିଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଧର୍ମେନ୍ଦ୍ର କହିଛନ୍ତି ଯେ, ଯେଉଁମାନେ ଲମ୍ବା ସମୟ ଧରି ଶାସନରେ ରହିଲେ ସେମାନେ ଦେଶକୁ ପଛରେ ପକାଇଲେ । ୨୦୧୪ରେ ମୋଦି ସରକାର ଶାସନକୁ ଆସିବା ବେଳକୁ ଓଡିଶାରେ ରହିଥିବା ୧କୋଟି ଘର ମଧ୍ୟରୁ ମାତ୍ର ୨୦ଲକ୍ଷ ଘରେ ଏଲପିଜି ପହଞ୍ଚିଥିଲା । ଏହା ହେଉଛି କଂଗ୍ରେସର ପାରିବାପଣିଆ । ମୋଦି ସରକାର ସାଢେ ୪ ବର୍ଷରେ ୭୫ଲକ୍ଷ ଘରେ ଗ୍ୟାସ ପହଞ୍ଚାଇ ପାରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି । କଂଗ୍ରେସ ହେଉଛି ଅସହିଷ୍ଣୁ ଓ ଅପାରଗ । ଏନେଇ କହିବାର ତାଙ୍କର ନୈତିକ ଅଧିକାର ନାହିଁ । ଯେତେବେଳେ ଦେଶରେ ଓ ଓଡିଶାରେ କଂଗ୍ରେସ ସରକାର ଥିଲା ସେତେବେଳେ ସେମାନେ ଭୂ-ଲୁଣ୍ଠିତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଭୂପେଶ ବାଘେଲ...

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଗତ ତିନିଦିନ ହେଲା ବାରମ୍ବାର ବରିଷ୍ଠ ନେତାମାନଙ୍କ ବୈଠକ ପରେ ବାଘେଲଙ୍କ ନାଁ ଚୂଡାନ୍ତ ହୋଇଥିଲା। ଏହା ପରେ ରାୟପୁରରେ ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ବସି ବାଘେଲଙ୍କୁ ନେତା ନିର୍ବାଚିତ କରାଯାଇଥିଲା। ରାଜ୍ୟରେ ସମାନତା, ସ୍ୱଚ୍ଛତା ଏବଂ ସାଧୁତା ଉପରେ କଂଗ୍ରେସ ସରକାର କାର୍ଯ୍ୟ କରିବ ଏବଂ କୃଷିଋଣ ଛାଡ଼ ପ୍ରଥମ କାର୍ଯ୍ୟ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଛତିଶଗଡ଼ରେ କଂଗ୍ରେସକୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାରେ ଜିତାଇବାରେ ବାଘେଲଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ପଦବୀ ଲାଗି ଟି.ଏସ୍. ସିଂ ଦେଓ, ତାମ୍ରଧ୍ୱଜ ସାହୁ ଏବଂ ଚରଣ ଦାସ ମହନ୍ତ ଦାବିଦାର ଥିଲା ବେଳେ ରାହୁଲ ଭୂପେଶଙ୍କୁ ଛତିଶଗଡ଼ର ନେତୃତ୍ୱ ନେବା ଲାଗି ଚୟନ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଏହା ଏକ କଠିନ ନିଷ୍ପତ୍ତି ଥିଲା। କାରଣ ୪ ଦାବିଦାର ଦଳ ପାଇଁ ସମାନ ଭାବେ କାମ କରିଥିଲେ।

୨୦୧୩ ମେରେ ସୁକ୍‌ମା ଜିଲାରେ ହୋଇଥିବା ମାଓବାଦୀ ଆକ୍ରମଣରେ ତତ୍କାଳୀନ ପ୍ରଦେଶ କଂଗ୍ରେସ ସଭାପତି ନନ୍ଦକୁମାର ପଟେଲ, ବରିଷ୍ଠ ନେତା ଭି.ସି. ଶୁକ୍ଳାଙ୍କ ସମେତ ଅନେକ ନେତା ପ୍ରାଣ ହରାଇଥିଲେ। ଫଳରେ ଛତିଶଗଡ଼ରେ କଂଗ୍ରେସ ଏକପ୍ରକାର ନେତାଶୂନ୍ୟ ହୋଇପଡିଥିଲା। ଏହାର ଦେଢ଼ବର୍ଷ ପରେ ୨୦୧୪ ଅକ୍ଟୋବରରେ ପଛୁଆ ବର୍ଗ କୁର୍ମୀ ସମ୍ପ୍ରଦାୟର ନେତା ବାଘେଲ ରାଜ୍ୟ କଂଗ୍ରେସର ନେତୃତ୍ୱ ନେଇଥିଲେ। ନିଜର ବଳିଷ୍ଠ ନେତୃତ୍ୱ, କଠିନ ପରିଶ୍ରମ ଫଳରେ ସେ ୧୫ ବର୍ଷର ଭାଜପା ସରକାରକୁ ହଟାଇ କଂଗ୍ରେସକୁ କ୍ଷମତାକୁ ଆଣିବାରେ ସଫଳ ହୋଇଛନ୍ତି।

ବାଘେଲଙ୍କ ଜନ୍ମ ୧୯୬୧ ଅଗଷ୍ଟ ୨୩ରେ ଏକ କୃଷକ ପରିବାରରେ ହୋଇଥିଲା। ତାଙ୍କ ବାପା ନନ୍ଦକୁମାର ବାଘେଲ ଏବଂ ମାଆ ବିନ୍ଧେଶ୍ୱରୀ ବାଘେଲ। ତାଙ୍କ ପତ୍ନୀ ମୁକ୍ତେଶ୍ୱରୀ ହିନ୍ଦୀ ଲେଖକ ଡ. ନରେନ୍ଦ୍ର ଦେବ ବର୍ମାଙ୍କ ଝିଅ ଏବଂ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଆତ୍ମାନନ୍ଦଙ୍କ ଝିଆରୀ।

୧୯୮୫ରେ ବାଘେଲ ଯୁବକଂଗ୍ରେସରେ ସାମିଲ ହୋଇ ୧୯୯୦ରୁ ୧୯୯୪ ଦୁର୍ଗ ଜିଲା ସଭାପତି ଏବଂ ୧୯୯୪ରୁ ୯୫ ମଧ୍ୟପ୍ରଦେଶର ଉପସଭାପତି ଥିଲେ। ସେ ମଧ୍ୟପ୍ରଦେଶ ବିଧାନସଭାକୁ ୧୯୯୩ ଓ ୧୯୯୮ରେ ନିର୍ବାଚିତ ହୋଇଥିଲେ ଏବଂ ଦିଗ୍‌ବିଜୟ ସିଂଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ୨୦୦୦ରେ ଛତିଶଗଡ଼ ରାଜ୍ୟ ଗଠନ ପରେ ସେ ଛତିଶଗଡ ବିଧାୟକ ଏବଂ ପ୍ରଥମ ରାଜସ୍ୱ ମନ୍ତ୍ରୀ ହେଲେ। ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସେ ଛତିଶଗଡ଼ ବିଧାନସଭାରେ ବିରୋଧୀ ଦଳ ଉପନେତା ଥିଲେ। ସେ ୨୦୦୮ ବିଧାନସଭା ଏବଂ ୨୦୦୪ ଓ ୨୦୦୯ ଲୋକ ସଭା ନିର୍ବାଚନ ହାରିଯାଇଥିଲେ। ୨୦୧୩ରେ ସେ ପୁଣିଥରେ ପାଟନ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

### ଦନ୍ତାର କ୍ଷତାକ୍ତ...

ଭୂଷଣ ମହାପାତ୍ର କେ.ନୂଆଗାଁ ପୋଲିସ ଏବଂ ଦିଗପହଣ୍ଡି ବନ ବିଭାଗକୁ ଖବର ଦେଇଥିଲେ। ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ କୁମାର ପନ୍ଥ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ (ଡିଏଫଓ) ଆଶିଷ କୁମାର ବେହେରା, ବାଲିଗୁଡ଼ା ଡିଏଫଓ ବିଶ୍ୱନାଥ ଏମ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ଭୀଷ୍ମଗିରି ପ୍ରାଣୀ ଚିକିତ୍ସକ ସିଦ୍ଧାର୍ଥ ପାଣିଗ୍ରାହୀ, ଦିଗପହଣ୍ଡି ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଅନୀତା ଦୋରା ସ୍ୱତନ୍ତ୍ର ଟିମ ସହାୟତାରେ ଘଟଣାସ୍ଥଳରେ ହାତୀ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିଏଫଓ ବେହେରା କହିଛନ୍ତି। ଅନ୍ୟପକ୍ଷରେ ଗଜପତି ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ. ଅନନ୍ତ ରାମ କର ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଦୁଇ ହାତୀଙ୍କ ମଧ୍ୟରେ ଦୀର୍ଘ ସମୟ ଲଢ଼େଇ କାରଣରୁ ଦନ୍ତାହାତୀର ମୃତ୍ୟୁ ଘଟିଥିବା ସେ ସନ୍ଦେହ କରାଯାଉଥିବା କହିଛନ୍ତି। ପ୍ରାୟ ୧୦ ବର୍ଷ ପୂର୍ବେ ଗଜପତି ଜିଲା-ଆନ୍ଧ୍ରପ୍ରଦେଶ ସୀମାନ୍ତ ଜଙ୍ଗଲରେ ଏଭଳି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିବା ସେ ଜଣାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚନ୍ଦ୍ରଙ୍କ କୋଣ ସ୍ଥାନରେ ବୃହସ୍ପତି ଅବସ୍ଥାନ କରୁଥିବାରୁ ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି। ମାତ୍ର ନିର୍ମାଣାଧୀନ କାର୍ଯ୍ୟ କେତେକ ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ। ନିକଟ ସମ୍ପର୍କୀୟମାନଙ୍କ ଉପରେ ଭରସା କରି କୌଣସି କାମ କରିପାରିବେ ନାହିଁ।

**ବୃଷ** – ଲାଭଭାବରେ ଚନ୍ଦ୍ର ଆପଣଙ୍କ ଅଭିଳାଷକୁ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଆପଣ ଯାହା ପାଇଁ ବହୁତ କଷ୍ଟ ସ୍ୱୀକାର କରି ସାହାଯ୍ୟ କରିଥିଲେ ସେହି ବ୍ୟକ୍ତି ହିଁ ଆପଣଙ୍କ ଶତ୍ରୁତା କରିପାରନ୍ତି। ପ୍ରଶାସନ, ପ୍ରକାଶନ, ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** – ଅଷ୍ଟମ ସ୍ଥାନରେ କେତୁ ଅର୍ଥ ସମ୍ପର୍କୀୟ ବିବାଦ ସୃଷ୍ଟି କରିପାରନ୍ତି। ବିଶେଷ କାରଣ ନ ଥାଇ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢାଇ ଦେଇ ପାରନ୍ତି। ପରିବାର ଭିତରେ ପୁରୁଣା କଥାର ଆଲୋଚନା ହିଁ କଳହର କାରଣ ହୋଇପାରେ। ପୁରାତନ ରୋଗର ପୀଡା ଯୋଗୁ କାମ କରିବାକୁ ନିରୁତ୍ସାହିତ ହେବେ।

**କର୍କଟ** – ଶୁକ୍ର ଓ ବୁଧ ସାଙ୍ଗକୁ ବୃହସ୍ପତି କେନ୍ଦ୍ର କୋଣ ସ୍ଥାନରେ ରହି ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବେ। ଅଶ୍ଳେଷା ନକ୍ଷତ୍ର ଜାତ ବ୍ୟକ୍ତିମାନେ ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବା ପାଇଁ ଚେଷ୍ଟିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** – କୌଣସି ବନ୍ଧୁଙ୍କ ପ୍ରତି ଅତ୍ୟଧିକ ଅନୁରକ୍ତି ପାଖ,ପଡୋଶୀଙ୍କ ଗାତ୍ରଦାହର କାରଣ ହୋଇପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ବଢିଯିବା କାରଣରୁ ମାନସିକ ଅସ୍ଥିରତା ଅବଶ୍ୟ ଦେଖାଦେଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ।

**କନ୍ୟା** – ରାହୁଙ୍କ ନକ୍ଷତ୍ରରେ ଶୁକ୍ର ଅବସ୍ଥାନ କରିଥିବାରୁ ଆପଣ ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। କୌଣସି କର୍ମଚାରୀ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ତାହାର ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇଦେବ। ବ୍ୟବସାୟ, ପରିବହନ, ମାଲି ମକଦ୍ଦମାରେ କ୍ରମଶଃ ଉନ୍ନତି କରିବେ।

**ତୁଳା** – ଆପଣଙ୍କ ମନ ଯେପରି କାମ ମଧ୍ୟ ତଦନୁରୂପ ହେବା କାରଣରୁ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଚିତ୍ରା ନକ୍ଷତ୍ର ସକାଶେ ଯେତେ ସହଜ ଓ ସରଳରେ କାମଟି ହାସଲ କରିବା ସକାଶେ ଭାବୁଛନ୍ତି, ବାସ୍ତବ କ୍ଷେତ୍ରରେ ତାହା ସହଜସାଧ୍ୟ ହୋଇ ନ ପାରେ। ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ।

**ବିଛା** – ଧନସ୍ଥାନରେ ପାପଗ୍ରହ ରବି ଓ ଶନି ହେତୁ ଧନହାନି ସାଙ୍ଗକୁ ଆପଣଙ୍କ କଥାବାର୍ତ୍ତା ଅନ୍ୟମାନଙ୍କ ଗ୍ରହଣୀୟ ହୋଇ ନ ପାରେ। ସମୟ ସେତେଟା ଭଲ ନ ଥିଲେ ମଧ୍ୟ ଆପଣ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରି ପାରନ୍ତି। ବିଶ୍ୱାସର ସହ କାମ କରି ଚାଲନ୍ତୁ, ବନ୍ଧୁଙ୍କର ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** – ଚତୁର୍ଥ କେନ୍ଦ୍ରରେ ଚନ୍ଦ୍ର ଗୁରୁ କ୍ଷେତ୍ରସ୍ଥ ହେତୁ ପାରିବାରିକ କ୍ଷେତ୍ରରେ ତଥା କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ବହୁତ ଦିନରୁ ବନ୍ଧୁଙ୍କ ପାଖରେ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଗତି କରିବା ହେତୁ ଆଗାମୀ ମାଙ୍ଗଳିକ କାମର ପ୍ରସ୍ତୁତି କରି ବିଚଳିତବୋଧ କରିପାରନ୍ତି।

**ମକର** – ଆପଣଙ୍କ ଭାଗ୍ୟାଧିପ ଏକାଦଶସ୍ଥ ରହି ଆପଣଙ୍କ ମନ ଅନୁଯାୟୀ ପ୍ରତ୍ୟେକ କାମ ସମ୍ପାଦିତ ହେବାରୁ ଖୁସୀ ରହିବେ। ସଭାସମିତି, କଳା, କ୍ରୀଡା, ସଙ୍ଗୀତ ଚର୍ଚ୍ଚା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଧନିଷ୍ଠା ନକ୍ଷତ୍ର ସକାଶେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କୁମ୍ଭ** – ଆଜି ତୃତୀୟ କର୍ମାଧିପ ମଙ୍ଗଳ ନିଜ ରାଶିରେ ରହି ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୂରଣ କରିବାରେ ସମର୍ଥ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ। ସହନଶୀଳତା ଗୁଣରୁ ପ୍ରଶଂସିତ ହେବା ସାଙ୍ଗକୁ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** – ଗୁରୁଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ପ୍ରଭାବରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିବା ଦ୍ୱାରା କାମଗୁଡିକୁ ସହଜରେ ସାଧନ କରିପାରିବେ। ବ୍ୟସ୍ତତା ପରିହାର କରି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ଭଲ ହେବ । ପ୍ରତ୍ୟୁଷ ଯାତ୍ରା ଓ ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁ ସମ୍ପର୍କରେ ଆଶାଜନକ ଫଳ ପାଇପାରନ୍ତି।

ଆଜି ସକାଳ ଘ୭।୨୩ମି. ଗତେ, ମାର୍ଗଶିର ଶୁକ୍ଳ ଦଶମୀ, ଡିସେମ୍ବର ୧୭ ତାରିଖ ସୋମବାର, ରାଶିନକ୍ଷତ୍ର-ରେବତୀ/ମୀନ, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୩୮ମି. ମଧ୍ୟେ ଘ୧।୦୦ମି. ଗତେ, ଘ୨।୨୩ମି. ମଧ୍ୟେ ଅମୃତ ବେଳା । ଦିବା ଘ୯।୦୦ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୭।୩୯ମି. ଗତେ ଘ୯।୦୦ମି. ମଧ୍ୟେ ରାହୁ କାଳ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଆରମ୍ଭ ହେଲା ପହିଲି ଭୋଗ

**ପୁରୀ ଅଫିସ,୧୬।୧୨:** ପବିତ୍ର ଧନୁ ସଂକ୍ରାନ୍ତି ରବିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ପହିଲି ଭୋଗ। ଏହା ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ପହିଲି ଭୋଗର ପ୍ରଥମ ଦିନରେ ନୀତିରେ ବିଳମ୍ବ ହୋଇଥିଲା। ତଥାପି ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପହିଲି ଭୋଗ ନୀତି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବିଶ୍ୱାସ ରହିଛି ଧନୁ ସଂକ୍ରାନ୍ତି ପୂର୍ବଦିନଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ମା ଲକ୍ଷ୍ମୀ ଠାକୁରାଣୀ ବାପଘରକୁ ଯାଇଥାନ୍ତି। ମା ଯଶୋମତୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିଥାନ୍ତି। ଏଥିନିମନ୍ତେ ରାତ୍ର ୨ ଘଡ଼ି ଥାଇ ଶ୍ରୀମନ୍ଦିର ଦ୍ୱାର ଫିଟାଯାଏ। ବାଜା ନ ବାଜି ମଙ୍ଗଳ ଆଳତି ହୁଏ। ପରେ ରୋଷହୋମ କରାଯାଏ। ରୋଷରେ ବିରି ଓ ଗହମରେ ଘୃତ ପାକ କରି ୩୨ ପ୍ରକାର ପିଠାପଣା ପହିଲି ଭୋଗ ଲାଗି ପ୍ରସ୍ତୁତ କରାଯାଏ। ଭିତରେ ମହାପ୍ରଭୁଙ୍କର ଅବକାଶ ବଢ଼ି ଘୋଡ଼ଲାଗି କରାଯାଏ। ଠାକୁରମାନଙ୍କୁ ୬ ମୂର୍ତ୍ତି ଅଳଙ୍କାରରେ ବିଭୂଷିତ କରାଯିବା ପରେ ଧୋ ପଖାଳ ହୋଇ ବଲ୍ଲଭ ଭୋଗ ବଢ଼ାଯାଏ। ଏହି ସମୟରେ ରୋଷରୁ ପହିଲି ଭୋଗ ଛେକ ଆସି ବଲ୍ଲଭ ଭୋଗ ସହିତ ପଞ୍ଚୋପଚାର ବିଧିରେ ମହାପ୍ରଭୁଙ୍କୁ ଲାଗି କରାଯାଇଥାଏ। ଏଥିରେ ବଡ଼ ଝିଲ୍ଲି, କାକରା, ଆରିସା, ଅମାଲୁ, ମୁଗେଇ, ମଣ୍ଡା ଇତ୍ୟାଦି ଭୋଗ ଲାଗି ହୋଇଥାଏ।

# ରୋଜଗାର ସୃଷ୍ଟି କରିବ କୃଷି, ସହରୀ ବର୍ଜ୍ୟ ବ୍ୟବହାର: ଧର୍ମେନ୍ଦ୍ର

## ■ ଭୁବନେଶ୍ୱରରେ ଏସ୍‌ଏଟିଏଟି ରୋଡ୍ ଶୋ




କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**ଭୁବନେଶ୍ୱର,୧୬।୧୨**

କୃଷି ଓ ସହରୀ ବର୍ଜ୍ୟ ବ୍ୟବହାର ଅର୍ଥନୀତି ଦୃଢ଼ୀକରଣ ଦିଗରେ ସହାୟକ ହେବ। ଏହା ଦ୍ୱାରା ଦେଶରେ ରୋଜଗାର ସୃଷ୍ଟି କରାଯାଇ ପାରିବ। ଏଭଳି ବର୍ଜ୍ୟରୁ କମ୍ପ୍ରେସଡ ବାୟୋ ଗ୍ୟାସ (ସିବିଜି) ଉତ୍ପାଦନ ହେଲେ ଇନ୍ଧନ ଜନିତ ଦେଶ ଉପରେ ପଡୁଥିବା ବୈଦେଶିକ ମୁଦ୍ରା ଚାପ କମ୍ ହେବ। ଏହା ସହ ଇନ୍ଧନ ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ଜାରି କରାଯାଇ ପାରିବ। ସାଧାରଣ ଲୋକଙ୍କୁ ଏହା ସହାୟତା କରିବା ଦିଗରେ ସକ୍ଷମ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ସଷ୍ଟେନବୁଲ ଅଲଟରନେଟିଭ୍ ଟୁଆର୍ଡସ ଆଫୋର୍ଡେବୁଲ ଟ୍ରାନ୍ସପୋର୍ଟେଶନ (ଏସ୍‌ଏଟିଏଟି) ସଂକ୍ରାନ୍ତ ଅଂଶୀଦାର ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ସରକାର ଦେଶରେ ୫ ହଜାର ସିବିଜି ପ୍ରକଳ୍ପ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରଧାନ କହିଛନ୍ତି।

ଏହି ୟୁନିଟଗୁଡ଼ିକରୁ ବାର୍ଷିକ ୧୫ ନିୟୁତ ଟନ୍ ସିବିଜି ଉତ୍ପାଦନ କରିବାକୁ ଯୋଜନା ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ୧.୭୫ ଲକ୍ଷ କୋଟି ନିବେଶ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ଓଡ଼ିଶାରେ ୫୦୦ ପ୍ରକଳ୍ପ ସ୍ଥାପନ ଯୋଜନା ରଖାଯାଇଛି। ରାଜ୍ୟର ୧୯ ଜିଲାରେ ୧୭୩୦ କିମିର ଗ୍ୟାସ ପାଇପ୍ ଲାଇନରେ ୪୫୦୦ କୋଟି ଟଙ୍କା ବିନିଯୋଗ ହେଉଛି। ସହରୀ ଗ୍ୟାସ ପାଇପ୍‌ଲାଇନ ଯୋଜନାରେ ୯୦୦ କିମି ପାଇପ ଲାଇନ ବିଛାଯିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ସିବିଜି ପ୍ରକଳ୍ପଗୁଡ଼ିକ ବରଗଡ଼ରେ ସ୍ଥାପନ ହେଉଥିବା ବିପିସିଏଲ୍‌ର ୨ଜି ଇଥାନଲ ପ୍ଲାଣ୍ଟ ପାଇଁ ସହାୟକ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲ ଅଧ୍ୟକ୍ଷ ସଞ୍ଜୀବ ସିଂ, ଏମ୍‌ଓପିଏନ୍‌ଜି ନିର୍ଦ୍ଦେଶକ ବିଜୟ ଶର୍ମା, ଇଣ୍ଡିଆନ ଅଏଲ ଆର୍ ଆଣ୍ଡ ଡି ନିର୍ଦ୍ଦେଶକ ଏସ୍.ଏସ୍.ଭି ରାମ କୁମାର, ବିପିସିଏଲ୍ ମାର୍କେଟିଂ ନିର୍ଦ୍ଦେଶକ ଅରୁଣ କୁମାର ସିଂ, ଏଚ୍‌ପିସିଏଲ୍ ମାର୍କେଟିଂ ନିର୍ଦ୍ଦେଶକ ଏସ୍.ଜୟକୃଷ୍ଣ, ଗେଲ୍ ନିର୍ଦ୍ଦେଶକ(ବିଡି) ମନୋଜ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# କୋଶଲ୍ ବନ୍ଦ: ବିପିୟୁଟି ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ସୋମବାର କୋଶଲ୍ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତଦିନ ହେବାକୁ ଥିବା ବିପିୟୁଟି ସେମିଷ୍ଟର ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ବିପିୟୁଟି ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବନ୍ଦ ପରେ ପରବର୍ତ୍ତୀ ତାରିଖ ନେଇ ଘୋଷଣା କରାଯିବ। ଉକ୍ତଦିନ ହେବାକୁ ଥିବା ସମସ୍ତ ଅଡ୍ ସେମିଷ୍ଟର (ରେଗୁଲାର/ବ୍ୟାକ୍)କୁ ସ୍ଥଗିତ ରଖାଯାଇଛି।






# ଆଜି ମୁଖ୍ୟମନ୍ତ୍ରୀଙ୍କ ସୁରଟ ଗସ୍ତ, ଓଡ଼ିଶା ଆସିବେ ରୂପାନୀ

**ସାଧାରଣ ନିର୍ବାଚନ ପ୍ରସ୍ତୁତି**

■ ପ୍ରବାସୀ ଓଡ଼ିଆ ଭୋଟ୍ ଉପରେ ବିଜେଡିର ନଜର

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ନିକଟତର ହେଉଛି। ଏହା ପୂର୍ବରୁ ରାଜ୍ୟରେ ରାଜନୈତିକ ଉଷ୍ମତା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଲାଣି। ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଓଡ଼ିଆଙ୍କ ଭୋଟ ହାତେଇବା ପାଇଁ ସମସ୍ତ ରାଜନୈତିକ ଦଳ ଆପ୍ରାଣ ଚେଷ୍ଟା କରୁଛନ୍ତି। ନିକଟରେ ପ୍ରକାଶ ପାଇଥିବା ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ମଧ୍ୟ ରାଜନୈତିକ ଦଳଗୁଡିକ ପାଇଁ ଆଶାଆଶଙ୍କା ଆଣିଛି। ବିଶେଷ କରି ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶର ସରକାର ବିରୋଧୀ ଫଳାଫଳକୁ ନେଇ ରାଜ୍ୟର ସକ୍ରିୟ ରାଜନୈତିକ ଦଳ ଭିନ୍ନଭିନ୍ନ ଅଙ୍କ କଷୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟର ସମ୍ଭାବ୍ୟ ସରକାର ବିରୋଧୀ ହାୱାକୁ ପ୍ରତିହତ କରିବାକୁ ମୁଖ୍ୟମନ୍ତ୍ରୀ ନୂଆ ରଣନୀତି ଆପଣେଇବାରେ ଲାଗିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସୁରଟ ଗସ୍ତରେ ଯାଇ ସେଠାରେ ଓଡ଼ିଶା ମହୋତ୍ସବରେ ଯୋଗଦେବେ। ଏହା ପୂର୍ବରୁ ସୁରଟରେ ରହୁଥିବା ଓଡ଼ିଆଙ୍କ ନିମନ୍ତେ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କୁ ଶନିବାର ଚିଠି ଲେଖି ଅନୁରୋଧ କରିଛନ୍ତି। ଏଥିସହ ଦ୍ୱିତୀୟ ଥର ପାଇଁ ବ୍ରହ୍ମପୁର- ସୁରଟକୁ ରେଳ ଚଳାଚଳ ଏବଂ ଭୁବନେଶ୍ୱର-ସୁରଟ ବିମାନ ଚଳାଚଳ ପାଇଁ ସଂପୃକ୍ତ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ସୁରଟରେ ରହୁଥିବା ୭ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ଭୋଟରଙ୍କୁ ଟାର୍ଗେଟ କରି ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଉଥିବା ଆଲୋଚନା ହେଉଛି। ଓଡ଼ିଆ ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଦିନ ସୁରଟ ଯାଉଛନ୍ତି, ସେହି ଦିନ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଓଡ଼ିଶା ଆସୁଛନ୍ତି। ରାଫେଲ ପ୍ରସଙ୍ଗରେ କଂଗ୍ରେସ ଓ ଅନ୍ୟାନ୍ୟ ଦଳର ଆଭିମୁଖ୍ୟକୁ ନେଇ ରାଜଧାନୀରେ ସେ ଏକ ଖବରଦାତା ସମ୍ମିଳନୀ କରିବେ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ଯାହାକୁ ନେଇ ରାଜ୍ୟରେ ଚାଲିଥିବା ବିଜେଡି-ଭାଜପା ଛକାପଞ୍ଝା ରାଜନୀତି ଅଧିକ ଉଷ୍ମ ହୋଇଛି। ଭାଜପା ପକ୍ଷରୁ ଦେଶବ୍ୟାପୀ ରାଫେଲ ପ୍ରସଙ୍ଗରେ ୭୦ଟି ସ୍ଥାନରେ ଖବରଦାତା ସମ୍ମିଳନୀ ଆୟୋଜନ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସୁରଟ ଗସ୍ତକୁ ଲକ୍ଷ୍ୟ କରି ରୂପାନୀଙ୍କ ଓଡ଼ିଶା ଗସ୍ତ ଶେଷ ମୁହୂର୍ତ୍ତରେ ଚୂଡାନ୍ତ ହୋଇଥିବା ସୂତ୍ରରୁ ପ୍ରକାଶ। ଭାଜପା ପକ୍ଷରୁ ମଙ୍ଗଳବାର ଏହି ପ୍ରସଙ୍ଗରେ ଜିଲାସ୍ତରରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜଣାପଡିଛି। ସେହିପରି ରୂପାନୀ ରାଫେଲ ସମ୍ପର୍କିତ ଖବରଦାତା ସମ୍ମିଳନୀ ପରେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିପାରନ୍ତି। ବିଶେଷ କରି ରାଜ୍ୟ ସରକାର ଓଡ଼ିଶାରେ ଜନସାଧାରଣଙ୍କୁ ରୋଜଗାର ଯୋଗାଇ ଦେଇପାରୁ ନାହାନ୍ତି ବୋଲି କହି ସମାଲୋଚନା କରିପାରନ୍ତି। ତେଣୁ ସୁରଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଓ ଭୁବନେଶ୍ୱରରେ ବିଜୟ ରୂପାନୀଙ୍କ ଗସ୍ତ ଉପରେ ରାଜନୈତିକ ମହଲର ନଜର ରହିବ।





airtel

**ନିରପେକ୍ଷ ବିଜ୍ଞପ୍ତି**


**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 30 ଜୁନ୍, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ଡିସେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ଡିସେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ଡିସେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ଡିସେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341703000001636ରୁ 1341708003225114।

ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ - 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର-751 024





# ଫେବୃୟାରୀରେ ଭାଜପା ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧିବେଶନ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**



■ ଯୋଗଦେଇପାରନ୍ତି ମୋଦି ଓ ଶାହ

■ ନିର୍ବାଚନ ବେଳେ କାହିଁକି ମନେପଡ଼ିଲା: ବିଜେଡି

ଭାଜପା ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ମହାଅଧିବେଶନ ଓଡିଶାରେ ଅନୁଷ୍ଠିତ ହେବ । ଆସନ୍ତା ଫେବୃୟାରୀ ୨ ଏବଂ ୩ ତାରିଖରେ ଏହି ଅଧିବେଶନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜନଜାତିମାନଙ୍କର ଅଧିକାରକୁ ଛଡାଇ ନେବା, କେନ୍ଦ୍ର ସରକାର ପ୍ରଣୟନ କରିଥିବା ଯୋଜନାକୁ ଠିକ୍ ଭାବରେ ଲାଗୁ କରାଇ ନ ଦେବା ଏବଂ ଜନଜାତି ଆଦିବାସୀମାନଙ୍କର ବିଭିନ୍ନ ଜ୍ୱଳନ୍ତ ପ୍ରସଙ୍ଗକୁ ନେଇ ଏହି ଅଧିବେଶନ ଆୟୋଜିତ ହେବ ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି ।

ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୁଏଲ କହିଛନ୍ତି ଯେ, ଆଦିବାସୀଙ୍କ ଅଧିକାର ପାଇଁ ଆୟୋଜିତ ଅଧିବେଶନରେ ୫ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ସାମିଲ ହେବା ସହ ଦେଶର ପ୍ରମୁଖ ଆଦିବାସୀ ନେତା, ମନ୍ତ୍ରୀ, ବିଧାୟକ, ଜିଲାପରିଷଦ ଅଧ୍ୟକ୍ଷମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାସହ ଫେବୃୟାରୀ ୩ ଦିନ 'ଆଦିବାସୀଙ୍କ ହକ୍ ପାଇଁ ଭୁବନେଶ୍ୱର ଚାଲ' ଅଭିଯାନ ରାଲି ଆୟୋଜିତ ହେବ। ଏହି ରାଲିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସମେତ ୧ଲକ୍ଷରୁ ଉର୍ଦ୍ଧ୍ୱ ଆଦିବାସୀ ଯୋଗଦେବେ। ଆଦିବାସୀମାନେ ନିଜ ଅଧିକାର ସୁରକ୍ଷା ପାଇଁ ଦାବି ଓ ରାଜ୍ୟ ସରକାରଙ୍କ ଜନଜାତି ବିରୋଧୀ ନୀତିକୁ ବିରୋଧ କରାଯିବ। ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ନାଁରେ ୯ଟି ପରିଷଦ କରି ନିର୍ବାଚିତ ପ୍ରତିନିଧିମାନଙ୍କ ଅଧିକାରକୁ ଛଡାଇ ନେଇଛନ୍ତି । ରାଜ୍ୟ ସରକାରଙ୍କ ଆଦିବାସୀମାରଣ ନୀତିକୁ ବିରୋଧ ସହ ସେମାନଙ୍କୁ ସେମାନଙ୍କ ହକ୍ ଦେବା ଏହି ଅଧିବେଶନର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଜୁଏଲ କହିଛନ୍ତି । ଜନଜାତି ମୋର୍ଚ୍ଚା ଅଧ୍ୟକ୍ଷ ତଥା ବିଧାୟକ ରବି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଦୁଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଆଦିବାସୀ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ରାମବିଚାର ନେତମ, ବିଧାୟକ ଦଳ ନେତା କେଭି ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପାର ଏହି କାର୍ଯ୍ୟକ୍ରମକୁ ନେଇ ବିଜେଡି ସମାଲୋଚନା କରିବା ସହ କିଛି ପ୍ରଶ୍ନ କରିଛି। ଦଳର ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, କେନ୍ଦ୍ରରେ ଆଦିବାସୀ ଓ ଦଳିତ ମନ୍ତ୍ରୀ ଥିବାରୁ ଜୁଏଲଙ୍କୁ କିଛି ପ୍ରଶ୍ନ କରୁଛି। ଭାଜପାର ସାଢେ ୪ବର୍ଷ ୮ ମାସ ପରେ ଆଦିବାସୀମାନଙ୍କ କଥା ମନେପଡିଲା। ନିର୍ବାଚନକୁ ମାତ୍ର ୩ମାସ ଥିବାରୁ ଏକଥା ମନେପଡୁଛି। ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ କାହିଁକି ଆଦିବାସୀଙ୍କୁ ମନେପକାଇଲେ। ଉପା ସରକାର ଆଣିଥିବା ଜମି ଅଧିକାର ଆଇନ ଲାଗୁ କାହିଁକି କଲେନାହିଁ। ଲଘୁ ବନଜାତ ଦ୍ରବ୍ୟ ମୂଲ୍ୟ କାହିଁକି ହ୍ରାସ କରାଗଲା। ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମିଳୁଥିବା ବୃତ୍ତି ଅନୁଦାନ କାହିଁକି କମାଇଲେ। ଏନେଇ ଛତିଶଗଡ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦିବାସୀମାନ ଉଚିତ ଜବାବ୍ ଦେଇସାରିଛନ୍ତି ବୋଲି ପ୍ରତାପ କହିଛନ୍ତି।




ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ ଅଟେ।
–ଶ୍ରୀମା

# ବିଶ୍ୱାସ ତୁଟିଲା

ଫ୍ରାନ୍ସରୁ ରାଫାଲ ଯୁଦ୍ଧ ବିମାନ କିଣାଯିବା ନେଇ ହୋଇଥିବା ଚୁକ୍ତିରେ କୌଣସି ଅନିୟମିତତା ହୋଇ ନାହିଁ ବୋଲି ସୁପ୍ରିମକୋର୍ଟ ଡିସେମ୍ବର ୧୪ରେ ରାୟ ଦେବା ପରେ ରାଜନୈତିକ କାଦୁଅ ଫିଙ୍ଗାଫୋପଡ଼ା ଆରମ୍ଭ ହୋଇଯାଇଛି। ଭାରତୀୟ ଜନତା ପାର୍ଟି (ଭାଜପା) ସର୍ବୋଚ୍ଚ ନ୍ୟାୟାଳୟ ରାୟକୁ ନେଇ ଖୁସି ବ୍ୟକ୍ତ କରିଥିବା ବେଳେ କଂଗ୍ରେସ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ ଦାବି ଦୋହରାଇଛି। ଏଭଳି ରାଜନୈତିକ ହଟଚମଟ ଘଟୁଥିବାବେଳେ କେନ୍ଦ୍ର ସରକାର ଏକ ପରିବର୍ତ୍ତିତ ମତ ଦେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅସୁବିଧାରେ ପକାଇ ଦେଇଛନ୍ତି। ସୋସିଆଲ ମିଡିଆକୁ ଦେଖିଲେ ଏହି କୌତୁହଳ ପରିସ୍ଥିତି ଅତି ଭଲ ଭାବେ ବୁଝାପଡ଼େ। ୫ଟି ରାଜ୍ୟରେ ନିର୍ବାଚନୀ ବିଫଳତା ଦେଖି ଭାଜପାର ସମର୍ଥକମାନେ ସମ୍ପୂର୍ଣ୍ଣ ନୀରବ ପଡ଼ିଯାଇଥିଲେ। ହଠାତ୍ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାଫାଲ ଚୁକ୍ତି ସଂକ୍ରାନ୍ତରେ ମାତ୍ରାଧିକ ରାୟ ସେମାନଙ୍କୁ ପୁନର୍ଜୀବିତ କରିଦେଇଥିଲା। ନିଜର ଆତ୍ମବିଶ୍ୱାସ ଫେରିପାଇବା ପରେ ଏହି ଭାଜପା ସମର୍ଥକମାନେ ମୋଦି ସରକାରଙ୍କ ସତୀପଣିଆକୁ ସ୍ୱର୍ଗଛୁଆଁ କରିଦେବା ପାଇଁ ଚେଷ୍ଟା କଲେ। ଦୀପାବଳିର ହାବେଳି ଭଳି ଅତିଶୀଘ୍ର ସେ ବାଣର ବାରୁଦ ପୋଡ଼ିଗଲା, ଯେତେବେଳେ ସରକାର ବାଧହୋଇ ତାଙ୍କର ମତ ବଦଳାଇଲେ। ଏହି ପରିବର୍ତ୍ତିତ ମତରେ ସରକାର କହିଛନ୍ତି ଯେ, ତାଙ୍କ ଦ୍ୱାରା କରାଯାଇଥିବା ନିବେଦନ ଭ୍ରମାତ୍ମକ ଭାବେ ସୁପ୍ରିମକୋର୍ଟଙ୍କ ରାୟରେ ଉପସ୍ଥାପିତ ହୋଇଛି। ତେଣୁ ରାୟରେ ଥିବା ଦୁଇଟି ବାକ୍ୟକୁ ସଂଶୋଧନ କରିବା ସକାଶେ ସୁପ୍ରିମକୋର୍ଟଙ୍କୁ ସରକାରଙ୍କ ତରଫରୁ ନିବେଦନ କରାଯାଇଛି। ଉଲ୍ଲେଖଯୋଗ୍ୟ, କୋର୍ଟ ରାୟରେ କହିଛନ୍ତି ଯେ ରାଫାଲ ଏୟାରକ୍ରାଫ୍ଟ କିଣା ସଂକ୍ରାନ୍ତ ମୂଲ୍ୟର ସବିଶେଷ ତଥ୍ୟ ସରକାର କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି)ଙ୍କୁ ଦେଇଥିଲେ। ସିଏଜିଙ୍କ ରିପୋର୍ଟକୁ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ଅନୁଧ୍ୟାନ କରିବା ପରେ ସମ୍ପାଦିତ ଅଂଶ ପାର୍ଲାମେଣ୍ଟରେ ଉପସ୍ଥାପନ ହୋଇଥିଲା। ବାସ୍ତବରେ ଦେଖିଲେ ସିଏଜି ରିପୋର୍ଟ ପ୍ରସ୍ତୁତ ହୋଇ ନ ଥିବାରୁ ପିଏସି ଏହାକୁ ଯାଞ୍ଚ କରିବା ନେଇ କୋର୍ଟ ରାୟରେ ଯାହା ଉଲ୍ଲେଖ କରିଛନ୍ତି, ତାହା ସମ୍ପୂର୍ଣ୍ଣ ଅସତ୍ୟ। ଅନ୍ୟପକ୍ଷରେ ସରକାର ସୁପ୍ରିମକୋର୍ଟକୁ ରାଫାଲ ସଂକ୍ରାନ୍ତ ସବୁ ତଥ୍ୟ ଭୁଲ ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିବା ପରେ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତଥାଗତ ସତପଥୀ

କଂଗ୍ରେସର ଯୁକ୍ତି ହେଉଛି ଯେ ୩୬,୦୦୦ କୋଟି ଟଙ୍କାର ରାଫାଲ ଚୁକ୍ତି ଦୁର୍ନୀତି ସମ୍ପର୍କରେ ସୁପ୍ରିମକୋର୍ଟ ବିଚାର କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ତେଣୁ କେନ୍ଦ୍ର ସରକାର ଜେପିସି ଗଠନ କରିବା ଦରକାର। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ଚୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଛି। ଏ ସମ୍ପର୍କିତ ସିଏଜି ରିପୋର୍ଟକୁ ପିଏସିରେ ଉପସ୍ଥାପନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଅନିଲ ଅମ୍ବାନୀଙ୍କର ଏଥିରେ ହାତ ଥିବାରୁ ଘଟଣାକୁ ଚାପି ଦିଆଯାଉଛି ବୋଲି ରାହୁଲ ଉଠାଇଥିବା ଅଭିଯୋଗକୁ ମଧ୍ୟ ହାଲୁକା ଭାବେ ନିଆଯାଇ ନ ପାରେ। ସର୍ବୋଚ୍ଚ ଅଦାଲତଙ୍କ ରାୟରୁ ବୁଝାପଡୁଛି ଯେ, ଚୁକ୍ତି ସଂକ୍ରାନ୍ତ ତଥ୍ୟ ସରକାର ସିଏଜିଙ୍କୁ ଦେଇଥିଲେ। ସିଏଜି ଉକ୍ତ ତଥ୍ୟକୁ ପିଏସିକୁ ଦେଇଥିଲେ। ସିଏଜି ରିପୋର୍ଟକୁ ପିଏସି ଯାଞ୍ଚ କରିଥିବା ଶୀର୍ଷ ଅଦାଲତ ରାୟର ପାରା ୨୫ରେ ଉଲ୍ଲେଖ କରିଛନ୍ତି। ତେବେ ସେପରି କୌଣସି ରିପୋର୍ଟ ପାଇ ନ ଥିବା ପିଏସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିବା ପରେ ସରକାର ବିବାଦକୁ ଟାଣି ହୋଇଆସିଛନ୍ତି। ଅନ୍ୟପଟେ ସର୍ବୋଚ୍ଚ ନ୍ୟାୟାଳୟ ସେହି ରିପୋର୍ଟକୁ ନିଜେ ନ ଦେଖି ଏଭଳି ଏକତରଫା କଠୋର ନିଷ୍ପତ୍ତି ଦେଇଦେବା ଫଳରେ ବିଚାରପତିମାନଙ୍କ ଉଦ୍ଦେଶ୍ୟ ପ୍ରଶ୍ନବାଚୀକୁ ଚାଲିଆସିଛି।

ଦେଶର ସାମ୍ବିଧାନିକ ଓ ସ୍ୱାଧୀନ ସଂସ୍ଥାଗୁଡ଼ିକ ଭାଜପା ସରକାରଙ୍କ ଅମଳରେ ଗୋଟିଏ ପରେ ଗୋଟିଏ ବଶ୍ୟତା ସ୍ୱୀକାର କରିଚାଲିଛନ୍ତି। ଏହାର ଦୃଷ୍ଟାନ୍ତ ବାରମ୍ବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ସିଏଜି, ଆୟକର ବିଭାଗ (ଆଇଟି), ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆଦିରୁ ଦେଖିବାକୁ ମିଳିଲାଣି। ଏବେ ରାଫାଲ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଲିନ୍‌ଚିଟ୍‌କୁ ନ୍ୟାୟିକ ବ୍ୟବସ୍ଥା ଉପରେ ସରକାରୀ ଚାପ ପଡ଼ିବା ଆରମ୍ଭ ହେଲାଣି ବୋଲି ଆଲୋଚନା ହେଉଛି। ସାଧାରଣ ନାଗରିକର ଏହା ଥିଲା ଅନ୍ତିମ ବିଶ୍ୱାସର ପୀଠ। ସମ୍ପୃକ୍ତ ରାୟର ଭାଷା ପଢ଼ିଲେ ମନେହୁଏ, ଯେପରି ବିଚାରପତିମାନେ ବାହ୍ୟ ପ୍ରଭାବ ଦ୍ୱାରା ବାଟବଣା ହୋଇଯାଇଛନ୍ତି। ଅର୍ଥାତ୍ ଏହି କେତେଜଣ ବ୍ୟକ୍ତିବିଶେଷଙ୍କ ଯୋଗୁ ସର୍ବୋଚ୍ଚ ନ୍ୟାୟାଳୟ ଉପରୁ ମଧ୍ୟ ବିଶ୍ୱାସ ତୁଟିଗଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଡିସେମ୍ବର ୧୯୯୩

- ରୁଷ ରାଷ୍ଟ୍ରପତି ବୋରିସ ୟେଲଟସିନ ତାଙ୍କର ପରାମର୍ଶଦାତା ସେର୍ଗେଇ ଷ୍ଟାନକେଭିଚ, ଆଇନ ବିଭାଗ ମୁଖ୍ୟ କୋଟେନକୋଭଙ୍କୁ ବରଖାସ୍ତ କଲେ।
- ଫିଜିର ରାଷ୍ଟ୍ରପତି ରାଟୁସାର ଫେନାଇଆ ଗନିଲାଭଙ୍କ ପରଲୋକ।
- କଲମ୍ବିଆ ଓ ଭେନେଜୁଏଲା କେନ୍ଦ୍ରୀୟ ଆମେରିକା ସହ ଏକ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କଲେ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | C | | | | 6 | E | | | | | 4 | |
| | D | 3 | | 6 | A | | | | | 0 | 1 | | B | |
| E | 2 | | B | D | 5 | 7 | 8 | | | C | | | | |
| | | A | | | | | 5 | | | | 9 | | | 7 |
| | | | | | | C | D | | | | | 8 | 3 | |
| | A | | | 0 | | 1 | 4 | 8 | | 3 | | | 7 | C |
| C | | | | | | | | | | 4 | | B | 5 | 6 |
| | | | | | 4 | 6 | | | | | | | | |
| 4 | | | | | 8 | A | B | | | E | C | D | | |
| D | 0 | 5 | | C | | | 9 | | | | 2 | | | |
| 0 | 3 | | | 4 | | | | | 1 | | 6 | 5 | | E |
| 8 | | | | | 7 | | | 9 | | 2 | | | | |
| 2 | | | 0 | | | B | | 3 | | | 5 | | 9 | D |
| | | B | D | 9 | | | A | | | | | | | |
| | | | E | 2 | | 8 | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | B | 9 | D | E | 1 | C | 6 | 3 | 0 | A | 7 | 5 | 8 |
| E | C | 0 | 3 | 4 | 5 | B | D | A | 8 | 7 | 9 | 6 | 1 | 2 |
| D | 1 | A | B | 7 | 8 | 3 | 0 | 2 | C | 5 | 6 | 4 | E | 9 |
| 7 | 6 | 8 | C | 1 | 2 | 5 | 4 | 9 | B | E | D | A | 0 | 3 |
| 3 | 9 | 5 | 0 | A | 6 | 7 | 8 | E | 1 | 2 | 4 | D | B | C |
| 4 | 3 | 7 | 1 | 8 | A | D | 9 | C | E | 6 | B | 0 | 2 | 5 |
| 8 | B | D | 5 | 6 | 0 | 2 | A | 3 | 9 | C | 1 | E | 4 | 7 |
| 9 | 0 | 2 | D | B | C | E | 6 | 5 | 7 | 4 | 8 | 1 | 3 | A |
| 5 | A | 1 | 2 | E | 4 | 8 | 7 | B | 0 | D | 3 | C | 9 | 6 |
| 6 | E | C | 7 | 3 | 9 | 4 | 1 | 0 | 5 | A | 2 | B | 8 | D |
| C | 7 | 6 | A | 0 | 3 | 9 | 2 | 8 | 4 | 1 | E | 5 | D | B |
| A | 8 | 9 | E | C | 1 | 0 | 5 | D | 2 | B | 7 | 3 | 6 | 4 |
| 1 | 2 | E | 4 | 9 | D | 6 | B | 7 | A | 3 | 5 | 8 | C | 0 |
| 0 | D | 3 | 8 | 5 | B | A | E | 4 | 6 | 9 | C | 2 | 7 | 1 |
| B | 5 | 4 | 6 | 2 | 7 | C | 3 | 1 | D | 8 | 0 | 9 | A | E |

ଗତକାଲିର ଉତ୍ତର

# ଦୁଇଗୁଣା ଚାଷୀ ଆୟ ଓ କୃଷିବିବିଧତା



ଚିନ୍ମୟ ରଞ୍ଜନ କୁମାର

କୃଷି ଓ କୃଷକ ବିଭିନ୍ନ କାରଣ ପାଇଁ ଏବେ ଚାପଗ୍ରସ୍ତ। କୃଷି ମୁଖ୍ୟତଃ ବର୍ଦ୍ଧିତ ଜନସଂଖ୍ୟା, ସହରୀକରଣ, ସରକାରୀ ଅର୍ଥ ବିନିଯୋଗର ହ୍ରାସ, ନୀତି ନିର୍ଦ୍ଧାରଣ ଓ ପ୍ରଣୟନରେ ଅସମାନତା ଏବଂ ପ୍ରାକୃତିକ ସମ୍ପଦର ସ୍ଖଳନ ଭଳି ସମସ୍ୟା ଦ୍ୱାରା ପୀଡ଼ିତ। ଏହା ବ୍ୟତୀତ ମରୁଡ଼ି, ବନ୍ୟା, ବାତ୍ୟା, ଅନାବୃଷ୍ଟି, ଅତିବୃଷ୍ଟି ଏବଂ ଜଳବାୟୁ ପରିବର୍ତ୍ତନ ଭଳି ପ୍ରାକୃତିକ ବିପର୍ଯ୍ୟୟ କୃଷି ସମସ୍ୟାକୁ ଆହୁରି ବଢ଼େଇ ଦେଇଛି। ପ୍ରତିକୂଳ ପରିଣାମସ୍ୱରୂପ ଚାଷୀର ସମସ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି ଯଥା– ବେକାରି ଓ ଦାରିଦ୍ର୍ୟ, ଚାଷୀର ହାରାହାରି ବୟସସୀମା ବୃଦ୍ଧି ସହ ଯୁବବର୍ଗର ବିମୁଖତା, ଚାଷର ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ, ରୋଗପୋକ ସମସ୍ୟା ଓ ଉତ୍ପାଦିତ ଦ୍ରବ୍ୟର ବିକ୍ରିମୂଲ୍ୟ ହ୍ରାସ ଭଳି ବିଭିନ୍ନ ସମସ୍ୟା ଚାଷୀ ଦୁର୍ଦ୍ଦଶାକୁ ବହୁଗୁଣିତ କରି ଚାଷୀକୁ ଆତ୍ମହତ୍ୟା ଓ ପ୍ରବାସନ ପାଇଁ ବାଧ୍ୟ କରୁଛି।

ସବୁଜ ବିପ୍ଳବ ପରେ ଦେଶର ଜନସଂଖ୍ୟା ୨.୫୫ ଗୁଣ ବଢ଼ିଥିବାବେଳେ ଖାଦ୍ୟ ଉତ୍ପାଦନ ୩.୭ ଗୁଣ ବଢ଼ିଛି। ଏହା ଦର୍ଶାଉଛି ଯେ, ଦେଶ ଖାଦ୍ୟ ନିରାପତ୍ତା ସମସ୍ୟାକୁ ଦୂରକରି ସ୍ୱାବଲମ୍ବୀ ହୋଇପାରିଛି। କିନ୍ତୁ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧି କୃଷକର ଆର୍ଥିକ ଅଭିବୃଦ୍ଧିରେ ବାଧକ ସାଜିଛି। ବିଭିନ୍ନ ସମସ୍ୟାକୁ ତର୍ଜମା କଲେ ଜଣାପଡୁଛି ଯେ, ଦେଶରେ କୃଷି ତୁଳନାରେ କୃଷକର ଅବସ୍ଥା ଅତି ଦୟନୀୟ। ଏହି ସମସ୍ୟା ଦେଶର ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ଅଧିକ ଦେଖାଦେଇଛି। କୃଷି ବୈଜ୍ଞାନିକ ତଥା ନୀତି ଆୟୋଗର ସଦସ୍ୟ ରମେଶ ଚାନ୍ଦଙ୍କ ଗବେଷଣା ରିପୋର୍ଟ ଦର୍ଶାଉଛି ଯେ, ଝାଡ଼ଖଣ୍ଡର ୪୫.୩ ପ୍ରତିଶତ କୃଷକ ପରିବାର ଦାରିଦ୍ର୍ୟରେଖା ତଳେ ଥିବାବେଳେ ଦ୍ୱିତୀୟରେ ଆମ ରାଜ୍ୟ ଓଡ଼ିଶାର ୩୧.୨ ପ୍ରତିଶତ କୃଷକ ପରିବାର ଦାରିଦ୍ର୍ୟରେଖା ତଳେ ଅଛନ୍ତି, ଯାହା ଜାତୀୟ ହାର ୨୨.୫ ପ୍ରତିଶତଠାରୁ ବହୁ ଅଧିକ। ଓଡ଼ିଶା ଭଳି କୃଷିପ୍ରଧାନ ରାଜ୍ୟର ୬୦ ପ୍ରତିଶତ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ କୃଷି ଉପରେ ନିର୍ଭରଶୀଳ ଥିବାବେଳେ ଏଥିରୁ ଏକ ତୃତୀୟାଂଶ ଚାଷୀ ପରିବାରଙ୍କର ବାର୍ଷିକ ଆୟ ୨୭,୦୦୦ ଟଙ୍କାରୁ ମଧ୍ୟ କମ୍।

ଚାଷୀଙ୍କର ଏହି ଦୁର୍ଦ୍ଦଶାକୁ ଅନୁଭବ କରି କେନ୍ଦ୍ର ସରକାର ଚାଷୀ ଆୟ ଦୁଇଗୁଣା କରିବାର ନିଷ୍ପତ୍ତି ନେବା ସହ ଏହାକୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ (୨୦୨୨–୨୦୨୩)ରେ ପୂରଣ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ଲକ୍ଷ୍ୟ ପୂରଣ କରିବାକୁ ହେଲେ ନୀତି ଆୟୋଗଙ୍କ ମତରେ କୃଷି ଅଭିବୃଦ୍ଧି ବାର୍ଷିକ ୧୦.୪ ପ୍ରତିଶତ ହେବା ଉଚିତ। ଏହା ଏକ କଷ୍ଟକର ଆହ୍ୱାନ ହେଲେ ମଧ୍ୟ ଅସମ୍ଭବ ନୁହେଁ। ଏ ଦିଗରେ କେନ୍ଦ୍ର ସରକାରଙ୍କ ଉପଯୁକ୍ତ ନୀତି ପ୍ରଣୟନର ଆବଶ୍ୟକତା ରହିଛି। ରାଜ୍ୟ ସରକାରମାନଙ୍କର କାର୍ଯ୍ୟ ସମ୍ପାଦନ ଦ୍ୱାରା ହିଁ ଚାଷୀର ଆୟ ଦୁଇଗୁଣା କରିବା ଆହ୍ୱାନକୁ ସଫଳ କରିହେବ। ଏଥିପାଇଁ ସରକାରଙ୍କୁ ନୀତି, କୌଶଳ ଏବଂ ଦୃଢ଼ ପଦକ୍ଷେପ ନେବା ସହ ବିଭିନ୍ନ କୃଷି ଓ ଅଣକୃଷିଜନିତ ସମ୍ଭାବ୍ୟ ଉତ୍ସଗୁଡ଼ିକ ପ୍ରତି ଗୁରୁତ୍ୱାରୋପ କରିବାକୁ ହେବ।

କେବଳ କୃଷି ଉତ୍ପାଦନ ବଢ଼ିଲେ ଆୟ ବଢ଼ିବାର ସେତେ ସମ୍ଭାବନା ନାହିଁ ବୋଲି ଆମେ ଅନୁଭବ କରିସାରିଲେଣି। ଆମକୁ ମୁଖ୍ୟ ଉପାୟ ହିସାବରେ କୃଷି ବିବିଧତାକୁ ଆପଣାଇବାକୁ ହେବ। କୃଷି ବିବିଧତା କହିଲେ ସାଧାରଣତଃ ଆମେ ପାରମ୍ପରିକ ଚାଷ କମ୍ କରି ଅଧିକ ଲାଭଜନକ ଚାଷ ଆପଣାଇବାକୁ ବୁଝୁ। ଅଣପାରମ୍ପରିକ କୃଷି ଯଥା– ବନ୍ୟଜାତ ଦ୍ରବ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ଫୁଲଚାଷ, ମହୁ ଚାଷ, ରେଶମ ଚାଷ, ଛତୁ ଚାଷ, ମତ୍ସ୍ୟ ଉତ୍ପାଦନ, ଦୁଗ୍ଧଜାତ ଦ୍ରବ୍ୟ, ଗୃହପାଳିତ ପକ୍ଷୀ ଏବଂ ପଶୁ ପାଳନର ଚାହିଦା ବହୁ ଅଧିକ। ଅଣଶସ୍ୟ ଜାତୀୟ ଖାଦ୍ୟର ଚାହିଦାକୁ ଅଣପାରମ୍ପରିକ କୃଷି ଦ୍ୱାରା ମେଣ୍ଟାଇବା ସମ୍ଭବ ହୋଇଛି। ବିଗତ ଦୁଇ ଦଶନ୍ଧିରେ ଖାଦ୍ୟଶସ୍ୟ ତୁଳନାରେ ଉଦ୍ୟାନ କୃଷି, ପଶୁପାଳନ, ଦୁଗ୍ଧରୁ ଉତ୍ପାଦିତ ଦ୍ରବ୍ୟ ଏବଂ ମତ୍ସ୍ୟପାଳନ ଦ୍ୱାରା ୫ରୁ ୭ ପ୍ରତିଶତ କୃଷି ଅଭିବୃଦ୍ଧି ହୋଇଥିବାର ନଜିର ଅଛି। କୃଷି ବିବିଧତା ଦ୍ୱାରା ବିଦେଶରୁ ଆମଦାନି ହେଉଥିବା ବିଭିନ୍ନ ଡାଲି ଓ ତୈଳଜାତୀୟ ଦ୍ରବ୍ୟକୁ ବନ୍ଦକରି କୃଷିକୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ। ସେହିଭଳି ଜାଟ୍ରୋଫା ଚାଷକରି ଇନ୍ଧନ ଆମଦାନି ସମସ୍ୟାକୁ କିଛିମାତ୍ରାରେ ଦୂର କରି ଚାଷୀର ଆୟ ବୃଦ୍ଧି କରାଯାଇପାରିବ। କୃଷି ବିବିଧତା ପରିବେଶ ସନ୍ତୁଳନ ରକ୍ଷାକରିବା ସହ ଚାଷଜମିର ଉର୍ବରତା ବୃଦ୍ଧି କରିଥାଏ। ଯେଉଁ ଜିଲାରେ କୃଷିର ଘରୋଇ ଉତ୍ପାଦନ ଅଧିକ ସେହି ଜିଲାଗୁଡ଼ିକର କୃଷି ବିବିଧତା ସ୍ଥିତି ଭଲ। ସୁତରାଂ କୃଷିବିବିଧତା ଯୋଗୁ ଜିଲାରେ ଘରୋଇ ଉତ୍ପାଦନ ଅଧିକ ବଢ଼ିଛି। ତେଣୁ କୃଷିବିବିଧତା ଚାଷୀର ଆୟ ବଢ଼ାଇବାରେ ଯେ ସହାୟକ ଏଥିରେ ଦ୍ୱିରୁକ୍ତି ନାହିଁ।

କୃଷିବିବିଧତାକୁ ଲୋକାଭିମୁଖୀ କରିବାକୁ ହେଲେ ସରକାରଙ୍କୁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କୃଷି ଭିତ୍ତିଭୂମି ଯଥା– କ୍ଷୁଦ୍ର ଜଳସେଚନ, ଚାଷକାର୍ଯ୍ୟ ପାଇଁ ବିଦ୍ୟୁତ ସଂଯୋଗ, ଉନ୍ନତ ବିହନ, କୀଟନାଶକ ଆଦିର ସୁବିଧା ଯୋଗାଇଦେବା ଆବଶ୍ୟକ। ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କୃଷିବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେଇ ଭ୍ରମଣ ପାଥୋଲାବ୍ ଦ୍ୱାରା ଚାଷୀଙ୍କୁ ପ୍ରୋତ୍ସାହିତ କରିବା, କୃଷି ଯନ୍ତ୍ରପାତି ଓ ବୈଷୟିକ ଜ୍ଞାନକୌଶଳର ବହୁଳ ବ୍ୟବହାର ପାଇଁ ସରକାର ସହାୟତା ଯୋଗାଇଦେବା ଉଚିତ। ଅନିର୍ଦ୍ଦିଷ୍ଟ ଦୁର୍ବିପାକ ଏବଂ କୃଷିଦ୍ରବ୍ୟ ମୂଲ୍ୟର ଅସ୍ଥିରତାକୁ ସାମ୍ନା କରିବାକୁ ହେଲେ କୃଷିବୀମା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ପ୍ରୋତ୍ସାହିତ କରାଯିବା ଉଚିତ। ଏସ୍.ଏସ୍. ସ୍ୱାମୀନାଥନ୍ କମିଟି ଦେଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ, ଚାଷକାର୍ଯ୍ୟରେ ଖର୍ଚ୍ଚ ହେଉଥିବା ଅର୍ଥର ୫୦ ପ୍ରତିଶତ ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଗଲେ ଚାଷୀର ଆୟ ଦୁଇଗୁଣ ହୋଇପାରିବ। ସେଥିପାଇଁ କେନ୍ଦ୍ର ସରକାର ଧାନ ଓ କିଛି ଶସ୍ୟର ସହାୟକ ମୂଲ୍ୟ ନିକଟ ଅତୀତରେ ବଢ଼ାଇଛନ୍ତି। ବ୍ୟାଙ୍କରୁ ଆଣିଥିବା ଋଣ ଶୁଝି ନ ହେବା ଆଶଙ୍କାରେ ଚାଷୀ ନୂତନ ଚାଷ କରିବାକୁ ଡରିଥାନ୍ତି। ଯଦି କୃଷିବୀମା ସହଜରେ ଉପଲବ୍ଧ ହୁଅନ୍ତା ଏବଂ ଅଧିକରୁ ଅଧିକ ଫସଲକୁ ସର୍ବନିମ୍ନ ସହାୟତା ଯୋଜନାରେ ଯୋଡ଼ାଯାଆନ୍ତା, ତାହାହେଲେ ଚାଷୀ ଆହୁରି ପ୍ରୋତ୍ସାହିତ ହେବା ସହ ଆୟ ବୃଦ୍ଧି କରିପାରନ୍ତା।

ଉତ୍ପାଦିତ ଫସଲକୁ ବଜାରରେ ବିକ୍ରୟ ଏବଂ ତା'ର ସଂରକ୍ଷଣର ସୁବିଧା ପାଇଁ ଅଧିକରୁ ଅଧିକ ଗୋଦାମ ଓ ଶୀତଳଭଣ୍ଡାର ପାଇଁ ପୁଞ୍ଜି ବିନିଯୋଗର ଆବଶ୍ୟକତା ରହିଛି। ଖାଦ୍ୟ ପ୍ରକ୍ରିୟାକରଣ ଦ୍ୱାରା ତା'ର ମୂଲ୍ୟବୃଦ୍ଧି କରିବା ସହ ଛୋଟ ଛୋଟ ଗ୍ରାମୀଣ ଉଦ୍ୟୋଗ କରି ରୋଜଗାର ବାଟ ବାହାର କରିବା ଉଚିତ। ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ଅମଳ ହେଉଥିବା ଫସଲଗୁଡ଼ିକୁ ବିକ୍ରି କରିବାର ରାସ୍ତା ବାହାର କରିବା, ଯଥା– କୃଷି ମଣ୍ଡି, ଇ–କାରବାର, ଚାଷୀର ଉତ୍ପାଦକୁ ଜମିରୁ କିଣିନେବା ବା ତାକୁ ଜମିରୁ ଆଣି ବଜାରରେ ପହଞ୍ଚାଇବାର ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଉଚିତ। କୃଷି ବ୍ୟବସାୟକୁ ଅଧିକ ବଳବତ୍ତର କରିବାକୁ ହେଲେ ଚାଷ, ବଜାର, ସଂରକ୍ଷଣ, ମୂଲ୍ୟବୃଦ୍ଧି ସମ୍ବନ୍ଧୀୟ ତଥ୍ୟକୁ ଏଫ୍‌ଏମ୍ ରେଡିଓ ସାହାଯ୍ୟରେ ବ୍ଲକ୍ ବା ଜିଲାଗୁଡ଼ିକରେ ଆଞ୍ଚଳିକ ଭାଷାର ଷ୍ଟେଶନ ବସାଇ ସୂଚନା ଏବଂ ତଥ୍ୟ ପ୍ରଦାନ କରିବା ସହ ଏକ କୃଷି ଆପ୍‌ର ବ୍ୟବସ୍ଥା କରିପାରିଲେ ଚାଷୀ ବିବିଧ କୃଷି ପ୍ରତି ଆକୃଷ୍ଟ ହେବେ। ଯୁବକମାନେ ବେରୋଜଗାରୀ ସମସ୍ୟା ଦେଇ ଗତି କରୁଥିବାବେଳେ ସ୍କିଲ୍ ଓଡ଼ିଶା ସହାୟତାରେ ଚାଷ ଏବଂ ଗ୍ରାମୀଣ କୃଷି ଶିଳ୍ପ ସମ୍ବନ୍ଧୀୟ କୌଶଳର ବିକାଶ କରିପାରିଲେ ଅଧିକରୁ ଅଧିକ ଯୁବତୀ ଯୁବକ କୃଷି ପ୍ରତି ଆକୃଷ୍ଟ ହେବା ସହ ଆୟ ବଢ଼ାଇପାରିବେ।

କୃଷିବିବିଧତା ପଦ୍ଧତି ଚାଷୀ ଆୟ ଦୁଇଗୁଣିତ କରିବାରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ସରକାର ନୀତି ପ୍ରଣୟନ ସହ ଦୃଢ଼ ପଦକ୍ଷେପ ନେବା ଜରୁରୀ। ଏହା ସହ ଅମଲାମାନଙ୍କର ଆନ୍ତରିକତା ମଧ୍ୟ ଏକାନ୍ତ କାମ୍ୟ। କୃଷି ଗବେଷଣାର ପ୍ରଭାବୀ ସମ୍ପ୍ରସାରଣ ଆବଶ୍ୟକ। ଏହି ପଦ୍ଧତିକୁ ଚାଷୀ ଏକକ ଭାବରେ ଆପଣାଇବା କଷ୍ଟକର ବ୍ୟାପାର। କାରଣ ଏଥିରେ ଯୋଜନା, ଉତ୍ସାହ ଦାନ, କାର୍ଯ୍ୟ ସମ୍ପାଦନ, ମନୋଯୋଗ, ଅର୍ଥବିନିଯୋଗ, ଗବେଷଣା ଏବଂ ସହଯୋଗିତା ଆବଶ୍ୟକ।

ବରିଷ୍ଠ ଗବେଷକ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ,
ମୋ : ୭୫୦୪୫୧୬୦୯୦

# ଆଦିବାସୀ ଇଲାକାରେ ଅତିଥି ଚର୍ଚ୍ଚା



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

୧୯୭୨ ମସିହାର ଏକ ଘଟଣା। ମୁଁ ରାଉରକେଲାକୁ ବଦଳି ହୋଇ, ସେଠାରେ ଥିବା ଓଡ଼ିଶା–ମିଲିଟାରୀ ପୋଲିସ (ଓଏମ୍‌ପି)ର ତ୍ରିତାଲା ଫ୍ଲାଟ୍‌ର ଉପର ମହଲାର ଏକ ବାସଗୃହରେ ରହୁଥାଏ। ଫେବୃୟାରୀ ମାସ ସକାଳେ ଘରବାରଣ୍ଡାରୁ ଲକ୍ଷ୍ୟ କରେ, ତିନି କିଲୋମିଟର ଦୂରରେ ପ୍ରତିଦିନ ଶହ ଶହ ଲୋକ ଦୁଇତିନି ଘଣ୍ଟା ପାଇଁ ରୁଣ୍ଡ ହେଉଛନ୍ତି। ପରେ ଜାଣିଲି ସେଠାରେ କୁକୁଡା ଲଢ଼େଇରେ ଲୋକମାନେ ଟଙ୍କା ବାଜିରଖି ଖେଳନ୍ତି। ଥରେ ଛୁଟିଦିନରେ ଆଦିବାସୀ ଇଲାକାରେ ବସୁଥିବା ସାପ୍ତାହିକ ହାଟକୁ ଗଲି। ସେଠାରେ ଦେଖିଲି ବଳଦ, ଗାଇଠାରୁ ଆରମ୍ଭ କରି ୫ ପଇସା ମୂଲ୍ୟର ଚେରମୂଳ ଖର୍ଦ୍ଦବିକ୍ରି ହେଉଛି। କିଛି କୃଷିଜାତ ସାମଗ୍ରୀ ସାଙ୍ଗକୁ ଅନେକ କିସମର ଜଙ୍ଗଲଜାତ ଫଳ, ଫୁଲ, ପତ୍ର, ଚେରମୂଳ ଓ ବିଭିନ୍ନ ପ୍ରାଣିଜ ତୈଳ ବିଶେଷକରି କୋଚିଲାଖାଇ ତୈଳ ବିକ୍ରିଖର୍ଦ୍ଦ ଚାଲିଛି। କୋଚିଲାଖାଇ ତୈଳ ଆଣ୍ଠୁଗଣ୍ଠି ଦରଜ ଓ ବିନ୍ଧାରେ ଲଗାନ୍ତି ବୋଲି ଶୁଣିଥିଲି। ବିକ୍ରି ହେଉଥିବା ଅନେକ ଦ୍ରବ୍ୟ କ'ଣ ମୁଁ ଜାଣିପାରିଲିନି। ଆଳୁ, ବାଇଗଣ, ଟମାଟୋ, କରବା ଆଳୁ (ଜଙ୍ଗଲରେ ମାଟିତଳେ ମିଳୁଥିବା), ଆଳୁମାତ୍ରା (ଖମ୍ବଆଳୁ ପତ୍ର ପାଖରେ ଫଳିଥିବା) ଇତ୍ୟାଦି ପରିବା ଓଜନ ନ କରି ଭାଗକରି ବିକ୍ରି ହେଉଥାଏ। ଅଧ କିଲୋ ଟମାଟୋ (ଯାହାକୁ କହୁଥାନ୍ତି ସେମାନେ ପାତଳଘଣ୍ଟ) ଭାଗକୁ ଏକ ଅଣା ବା ଛ' ପଇସାରେ ବିକ୍ରି କରୁଥାନ୍ତି। ୪ ଫୁଟ ଲମ୍ବର ଏକ ମୂଳା ଦେଖିଲି, ଯାହାର ଓଜନ ୪ କେଜି ହେବ। ଏ ସବୁ ଦେଖିଲା ପରେ ଇଚ୍ଛା ହେଲା, ସେ ଇଲାକାର ଏକ ଗ୍ରାମ ବା ପଡ଼ାକୁ ଯାଇ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ବିଷୟରେ ଜାଣିବାକୁ। ସେତେବେଳେ ରାଉରକେଲାରେ ବନ୍ଦୋବସ୍ତ କ୍ୟାମ୍ପ ପଡିଥାଏ। ମୋର ଜଣେ ବନ୍ଧୁ ସହକାରୀ ବନ୍ଦୋବସ୍ତ ଅଧିକାରୀ ଥାଆନ୍ତି। ସେ, ମୁଁ ଓ ମୋ ସହଧର୍ମିଣୀ ଏକ ଛୁଟିଦିନ ସକାଳେ ୪/୫ କିଲୋମିଟର ଚାଲି ଚାଲି ଏକ ଗ୍ରାମ ଦେଖିବାକୁ ବାହାରିଲୁ। ଏକ ଗ୍ରାମ ପାଖାପାଖି ହେଲାବେଳକୁ ଲକ୍ଷ୍ୟ କଲୁ ଅନେକ ଲୋକ ଆମକୁ, ବିଶେଷକରି ସହଧର୍ମିଣୀଙ୍କୁ ଦୂରରୁ ନିରେଖି ଚାହୁଁଛନ୍ତି। ସେ ଗ୍ରାମର ନାମ ଥିଲା ବାଗଡିହି। ଗ୍ରାମର ଦାଣ୍ଡରେ ବଳଦ, ଗାଈ, ବାଛୁରି, ଛେଳି, ମେଣ୍ଢା, କୁକୁଡ଼ା, କୁକୁର, ନେଉଳ, ପଞ୍ଜୁରିରେ ଥିବା ରଙ୍ଗବେରଙ୍ଗର ଚଢ଼େଇ ଇତ୍ୟାଦି ଦେଖିଲୁ। ଜଣେ ଭେଣ୍ଡିଆ ଆମକୁ ଜଣଙ୍କ ଘରକୁ କଢ଼େଇ ନେଲେ। ସେ ଘର ମାଲିକାଣୀଙ୍କୁ ଡାକୁଥାନ୍ତି ଗଉନ୍ତିଆଣୀ। ଗ୍ରାମରେ ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କୁ କହନ୍ତି ଗୌନ୍ତିଆ ଓ ତାଙ୍କ ସ୍ତ୍ରୀଙ୍କୁ ଗୌନ୍ତିଆଣୀ। ୫୦ ବର୍ଷ ସରିକି ଜଣେ ବିଧବା ଘରୁ ବାହାରି ଆସିଲେ ଓ ଆମକୁ ଘର ଭିତରକୁ ଡାକିଲେ। ଆମେ ଭିତରକୁ ନ ଯାଇ ବାହାର ପିଣ୍ଡାରେ ବସିଲୁ। ସେ ଜଣେ ସରପଞ୍ଚ ଥିବାର ଜାଣିଲୁ। ମହିଳା ଜଣକ ତାଙ୍କ ଆଞ୍ଚଳିକ ଆଦିବାସୀ ଭାଷା ସାଙ୍ଗକୁ କିଛି ଶୁଦ୍ଧ ଓଡ଼ିଆ ଶବ୍ଦ କହୁଥାନ୍ତି ଓ ତାଙ୍କ କଥା ବୁଝିହେଉଥାଏ। କଥା ପ୍ରସଙ୍ଗରେ ସେ ଆମ ପରିଚୟ ଜାଣିଲେ। ସେ ଯେତେବେଳେ ଜାଣିଲେ ଆମେ ତିନିଜଣ ବହୁତ ପାଠ ପଢ଼ି ବଡ଼ ଚାକିରି କରିଛୁ, ବିଶେଷକରି ସହଧର୍ମିଣୀ ବି ଚାକିରି କରିଛନ୍ତି, ତାଙ୍କ ଗୋଡ଼ ଆଉ ତଳେ ଲାଗିଲାନି। ମହିଳା ଜଣକ ମନେ ମନେ ଗର୍ବ ଅନୁଭବ କଲେ ଯେ, ଆମେ ତାଙ୍କ ଘରକୁ ଯାଇଛୁ। ତାଙ୍କର ୩ଟି ଗୁହାଳ ଘର ଦେଖାଇଲେ, ଯେଉଁଠାରେ ବଳଦ ୬ଟା, ଗାଈବାଛୁରି ୬ଟା ଓ ପଲେ ଛେଳିମେଣ୍ଢା ଥାଆନ୍ତି। ଚାଷକାମ ପାଇଁ ୪ ଜଣ ଚାକର ରଖିଥାନ୍ତି, ଯେଉଁମାନଙ୍କୁ ସେ ହଳିଆ ବୋଲି କହନ୍ତି। ସେ ଆମ୍ଭମାନଙ୍କ ପାଇଁ ଚା' ବନାଇବାକୁ କହିଲେ। ଖାଣ୍ଟି କ୍ଷୀରରେ ଚା' ତିଆରି ହୋଇ ଆସିଲା। ୩ଟି ଗ୍ଲାସ୍‌ରେ ଚା' ଓ ଏକ ବେଲା (ପାତ୍ର)ରେ କ୍ଷୀରର ସର ଆଣିଲେ। ସର ହଳଦିଆ ଦିଶୁଥାଏ। ତାହା ଆମକୁ ବେଶ୍ ଆକର୍ଷିତ କଲା। ଚା' ପିଇସାରିଲା ପରେ ଗ୍ରାମ ବୁଲିଲୁ।

ଗ୍ରାମର ଦାଣ୍ଡ, ପିଣ୍ଡା, କାନ୍ଥ ବେଶ୍ ପରିଷ୍କାର, ରଙ୍ଗବେରଙ୍ଗ ମାଟିରେ ଲିପା ହୋଇଥିବା କାନ୍ଥ ସୁନ୍ଦର ଦିଶୁଥାଏ। ଗୋଟିଏ ଗୋଟିଏ କାନ୍ଥରେ ଝୋଟି ମଧ୍ୟ ପଡିଥାଏ। ଘରଗୁଡ଼ିକରେ ଢିଙ୍କି ଦେଖିଲୁ। ତା'ସାଙ୍ଗକୁ ଜଣେ ଲୋକ ଏକ ଠେଙ୍ଗା ସାହାଯ୍ୟରେ ଶସ୍ୟ କୁଟୁଥିବାର ଦେଖିଲୁ। କିଛି ସ୍ତ୍ରୀଲୋକ କଂସା ଓ ପିତ୍ତଳର ଅଳଙ୍କାର ପିନ୍ଧିଥାନ୍ତି। ସେମାନେ ପରିଧାନ କରିଥିବା ବସ୍ତ୍ର ରଙ୍ଗବେରଙ୍ଗର। ଭାତ ସାଙ୍ଗକୁ ମାଣ୍ଡିଆ ଜାଉ ଖାଉଥିବାର ଦେଖିଲୁ। ଉପକୂଳ ଅଞ୍ଚଳରେ ରୋଷେଇଘରେ କାଞ୍ଜିହାଣ୍ଡି ଥିଲା ପରି ସେମାନଙ୍କ ଘରେ ମଦହାଣ୍ଡି ଦେଖିବାକୁ ପାଇଲୁ। କୁକୁଡ଼ା ଲଢ଼େଇରେ ଲଗାଯାଉଥିବା ଗଞ୍ଜା (ଅଣ୍ଡିରା) କୁକୁଡାମାନ ଦେଖିଲୁ। ପଞ୍ଜୁରିରେ ଶୁଆ, ରଙ୍ଗବେରଙ୍ଗର ଛୋଟ ଚଢ଼େଇ ଓ ନେଉଳ ବିକ୍ରି ପାଇଁ ରଖିଥାନ୍ତି। ନେଉଳରୁ ନେଉଳ ଦହି ନାମକ ଏକ ଔଷଧ ତିଆରି କରନ୍ତି ବୋଲି ଶୁଣିଲୁ। ମଲା ନେଉଳକୁ ଦହି ସହିତ ଏକ ପାତ୍ରରେ ରଖି ମାଟିତଳେ ପୋତିଦେଲେ କିଛି ମାସ ପରେ ତାହା ନେଉଳ ଦହି ହୁଏ ଓ ତାହାଦ୍ୱାରା ରୋଗ ଆରୋଗ୍ୟ ହୁଏ ବୋଲି ସେ କହିଲେ। ଜଣେ ଲୋକ ଗୁଣ୍ଡୁରି ଚଢ଼େଇ କେତୋଟି ରଖିଥିବାର ଦେଖିଲୁ। ଗୁଣ୍ଡୁରି ଚଢ଼େଇ ଉପକୂଳ ଅଞ୍ଚଳରେ ଧାନକଟା ସମୟରେ କିଆରିମାନଙ୍କରେ ଦେଖାଯାଉଥିଲେ। ଏମାନେ ବଣି ଚଢ଼େଇ ବା ଚା'ଚଢ଼େଇ ରଙ୍ଗର। ଗୋଟିଏ ଗୁଣ୍ଡୁରି ଚଢ଼େଇରୁ ୨୦୦ ଗ୍ରାମ୍ ପର୍ଯ୍ୟନ୍ତ ମାଂସ ମିଳେ, ଯାହା ଖାଇବାକୁ ସୁସ୍ୱାଦୁ। ତାଙ୍କୁ ବାଇଦ ପରି ଛୋଟ ବଡ଼ ବାଇଦ ଘରେ ରଖିଥାନ୍ତି। ଗ୍ରାମରେ ଜଳାଶୟ ନ ଥିବାରୁ ଦୂର ନାଳରୁ ଜଳ ସଂଗ୍ରହ କରୁଥିଲେ। ସେଠି କିଛି ସମୟ ବିତାଇଲା ପରେ ଆମେ ଫେରିବାକୁ କଥାବାର୍ତ୍ତା ହେଲୁ।

ଆମେ ଫେରିବା କଥା ଶୁଣି ମହିଳା ଜଣକ କହିଲେ, ଆମ ଘରେ କ'ଣ ନ ଖାଇ ଫେରିବେ? ସେ ଜଣେ ହଳିଆକୁ ଡକାଇଲେ। ଗୋଟିଏ ଛେଳି କାଟିବାକୁ କହିଲେ। ଛେଳି କଟା ହେବା ଶୁଣି ଆମେ ପ୍ରଶ୍ନିଳ ନୟନରେ ମହିଳାଙ୍କ ଆଡ଼େ ଚାହିଁଲୁ। ସେ କହିଲେ– ଛେଳି ଗୋଟାକ ଶିକାର (ମାଂସ) ତମେ କ'ଣ ଖାଇଯିବ? ତମ ନାମରେ ଶିକାର ହେବ, ଏଇ ହଳିଆ ମୂଲିଆମାନେ ଖାଇବେ। ସହଧର୍ମିଣୀଙ୍କ ଆଡ଼େ ଚାହିଁ କହିଲେ– ସାହେବାଣୀ ଆମ ଘରେ ଖାଇଲେ, ଘରକୁ ଠାକୁରାଣୀ ଆସିବେ ଓ ଆମ ଘର ଝିଅମାନେ ତାଙ୍କ ପରି ପାଠ ପଢି ଲେଖାପଢା ଚାକିରି କରିବେ। ଆଉ କେବେ ଆସିଲେ, ଆପଣଙ୍କ ଘରେ ଖାଇବୁ ବୋଲି କହି ଆମେ ଫେରିଲୁ। କିନ୍ତୁ ଅତିଥି ଚର୍ଚ୍ଚା ଆମର ସବୁଦିନ ପାଇଁ ମନେ ରହିଲା।

କୋଟିତୀର୍ଥ, ଓଲ୍ଡ ଟାଉନ, ଭୁବନେଶ୍ୱର,
ମୋ–୭୦୦୮୮୪୬୨୭୨

## ଏଇ ଭାରତରେ

ଆମ ଦେଶରେ ବିଭିନ୍ନ ଧର୍ମର ଲୋକ ବାସକରନ୍ତି। ବିଭିନ୍ନ ଧର୍ମବିଶ୍ୱାସୀ ଲୋକଙ୍କ ପ୍ରଥା ଓ ପରମ୍ପରା ମଧ୍ୟ ଭିନ୍ନ ଭିନ୍ନ। ସେଥିପାଇଁ ଆମ ଦେଶରେ ମନ୍ଦିର, ମସ୍‌ଜିଦ୍, ଗିର୍ଜା ଓ ଗୁରୁଦ୍ୱାର ଭଳି ବିଭିନ୍ନ ଉପାସନା ପୀଠ ଦେଖିବାକୁ ମିଳେ। ବିଭିନ୍ନ ଧର୍ମୀୟ ପୀଠରେ ଭିନ୍ନ ଭିନ୍ନ ପରମ୍ପରା ମଧ୍ୟ ଦୃଷ୍ଟିଗୋଚର ହୁଏ। ତାମିଲନାଡୁରେ ଏପରି ଏକ ମନ୍ଦିର ରହିଛି ଯେଉଁଠାରେ ଭକ୍ତ ଦେହରେ ଲଙ୍କାଗୁଣ୍ଡ ବୋଳିହୋଇ ନିଆଁରେ ଚାଲିଲେ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ତେବେ ଏହାର ରହସ୍ୟ ଖୋଜିବାକୁ ବିଜ୍ଞାନ ଏଯାଏ ସକ୍ଷମ ହୋଇପାରିନାହିଁ। ଏଭଳି ଏକ ଅଦ୍ଭୁତ ପରମ୍ପରା ତାମିଲନାଡୁର ଇଡ୍ୱାଞ୍ଚୱାଡି ଗାଁରେ ଥିବା ବର୍ଣ୍ଣମୁଥୁ ମରିୟାମ୍ମାନ୍ ମନ୍ଦିରରେ ଦେଖିବାକୁ ମିଳେ। ଅତି ପ୍ରାଚୀନ କାଳରୁ ଏହି ପରମ୍ପରା ଚଳିଆସୁଛି। ଏଠାରେ ପ୍ରତିବର୍ଷ ୮ଦିନ ବ୍ୟାପୀ ବାର୍ଷିକ ଉତ୍ସବ ପାଳିତ ହୁଏ। ଏହି ଅବସରରେ କେତେଜଣ ଭକ୍ତ ଲଣ୍ଡାହୋଇ ଶରୀରରେ ଚନ୍ଦନ, କୁଙ୍କୁମ, ଅତର, ହଳଦୀ ସହିତ ଲାଲ୍ ଲଙ୍କାଗୁଣ୍ଡ ବୋଳିହୁଅନ୍ତି। ଏହି ଉତ୍ସବକୁ ଲଙ୍କା ଅଭିଷେକ କୁହାଯାଏ। କିଛି ଲଙ୍କାଗୁଣ୍ଡ ପାଣିରେ ଗୋଳି ସେମାନଙ୍କୁ ସେବନ କରିବାକୁ ଦିଆଯାଏ। ଏହାପରେ ସେମାନଙ୍କୁ ଜଳୁଥିବା ଅଙ୍ଗାରରେ ଚାଲିବାକୁ ହୋଇଥାଏ।

## ଚିରନ୍ତନୀ

ମାନବର ସୃଷ୍ଟି ଏ ଯେ ମାନବର ଅନ୍ତର–ଆରତି,
ନମଇଁ ମୁଁ ତେଣୁ ଏଥି, ଜଣାଏ ମୋ ବ୍ୟଥାର ଭାରତୀ,
ହାତର ଚିତ୍କାର କେତେ ଅନ୍ତରର ଦୁଃଖ
ଜଡ଼ ଏ ପାଷାଣ ଦେହେ ଭଜିଅଛି ମୂକ,
ଆଜି ଏହି ଦେଉଳ ଗହ୍ୱରେ
ଶତ କଣ୍ଠ–ପ୍ରତିଧ୍ୱନି ଥରେ
ମିଶାଇ ତା' ସଙ୍ଗେ
ଏ ମଳିର ଅଙ୍ଗେ
କଣ୍ଠ ସ୍ୱର
ଉଠେ ମୋର। (ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୯– ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

୧୦– ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦ ମଣ୍ଡନ କରିଛନ୍ତି।

୧୧– ପାଞ୍ଚଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ: ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସ, ତେଲେଙ୍ଗାନାରେ ଟିଆର୍‌ଏସ୍ ଏବଂ ମିଜୋରାମରେ ଏମ୍‌ଏନ୍‌ଏଫ୍ ଜିତିଲା।

୧୨– ଶ୍ରୀଲଙ୍କା ପାର୍ଲାମେଣ୍ଟରେ ବହିଷ୍କୃତ ପ୍ରଧାନମନ୍ତ୍ରୀ ୱିକ୍ରମ ସିଂଘେ ଆସ୍ଥାଭୋଟରେ ଜିତିଲେ।

୧୩– ତେଲେଙ୍ଗାନା ରାଷ୍ଟ୍ର ସମିତି ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରି ତାଙ୍କର ଦ୍ୱିତୀୟ ପାଳି ଆରମ୍ଭ କଲେ।

୧୪– ବରିଷ୍ଠ କଂଗ୍ରେସ ନେତା କମଲନାଥ ମଧ୍ୟପ୍ରଦେଶର ଓ ଅଶୋକ ଗେହଲଟ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭାବେ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଦ୍ୱାରା ମନୋନୀତ।

## ଆମ ସମସ୍ୟା

### ଭତ୍ତା ହିତାଧିକାରୀଙ୍କୁ ଶୀତବସ୍ତ୍ର

ମହାଶୟ,

ଡିସେମ୍ବରରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଶୀତର ପ୍ରକୋପ ଅନୁଭୂତ ହୁଏ। ଏହି ସମୟ ମଧ୍ୟରେ ଯେଉଁ ଅସହାୟ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗମାନେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଆନ୍ତି, ସେମାନେ ଶୀତବସ୍ତ୍ର ଅଭାବରୁ କଷ୍ଟ ଭୋଗନ୍ତି ଏବଂ ଅସୁସ୍ଥ ହୋଇପଡନ୍ତି। ଶୀତ ଦାଉରୁ ରକ୍ଷାପାଇବା ପାଇଁ ସରକାର ସେହି ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କୁ ଖଣ୍ଡେ ଖଣ୍ଡେ ଶୀତବସ୍ତ୍ର ଯୋଗାଇଦେଲେ ସେମାନେ ଉପକୃତ ହୋଇ ପାରନ୍ତେ।

କହ୍ନେଇ ଚରଣ ମହାକୁଲ, ନଡ଼ିଆବରେଇ, କେନ୍ଦ୍ରାପଡ଼ା

### ପୁରୀ–କଟକ ମେମୁ ଟ୍ରେନ୍ ଚାଲୁ

କଟକରୁ ପୁରୀ ଓ ପୁରୀରୁ କଟକ ଅନେକ ସରକାରୀ କର୍ମଚାରୀ/ବ୍ୟବସାୟୀ ଯାତାୟାତ କରିବା ପାଇଁ ବସ୍ ବ୍ୟବହାର କରିଥାନ୍ତି। କିନ୍ତୁ ଯେତେ ବସ୍ ସେତେ ରସ୍। ଯଦି ମଧ୍ୟାହ୍ନ ସମୟରେ ଏକ ମେମୁ (Mainline Electric Multiple Unit) ଟ୍ରେନ ଚାଲନ୍ତା ତାହାହେଲେ ବସ୍‌ରେ ଷ୍ଟାଣ୍ଡିଂ ଯାତ୍ରୀ ଓ ଖୁନ୍ଦାଖୁନ୍ଦି ଯାତ୍ରୀ ପରିବହନ ହୁଅନ୍ତା ନାହିଁ। ସଟଲ ଟ୍ରେନଟି କେବଳ ଚାକିରିଆ ବ୍ୟବହାର କରୁଥିବାରୁ ସାଧାରଣ ଯାତ୍ରୀଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଉଛି। ରେଳ ମନ୍ତ୍ରଣାଳୟ ଏକ ମେମୁ ଟ୍ରେନ ଚଳାଇବା ବ୍ୟବସ୍ଥା କରିବା ଦରକାର।

ଉମେଶ ଚନ୍ଦ୍ର ମିଶ୍ର, ଶ୍ରୀରାମଚନ୍ଦ୍ର ଦାଶ, ବୀରପୁରୁଷୋତ୍ତମପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ

**ଆଳି, ୧୬।୧୨ (ଡି.ଏନ୍.ଏ):** ବ୍ଲକସ୍ତରୀୟ ଶକ୍ତି ସରକ୍ଷଣ ଦିବସ ଆଳି ବ୍ଲକ ପତ୍ରପୁର ସାମନ୍ତ ସିଂହାର କେଲୁଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଇକୋ କ୍ଲବ ସଂଯୋଜକ ଗୋପୀନାଥ ଦାସ ମୁଖ୍ୟଅତିଥି, ଆଳି ବ୍ଲକ ଇକୋ କ୍ଲବ ସଂଯୋଜକ ସୁବାସ ଚନ୍ଦ୍ର ରାଉତ, ବିଦ୍ୟାଳୟ ପରିଚାଳନା ପରିଷଦ କମିଟି ସଭ୍ୟ ଶ୍ରୀଧର ପରିଡା, ବିଜ୍ଞାନ ଶିକ୍ଷକ ପଙ୍କଜ ବିହାରୀ ଦାସ, ସୁମିତ୍ରା ଆଚାର୍ଯ୍ୟ, ନିରଞ୍ଜନ ବେହେରା ଓ ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ବେହୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କିଭଳି ଭାବରେ ଶକ୍ତି ସଂରକ୍ଷଣ କରାଯାଇପାରିବ ସ ସମ୍ପର୍କରେ ମତ ରଖିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ପଞ୍ଚାୟତ ହାଇସ୍କୁଲ ସହିରାର ଛାତ୍ରୀ ଅର୍ପିତା ପ୍ରିୟଦର୍ଶନୀ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚକ୍ରଧର ହାଇସ୍କୁଲ ଦହିସାହିର ଛାତ୍ରୀ ଲକ୍ଷ୍ମୀପ୍ରିୟା ଲେଙ୍କା ଦ୍ୱିତୀୟ ଓ ଏସ୍‌କେସି ହାଇସ୍କୁଲର ଛାତ୍ର ଅଭିନ୍ନ ସୁନ୍ଦର ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନିତା ନାୟକ, ସାରଦା ପ୍ରସନ୍ନ ସାହୁ, ସ୍ମିତା ପ୍ରତିଭା ସାହୁ, ସଂଯୁକ୍ତା ବେହେରା, ସସ୍ମିତା ଦାସ, ଗିରିଜା ଶଙ୍କର ଦାସ, ନବକିଶୋର ବାରିକ ଓ ପ୍ରଶାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ଆଳି, ୧୬।୧୨ (ଡି.ଏନ.ଏ):** ଆଳି ବ୍ଲକ ଦେମାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଶନିବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିଶୁ ମନ୍ଦିର ପରିଚାଳନା ପରିଷଦ ସଭାପତି ଅନାଦି ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କେନାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧୂଳେଶ୍ୱର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ କେବଳ ଖେଳ କସରତ ନୁହେଁ ଜୀବନର ସମସ୍ତ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ରଖି କାର୍ଯ୍ୟକଲେ ସଫଳତା ନିଶ୍ଚିତ ଆସିବ ବୋଲି ଅତିଥି ମତ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରେମାନନ୍ଦ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଧାକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶିଶୁ ମନ୍ଦିରର ଆଚାର୍ଯ୍ୟା ସଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**ମହାକାଳପଡା, ୧୬।୧୨ (ଡି.ଏନ୍.ଏ.):** ଭଜପାର ଜନ ପରାମର୍ଶ ପଦଯାତ୍ରା ରବିବାର ପୂର୍ବାହ୍ନରେ ମହାକାଳପଡ଼ା ବ୍ଲକର ୧୯ନଂ. ଜୋନ୍‌ର ରାଜଗଡ, ଅଳାଇଲ, ଦେଉଳପଡା, ବଳପାଳ ଓ ବଡିହି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ସତ୍ୟପ୍ରକାଶ ସାମଲଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀମାନେ ପଞ୍ଚାୟତ ପରିକ୍ରମା ପରେ କାକଟପୁରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚିଥିଲେ।

## ■ ପୁନର୍ବାସ ସମର୍ଥ ସମ୍ମାନ ଉତ୍ସବ

# ସନ୍ନ୍ୟାସୀ, ଦୁର୍ଗାପ୍ରସାଦ, ଅବଦୁଲ ସମ୍ମାନିତ

**କେନ୍ଦ୍ରାପଡ଼ା ଅଫିସ୍, ୧୬।୧୨**

ଭିନ୍ନକ୍ଷମଙ୍କ କଲ୍ୟାଣ ଓ ପୁନଃ ପ୍ରତିଷ୍ଠା ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ପ୍ରଥମ ଦୃଷ୍ଟିଶକ୍ତି ବାଧିତ ଓଏଏସ୍ ସନ୍ନ୍ୟାସୀ କୁମାର ବେହେରା, ଚଳତଶକ୍ତି ବାଧିତ ଯୁବ ଉଦ୍ୟୋଗୀ ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କ ସହ ଶ୍ରବଣ ଓ ବାକ୍ ଶକ୍ତି ବାଧିତ କ୍ରୀଡ଼ାବିତ ଅବଦୁଲ ରହିମ ଖାନ୍‌ଙ୍କୁ ଚଳିତ ବର୍ଷର ପୁନର୍ବାସ ସମର୍ଥ ସମ୍ମାନରେ ସମ୍ମାନିତ କରାଯାଇଛି। ଏ ନେଇ ସହରର ମାଧପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଉପଦେଷ୍ଟା ଡ. ବିରଜା ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଦାଶରଥି ଶତପଥୀ, ଶିକ୍ଷାବିତ୍ ଅଶୋକ ସର, ପିକକ୍ ଅନୁଷ୍ଠାନ ସିଇଓ ଅନୁରାଧା ମହାନ୍ତି, ପୂର୍ବତଟ ରେଳବାଇର ବରିଷ୍ଠ ଜନସମ୍ପର୍କ ଅଧିକାରୀ ନିରାକାର ଦାସ, ବୁଦ୍ଧିଜୀବୀ ଦେବେନ୍ଦ୍ର ସୁଆର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି ଅକ୍ଷମ ନୁହନ୍ତି। ପ୍ରତିକୂଳ ପରିବେଶରେ ମଧ୍ୟ ନିଜର ଦୃଢ଼ ମନୋବଳ, ଧୈର୍ଯ୍ୟ, ସାହସ ପ୍ରତିକ୍ଷଣରେ ସେମାନଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଛି। ଏହି ଚିନ୍ତାଧାରା ସକାରାତ୍ମକ ଥିବାରୁ ସମ୍ବର୍ଦ୍ଧିତ ପ୍ରତିଭା ସମଗ୍ର ଭିନ୍ନକ୍ଷମଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହି ଅବସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। 'ପୁନର୍ବାସ ସମାଚାର'ର ଡିସେମ୍ବର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ବନସ୍ମିତା ନାୟକ, ସସ୍ମିତ ଶ୍ରୀଚନ୍ଦନ, ଶେଷଦେବ ମଲ୍ଲିକଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୫ରେ ଓଏଏସ ପାଇଥିବା ନୟାଗଡ଼ର ସନ୍ନ୍ୟାସୀ ସମ୍ପ୍ରତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗରେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ। ପୁରୀର ଯୁବ ଉଦ୍ୟୋଗୀ ପଟ୍ଟନାୟଙ୍କ ହୁଇଲ ଚେୟାର ଯୋଗେ ଯା'ଆସ କରୁଥିବା ବେଳେ ସ୍ମାର୍ଟ ହସ୍ପିଟାଲିଟି ନାମକ ଏକ ପ୍ରତିଷ୍ଠାନ ଖୋଲି ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବିଭିନ୍ନ ହୋଟେଲ, ଗେଷ୍ଟ ହାଉସରେ ଆତିଥେୟତା ପ୍ରଦାନ କରୁଛନ୍ତି। କ୍ରୀଡାବିତ ଅବଦୁଲ ରହିମ ଖାନ୍ ଜଣେ ଜାତୀୟସ୍ତରର ଭଲିବଲ ଖେଳାଳି। ସାଲେପୁର ଧୂଆଁସାହିର ଅବଦୁଲ ଏବେ ଭୁବନେଶ୍ୱରସ୍ଥ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନର ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି।




ସମର୍ଥ ସମ୍ମାନ ପ୍ରଦାନ ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ।

# କେନ୍ଦ୍ରାପଡ଼ାରେ ୧୯୭୧ ମସିହା ବିଜୟ ଉତ୍ସବ




ବିଜୟ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୬।୧୨**

୧୯୭୧ ମସିହା ଡିସେମ୍ବର ୧୬ ତାରିଖ ଭାରତୀୟ ଯବାନ ଓ ଦେଶବାସୀଙ୍କ ପାଇଁ ସ୍ମରଣୀୟ ଦିବସ। ଏହି ଦିବସରେ ବାଂଲାଦେଶ ମୁକ୍ତିବାହିନୀ ଓ ପୂର୍ବ ପାକିସ୍ତାନର ଯବାନଙ୍କୁ ଭାରତୀୟ ଯବାନ ପରାସ୍ତ କରିଥିଲେ। ବାଂଲାଦେଶର ଢ଼ାକାଠାରେ ଭାରତ ଓ ବାଂଲାଦେଶ ଯୁଗ୍ମସେନାର କମାଣ୍ଡର ଲେଫଟନାଣ୍ଟ ଜେନେରାଲ ଜଗଜିତ ସିଂ ଆରୋରାଙ୍କ ନିକଟରେ ପାକିସ୍ତାନର ମାର୍ଶାଲ ଲ ଆଡମିନ୍‌ଷ୍ଟ୍ରେଟର, ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏଏକେ ନିଆଜିଙ୍କ ସହ ୯୨ ହଜାର ପାକିସ୍ତାନୀ ସୈନିକ ଆତ୍ମସମର୍ପଣ କରିଥିଲେ। ସେହିସ୍‌ବର୍ଷ ଠାରୁ ଏହି ଦିନକୁ ବିୟଜ ଉତ୍ସବ ଭାବେ ପାଳନ କରାଯାଏ। ଏହି ଉତ୍ସବକୁ କେନ୍ଦ୍ରାପଡା ଜିଲା ପୂର୍ବତନ ସୈନିକ ସଂଘ ପକ୍ଷରୁ ଉତ୍ସାହର ସହ ରବିବାର ପାଳନ କରାଯାଇଛି। ସଂଘ ସଭାପତି ଅଭୟ ପ୍ରସାଦ ପାଣିଙ୍କ ଅଧ୍ୟକ୍ଷତାରେ ସହରର ପୁରୁଣା ବସଷ୍ଟାଣ୍ଡଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ନେଲ ଭାବଗ୍ରାହୀ ଝଟକ୍ ସିଂ, କ୍ୟାପଟେନ୍ ସୁରେନ୍ଦ୍ର କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ଓକିଲ ସଂଘ ସଭାପତି ଦେବଦାସ ମହାନ୍ତି, ଶିକ୍ଷାବିତ୍ ଅଜୟ କୁମାର ରାଉତ, ଅଜୟ କୁମାର ସାମଲ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ସୈନିକ ନିଜର କର୍ତ୍ତବ୍ୟ ପରାୟଣତା ପାଇଁ ବିଶ୍ୱବିଦିତ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସଂଘ କାର୍ଯ୍ୟକର୍ତ୍ତା ସଚ୍ଚିକାନ୍ତ ନାଥ, କିଶୋର କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀବଳଦେବ ଜୀଉଙ୍କ ପହିଲି ଭୋଗ ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୧୬।୧୨**

ପରମ୍ପରା ଅନୁଯାୟୀ ଶ୍ରୀବଳଦେବଜୀଉ ମନ୍ଦିରରେ ରବିବାରଠାରୁ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଧନୁ ସଂକ୍ରାନ୍ତିଠାରୁ ମାସାନ୍ତ ପର୍ଯ୍ୟନ୍ତ ଏହି ଦେବନୀତି ପ୍ରତ୍ୟହ ଅନୁଷ୍ଠିତ ହେବ। ମନ୍ଦିର ରୀତିନୀତି ଅନୁଯାୟୀ ରାତ୍ର ୨.୩୦ରେ ପହଡ଼ ଫିଟା ହେବ। ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ପରେ ସ୍ନାନ କରାଯିବା ବିଧି ଅଛି। ଏହାପରେ ସ୍ୱତନ୍ତ୍ର ନୀତି କ୍ରମରେ ଗୋପାଳବଲ୍ଲଭ ମଣୋହୀରେ ପୋଡ଼ପିଠା, କାକରା, ଡ଼ାଳିମ୍ବ, ମଗଜ ଲଡ୍ଡୁ ଇତ୍ୟାଦି ଠାକୁରଙ୍କ ନିକଟରେ ଲାଗି କରାଯିବ। ଅନ୍ୟ ଦିନରେ ଗୋପାଳବଲ୍ଲଭ ଧୂପରେ ଆଳତି ନ ଥିବା ବେଳେ ଏହି ମାସ ସାରା ପହିଲି ଭୋଗ ନୀତିରେ ଆଳତି କରାଯିବ। ଏହାକୁ ପକୁଡ଼ି ଆଳତି କୁହାଯାଇଥାଏ। ଏହି ପହିଲି ନୀତିକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳ ସମେତ ଦୂର ଦୂରାନ୍ତର ଶ୍ରଦ୍ଧାଳୁ ମନ୍ଦିରରେ ଭିଡ଼ ଜମାଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସୂର୍ଯ୍ୟୋଦୟ ବେଳକୁ ଠାକୁରଙ୍କ ନିକଟରେ ପହିଲି ଧୂପ ବା ଖେଚୁଡ଼ି ଧୂପ ଲାଗି କରାଯାଇଥିଲା।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ଏହି ମାସରେ ଲକ୍ଷ୍ମୀ ଠାକୁରାଣୀ ବାପ ଘରକୁ ଯାଇଥାନ୍ତି। ମାଆଙ୍କ ଅବର୍ତ୍ତମାନରେ ଶ୍ରୀଜୀଉଙ୍କ ମାଉସୀ ମାସ ସାରା ରାତିରୁ ଉଠି ସୁସ୍ୱାଦୁ ବ୍ୟଞ୍ଜନମାନ ପ୍ରସ୍ତୁତ କରି ଖୁଆଇଥାନ୍ତି। ମାସାନ୍ତରେ ଲକ୍ଷ୍ମୀ ଠାକୁରାଣୀ ପ୍ରତ୍ୟାବର୍ତ୍ତନ କରିବା ପରେ ୬୪ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଠାକୁରଙ୍କୁ ପରଷି ଥାନ୍ତି। ଏ ସମ୍ପର୍କରେ ବରିଷ୍ଠ ସେବାୟତ ନୃସିଂହ ପ୍ରସାଦ ପତ୍ରୀ କୁହନ୍ତି, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏହାର ଛାପ ଏହି ମନ୍ଦିରରେ ଦେଖିବାକୁ ମିଳିଥାଏ। ରାତିରୁ ଉଠି ଚାଷୀ ନିଜର ନିତ୍ୟକ୍ରମ ସାରି ବିଲକୁ ଧାନ ଅମଳ କରିବାକୁ ବାହାରି ଯାଇଥାଏ। ଏଥିପୂର୍ବରୁ ଠାକୁରଙ୍କ ନିତ୍ୟକ୍ରମ ସାରିବା ପାଇଁ ବେଶ ସଜାଗ ରହି ପକୁଡ଼ି ଆଳତି କରି ଠାକୁରଙ୍କୁ ଆରାଧନା କରିଥାଏ । ଏହି ମାସରେ ପ୍ରଚୁର ପରିମାଣରେ ଫସଲ ହାତେଇ ଥିବାରୁ କାକରା, ପୋଡ଼ପିଠା ଆଦି ଭୋଗ ସାମଗ୍ରୀରେ ସାମିଲ ହେବା ଦେଖାଯାଇଥାଏ।

### ଜିଲା କରଣ ସମାଜ ପରିଷଦ କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡା ଅଫିସ, ୧୬।୧୨**

ଡେରାବିଶ ବ୍ଲକ ଦଧିବାମନଜୀଉ ମନ୍ଦିର ପରିସରରେ ଇତିମଧ୍ୟରେ ଜିଲା କରଣ ସମାଜ ପରିଷଦର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ଡା. ରାମନାଥ ମହାନ୍ତିଙ୍କୁ ମନୋନୀତ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ଦାୟିତ୍ୱ ମାତୃଦତ୍ତ ମହାନ୍ତିଙ୍କୁ ଦିଆଯାଇଛି। କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ରାୟ, ଉପ ସଭାପତି ପ୍ରଶାନ୍ତ କୁମାର ଦାସ ଓ ଶୈଳେନ୍ଦ୍ର କୁମାର ମହାନ୍ତି, ସହ ସମ୍ପାଦକ ଶରଣାବିନ୍ଦ ମହାନ୍ତି ଓ ବିଜୟ କୁମାର ଦାସ ଏହି ପରିଷଦରେ ଅଛନ୍ତି।

# ଜିଲାରେ ୧୫୭୯ ଜଣଙ୍କୁ ମିଳିବ କଳାକାର ଭତ୍ତା

**କେନ୍ଦ୍ରାପଡା ଅଫିସ, ୧୬।୧୨**

କେନ୍ଦ୍ରାପଡା ଜିଲାରେ ୧୫୭୯ ଜଣ କଳାକାରଙ୍କୁ ଭତ୍ତା ପ୍ରଦାନ ପାଇଁ ରାଜ୍ୟ ସରକାର ସମ୍ପ୍ରତି ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପିଠା ଯୋଜନା କାର୍ଯ୍ୟକାରୀ ସମୟରେ ଏହି କଳାକାରଙ୍କୁ ୧୨ଶହ ଟଙ୍କା ମାସିକ ଭତ୍ତା ଭାବେ ଶନିବାର ପ୍ରଦାନ କରାଯାଇଛି। ଏଥିପାଇଁ ଅନୁଷ୍ଠିତ ଉତ୍ସବରେ ଗତ ନଭେମ୍ବର ଓ ଡିସେମ୍ବର ୨ ମାସର ଭତ୍ତା ବାବଦ ଏକକାଳୀନ ୨୪୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲାରେ ପ୍ରାୟ ୫ ହଜାର କଳାକାର ଭତ୍ତା ପାଇଁ ଜିଲା ପ୍ରଶାସନ ନିକଟରେ ଆବେଦନ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ମହାକାଳପଡା ବ୍ଲକ ଅଞ୍ଚଳରେ ସର୍ବାଧିକ ୩୧୩ ଜଣଙ୍କ ନାମ ମଞ୍ଜୁର ହୋଇଥିବା ବେଳେ ରାଜକନିକା ବ୍ଲକ ଅଞ୍ଚଳରେ ସର୍ବନିମ୍ନ ୧୯ ଜଣଙ୍କ ନାମ ମଞ୍ଜୁର ହୋଇଛି।

# ୬ ପଞ୍ଚାୟତରେ 'ପିଠା' କାର୍ଯ୍ୟକ୍ରମ



'ପିଠା' କାର୍ଯ୍ୟକ୍ରମରେ ବିଡ଼ିହି ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ ଦାଶରଥୀ ଶତପଥୀ ଓ ଅନ୍ୟମାନେ।

**ମହାକାଳପଡା, ୧୬।୧୨ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନାଗୁଡିକୁ ସିଧାସଳଖ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା 'ପିଠା' ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମ ମହାକାଳପଡ଼ା ବ୍ଲକର ୬ଟି ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବଡିହି ସମେତ ଗଗୁଆ, ନାଞ୍ଜୁରା, ସୁନିତି, ଜମ୍ବୁ ଓ କଂସାର ବଡଦାଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟରେ 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ଜିଲାପାଳ ଦାଶରଥୀ ଶତପଥୀ ପୂର୍ବାହ୍ନରେ ବଡିହି ପଞ୍ଚାୟତ କାର୍ଯ୍ୟାଳୟରେ 'ପିଠା' କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟା ସୌଭାଗିନୀ ଚୌଧୁରୀ, ସରପଞ୍ଚ ବିଶ୍ୱଜିତ ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ଗଗୁଆ ସରପଞ୍ଚ ସୁଖୀ ମଲିକ, ନାଞ୍ଜୁରା ସରପଞ୍ଚ ସଂଘମିତ୍ରା ସ୍ୱାଇଁ, ସୁନିତି ସରପଞ୍ଚ ଧରିତ୍ରୀ ଲେଙ୍କା, ଜମ୍ବୁ ସରପଞ୍ଚ ପଞ୍ଚମୀ ମଣ୍ଡଳ ଓ କଂସାର ବଡଦାଣ୍ଡୁଆ ସରପଞ୍ଚ ଲୋଭାବତୀ ରାଉତ ପ୍ରମୁଖଙ୍କ ଅଧ୍ୟକ୍ଷତାରେ ନିଜ ନିଜ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**କେନ୍ଦ୍ରାପଡା ଅଫିସ, ୧୬।୧୨**

କେନ୍ଦ୍ରାପଡା ବ୍ଲକ ଭରତପୁର ପଞ୍ଚାୟତ ଜଗନ୍ନାଥପୁର ବାସନ୍ତୀ ପଡିଆରେ ବ୍ଲକ ସ୍ତରୀୟ କୃଷି ସମ୍ପର୍କ ମେଳା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ମେଳାରେ ଉପନିର୍ଦ୍ଦେଶକ ମିତ୍ରୋଦୟ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, କେବିକେ ମୁଖ୍ୟ ଡା. ସୂର୍ଯ୍ୟନାରାୟଣ ମିଶ୍ର, ସରପଞ୍ଚ ଜୀନତ ପ୍ରିୟଦର୍ଶନୀ ରାଉତ, ସମିତିସଭ୍ୟ ହେମନ୍ତ କୁମାର ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ କୃଷି ନୀତି, ଉନ୍ନତ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଡିଏସ୍ ପ୍ରଶାନ୍ତ କୁମାର ମିଶ୍ର, ଏଡିଏଓ ସତ୍ୟବ୍ରତ ସାହୁ, କଲ୍ୟାଣୀ ରାଉତ ଓ ବିନୋଦିନୀ ଦେଇ, ବିନୋଦିନୀ ମାହାଳୀ, ଏଡିଭିଓ ଡା. ସିମ୍ପୋନୀ ମହାନ୍ତି, ସମବାୟ ବିଭାଗର ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ କୃଷକଙ୍କ ପାଇଁ ଥିବା ଯୋଜନା ଓ ସୁଯୋଗ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିରେ ଶତାଧିକ ଚାଷୀ ଯୋଗ ଦେଇଥିଲେ।



ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୭ ଡିସେମ୍ବର, ୨୦୧୮

DADLS-221

ସମୟ – ସକାଳ ଘ.୮ .୩୦ମି.

ପାୱାର ହାଉସ୍ ଛକସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ – ସନ୍ଧ୍ୟା ଘ.୫.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଅନନ୍ତ ଦାସ
ମାନ୍ୟବର ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ
ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଧନ୍ୟବାଦ ଅର୍ପଣ – ଡ. ରଜନୀକାନ୍ତ ବିଶ୍ୱାଳ, (ଓ.ଏ.ଏସ୍.)
ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସମ୍ପାଦକ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯାଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ଭୈରବୀ ସଙ୍ଗୀତ ମୂର୍ଚ୍ଛନା ଅନୁଷ୍ଠାନର ଜୟଲକ୍ଷ୍ମୀ ମିଶ୍ର ଓ ସାଥି କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0496/1819

## ସଂକ୍ଷେପରେ

### ଦଧିବାମନ ଜୀଉଙ୍କ ପହିଲି ଭୋଗ ନୀତି

କେନ୍ଦ୍ରାପଡା ଅଫିସ, ୧୬।୧୨: ଚଉଦକୁଲାଟସ୍ଥିତ ଶ୍ରୀଦଧିବାମନ ଜୀଉ ମନ୍ଦିରରେ ଧନୁ ସଂକ୍ରାନ୍ତିଠାରୁ ଶ୍ରୀଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏଥିପାଇଁ ରାତି ୩ରୁ ଦେଉଳ ଫିଟା ହୋଇଥିବାବେଳେ ମନ୍ଦିର ଶୋଧ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୯ଟାରେ ପହିଲି ଭୋଗ ହୋଇଥିଲା। ମୁଖ୍ୟ ସେବାୟତ କିଶୋର ଚନ୍ଦ୍ର ମିଶ୍ର ଓ ପ୍ରମୋଦ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ଶ୍ରୀକ୍ଷେତ୍ର ପରମ୍ପରା ଅନୁଯାୟୀ ସ୍ଥାନୀୟ ମନ୍ଦିରରେ ପୂଜା ରୀତିନୀତି ସମ୍ପନ୍ନ ହୋଇଥାଏ। ଏହା ଆସନ୍ତା ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ମକର ସଂକ୍ରାନ୍ତିରେ ମକର ଚାଉଳ ଭୋଗ ହେବ। ପହିଲି ଭୋଗରେ ପୋଡ଼ପିଠା, ପକୁଡ଼ି, ଡାଲି, ମହୁର, କ୍ଷିରି ଆଦି ଲାଗି ହୋଇଥାଏ। ଏହି ପହିଲି ଭୋଗ ଲାଗି କରିବା ପାଇଁ ସତ୍ୟାନନ୍ଦ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ରମାକାନ୍ତ ମିଶ୍ର, କ୍ଷମାନିଧି ମିଶ୍ର, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ସେବାୟତ ନିୟୋଜିତ ଥିଲେ।

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

କେନ୍ଦ୍ରାପଡା ଅଫିସ, ୧୬।୧୨: ଓରମାସ ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ପରିସରରେ ଏକ ଦିବସୀୟ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ନିଯୁକ୍ତି ମେଳା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମେଳାରେ ୬୪୨ ଜଣ କର୍ମନିଯୁକ୍ତି ଆଶୟୀ ସିଲେଇ, ଇଲେକ୍ଟ୍ରିକାଲ, କମ୍ପ୍ୟୁଟର, ହସ୍ପିଟାଲିଟି, ସେଲ୍ସମ୍ୟାନସିପ, ମେସିନ ଅପରେଟର, ବିପିଓ ନନଭଏସ, ଡିଟିପି, ୩ଡି ଟେକନିସିଆନ ଭଳି ଟ୍ରେଡ ଗୁଡିକରେ ତାଲିମ ଗ୍ରହଣ କରିବା ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ। ଏହି ଉପଲକ୍ଷେ ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା, ବିଡିଓ ଚନ୍ଦ୍ରକାନ୍ତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ଆଦିତ୍ୟ ନାରାୟଣ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଏଲ୍ଏମ୍ ବ୍ଲକ ପ୍ରକଳ୍ପ ପରିଚାଳିକା ସସ୍ମିତା ରାଉତ ମେଳା ସମ୍ପର୍କରେ ସୂଚନା ଦେଇଥିଲେ।

# ନାନକାର ଚିକିତ୍ସାଳୟରେ ତାଲା

## ୧୮ ମାସ ହେଲା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଅଞ୍ଚଳବାସୀ

ଡେରାବିଶ, ୧୬।୧୨ (ସ୍ୱ.ପ୍ର.)

ଗ୍ରାମାଞ୍ଚଳସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ସରକାର ନୂଆ ଚିକିତ୍ସାଳୟ ଖୋଲୁଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା ପ୍ରଣୟନ ସହ ବହୁ ଅର୍ଥ ବ୍ୟୟବରାଦ ହେଉଛି। ତେବେ ଏହି ଯୋଜନା କେତେ ଦୂର ସଫଳ ହେଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ନାନକାର ଗ୍ରାମସ୍ଥିତ ଆୟୁର୍ବେଦିକ ଚିକିତ୍ସାଳୟ ଦୀର୍ଘ ୧୮ମାସ ହେବ ତାଲା ପଡ଼ିଛି। କର୍ମଚାରୀ ଅଭାବ ଯୋଗୁ ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ର ତାଲା ପଡିଥିବା ବେଳେ ସ୍ଥାନୀୟ ଅଧିବାସୀ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି।। ୧୯୮୦ରେ ଏହି ଆୟୁର୍ବେଦିକ ଚିକିତ୍ସାଳୟ ଖୋଲାଯାଇଥିଲା। ତତ୍କାଳୀନ ସମୟରେ ଜଣେ ଡାକ୍ତର, ଜଣେ ଫାର୍ମାଶିଷ୍ଟ ଓ ଜଣେ ପିଅନକୁ ନିଯୁକ୍ତି ମିଳିଥିଲା। ଏହି ଚିକିତ୍ସାଳୟ ଆରମ୍ଭ ପରେ ନାନକାର ସମେତ ନିକଟସ୍ଥ ଦ୍ୱିପାଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଥିବା ବେଳେ ଏହା ବେଶି ଦିନ ରହି ନଥିଲା। ପ୍ରାୟ ୫ବର୍ଷ ଚିକିତ୍ସାଳୟ ଠିକ୍ ଠାକ୍ ଚାଲିଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ସପ୍ତାହକୁ ୨ଦିନ ହିସାବରେ ଡାକ୍ତର ଆସିଥିଲେ। ପରେ କେବଳ ଫାର୍ମାସିଷ୍ଟ ଏହାକୁ ଚଳାଇଥିଲେ। ମାତ୍ର ଦୀର୍ଘ ୧୮ମାସ ଫାର୍ମାସିଷ୍ଟ ଜଣଙ୍କୁ ଅନ୍ୟତ୍ର ବଦଳି କରି ଦିଆଯିବା ଯୋଗୁ ଡାକ୍ତରଖାନାରେ ତାଲା ଝୁଲୁଛି। ଏ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉପକୂଳବର୍ତ୍ତି ଜିଲାରେ ସ୍ୱାସ୍ଥ୍ୟସେବାରେ ଏଭଳି ଅବ୍ୟବସ୍ଥା ଦେଖି ବହୁ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ ଚିକିତ୍ସାଳୟରେ ଜଣେ ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତ କରିବା ସହ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ସାମାଜିକ କର୍ମୀ ବଟକୃଷ୍ଣ ସାମଲ ଓ ଇନ୍ଦାଲୋ ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

### ବର୍ଷା ଆଶଙ୍କା, ଚାଷୀକୁଳ ଆତଙ୍କିତ

ରାଜକନିକା, ୧୬।୧୨ (ଡି.ଏନ୍.ଏ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ବର୍ଷା ଆଶଙ୍କାରେ ରାଜକନିକା ବ୍ଲକ ଅଞ୍ଚଳର ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଶହ ଶହ ଏକର ବିଲରେ ଧାନ କଟା ହୋଇ ପଡିଥିବା ବେଳେ କଚଡା ଉଠାଇବା ପାଇଁ ଲୋକ ମିଳୁ ନଥିବାରୁ ଧାନ ସବୁ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଚାଷୀମାନେ ରାତିଦିନ ଏକ କରି ବିଲରୁ ଧାନ ବୋହୁ ଥିବା ଦେଖାଯାଉଛି। ଅନେକ ଚାଷୀ ଧାନ ଖଳାକୁ ବୋହି ନପାରି ବିଲରେ ଗଦା କରିଛନ୍ତି। ତେବେ ବାରମ୍ବାର ଲଘୁଚାପ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହେଉଥିବାରୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ନୁଡୁବୁଡୁ କହୁଣି ଖାଏ,**
**ଜିଭ ନୁଡୁବୁଡୁ ହଗି ଧାଏଁ।**

ଖାଦ୍ୟକୁ ଠିକ୍ ଭାବେ ଧରି ରଖି ନ ଖାଇପାରିଲେ ଖାଦ୍ୟ କହୁଣିକୁ ବୋହି ଯାଇଥାଏ। ସେହିପରି ଜିହ୍ୱାକୁ ଯିଏ ନିୟନ୍ତ୍ରଣରେ ରଖିପାରି ନ ଥାଏ ତା'ର ପେଟ ଖରାପ ହେବା ଥୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାତରୁ ଗଲାଣି ଖସି,**
**ମାଳା ଜପୁଥା ବସି।**

ହାତରୁ ଥରେ ଖସିଗଲେ ପୁନଶ୍ଚ ଫେରିପାଇବା କଷ୍ଟକର। ସୁଯୋଗର ସଦୁପଯୋଗ ନ କରିପାରିଲେ ଜୀବନ ବୃଥା। ସମୟ ଥରେ ହାତଛଡ଼ା ହୋଇଗଲେ ବା ସୁଯୋଗ ଥରେ ଛାଡ଼ିଦେଲେ ପୁଣି ମିଳିବାରେ ଅନିଶ୍ଚିତତା ରହିଥାଏ। ଏପରିସ୍ଥଳେ ଅନୁଶୋଚନା କରିବା ହିଁ ସାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମନମୁଖି କାର୍ଯ୍ୟ ନେଇ ଅସନ୍ତୋଷ

# ଦଳୀୟ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟଙ୍କୁ ଅଣଦେଖା

କେନ୍ଦ୍ରାପଡା ଅଫିସ, ୧୬।୧୨

ନିକଟରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ ଭାଜପାରୁ ଇସ୍ତଫା ଦେବା ଘଟଣା କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବେଳେ ପୁଣି ଜିଲା ଭାଜପାରେ ଥିବା ଦଳୀୟ କନ୍ଦଳ ପଦାରେ ପଡ଼ିଛି। ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଜିଲାର ୭ ଭାଜପା ଜିଲା ପରିଷଦ ସଭ୍ୟ। ଏପରିକି ରାଜ୍ୟ ସଭାପତି ଓ କେନ୍ଦ୍ରମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ରବିବାର ଜଣେ ଜିଲାପରିଷଦ ସଭ୍ୟ ସୂଚନା ଦେଇଛନ୍ତି। ଏ ନେଇ ଅନୁଷ୍ଠିତ ଏକ ନିଭୃତ ଆଲୋଚନାରେ ଜିଲା ପରିଷଦ ସଭ୍ୟ ସୂଚନା ଦେଇଛନ୍ତି ଯେ, ଗତ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜକନିକା ବ୍ଲକଠାରେ ଅନୁଷ୍ଠିତ ଏକ ପଦଯାତ୍ରା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହା ଜିଲା ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିଲା। କିନ୍ତୁ ଜିଲା କାର୍ଯ୍ୟକର୍ତ୍ତା ଧର୍ମେନ୍ଦ୍ରଙ୍କ ଗସ୍ତ ସମ୍ପର୍କରେ ଜିଲା ପରିଷଦ ସଭ୍ୟଙ୍କୁ ସୂଚନା ମଧ୍ୟ ଦେଇ ନଥିଲେ। ପୂର୍ବରୁ ମଧ୍ୟ କେତେକ କାର୍ଯ୍ୟକ୍ରମରେ ସେମାନଙ୍କୁ ଏଭଳି ଅଣଦେଖା କରାଯାଇଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ଏ ନେଇ ସେମାନେ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ କହିଛନ୍ତି, ଭାଜପା ଏକ କ୍ୟାଡର ଭିତ୍ତିକ ଦଳ। ଏଠାରେ ସମସ୍ତଙ୍କ ମତ ନିଆଯାଇ କାର୍ଯ୍ୟକ୍ରମ କରାଯାଏ। ଜିଲା ପରିଷଦ ସଭ୍ୟଙ୍କୁ ଅଣଦେଖା କରାଯିବା କଥା ସମ୍ପୂର୍ଣ୍ଣ ମିଛ। ସେମାନଙ୍କୁ ଜିଲା ଭାଜପା ଓ ପ୍ରଭାରୀଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା।

### ଅଗ୍ନିକାଣ୍ଡ: ୪ବଖରା, ୨ ବାଇକ୍ ଜଳିଗଲା

ମହାକାଳପଡ଼ା, ୧୬।୧୨ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ଗୁହାଳକଣୀ ଗ୍ରାମରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ମଧୁ ରାଉଳଙ୍କ ୪ବଖରା ଜଳିଯାଇଛି। ଏଥିସହ ଏହି ଅଗ୍ନିକାଣ୍ଡରେ ୨ ଟି ବାଇକ୍ ମଧ୍ୟ ଜଳିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା କୁହାଯାଉଥିବା ବେଳେ ଏଥିରେ ଘରର ସମସ୍ତ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ମହାକାଳପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ବିଜ୍ଞାପନ ନଂ. **ନିୟନ୍ତ୍ରିତ ବଜାର କମିଟି, ବାହାଡ଼ାଝୋଲା** ତାରିଖ:

ଏତଦ୍ୱାରା ନୟାଗଡ଼ ଜିଲ୍ଲାର ସମସ୍ତ ଚାଷୀ ଭାଇମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚଳିତ ଖରିଫ୍ ଋତୁ ୨୦୧୮-୧୯ ପାଇଁ ପଞ୍ଜୀକୃତ ତଥ୍ୟ ଆଧାରରେ ଚାଷୀଙ୍କ ଅମଳ ଖାଦ୍ୟ ଉପଯୋଗୀ ଧାନ ସବୁକୁ ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ଚୟନ ହୋଇଥିବା ସମସ୍ତ ୧୫୪ଗୋଟି ପ୍ରାଥମିକ ସେବା ସମବାୟ ସମିତି ଦ୍ୱାରା ଧାର୍ଯ୍ୟ ବାରିରେ କ୍ରୟ କରାଯିବ। ସମବାୟ ସମିତିର କାର୍ଯ୍ୟକାରୀ ପରିସୀମା ମଧ୍ୟରେ ବସବାସ କରୁଥିବା ଚାଷୀଭାଇମାନେ ସମ୍ପୃକ୍ତ ସେବା ସମବାୟ ସମିତି ସହ ଯୋଗାଯୋଗରେ ଟୋକନ୍ ସଂଗ୍ରହ କରି ମଣ୍ଡିବାରିରେ ଦିବା ୨ଘଟିକା ମଧ୍ୟରେ ଧାନଗଦା କରିବାକୁ ଅନୁରୋଧ।

| ଧାନର ସହାୟକ ମୂଲ୍ୟ: | |
|---|---|
| ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ : ୧୭୫୦/- | ସରୁ ଧାନ (ଗ୍ରେଡ୍ 'ଏ') : ୧୭୭୦/- |

**ବ୍ଲକ୍‌ର ନାମ- (ସେବା ସମବାୟ ସମିତି ଲିଃ ଓ ଧାର୍ଯ୍ୟ ସାପ୍ତାହିକ ମଣ୍ଡି ବାର):** **ନୟାଗଡ଼ ବ୍ଲକ୍:-** ୧. ଲେଙ୍କୁଡିପଡ଼ା (ମଙ୍ଗଳ), ୨. ବାଲୁଗାଁ (ମଙ୍ଗଳ), ୩. ଡିଆଁପଡ଼ା (ମଙ୍ଗଳ), ୪. ଗୋବିନ୍ଦପୁର (ଶନି), ୫. ଜେମାଦେଇପୁର (ମଙ୍ଗଳ), ୬. ଆନନ୍ଦାପଲ୍ଲୀ (ବୁଧ), ୭. ଲାଠିପଡ଼ା (ବୁଧ), ୮. ନୋଡର (ସୋମ), ୯. ସୁନାନଟି (ଶନି), ୧୦. ଇଟାମାଟି (ଶନି), ୧୧. ବଡ଼ପଣ୍ଡୁସର (ବୁଧ), ୧୨. ଖାମାରିସାହି (ଶୁକ୍ର), ୧୩. ଅଶ୍ୱସ୍ତପଡ଼ା (ସୋମ), ୧୪. ବାଉଁଶିଆପଡ଼ା (ଶନି), ୧୫. ଗମ୍ଭାରିଡିହ (ଶୁକ୍ର), ୧୬. ବିରୁଡାମର୍ଦ୍ଦରାଜପୁର (ଲଛିପୁର ସଂଲଗ୍ନ) (ବୁଧ), ୧୭. ଚମ୍ପତିପୁର (ଶୁକ୍ର), ୧୮. ନୟାଗଡ଼ (ଶୁକ୍ର), ୧୯. କାଳିକାପ୍ରସାଦ (ସୋମ), ୨୦. ଜେମାଦେଇପୁରପାଟଣା (ଶନି), ୨୧. ମାନଧାତାପୁର (ସୋମ), ୨୨. ଜମୁସାହି (ବୁଧ), ୨୩. ଘଡୁଆଳ (ବୁଧ), ୨୪. ନଡ଼ିଆଳି (ସୋମ)। **ଓଡ଼ଗାଁ ବ୍ଲକ୍-** ୧. ବଡ଼ଗୋରଡ଼ା (ବୁଧ), ୨. ବଡ଼ପୁଟ (ଶୁକ୍ର), ୩. ବାଲିସିଂସା (ବୁଧ), ୪. ବାଣ୍ଡୁପୁର (ବୁଧ), ୫. ବରସାହି (ବୁଧ), ୬. ଭାଡ଼ିକିଲା (ଶୁକ୍ର), ୭. ବାଉଁଶଗାଡ଼ିଆ (ଶୁକ୍ର), ୮. ଭାଲିଆଡିହି (ବୁଧ), ୯. ବିନାୟକପୁର (ଶୁକ୍ର), ୧୦. ଚଢ଼େୟାପଲ୍ଲୀ (ସୋମ), ୧୧. ଡିମିସର (ମଙ୍ଗଳ), ୧୨. ଗମ୍ଭାରିଡିହି (ଶୁକ୍ର), ୧୩. ଗୋଡ଼ିପଡ଼ା (ବୁଧ), ୧୪. ଗୋଲଗାଁ (ଶୁକ୍ର), ୧୫. ଗଉଡ଼ପୁଟ (ବୁଧ), ୧୬. ଗୁଣ୍ଡାସାହି (ଶନି), ୧୭. ହନୁମନ୍ତିଆ (ସୋମ), ୧୮. ହରିହରପୁର (ଶନି), ୧୯. କୁରୁମ ବାଙ୍କତରା (ଶୁକ୍ର), ୨୦. କଇବଲ୍ୟପୁର (ମଙ୍ଗଳ), ୨୧. କଜଳାଇପଲ୍ଲୀ (ବୁଧ), ୨୨. କଲ୍ୟାଣପୁର (ମଙ୍ଗଳ), ୨୩. କେଶପାନିଆ (ଶନି), ୨୪. କୋମଣ୍ଡ (ସୋମ), ୨୫. କୋରପିଠା (ସୋମ), ୨୬. କୁରାଳ (ଶୁକ୍ର), ୨୭. ମାଛିପଡ଼ା (ସୋମ), ୨୮. ମଗରବନ୍ଧ (ସୋମ), ୨୯. ନନ୍ଦିଘୋର (ସୋମ), ୩୦. ଓଡ଼ଗାଁ (ଶୁକ୍ର), ୩୧. ପଞ୍ଚିରିଡ଼ା ମାନପୁର (ସୋମ), ୩୨. ପଞ୍ଚୁମୁ (ଶନି), ୩୩. ପାଣ୍ଡେରିପଡ଼ା (ଶୁକ୍ର), ୩୪. ପାଟୁଳିସାହି (ମଙ୍ଗଳ), ୩୫. ରଙ୍ଗଣୀପାଟଣା (ବୁଧ), ୩୬. ସାକେରି (ବୁଧ), ୩୭. ଶରଣକୁଳ (ମଙ୍ଗଳ), ୩୮. ଶିଖରପୁର (ମଙ୍ଗଳ), ୩୯. ସୋଲପଟା (ସୋମ), ୪୦. ସୁନାମୁହିଁ (ବୁଧ)। **ରଣପୁର ବ୍ଲକ୍:-** ୧. ଦର୍ପନାରାୟଣପୁର (ବୁଧ), ୨. ଡମସାହି (ଶୁକ୍ର), ୩. ରଙ୍କଦେଉଳି (ମଙ୍ଗଳ), ୪. ଦହିଖାଇ (ଶୁକ୍ର), ୫ ନୀଳକଣ୍ଠେଶ୍ୱର (ବୁଧ), ୬. ମଝିଆଁଖଣ୍ଡ (ଶୁକ୍ର), ୭. ଶଙ୍ଖକୋଡ଼ି (ବୁଧ), ୮. ରାଜସୁନାଖଳା (ସୋମ), ୯. ନରସିଂହପୁର (ଶୁକ୍ର), ୧୦. ସୁର୍ଜାବାଡ଼ି (ସୋମ), ୧୧. ଗୌରାଙ୍ଗପୁର (ବୁଧ), ୧୨. ବ୍ରଜରାଜପୁର (ମଙ୍ଗଳ), ୧୩. ରଣପୁରଗଡ଼ (ମଙ୍ଗଳ), ୧୪. ମୟୂରଝଳିଆ (ସୋମ), ୧୫. ଚାରିଆ (ମଙ୍ଗଳ), ୧୬. ବଳଭଦ୍ରପୁର (ଶୁକ୍ର), ୧୭. କେରେଣ୍ଡାଟାଙ୍ଗି (ଶନି), ୧୮. ଚାନ୍ଦପୁର (ଶନି)। **ଖଣ୍ଡପଡ଼ା ବ୍ଲକ୍:-** ୧. ଖଣ୍ଡପଡ଼ା (ସୋମ), ୨. ସାଳଝରିଆ (ଶୁକ୍ର), ୩. ଗୁଣ୍ଠୁଣୀ (ଶନି), ୪. ଜଗନ୍ନାଥପ୍ରସାଦ (ସୋମ), ୫. ରୟତ କୋଲମରା (ସୋମ), ୬. ବେଣାଗାଡ଼ିଆ (ଶୁକ୍ର), ୭. ତେନ୍ତୁଳିଆ ପଲ୍ଲି (ସୋମ), ୮. ରାଣିଛେଲି (ଶନି), ୯. କିଆଝର (ଶନି), ୧୦. ସମ୍ବରବିନ୍ଧ (ବୁଧ), ୧୧. ଶିଖରପୁର (ଶୁକ୍ର), ୧୨. ବନମାଳୀପୁର (ଶନି), ୧୩. ଖଳିସାହି (ବୁଧ), ୧୪. ସିଧାମୂଳା (ମଙ୍ଗଳ), ୧୫. କୋସ୍କା (ବୁଧ), ୧୬. ମର୍ଦ୍ଦରାଜପୁର (ବୁଧ), ୧୭. ବୋଦସା (ବୁଧ), ୧୮. କଣ୍ଟିଲୋ (ଶୁକ୍ର)। **ଭାପୁର ବ୍ଲକ୍:-** ବଡ଼ସହରା (ଶନି), ୨. ପଲ୍ଲିକୃଷକ (ଶୁକ୍ର), ୩. ଭାପୁର (ସୋମ), ୪. ଶାଳପଡ଼ା (ମଙ୍ଗଳ), ୫. ବାରବାଟି (ସୋମ), ୬. ଫତେଗଡ଼ (ଶୁକ୍ର), ୭. ବାଇଗୁଣିଆ (ଶନି), ୮. ବଳଦିଆ ନୂଆଗାଁ (ଶନି), ୯. ପୁରୁଷୋତ୍ତମ ପ୍ରସାଦ (ସୋମ), ୧୦. ଗୋକାପୋଖରି (ବୁଧ), ୧୧. ଚକ୍ରଧର ପ୍ରସାଦ (ଶନି), ୧୨. କରବର (ମଙ୍ଗଳ), ୧୩. ମାଧପୁର (ଶନି), ୧୪. ବିଜିପୁର (ଶନି), ୧୫. ବାଦିଲୋ (ଶନି), ୧୬. ବେଗୁନିଆ (ଶନି)। **ଗଣିଆ ବ୍ଲକ୍:-** ୧. ଗଣିଆ (ସୋମ), ୨. ବେଲପଡ଼ା (ଶୁକ୍ର), ୩. ଓପ୍ତିଆ (ମଙ୍ଗଳ), ୪. ଗୋପୀବଲ୍ଲଭପୁର (ବୁଧ), ୫. ଛାମୁଣ୍ଡିଆ (ବଡ଼ସିଲିଙ୍ଗା ସଂଲଗ୍ନ) (ସୋମ)। **ଦଶପଲ୍ଲା ବ୍ଲକ୍:-** ୧. ମହାବୀର (ଶୁକ୍ର), ୨. ତେଣ୍ଡାବାଡ଼ି (ମଙ୍ଗଳ), ୩. ଡିପିସାହି (ମଙ୍ଗଳ), ୪. ମଧ୍ୟଖଣ୍ଡ (ବୁଧ), ୫. ଘୋଳାହାଣ୍ଡି (ଶୁକ୍ର), ୬. କଳସଖମଣ୍ଡ (ଶନି), ୭. ଡିହଗାଁ (ବୁଧ ଓ ଶନି), ୮. ଜଗଦେବପାଟଣା (ଶନି), ୯. ଚଢ଼େୟାପଲ୍ଲୀ (ଶୁକ୍ର), ୧୦. ଘୁଗୁଡ଼ିପଡ଼ା (ବୁଧ), ୧୧. ବାଣିଗୋଛା (ଶନି), ୧୨. ଚୁମାଣ୍ଡି (ବୁଧ), ୧୩. ପୋଖରିଗୋଛା (ଶୁକ୍ର), ୧୪. ଜାମୁସାହି (ସୋମ), ୧୫. ଖମାରସାହି (ସୋମ)। **ନୂଆଗାଁ ବ୍ଲକ୍:-** ୧. ଗୁମି (ଶୁକ୍ର), ୨. ବାହାଡ଼ାଝୋଲା (ମଙ୍ଗଳ), ୩. ହରିପୁର (ମଙ୍ଗଳ), ୪. ବେରୁହାଁବାରୀ (ବୁଧ), ୫. ସିମିଳିସାହି (ବୁଧ), ୬. ରାଇପୁର (ଶନି), ୭. ଖଣ୍ଡୁଗାଁ (ସୋମ), ୮. ଡମ୍ବୁଣି (ସୋମ), ୯. କଇଁଥପଲ୍ଲୀ (ମଙ୍ଗଳ), ୧୦. ସଁପଡ଼ା (ମଙ୍ଗଳ), ୧୧. ମହୀପୁର (ବୁଧ), ୧୨. ନୀଳାଦ୍ରିପୁର (ବୁଧ), ୧୩. ମାଳିସାହି (ସୋମ), ୧୪. ଦୁରୁଦୁରା (ବୁଧ), ୧୫. ନୂଆଗାଁ (ବୁଧ), ୧୬. ଖାଲମଡ଼ା (ସୋମ), ୧୭. ମହିତମା (ମଙ୍ଗଳ), ୧୮. ସୋରଡ଼ା (ମଙ୍ଗଳ), ୧୯. ଜଗନ୍ନାଥପ୍ରସାଦ (ଶନି)।

| FAQ (ଏଫ୍.ଏ.କ୍ୟୁ.) ମାନର ଧାନ: | ଚାଷୀଭାଇମାନେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନୋକ୍ତ ନମ୍ବରଗୁଡ଼ିକରେ ଯୋଗାଯୋଗ କରିପାରିବେ। |
|---|---|
| (କ) ଆର୍ଦ୍ରତା ବା ଜଳୀୟ ଅଂଶ ୧୭%। | ୧. ଜିଲ୍ଲା ଯୋଗାଣ ଅଫିସ କଣ୍ଟ୍ରୋଲ ରୁମ୍ ନମ୍ବର- (୦୬୭୫୩-୨୫୨୪୩୯) |
| (ଖ) ବାଲି, ମାଟି, ଗୋଡ଼ି, ଧୂଳି, ଇତ୍ୟାଦି ଅଜୈବିକ ବାହ୍ୟପଦାର୍ଥ ୧%। | ୨. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ନୟାଗଡ଼- (୦୬୭୫୩-୨୫୨୦୦୪) |
| (ଗ) କାଠି, କୁଟା, ଧୂଷ, ଅଗାଡ଼ି, ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ ୧%। | ୩. ସମ୍ପାଦକ, ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ- (୦୬୭୫୩-୨୧୧୨୦୨) |
| (ଘ) ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକ ଇତ୍ୟାଦି ୫%। | ୪. ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ- (୦୬୭୫୫-୨୩୬୦୨୩) |
| (ଙ) ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ଓ ସଙ୍କୁଚିତ ୩%। | ୫. ସହକାରୀ ଯୋଗାଣ ଅଧିକାରୀ- (୯୪୩୮୭୮୪୮୯) |
| (ଚ) ନିମ୍ନବର୍ଗର ମିଶ୍ରିତ ୬%। | |

ସ୍ୱା./- ଉପଜିଲ୍ଲାପାଳ-ତଥା- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାହାଡ଼ାଝୋଲା

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
9718753233
7838556518
Block Chack, Balasore-756027

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ। 0% ସୁଧ 45% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍ଓଭର ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ରେ ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

BUSINESS
SURYA କମ୍ପାନୀ
ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି-ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା। A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286
7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ଆପଣ ଜଣେ ମ୍ୟୁଚୁଆଲ ଫଣ୍ଡ ନିବେଶକ କି? ନିଜ ଅଧିକାର ଓ ଦାୟିତ୍ୱଗୁଡ଼ିକୁ ଜାଣନ୍ତୁ

ଆପଣ ଯେପରି ଏକ ସୂଚିତ ନିଷ୍ପତ୍ତି ଗ୍ରହଣ କରନ୍ତି ଏବଂ ଆପଣଙ୍କ ଟଙ୍କାର ପରିଚାଳନା ଯେପରି ଏକ ସମ୍ପୂର୍ଣ୍ଣ ସ୍ୱଚ୍ଛ ଢଙ୍ଗରେ କରାଯାଏ ଏହା ସୁନିଶ୍ଚିତ କରିବା ପାଇଁ, ବଜାର ନିୟନ୍ତ୍ରକ, ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି), ଜଣେ ମ୍ୟୁଚୁଆଲ ଫଣ୍ଡ ନିବେଶକ ଭାବେ ଆପଣଙ୍କୁ ନିର୍ଦ୍ଦିଷ୍ଟ ଅଧିକାର ପ୍ରଦାନ କରିଛି।

ଜଣେ ନିବେଶକ ଭାବେ ଆପଣଙ୍କ ଅଧିକାର ଓ କର୍ତ୍ତବ୍ୟଗୁଡ଼ିକ ଉପରେ ଆସନ୍ତୁ ନଜର ପକାଇବା:



### ସ୍କିମ୍ ସମ୍ବନ୍ଧୀୟ ଦଲିଲ ହାସଲ କରିବାର ଅଧିକାର

**ସ୍କିମ୍ ସୂଚନା ଦଲିଲ**

ଏହି ଦଲିଲରେ ସ୍କିମ୍‌ର ପ୍ରକୃତି, ଆସେଟ୍ ଆବଣ୍ଟନ ରଣନୀତି, ଦେୟ ଓ ଖର୍ଚ୍ଚ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଫଣ୍ଡ ମ୍ୟାନେଜମେଣ୍ଟ ଟିମ୍ ସମ୍ପର୍କରେ ବିବରଣୀ ରହିଥାଏ।

**ଅତିରିକ୍ତ ସୂଚନାର ବିବରଣୀ**

ଏହି ଦଲିଲରେ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ (ଏଏମ୍‌ସି) ସମ୍ପର୍କରେ ଆବଶ୍ୟକୀୟ ସୂଚନା ରହିଥାଏ ଯେପରିକି ପ୍ରମୁଖ କର୍ମଚାରୀ, ପ୍ରାୟୋଜକ ଏବଂ ଟ୍ରଷ୍ଟିମାନଙ୍କ ବିବରଣୀ ଏବଂ ଟିକସ, ପାଣ୍ଠି ପରିଚାଳନା ପ୍ରକ୍ରିୟା, ସମୀକ୍ଷକ ଏବଂ ଆଇନଗତ ଟିମ୍‌ର ବିବରଣୀ।

**ମୁଖ୍ୟ ସୂଚନା ଜ୍ଞାପକପତ୍ର**

ଏଥିରେ ସ୍କିମ୍ ସମ୍ପର୍କିତ ପ୍ରମୁଖ ସୂଚନା ରହିଥାଏ ଯେପରି କି ପ୍ରମୁଖ ବୈଶିଷ୍ଟ୍ୟାବଳୀ, ପରଫର୍ମାନ୍ସ ରେକର୍ଡ ଏବଂ ନିବେଶର ନିୟମ ଓ ସର୍ତ୍ତାବଳୀ।

**ପାଣ୍ଠି ତଥ୍ୟ ପତ୍ର**

ଏହି ଦଲିଲରେ ସ୍କିମ୍‌ର ପୋର୍ଟଫୋଲିଓ କମ୍ପୋଜିଶନ୍ ସମ୍ପର୍କିତ ସମସ୍ତ ସୂଚନା ରହିଥାଏ।



### ଆପଣଙ୍କ ଦାୟିତ୍ୱ

- ସ୍କିମ୍ ସୂଚନା ଦଲିଲଗୁଡ଼ିକୁ ଧ୍ୟାନ ସହକାରେ ପଢ଼ନ୍ତୁ
- ଫଣ୍ଡର ନିବେଶ ଆଭିମୁଖ୍ୟ ଏବଂ ରିସ୍କ ପ୍ରୋଫାଇଲ୍ ଆପଣଙ୍କ ଲକ୍ଷ୍ୟକୁ ସୁହାଉଛି କି ନାହିଁ ଯାଞ୍ଚ କରନ୍ତୁ
- ଖର୍ଚ୍ଚଗୁଡ଼ିକ ସମ୍ପର୍କରେ ସଚେତନ ରୁହନ୍ତୁ ଯାହା ମଧ୍ୟରେ ଫଣ୍ଡ ମ୍ୟାନେଜମେଣ୍ଟ ଦେୟ, ଟିକସ ଓ ଅନ୍ୟାନ୍ୟ ପରିଚାଳନା-ଗତ ବ୍ୟୟ ଅନ୍ତର୍ଭୁକ୍ତ

**ଏହାପରେ କ'ଣ?** ମ୍ୟୁଚୁଆଲ ଫଣ୍ଡ ବିବରଣୀର ମହତ୍ତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ କିପରି ପଢ଼ିବେ ଜାଣନ୍ତୁ

### ଡିଷ୍ଟ୍ରିବ୍ୟୁଟର ଦେୟ ଓ କମିଶନ ଉପରେ ପ୍ରଶ୍ନ ଉଠାଇବାର ଅଧିକାର

ନିଜ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ର ଦେୟ ଏବଂ କମିଶନ ଢାଞ୍ଚା ସମ୍ପର୍କରେ ଜାଣିବାର ଅଧିକାର ଆପଣଙ୍କର ରହିଛି।

#### ଆପଣଙ୍କ ଦାୟିତ୍ୱ

- ଡିଷ୍ଟ୍ରିବ୍ୟୁଟରଙ୍କୁ ଆପଣଙ୍କ ପୋର୍ଟଫୋଲିଓ ପାଇଁ ସେ ସୁପାରିସ କରୁଥିବା ସ୍କିମ୍‌ର ଉପଯୁକ୍ତତା ସମ୍ପର୍କରେ ପଚାରନ୍ତୁ
- ଦେୟ ଢାଞ୍ଚାକୁ ବୁଝନ୍ତୁ



### ଲାଭାଂଶ ଓ ବିମୋଚନ ସମ୍ପର୍କରେ ଜାଣିବା ଓ ପ୍ରାପ୍ତ କରିବାର ଅଧିକାର

ଯଦି ଆପଣଙ୍କ ଏମ୍‌ଏଫ୍ ସ୍କିମ୍ ଉପରେ କୌଣସି ଲାଭାଂଶ ବା ଡିଭିଡେଣ୍ଡ ଘୋଷଣା କରାଯାଏ, ତେବେ ଘୋଷଣାର ୩୦ ଦିନ ମଧ୍ୟରେ ଲାଭକୁ ପ୍ରାପ୍ତ କରିବାର ଅଧିକାର ଆପଣଙ୍କ ନିକଟରେ ରହିଛି, ଅନ୍ୟଥା ଆପଣ ବିଳମ୍ବ ଅବଧି ପାଇଁ ବାର୍ଷିକ ୧୫% ସୁଧ ଲାଗି ହକଦାର ହେବେ।

#### ଆପଣଙ୍କ ଦାୟିତ୍ୱ

- ଫଣ୍ଡରୁ ଅପ୍‌ଡେଟ୍ ପ୍ରାପ୍ତ କରିବା ପାଇଁ ଠିକ୍ ଯୋଗାଯୋଗ ବିବରଣୀ ଦିଅନ୍ତୁ
- ଲାଭାଂଶକୁ ଠିକ୍ ସମୟରେ ପ୍ରାପ୍ତ କରିବା ପାଇଁ ଫଣ୍ଡକୁ ନିଜର ବ୍ୟାଙ୍କ ଖାତା ବିବରଣୀ ଦିଅନ୍ତୁ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ମ୍ୟୁଚୁଆଲ ଫଣ୍ଡ ବିବରଣୀ ଓ ରିସ୍କ-ଓ-ମିଟରକୁ କିପରି ପଢ଼ିବେ

ନିଜ ଏମ୍‌ଏଫ୍ ଖାତା ବିବରଣୀ ତଥା ରିସ୍କ-ଓ-ମିଟର ଉପରେ ସତର୍କ ଦୃଷ୍ଟି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
ଏହା କିପରି କରିବେ ଜାଣିରଖନ୍ତୁ।
ଏକ ଏମ୍‌ଏଫ୍ ବିବରଣୀରେ କ'ଣ ରହିଥାଏ:

**ଫୋଲିଓ ନମ୍ବର**

ଯଦି ଆପଣ ବିଭିନ୍ନ ଫଣ୍ଡ ହାଉସ୍‌ରେ ନିବେଶ କରିଛନ୍ତି, ତେବେ ପ୍ରତ୍ୟେକ ଫଣ୍ଡ ହାଉସ୍ ପାଇଁ ଆପଣଙ୍କର ଭିନ୍ନ ଫୋଲିଓ ନମ୍ବର ରହିବ।

*ଗୋଟିଏ ଫୋଲିଓ ନମ୍ବର ବ୍ୟବହାର କରି ଏକ ନିର୍ଦ୍ଦିଷ୍ଟ ଫଣ୍ଡ ହାଉସ୍‌ରେ ଥିବା ନିଜର ସମସ୍ତ ନିବେଶକୁ (ଡେବ୍‌ଟ, ଇକ୍ୱିଟି, ଇଏଲ୍‌ଏସ୍‌ଏସ୍) ସହଜରେ ଟ୍ରାକ୍ କରନ୍ତୁ।*

**ଫଣ୍ଡର ନାମ ଓ ବିକଳ୍ପ**

ଆପଣ ନିବେଶ କରିଥିବା ସ୍କିମ୍‌ର ନାମ ତଥା ଆପଣ ପସନ୍ଦ କରିଥିବା ଡିଭିଡେଣ୍ଡ କିମ୍ବା ବୃଦ୍ଧି ବିକଳ୍ପର ବିବରଣୀ ଏହି ଅଂଶରେ ରହିଥାଏ।

*ଯଦି ଆପଣ ଖାତା ବିବରଣୀରେ ଆପଣ ବାଛିଥିବା ନାମ କିମ୍ବା ବିକଳ୍ପରେ କୌଣସି ଅମେଳ କିମ୍ବା ତ୍ରୁଟି ଦେଖିବାକୁ ପାଆନ୍ତି ତେବେ ତାହାକୁ ସୁଧାରିବା ପାଇଁ ତୁରନ୍ତ ଏଥିପ୍ରତି ଫଣ୍ଡ ହାଉସ୍ / ଡିଷ୍ଟ୍ରିବ୍ୟୁଟରଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ।*

**ପରାମର୍ଶଦାତାଙ୍କ ବିବରଣୀ**


ଆପଣଙ୍କ ପରାମର୍ଶଦାତା/ଡିଷ୍ଟ୍ରିବ୍ୟୁଟର, ତାଙ୍କ ନାମ, ପ୍ୟାନ୍ ନମ୍ବର ଏବଂ କର୍ମଚାରୀ ଅନନ୍ୟ ପରିଚୟ ବା ଇୟୁଆଇଏନ୍ ସଂଖ୍ୟା ଦର୍ଶାଯିବ।

*ପ୍ରମାଣନକୁ ସୁନିଶ୍ଚିତ କରିବା ପାଇଁ ନିଜ ପରାମର୍ଶଦାତାଙ୍କ ଇୟୁଆଇଏନ୍ ନମ୍ବର ଯାଞ୍ଚ କରିନିଅନ୍ତୁ।*

**ଆପଣଙ୍କ ବ୍ୟକ୍ତିଗତ ଏବଂ ବ୍ୟାଙ୍କ ବିବରଣୀ**

ଏଠାରେ ଆପଣ ନିଜର ନାମ, ଠିକଣା, ଇମେଲ୍ ଆଇଡି, ଯୋଗାଯୋଗ ନମ୍ବର ଓ ବ୍ୟାଙ୍କ ବିବରଣୀ ଦେଖିବାକୁ ପାଇବେ।

*ଫଣ୍ଡରୁ ଅପ୍‌ଡେଟ୍ ପାଇବା ପାଇଁ ଏସବୁ ବିବରଣୀ ତ୍ରୁଟିମୁକ୍ତ ଅଛି କି ନାହିଁ ଯାଞ୍ଚ କରିନିଅନ୍ତୁ*




**ନେଣଦେଣର ବିବରଣୀ**

ଏହି ବିଭାଗରେ ଫଣ୍ଡ ହାଉସ୍ ସହିତ ଆପଣ କରିଥିବା ନେଣଦେଣଗୁଡ଼ିକର ପ୍ରକୃତି ଦର୍ଶାଯାଇଥାଏ, ଉଦାହରଣସ୍ୱରୂପ, ଏକ ସିଷ୍ଟେମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି)। ଅନ୍ୟାନ୍ୟ ନେଣଦେଣ ଯେପରି ପୁନଃ-ନିବେଶ କିମ୍ବା ପୈଠ କରାଯାଇଥିବା ଲାଭାଂଶର ରେକର୍ଡ ମଧ୍ୟ ଏହି ଅଂଶରେ ରହିଥାଏ।

*ସ୍କିମ୍‌ର ଲାଭାଂଶ ଘୋଷଣା ପଦ୍ଧତି (ଯଦି ଆପଣ ଡିଭିଡେଣ୍ଡ ବିକଳ୍ପ ବାଛିଥାନ୍ତି) ଉପରେ ନଜର ରଖନ୍ତୁ*


**ସାମ୍ପ୍ରତିକ ବ୍ୟୟ ଓ ମୂଲ୍ୟ**

ସାମ୍ପ୍ରତିକ ବ୍ୟୟ ହେଉଛି ସ୍କିମ୍‌ରେ ଆପଣ ନିବେଶ କରିଥିବା ଅର୍ଥରାଶିର ପରିମାଣ। ସାମ୍ପ୍ରତିକ ମୂଲ୍ୟ ହେଉଛି ବିବରଣୀ ତିଆରି କରାଯିବା ସମୟରେ ଆପଣଙ୍କ ନିବେଶର ବଜାର ମୂଲ୍ୟ।

*ନିଜ ନିବେଶର ପରଫର୍ମାନ୍ସ ସମ୍ପର୍କରେ ଜାଣିବା ପାଇଁ ଏହି ସୂଚନାକୁ ବ୍ୟବହାର କରନ୍ତୁ।*

**ରିସ୍କ-ଓ-ମିଟରକୁ କିପରି ପଢ଼ିବେ**

ସମସ୍ତ ସ୍କିମ୍ ସମ୍ପର୍କିତ ଦଲିଲରେ ଆପଣ ବାଛିଥିବା ସ୍କିମ୍‌ର ରିସ୍କର ସ୍ତରକୁ ଚିତ୍ର ମାଧ୍ୟମରେ ଦର୍ଶାଯାଇଥାଏ। ଏହାକୁ ରିସ୍କ-ଓ-ମିଟର କୁହାଯାଏ । ଏଥିରେ ପାଞ୍ଚଟି ସ୍ତରର ରିସ୍କ ଯଥା, ସ୍ୱଳ୍ପ, ମଧ୍ୟମ ସ୍ୱଳ୍ପ, ମଧ୍ୟମ, ମଧ୍ୟମ ଉଚ୍ଚ ଏବଂ ଉଚ୍ଚ ରହିଥାଏ। ସ୍କିମ୍‌ରେ ନିବେଶ କରି ଆପଣ କେଉଁ ସ୍ତରର ରିସ୍କର ବିକଳ୍ପ ବାଛୁଛନ୍ତି ଏହା ସୂଚକ ବାଡ଼ି ଉପରେ ନଜର ପକାଇ ଆପଣ ଜାଣିପାରିବେ। ଏହା ଆପଣଙ୍କୁ ଏକ ସୂଚିତ ପସନ୍ଦ କରିବାରେ ସହାୟତା କରିଥାଏ।




*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ଜଣେ ମ୍ୟୁଚୁଆଲ ଫଣ୍ଡ ନିବେଶକଙ୍କ ପାଇଁ କେୱାଇସି ମାନଦଣ୍ଡର ଅନୁପାଳନ ବାଧ୍ୟତାମୂଳକ । ଏହାର ପଦ୍ଧତି କ'ଣ?



ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି
ମିହିର କୁମାର ଶତପଥୀ
ଆର୍ଥିକ ପରାମର୍ଶଦାତା

ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପାଇଁ କେୱାଇସି ହେଉଛି ଏକ ପ୍ରାକ୍-ଆବଶ୍ୟକତା। ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ୨୦୦୨ (ପିଏମ୍‌ଏଲ୍‌ଏ) ଅଧୀନରେ ସେବି ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀଗୁଡ଼ିକୁ ନିର୍ଦ୍ଧାରିତ ମାନଦଣ୍ଡର ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥାଏ । କେୱାଇସି ପାଇଁ ଆବଶ୍ୟକ କାଗଜପତ୍ରଗୁଡ଼ିକ ହେଲା
୧- ଫଟୋଗ୍ରାଫ୍, ୨. ପରିଚୟର ପ୍ରମାଣ, ୩. ଠିକଣାର ପ୍ରମାଣ ଏବଂ ପ୍ୟାନ୍ କାର୍ଡ କପି ଯାହା ନିବେଶକଙ୍କ ଦ୍ୱାରା ବିଧିବଦ୍ଧ ଭାବେ ସେଲ୍‌ଫ ଆଟେଷ୍ଟେଡ୍ ହୋଇଥିବ ଏବଂ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସହିତ ଫଣ୍ଡ ହାଉସ୍‌ର ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୂଳ ସହିତ ସତ୍ୟାପିତ ହୋଇଥିବ।

### ଗୁରୁ କୁହନ୍ତି



ଦୀନବନ୍ଧୁ ଦେହୁରି
ଆର୍ଥିକ ପରାମର୍ଶଦାତା

**ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ (ଏଏମ୍‌ସି) କ'ଣ?**

ଏକ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ହେଉଛି ଗୋଟିଏ କମ୍ପାନୀ ଯାହା ସେମାନଙ୍କ ଗ୍ରାହକ କିମ୍ବା ନିବେଶକମାନଙ୍କଠାରୁ ସଂଗୃହୀତ ପାଣ୍ଠିକୁ ପରିଚାଳନା ଏବଂ ନିବେଶ କରିଥାଏ। ଏହି କମ୍ପାନୀଗୁଡ଼ିକ ନିକଟରେ ବିଭିନ୍ନ ଆଭିମୁଖ୍ୟ ଓ ଲକ୍ଷ୍ୟଗୁଡ଼ିକ ସହ ମେଳ ଖାଇବା ପାଇଁ ବିଭିନ୍ନ ଆସେଟ୍ କ୍ଲାସ୍ ସମ୍ବନ୍ଧୀୟ ଭିନ୍ନ ଭିନ୍ନ ଯୋଜନା ରହିଥାଏ। ବିବିଧକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପାଣ୍ଠି ପରିଚାଳନା ସହାୟତାରେ ବିଭିନ୍ନ ଆର୍ଥିକ ଲକ୍ଷ୍ୟ କିମ୍ବା ଆଭିମୁଖ୍ୟ ହାସଲ କରିବା ପାଇଁ ନିବେଶକମାନେ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀଗୁଡ଼ିକରେ ସେମାନଙ୍କର ପାଣ୍ଠି ନିବେଶ କରିଥାନ୍ତି।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: info@beswatantra.com ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ଟିକସ ବିଭାଗ

ଆପଣଙ୍କ ନିବେଶଗୁଡ଼ିକ ଆପଣଙ୍କ ପାଇଁ କାମ କରିବା ଉଚିତ୍। ପ୍ରାୟତଃ ଏହି ସମୟରେ, ଆୟକର ଅଧିନିୟମର ଧାରା ୮୦ ଅଧୀନରେ ଟିକସ ସଞ୍ଚୟ ଲାଗି ଆପଣ ନିଜ କମ୍ପାନୀରୁ ସମ୍ପୃକ୍ତ ବର୍ଷରେ କରିଥିବା ନିବେଶଗୁଡ଼ିକର ପ୍ରମାଣ ଦାଖଲ କରିବା ପାଇଁ ଏକ ଇମେଲ୍ ପାଇବେ। ଯଦି ଆପଣ ଠିକ୍ ସମୟରେ ତାହା ଦାଖଲ ନ କରନ୍ତି ତେବେ କମ୍ପାନୀ ଉତ୍ସରେ ଟିକସ କାଟିନେବ ଏବଂ ଆପଣ ମାର୍ଚ୍ଚ ପର୍ଯ୍ୟନ୍ତ ତିନିମାସ ପାଇଁ କମ୍ ବେତନ ପାଇବେ।



**ଆପଣଙ୍କ ନିକଟରେ ଏସବୁ ପ୍ରସ୍ତୁତ ରହିଛି କି?**

- ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍)ରେ ନିବେଶକୁ ଦର୍ଶାଉଥିବା କାଗଜପତ୍ର
- ଧାରା ୮୦ସି ଅଧୀନରେ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ବିକଳ୍ପଗୁଡ଼ିକରେ ନିବେଶ ଦର୍ଶାଉଥିବା କାଗଜପତ୍ର
- ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ରସିଦ
- ଗୃହ ଭଡ଼ା ଭତ୍ତା (ଏଚ୍‌ଆର୍‌ଏ) ଦାବି କରିବା ପାଇଁ ଭଡ଼ା ରସିଦ୍



**ଆପଣଙ୍କ ଆୟକର ଠିକ୍ ଭାବେ କାଟିବା ପାଇଁ ଆପଣ ନିଜ ନିଯୋକ୍ତାଙ୍କୁ ନିମ୍ନଲିଖିତ ସୂଚନା ଦେଇଛନ୍ତି କି?**

- ସଞ୍ଚୟ ବ୍ୟାଙ୍କ ଖାତାରୁ ପ୍ରାପ୍ତ ସୁଧ
- ଶେୟାର୍ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ଉପରେ ପୁଞ୍ଜି ଲାଭ
- ସ୍ଥାୟୀ ଜମା ଏବଂ ପୁନଃପୌନିକ ଜମା ଖାତାରୁ ପ୍ରାପ୍ତ ସୁଧ
- ଭଡ଼ାରୁ ପ୍ରାପ୍ତ ଆୟ ଏବଂ ଅନ୍ୟାନ୍ୟ ଉତ୍ସରୁ ପ୍ରାପ୍ତ ଆୟ

**ଆପଣ ଜାଣିଥିଲେ କି:**
ଆପଣ ଇଏଲ୍‌ଏସ୍‌ଏସ୍‌ରେ ₹୧,୫୦,୦୦୦ ନିବେଶ କରି ଟିକସରେ ପ୍ରତିବର୍ଷ ସର୍ବାଧିକ ₹୪୫,୦୦୦ ସଞ୍ଚୟ କରିପାରିବେ।

**ପରବର୍ତ୍ତୀ ସଂସ୍କରଣରେ:** ଜଣେ ନିବେଶକ ଭାବେ ନିଜର ଅଧିକାର ଓ ଦାୟିତ୍ୱକୁ ବୁଝିବା ଯେତେ ଜରୁରୀ ନିଜର ଆର୍ଥିକ ଆଚରଣକୁ ଜାଣିବା ମଧ୍ୟ ସେତିକି ଜରୁରୀ। ପରବର୍ତ୍ତୀ ସଂସ୍କରଣରେ, ଆମେ ଦେଖିବା ଯେ କିପରି ବିଭିନ୍ନ ରାଶି ଭିନ୍ନ ଭିନ୍ନ ଆର୍ଥିକ ପ୍ରବୃତ୍ତି ପ୍ରଦର୍ଶିତ କରିଥାଏ।

f LIVE ୨୦୧୯ ପାଇଁ ନିଜ ଆର୍ଥିକ ଯୋଜନା ପ୍ରସ୍ତୁତିରେ ସହାୟତା ଚାହୁଁଛନ୍ତି କି? ୨୦ ଡିସେମ୍ବର, ୨୦୧୮ ଦିନ ଅପରାହ୍ନ ୫.୦୦ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ କରନ୍ତୁ ଏବଂ 'ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ନିଜ ନୂଆବର୍ଷକୁ ଆର୍ଥିକ ଭାବେ ସୁରକ୍ଷିତ କରନ୍ତୁ' ନାମକ ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ଆତ୍ମ-ଆରୋପଣ ପକ୍ଷପାତିତା



ଆତ୍ମ-ଆରୋପଣ ହେଉଛି ଏକ ମନୋବୈଜ୍ଞାନିକ ଅଭ୍ୟାସ ଯେଉଁଠି ଆପଣ ସଫଳ ନିବେଶ ପରିଣତିର ଶ୍ରେୟ ନିଜକୁ ଦିଅନ୍ତି ଏବଂ କୌଣସି ନକାରାତ୍ମକ ଫଳାଫଳ ପାଇଁ ଦୁର୍ଭାଗ୍ୟ, ସାମାଜିକ କିମ୍ବା ଅର୍ଥନୈତିକ ପରିସ୍ଥିତିକୁ ଦାୟୀ କରନ୍ତି।



**ଆତ୍ମ-ଆରୋପଣ କିପରି ଆପଣଙ୍କୁ କ୍ଷତି ପହଞ୍ଚାଇପାରେ:**

- ଆପଣ ନିଜର ନିବେଶ ତ୍ରୁଟିଗୁଡ଼ିକୁ ଦେଖିପାରନ୍ତି ନାହିଁ
- ଏହା ଏକ ଭ୍ରାନ୍ତି ସୃଷ୍ଟି କରିପାରିବେ ଯେ ଆପଣଙ୍କ ପୋର୍ଟଫୋଲିଓ ଭଲ କାମ କରୁଛି, କିନ୍ତୁ ପ୍ରକୃତରେ ତାହାର ପ୍ରଦର୍ଶନ ନିମ୍ନମାନର ହୋଇପାରେ
- ଆପଣ ଅତ୍ୟଧିକ ଆତ୍ମବିଶ୍ୱାସୀ ହୋଇଯାଆନ୍ତି ଓ ବଜାରର ଗତିକୁ ଅନୁମାନ କରିବାର ଚେଷ୍ଟା କରନ୍ତି ଓ ବିପର୍ଯ୍ୟୟପୂର୍ଣ୍ଣ ପରିଣତିର ସମ୍ମୁଖୀନ ହୁଅନ୍ତି



**ନିବେଶ ସମୟରେ ଆତ୍ମ-ଆରୋପଣକୁ ଏଡ଼ାଇବା ପାଇଁ ଆପଣ କ'ଣ କରିବା ଉଚିତ**

- ଶୃଙ୍ଖଳା ଅବଲମ୍ବନ କରନ୍ତୁ ଏବଂ ଏକ ସୁଚିନ୍ତିତ ନିବେଶ ରଣନୀତିକୁ ଅନୁସରଣ କରନ୍ତୁ
- ନିଜ ଆର୍ଥିକ ଲକ୍ଷ୍ୟଗୁଡ଼ିକ ପ୍ରତି ଧୈର୍ଯ୍ୟର ସହ ଅଟଳ ରୁହନ୍ତୁ
- ଆପଣଙ୍କ ନିବେଶ ଅଭିବୃଦ୍ଧିର ତାଳମେଳ ଆପଣଙ୍କ ଲକ୍ଷ୍ୟ ସହିତ ଅଛି କି ନାହିଁ ଏହା ସୁନିଶ୍ଚିତ କରିବା ପାଇଁ ସମୟ ସମୟରେ ନିଜ ପୋର୍ଟଫୋଲିଓର ସମୀକ୍ଷା କରନ୍ତୁ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ପାଇଁ ଆପଣଙ୍କୁ ଆବଶ୍ୟକ ଅର୍ଥରାଶି ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ନେଇ ମନରେ କିଛି ପ୍ରଶ୍ନ ରହିଛି କି? ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ଓ ତାହାକୁ ଆମ ନିକଟକୁ ପଠାନ୍ତୁ।

ଆପଣଙ୍କ ସହରରେ ଆୟୋଜିତ ହେଉଥିବା କୌଣସି କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକୃତ ହେବା ଲାଗି ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

**ଏସ୍‌ଆଇପି ହେଉଛି ଆପଣଙ୍କ ଆର୍ଥିକ ଲକ୍ଷ୍ୟରେ ପହଞ୍ଚିବାର ଠିକ୍ ମାର୍ଗ**



ନିଜର ନିବେଶର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ; ଆଜି ହିଁ ଶୁଭାରମ୍ଭ କରନ୍ତୁ!

MUTUALFUNDS Sahi Hai

UTI Mutual Fund
Haq, ek behtar zindagi ka.

ଟ୍ୟାକ୍ସ ସଞ୍ଚୟ କରିବା ସହିତ ସମ୍ପତ୍ତି ସୃଷ୍ଟି କରନ୍ତୁ।



ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655019940 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ।

ଇକ୍ୱିଟୀ ଲିଙ୍କ୍‌ଡ ସେଭିଂସ୍ ସ୍କିମ୍‌କୁ ଚୟନ କରି ସ୍ମାର୍ଟ୍ ନିବେଶ କରିବାର ନିଷ୍ପତ୍ତି ନିଅନ୍ତୁ। ଏହା କେବଳ ପୁଞ୍ଜି ବୃଦ୍ଧିର ଅବସର ପ୍ରଦାନ କରିନଥାଏ ଅଧିକନ୍ତୁ କର ସଞ୍ଚୟ ଲାଭ ବି ପ୍ରଦାନ କରେ।
- ଆୟକର ଅଧିନିୟମ 1961 ର ଧାରା 80ସି ଅନ୍ତର୍ଗତ କର ଛାଡ଼
- ପ୍ରତିବର୍ଷ ₹1,50,000 ର ନିବେଶ ଉପରେ ₹46,800 ପର୍ଯ୍ୟନ୍ତ ଟ୍ୟାକ୍ସ ବଞ୍ଚାଏ#
- ନିବେଶ ପାଇଁ ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ପରି ସାଧନ ବି ଉପଲବ୍ଧ

SMS "UTILTEF" to 5676756 | www.utimf.com

ୟୁଟିଆଇ ଲଙ୍ଗ୍ ଟର୍ମ୍ ଇକ୍ୱିଟୀ ଫଣ୍ଡ (ଟ୍ୟାକ୍ସ ସେଭିଂ)

ୟୁଟିଆଇ ଲଙ୍ଗ୍ ଟର୍ମ୍ ଇକ୍ୱିଟୀ ଫଣ୍ଡ (କର ସଞ୍ଚୟୀ) = ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟୀ ସଂଯୁକ୍ତ ସେଭିଂ ସ୍କିମ୍ ୩ ବର୍ଷର ବିଧିବଦ୍ଧ ଲକ୍ ଇନ୍ ଓ କର ଲାଭ ସହିତ । #1961 ଆୟକର ଅଧିନିୟମର ଧାରା 80ସି ଅନ୍ତର୍ଗତ 30% ର ସର୍ବୋଚ୍ଚ କର ବ୍ରାକେଟ୍ ପାଇଁ ପ୍ରତି ବର୍ଷ ₹1,50,000 ର ନିବେଶ ଉପରେ କର ଛାଡ଼ । (ପ୍ରଚଳିତ କର ନିୟମ ଅନୁସାରେ)।

ଏହି ଉତ୍ପାଦ ନିବେଶକଙ୍କ ପାଇଁ ଉପଯୁକ୍ତ ଯିଏ ଚାହାନ୍ତି:*
- ଦୀର୍ଘକାଳୀନ ପୁଞ୍ଜି ବୃଦ୍ଧି
- କମ୍ପାନୀର ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟସରେ ନିବେଶ ଯାହାର ବିକାଶ ସମ୍ଭାବନା ଥିବାର ବିଶ୍ୱାସ କରାଯାଏ

*ଉତ୍ପାଦ ତାଙ୍କ ପାଇଁ ଉପଯୁକ୍ତ ଅଟେ କି ନାହିଁ ସନ୍ଦେହ ଥିଲେ ନିବେଶକ ତାଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ପରାମର୍ଶ କରିବା ଉଚିତ୍।



Scan this QR Code to know more about UTI Long Term Equity Fund (Tax Saving)

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ସ୍କିମ୍ ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ନିଯୁକ୍ତି ମେଳା



ମାର୍ଶାଘାଇ, ୧୬ା୧୨ (ଡିଏନଏ): ମାର୍ଶାଘାଇ ବ୍ଲକ ପରିସରରେ ଶନିବାର ବ୍ଲକ ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଓରମାସ୍ ତରଫରୁ ଆୟୋଜିତ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଅନ୍ତର୍ଗତ ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ଆତ୍ମନିଯୁକ୍ତି ତାଲିମ ପ୍ରଦାନ କରି ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ହୋଇଥିବା ନିଯୁକ୍ତି ମେଳାରେ ତାଲିମ ପାଇଁ ୪୪୨ ଜଣ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରିଛନ୍ତି । ମାର୍ଶାଘାଇ ବ୍ଲକ ଅଧକ୍ଷା ସୀତାଲତା ପରିଡା ଏହାକୁ ଉଦ୍‌ଘାଟନ କରିଥିଲେ । ବିଡିଓ ସୁବାଦାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ପ୍ରଗତି ସହାୟକ ପ୍ରଶାନ୍ତ କୁମାର ଜେନା ,ଜୀବିକା ମିଶନ ସଂଯୋଜିକା ପୁରବୀ ନାୟକ , ଏବିଡିଓ ଦେବେନ୍ଦ୍ର ନାଥ ସ୍ୱାଇଁ ,ଏପିଓ ମଳୟ କୁମାର ପାତ୍ର ,ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ,ବ୍ଲକ ଉପାଧକ୍ଷା ମମତା ପ୍ରଧାନ ପ୍ରମୁଖ ନିଯୁକ୍ତି ମେଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଶେଷରେ ବ୍ଲକ ମତ୍ସ୍ୟ ସଂପ୍ରସାରଣ ସହକାରୀ ଅଧିକାରିଣୀ ସି .ଏଚ୍ .ପଲ୍ଲଭି ଧନ୍ୟବାଦ ଦେଇଥିଲେ ।

### ୩୯୨ କୋଟି ଖର୍ଚ୍ଚରେ ହେବ କେନାଲ ନବୀକରଣ

କେନ୍ଦ୍ରାପଡା ଅଫିସ, ୧୬ା୧୨ କେନ୍ଦ୍ରାପଡ଼ା ଜିଲାର ଚାଷୀ ଆଗାମୀ ଦିନରେ ଜଳସେଚନ ସୁବିଧାରୁ ବଞ୍ଚିତ ହେବେନାହିଁ। ଏହି ଅଭିମୁଖ୍ୟ ରଖି ପଟ୍ଟାମୁଣ୍ଡାଇ କେନାଲ ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ କେନ୍ଦ୍ରାପଡ଼ା କେନାଲ ଓ ଗୋବରୀ କେନାଲର ଉନ୍ନୟନ ପାଇଁ ୩୯୨କୋଟି ଟଙ୍କା ବ୍ୟୟ ବରାଦର ଡିପିଆର ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା କେନାଲର ୫୧ କି.ମି. ଓ ଗୋବରୀ କେନାଲର ୨୫ କି.ମି. ଶଯ୍ୟା ପଥକୁ ଲାଇନିଂ କରାଯିବ। କେନ୍ଦ୍ରାପଡ଼ା କେନାଲର ୧୨ କି.ମି.ଠାରୁ ୬୩ କି.ମି. ପର୍ଯ୍ୟନ୍ତ ଲାଇନିଂ ପାଇଁ ୧୬୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ଗୋବରୀ କେନାଲ ଆରମ୍ଭରୁ ୨୫ କି.ମି. ପର୍ଯ୍ୟନ୍ତ ନବୀକରଣ ପାଇଁ ୨୨୬ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ଏଥିମଧ୍ୟରୁ କେନ୍ଦ୍ରାପଡା ସହର ମଧ୍ୟସ୍ଥ ୩ କି.ମି ଲମ୍ବର ଶଯ୍ୟାକୁ ଆର୍‌ସିସି ବକ୍ସ ନିର୍ମାଣ ସହ ଅବଶିଷ୍ଟ ଶଯ୍ୟାପଥକୁ ଲାଇନିଂ କରାହେବ। ଏହି ଡିପିଆର ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିବା ନିର୍ବାହୀଯନ୍ତ୍ରୀ ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟଯେ, ଏହି ଦୁଇ କେନାଲରେ ପୂର୍ବରୁ ନୌଚଳାଚଳ ହେବା ସହ ଚାଷ କ୍ଷେତକୁ ଜଳସେଚନ କରାଯାଉଥିଲା। ଗତ କିଛି ବର୍ଷ ମଧ୍ୟରେ ଏହି କେନାଲ ଦୁଇଟିର ଶେଷ ମୁଣ୍ଡକୁ ଯଥେଷ୍ଟ ପାଣି ଯାଉ ନଥିବା ଚାଷୀମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି।

### ମୃତ୍ୟୁ ବି ଆସେ ଏମିତି

ମାର୍ଶାଘାଇ,୧୬ା୧୨(ଡିଏନ୍‌ଏ)-୫ନଂ (କ) ଜାତୀୟ ରାଜପଥର ମାର୍ଶାଘାଇ କ୍ରସିଙ୍ଗ ନିକଟରେ ଛିଡା ହୋଇଥିବା ଏକ ଟ୍ୟାଙ୍କରରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଡ୍ରାଇଭର ହେଲେ ପବିତ୍ର ପ୍ରଧାନ (୪୮) । ପ୍ରକାଶ ଯେ, ମାର୍ଶାଘାଇ କ୍ରସିଙ୍ଗ ନିକଟ ତେଲଟାଙ୍କି ଠାରେ ଗୁରୁବାର ରାତିରେ ଏକ ଟ୍ୟାଙ୍କର (ନଂ. ଓଡ଼ି ୦୨ ଏ କ୍ୟୁ ୭୨୬୧) ଛିଡା ହୋଇଥିଲା । ଏଥିରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇ ଯାଇଥିଲା। ପାରାଦୀପ ଅଭିମୁଖେ ଯିବାକୁ ଥିବା ଏହି ଗାଡି ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ପାରିବାରୁ ଶୁକ୍ରବାର ଟ୍ୟାଙ୍କର ମାଲିକ ଡ୍ରାଇଭରଙ୍କୁ ଯୋଗାଯୋଗ କରିଥିଲେ । ହେଲେ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ଘଟଣାଟି ନଜରକୁ ଆସିଥିଲା। ଟ୍ୟାଙ୍କର ଚଳାଉଥିବା ଡ୍ରାଇଭର ପବିତ୍ର କ୍ୟାବିନ୍ ଭିତରେ ଶୋଇଥିଲେ । ହେଲେ ଗାଡି ଭିତରେ ତାଙ୍କର ମୃତ୍ୟୁ ଘଟିଥିଲା । ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଚର୍ଚ୍ଚା ହୋଇଥିଲା । ଖବର ପାଇ ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଏନେଇ ମାର୍ଶାଘାଇ ଥାନାରେ ୩୩/୧୮ ନଂରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# କିଡ୍‌ନୀ ଦେଇ ପୁଅକୁ ନୂଆ ଜୀବନ ଦେଲେ ମାଆ

ରାଜନଗର,୧୬ା୧୨(ଡିଏନଏ)



ଜୟନ୍ତୀ ଓ ତାଙ୍କ ପୁଅ ବାସବେନ୍ଦ୍ର ।

ରାଜନଗର ବ୍ଲକ ହାତିନା ପଞ୍ଚାୟତ ଖଣ୍ଡାମରା ଗାଁର ବଳରାମ ରାଉତ ଓ ଜୟନ୍ତୀଙ୍କ ଏକମାତ୍ର ପୁଅ ହେଉଛନ୍ତି ବାସବେନ୍ଦ୍ର (୨୨ ବର୍ଷ) । ବାସବେନ୍ଦ୍ର ବିଟେକ୍ ଶେଷ କରିବା ପରେ ଏକ କମ୍ପାନୀରେ ଜଏନ କରିବା ପାଇଁ ନିଯୁକ୍ତିପତ୍ର ପାଇଥିଲେ। ୧୦ ଡିସେମ୍ବର ୨୦୧୭ରେ ଚାକିରୀରେ ଯୋଗ ଦେଇଥାନ୍ତେ। ତେବେ ୨ ଡିସେମ୍ବର ୨୦୧୭ରେ ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମେଡିକାଲରେ ପରୀକ୍ଷା ପରେ ବାସବେନ୍ଦ୍ରଙ୍କର ୨ଟି କିଡ୍‌ନୀ ଛୋଟ ହୋଇଯାଇଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। କିଡ୍‌ନୀ ପ୍ରତିରୋପଣ ନିହାତି ଆବଶ୍ୟକ ବୋଲି ଡାକ୍ତର ଜଣାଇ ଦେଇଥିଲେ। ଦୀର୍ଘ ୮ମାସ ଧରି ଡାଇଲିସିସ କରାଯାଇଥିଲା। ବାସବେନ୍ଦ୍ର ଓ ତାଙ୍କ ମା’ ଜୟନ୍ତୀଙ୍କ ରକ୍ତ ଗ୍ରୁପ ଏ ପଜିଟିଭ ହୋଇଥିବାରୁ ପୁଅର ଜୀବନ ବଞ୍ଚାଇବାକୁ ମା’ କିଡ୍‌ନୀ ଦେବାକୁ ଡାକ୍ତରଙ୍କୁ କହିଥିଲେ। ସମସ୍ତ ଆବଶ୍ୟକୀୟ କାଗଜପତ୍ର କାମ ପରେ ଗତ ଅକ୍ଟୋବର ୨୩ ତାରିଖ ଦିନ କିଡନୀ ପ୍ରତିରୋପଣ କରାଯାଇଛି। ମା’ ଜୟନ୍ତୀଙ୍କ ବାମପଟ କିଡନୀ ପୁଅ ଦେହରେ ପ୍ରତିରୋପଣ କରାଯାଇଛି। ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲର ଡା. ବିଶ୍ୱଜିତ ନନ୍ଦଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଏହି କିଡନୀ ପ୍ରତିରୋପଣ କରିଛନ୍ତି। ଡା. ନନ୍ଦଙ୍କ ସହାୟତା ଯୋଗୁ ପୁଅ ନୂଆ ଜୀବନ ପାଇଲା ବୋଲି ବାପା ବଳରାମ କହିଛନ୍ତି । ଚିକିତ୍ସା ପାଇଁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ବଳରାମ ଜମି ବାଡି ବିକି ଧାର କରଜ କରି ପୁଅର କିଡନୀ ପ୍ରତିରୋପଣ କାମ ସାରିଛନ୍ତି। ଏବେ ମାସକୁ ମେଡିସିନ ପାଇଁ ୩୦ ହଜାର ଟଙ୍କା ଆବଶ୍ୟକ ହେଉଛି। ଚାଷୀବନ୍ଦୀ ଘର ହୋଇଥିବାରୁ ମେଡିସିନ ପାଇଁ ଏତେ ପରିମାଣର ଅର୍ଥ ମାସିକ କେଉଁଠୁ ଆଣିବେ ସେ ନେଇ ମା ବାପାଙ୍କ ଚିନ୍ତା ବଢ଼ିଛି । ସରକାର ସହାୟତାର ହାତ ବଢାଇବାକୁ ବଳରାମ ଆକୁଳ ନିବେଦନ କରିଛନ୍ତି।

# ରାଜନଗରରେ ଖୋଲିଲା ଧାନମଣ୍ଡି

ରାଜନଗର,୧୬ା୧୨(ଡିଏନଏ)

ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ଶନିବାର ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି। ଯୋଗାଣ ଅଧିକାରୀ ପ୍ରଭନ ସାହୁ, ରାଜନଗର ପଞ୍ଚାୟତର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତିର ସଂପାଦକ ଜ୍ଞାନରଞ୍ଜନ ନାୟକ, ସହସଂପାଦକ ପ୍ରେମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ବନ୍ଦପଡାକୁ ବାଦ ଦେଲେ ରାଜନଗର, ଭାଟପଡା, ବାଲିସାହିପାଟଣା, ଓସ୍ତିଆ, କୋଇଲିପୁର, ତାଳଚୁଆ, ଡାଙ୍ଗମାଳ, ଚାନ୍ଦିବାଉଁଶମୂଳ, ନୋଧାବସନ୍ତ, ଗୋପାଳପୁର, କୁରୁଣ୍ଟି, ଡେରା, ବ୍ରାହ୍ମଣସାହି ପ୍ରଭୃତି ୧୩ଟି ସେବା ସମବାୟ ସମିତିରେ ମଣ୍ଡି ଖୋଲାଯିବ। ଶନିବାର ଗୋଟିଏ ମଣ୍ଡି ଉଦଘାଟନ ହୋଇଛି। ଅନ୍ୟ ମଣ୍ଡି ଖୋଲିବାକୁ କୁହାଯାଇଛି ବୋଲି ଯୋଗାଣ ଅଧିକାରୀ ସାହୁ ସୂଚନା ଦେଇଛନ୍ତି । ଚଳିତମାସ ୧୭ ତାରିଖରେ ସମଗ୍ର ଜିଲାରେ ଧାନମଣ୍ଡି ଖୋଲିବାକୁ ସ୍ଥିର କରାଯାଇଥିଲା। ମାତ୍ର ଲଘୁଚାପ ବର୍ଷାକୁ ଆଖିଆଗରେ ରଖି ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଧାନମଣ୍ଡି ଉଦଘାଟନ କରାଯାଇଛି। ପ୍ରତିବର୍ଷ ଧାନସଂଗ୍ରହ ଲାଗି ଟାର୍ଗେଟ ଦିଆଯାଇଥାଏ। ଚଳିତବର୍ଷ ଅନ୍‌ଲାଇନ ରେଜିଷ୍ଟ୍ରେସନ କରିଥିବା ଚାଷୀଙ୍କ ଠାରୁ ତାଙ୍କର ସମସ୍ତ ଧାନ କିଣାଯିବ ବୋଲି ନିଷ୍ପତ୍ତି ହୋଇଛି। କେବଳ ଗୁରୁବାର ଓ ରବିବାରକୁ ବାଦଦେଲେ ୫ଦିନ ମଣ୍ଡି ଖୋଲାରହିବ।

# ସାହସୀ ବାଳକ ସିତୁକୁ ସମ୍ବର୍ଦ୍ଧନା



ଜନକଲ୍ୟାଣ ସଂଗଠନ ପକ୍ଷରୁ ସିତୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜନଗର,୧୬ା୧୨(ଡିଏନଏ)

ନିଜ ଦାଦାଙ୍କୁ କୁମ୍ଭୀର ମୁହଁରୁ ବଞ୍ଚାଇ ନୂଆ ଜୀବନ ଦେଇଥିବା ରାଜନଗର ବ୍ଲକ କଣ୍ଡିରା ଗାଁର ସିତୁ ମଲିକଙ୍କୁ ଜାତୀୟ ସାହସିକତା ପୁରସ୍କାର ମିଳିବ। ଏହା ଜଣା ପଡିବା ପରେ ତାଙ୍କ ନିକଟକୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଶନିବାର ଇଶ୍ୱରପୁରର ଜନକଲ୍ୟାଣ ସଂଗଠନ ପକ୍ଷରୁ ସିତୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଗଠନର ବସନ୍ତ ବେହେରା, ଦେବେନ୍ଦ୍ର ରାଉଳ, ସରୋଜ ବାରିକ, ଶଶିକାନ୍ତ ବାରିକ, ହେମନ୍ତ ବେହେରା, ବିଜୟ ସ୍ୱାଇଁ, ବୁଦ୍ଧଦେବ ସାହୁ, ସୁବାଷ ସାମଲ ପ୍ରମୁଖ ସିତୁଙ୍କ ଘର ନିକଟରେ ପହଁଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି ।

# ରାତି ଅଧରେ ବିଧବା ମହିଳାଙ୍କୁ ଉଠାଇ ନେବା ଅଭିଯୋଗ,୪ ଅଟକ

ମାର୍ଶାଘାଇ,୧୬ା୧୨(ଡିଏନ୍‌ଏ)

ମାର୍ଶାଘାଇ ଥାନା ବଡପାଳ ଅଞ୍ଚଳର ଏକ ଭଡାଘରୁ ଜଣେ ବିଧବା ମହିଳାଙ୍କୁ ବିଳମ୍ବିତ ରାତିରେ ୬ଜଣ ଯୁବକ ଉଠାଇ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ସଂପୃକ୍ତ ମହିଳାଙ୍କ ଶ୍ୱାଶୁଙ୍କ ଅଭିଯୋଗ କ୍ରମେ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ଏହି ଘଟଣାରେ ପୋଲିସ ମହିଳାଙ୍କୁ ଡାକ୍ତରୀ ପରୀକ୍ଷା କରିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ତେବେ ପ୍ରାଥମିକ ତଦନ୍ତରୁ ମହିଳାଙ୍କୁ ଗଣବଳାତ୍କାର କରାଯାଇ ନ ବେଳେ ପରକିୟା ପ୍ରୀତି ଯୋଗୁ ଏଭଳି ଘଟଣା ଘଟିଛି ବୋଲି ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ପ୍ରକାଶ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ମାର୍ଶାଘାଇ ବ୍ଲକ ପଳାସପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ସହିତ ରାଜନଗର ଅଞ୍ଚଳର ଜଣେ ୪୫ ବର୍ଷୀୟ ବଙ୍ଗୀୟ ମହିଳାଙ୍କର ଚଣ୍ଡିଖୋଲରେ ସାକ୍ଷାତ ହୋଇଥିଲା । ଏହି ମହିଳା ଜଣଙ୍କ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ । ତାଙ୍କୁ ସଂପୃକ୍ତ ବ୍ୟକ୍ତି ଭଲ କାମ ଦେବାର ପ୍ରଲୋଭନ ଦେଖାଇ ନିଜ ଗ୍ରାମକୁ ଆଣିଥିଲେ । କିନ୍ତୁ ସେ ଆସିବା ପରେ ତାଙ୍କ ପରିବାରରେ ବିବାଦ ସୃଷ୍ଟି ହେବାରୁ ଉକ୍ତ ମହିଳାଙ୍କୁ ନେଇ ବଡପାଳ ଠାରେ ଏକ ଭଡା ଘରେ ରଖିଥିଲେ । ଏପରି କି ଉକ୍ତ ମହିଳାଙ୍କ ସହିତ ରହୁଥିଲେ । ସଂପୃକ୍ତ ବ୍ୟକ୍ତି ନିଜ ଘରକୁ ଆଦୌ ନ ଯିବାରୁ ତାଙ୍କ ପତ୍ନୀ ତାଙ୍କ ସଂପର୍କରେ ଖବର ରଖୁଥିଲେ । କୌଣସି ସୂତ୍ରରୁ ସେ ତାଙ୍କ ସ୍ୱାମୀ ବଡପାଳରେ ଜଣେ ବଙ୍ଗୀୟ ମହିଳାଙ୍କ ସହିତ ରହୁଥିବା ଜାଣିବାକୁ ପାଇଥିଲେ । ଫଳରେ ସେ ଉତ୍ତ୍ୟକ୍ତ ହୋଇ ନିଜ ବାପଘର ମେରାଇନ୍ ଥାନା ପେଟଛେଲାକୁ ଯାଇ ସଂପର୍କୀୟମାନଙ୍କ ସହଯୋଗ ଲୋଡିଥିଲେ । ଫଳସ୍ୱରୂପ ସୁବିଧା ଦେଖି ଶନିବାର ବିଳମ୍ବିତ ରାତିରେ ବଡପାଳର ଭଡାଘରୁ ଏକ ଗାଡିରେ ମହିଳାଙ୍କୁ ଉଠାଇ ନିଆଯାଇଥିଲା । ତାଙ୍କୁ ରାମନଗର ବଜାରର ଏକ ସ୍ଥାନରେ ଉଠାଇ ନେଇଥିବା ଯୁବକମାନେ ନିସ୍ଥୁକ ମାଡ ମାରି ଭୋର ସମୟରେ ସେ ରହୁଥିବା ଭଡାଘର ନିକଟରେ ଛାଡି ଦେଇଥିଲେ । କିନ୍ତୁ ଉକ୍ତ ମହିଳାଙ୍କ ଶ୍ୱାଇଁ ରବିବାର ମାର୍ଶାଘାଇ ଥାନାରେ ଶାଶୁଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ତଦନ୍ତ କରିବା ପରେ ମହିଳାଙ୍କୁ କୌଣସି ଗଣବଳାତ୍କାର କରାଯାଇ ନ ଥିବା ଜଣାପଡ଼ିଥିଲା । ତେବେ ଆଇନକୁ ହାତକୁ ନେଇଥିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ତଦନ୍ତ ଚାଲୁ ରହିଥିବାରୁ ଡାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ରେକର୍ଡ ପରେ ସତ୍ୟାସତ୍ୟ ପଦାକୁ ଆସିବ । ଏ ନେଇ ମାର୍ଶାଘାଇ ଥାନାରେ ୨୨୬/୧୮ରେ ମାମଲା ରୁଜୁ ହୋଇଛି।

# ୧୯୯୫ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ଡେରାବିଶ, ୧୬ା୧୨ (ସ୍ୱ.ପ୍ର.)

ଡେରାବିଶ ଶିକ୍ଷା ସର୍କଲ ଦୋହଲିସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୫ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ରତ୍ନାକର ସ୍ୱାଇଁ, ଗୁରୁଚରଣ ଦାସ, ରବୀନ୍ଦ୍ର କୁମାର ଜେନା, ପଞ୍ଚାନନ ଶତପଥୀ, ତାରିଣୀ ଶତପଥୀ, ପ୍ରଦୀପ୍ତ କୁମାର ମହାପାତ୍ର, ସୁନାକର ପରିଡ଼ା, ଦୋଳଗୋବିନ୍ଦ ତ୍ରିପାଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ୧୯୯୫ ବ୍ୟାଚ୍‌ର ଦିବଂଗତ ୨ ଛାତ୍ରବନ୍ଧୁ ଓ ଗୁରୁମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ରବୀନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ସଭାରେ ସୁବ୍ରତ କୁମାର ଜେନା, ମନୋରଞ୍ଜନ ପଣ୍ଡା, ସାଗର ମହାପାତ୍ର, ପ୍ରଶାନ୍ତ ଦାଶ, ସସ୍ମିତା କର ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ସବାତୀ ସୁଚରିତା ଶୁକ୍ଳା, ଦେବଯାନୀ ପଣ୍ଡା, ଅଶୋକ ପଣ୍ଡା, ପ୍ରସନ୍ନ ଦାଶ, ସତ୍ୟବ୍ରତ ଦାସ, ଶିଶିର କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ପୋଷାକ ବିତରଣ ଉତ୍ସବ

ଡେରାବିଶ,୧୬ା୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ କାଦୁଆ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ହିମାଂଶୁ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମିତି ସଭ୍ୟ ସୌଦାମିନୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟୟନରତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ । ଉତ୍ସବରେ ସିଆରସିସି ହିମାଂଶୁ ଶେଖର ନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାଶିଷ ଜେନା, ସହକାରୀ ଶିକ୍ଷୟିତ୍ରୀ ମମତା ମହାନ୍ତିଙ୍କ ସମେତ ଅଭିଭାବକ ଉପସ୍ଥିତ ଥିଲେ ।

# ଅଗ୍ନିକାଣ୍ଡରେ ମୋଟର ସାଇକେଲ ଓ ଦୋକାନ ଜଳିଗଲା

ମାର୍ଶାଘାଇ,୧୬ା୧୨(ଡିଏନଏ)

**ଚୋରା ପେଟ୍ରୋଲ ପକାଇବା ମହଙ୍ଗା ପଡିଲା**



ଦମକଳବାହିନୀ ନିଆଁ ଲିଭାଉଛନ୍ତି।

ପାନ ଦୋକାନୀଙ୍କ ଠାରୁ ଜଣେ ବ୍ୟକ୍ତି ଚୋରାରେ ଗଚ୍ଛିତ ଥିବା ପେଟ୍ରୋଲ ଶସ୍ତାରେ କିଣିବା ବେଳେ ଅସାବଧାନତା ବଶତଃ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ପାନ ଦୋକାନ ଓ ଗ୍ରାହକଙ୍କ ମୋଟର ସାଇକେଲ ସଂପୂର୍ଣ୍ଣ ଜଳିଯାଇଛି । ପ୍ରକାଶ ଯେ, ମାର୍ଶାଘାଇ ଥାନା ଅନ୍ତର୍ଗତ ଆଠବାଟିଆ ଗ୍ରାମର ଜଣେ ପାନ ଦୋକାନୀ ଚୋରା ପେଟ୍ରୋଲ ଗଚ୍ଛିତ ରଖିଥିଲେ । ଶନିବାର ମଧ୍ୟାହ୍ନ ଗୋଟାଏ ବେଳେ ଏହି ଚୋରା ତେଲକୁ ଶସ୍ତାରେ କିଣି ପାଟକୁରା ଥାନା ଅନ୍ତର୍ଗତ ପାଇଲୋ ଗ୍ରାମର ସଞ୍ଜୟ ଦାସ ନିଜ ( ଓ ଆର୍ ୦୫ ଏକେ ୧୧୯୪) ମୋଟର ସାଇକେଲରେ ପକାଉଥିଲେ । ଏହି ସମୟରେ ତାଙ୍କ ପାଖରେ କେହି ଜଣେ ସିଗାରେଟ୍ ଟାଣିବାରୁ ନିଆଁ ଝୁଲ ଉଡି ଏହି ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ମୋଟର ସାଇକେଲ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଚୋରା ତେଲ ବେପାର କରୁଥିବା ପାନ ଦୋକାନୀଙ୍କ ଦୋକାନ ମଧ୍ୟ ପୋଡିଯାଇଛି । ଏହି ଦୋକାନ ଭିତରେ ୨ ଟି ବ୍ୟାରେଲରେ ଚୋରା ପେଟ୍ରୋଲ ଥିବା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀଙ୍କ ଠାରୁ ଜଣାପଡ଼ିଛି । ଖବର ପାଇ ମାର୍ଶାଘାଇରୁ ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଚୋରା ତେଲ ବେପାରୀ ଜଣକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି ।

# ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୧୬ା୧୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନ ପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏଥିପାଇଁ ଏମ୍‌ଏନ ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ସଂସଦର ସମ୍ପାଦକ ଡ. ବୈଷ୍ଣବ ଚରଣ ସିଂହ, ଉପସଭାପତି ଇଂ ତ୍ରୈଲୋକ୍ୟ ପ୍ରସାଦ ପଣ୍ଡା, ପୁରାତନ ଛାତ୍ର ଶିକ୍ଷାବିତ୍ ସନାତ ବେହୁରା, ଡ. କେଲୁଚରଣ ସ୍ୱାଇଁ, ଅଭୟ ବେହେରା, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ଲକ୍ଷ୍ମଣ କୁମାର ପାତ୍ର, ପ୍ରଫେସର ରମେଶଚନ୍ଦ୍ର ଜେନା, ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ, ଅଶୋକ କୁମାର ଜେନା, କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ପାଳନ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ଜେନା, ରଞ୍ଜିତ ସେନାପତି, ନାରାୟଣ ପ୍ରସାଦ ରାଉଳ, ନିଶିକାନ୍ତ ପ୍ରଧାନ, ପ୍ରଭାତ ବେହୁରାଙ୍କ ସମେତ ବିଭିନ୍ନ କମିଟିର ମୁଖ୍ୟମାନେ ପ୍ଲାଟିନମ୍ ଜୁବୁଲିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ୨୦୧୯ ଜାନୁୟାରୀ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଜୁବୁଲି ଉତ୍ସବ ପାଳନ ପାଇଁ ଆପାତତଃ ତାରିଖ ଧାର୍ଯ୍ୟ ହୋଇଛି। ପ୍ରଥମ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ସଂସଦ ସମ୍ପାଦକ ଡ. ସିଂହ ସୂଚନା ଦେଇଥିଲେ। ଏହି ଉତ୍ସବ ଅବସରରେ ଏକ ସ୍ମରଣିକା ଉନ୍ମୋଚନ ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଏମ୍‌ଏନ୍ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଆରାଧନା ଦାଶ ଧନ୍ୟବାଦ ଦେଇଥିଲେ।

# ପଟ୍ଟାମୁଣ୍ଡାଇରେ ପିଠା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୧୬ା୧୨ (ସ୍ୱ.ପ୍ର)

ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବା ପାଇଁ ପ୍ରତି ମାସ ୧୫ରୁ ୨୦ତାରିଖ ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା-ଅମୃତମଣୋହୀ ଓ ଅଳପୁଆ ଆଦି ୩ଟି ପଞ୍ଚାୟତରେ ଶନିବାର ପିଠା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା, ଉପାଧକ୍ଷ ସୁମନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ୩୦ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ । ସେହିପରି ଅଣ୍ଡରା ପଞ୍ଚାୟତର ମେଡିକାଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସରପଞ୍ଚ ରଶ୍ମିତା ନାୟକ, ବ୍ଲକ ଜିପିଓ ଶୈଳେନ୍ଦ୍ର କୁମାର ରାଉତ ଯୋଗ ଦେଇଥିଲେ । ଏଥିରେ ଅଣ୍ଡରା ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ଆଶାକର୍ମୀ ଯୋଗ ଦେଇଥିଲେ । ଅମୃତମଣୋହୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁରୂପ ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ କୁଳମଣି ମଳିକ ନେତୃତ୍ୱ ନେଇଥିଲେ । ଏଥିରେ ବ୍ଲକ ସଂପ୍ରସାରଣ ଅଧିକାରୀ ସି.ବେହୁରାଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ୪୮ଜଣ ହିତାଧିକାରୀମାନଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା । ଅଳପୁଆ ପଞ୍ଚାୟତ ସରପଞ୍ଚ ରମେଶ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ରାଉତ ନୋଡାଲ୍ ଅଫିସର ଭାବେ ଯୋଗ ଦେଇଥିଲେ। ଏହି ପଞ୍ଚାୟତରେ ୩୪ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା ।

# ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଶିଶୁ ଉତ୍ସବ ହୁଏ ସହାୟକ

ପଟ୍ଟାମୁଣ୍ଡାଇ,୧୬ା୧୨ (ସ୍ୱ.ପ୍ର)





ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ବିଦ୍ୟାଳୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏଥିରେ ଶିଶୁମାନଙ୍କର ମେଧା ଶକ୍ତି ବୃଦ୍ଧି ପାଇବା ସହ ବୌଦ୍ଧିକ ବିକାଶ ଘଟୁଛି ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ମଦନପୁର ମହାବୀର ହାଇସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ଶିଶୁ ଉତ୍ସବ -୨୦୧୮ରେ ଯୋଗ ଦେଇ ଶିକ୍ଷାବିତ୍‌ମାନେ ମତ ପୋଷଣ କରିଛନ୍ତି । ଶିଶୁ ଉତ୍ସବକୁ ଓଷ୍ଟା ସଂଘ ପ୍ରାକ୍ତନ ସଭାପତି ସଚ୍ଚିଦାନନ୍ଦ ପାଇକରାୟ ଉଦଘାଟନ କରିଥିଲେ । ଡାମରପୁରସ୍ଥ ହରେକୃଷ୍ଣ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଧବଳେଶ୍ୱର ଖଣ୍ଡାୟତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲା ସଭାପତି ବିଜୟ କୁମାର ଦାସ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ରାଜ୍ୟ ସଭାପତି ରାଧାକାନ୍ତ ଅଧିକାରୀ ଯୋଗ ଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ଜ୍ଞାନର ବିକାଶ ଦିଗରେ ଶିଶୁ ଉତ୍ସବ ବେଶ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ । ଏହି ଉତ୍ସବରେ ଜିଲା ଉପସଭାପତି ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପୂର୍ବତନ ବ୍ଲକ ସଭାପତି ଗୋକୁଳ ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷକ ରତ୍ନାକର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ସମ୍ପାଦକ ରବିନ୍ଦ୍ର କୁମାର ପରିଡା ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ବାବାଜୀ ଚରଣ ଦାସ, ବୀରେନ୍ଦ୍ର ସାମଲ, ଅଶ୍ୱିନୀ ପାତ୍ର, ଅକ୍ଷୟ କୁମାର ନନ୍ଦ, ବିଜୟ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଚିରଞ୍ଜନ କବି ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ୨୫ଟି ହାଇସ୍କୁଲର ୨୦୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ କଣ୍ଠ ସଙ୍ଗୀତ, ନୃତ୍ୟ, ତର୍କ, ଗଳ୍ପ ଲିଖନ, କବିତା ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୁଇଜ୍, ଏକକ ଅଭିନୟ ଓ କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସଂଘ ସଭାପତି କ୍ଷୀରୋଦ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ରାଜନଗର ବ୍ଲକ ସମ୍ପାଦକ ମହେଶ୍ୱର ରାଉତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ରାଉତ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଶିବିର



ପାରାଦୀପ,୧୬ା୧୨(ସ୍ୱ.ପ୍ର.): ପାରାଦୀପ ନୂଆଗଡ଼ସ୍ଥିତ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଇଛି। ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଯୋଗ ଶିବିରରେ ଯୋଗ ଗୁରୁ ଭଗବାନ ସ୍ୱାଇଁ, ଅଜୟ କୁମାର ବେଉରା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଅତିଥି ଭାବେ ଗୌରହରି ରାଉତ, ସତ୍ୟପ୍ରକାଶ ମହାନ୍ତି, ସୁବ୍ରତ ନାୟକ, ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବାବୁରାମ ବାରିକ, ପ୍ରସନ୍ନଜିତ ସାହୁଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସଂଚାଳନା କରିଥିଲେ।

# ବିଦ୍ୟାଳୟ ଗୋଟିଏ, ୩ ସ୍ଥାନରେ ପାଠପଢ଼ା

ପାରାଦୀପ,୧୬ା୧୨(ସ୍ୱ.ପ୍ର.)

ବିଦ୍ୟାଳୟ ଗୋଟିଏ, ହେଲେ ପାଠପଢା ଚାଲିଛି ୩ ସ୍ଥାନରେ। ପିଲାମାନେ ୩ ସ୍ଥାନରେ ପାଠ ପଢି ଗୋଟିଏ ସ୍ଥାନକୁ ଆସି ମଧ୍ୟାହ୍ନଭୋଜନ କରନ୍ତି। ଏହା ପରେ ଆପେ ବିଦ୍ୟାଳୟ ଛୁଟି ହୋଇଯାଏ। ଶିଳ୍ପ ସମୃଦ୍ଧ ବନ୍ଦର ନଗରୀ ପାରାଦୀପରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏହିପରି ଦୟନୀୟ ସ୍ଥିତିରେ ଚାଲିଛି। ପାରାଦୀପ ପୌରାଞ୍ଚଳର ୧୭ ନଂ. ୱାର୍ଡ ଷଣ୍ଢକୁଦ ବସ୍ତିରେ ଥିବା ନୋଳିଆ ସାହି ପ୍ରାଥମିକ ବିଦ୍ୟାଳୟରେ ଏହି ସମସ୍ୟା ଦେଖାଦେଇଛି। ଏହି ବିଦ୍ୟାଳୟର ଗୃହ ଗତ ବର୍ଷେ ହେଲା ଭାଙ୍ଗିଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୨୦୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ସେମାନଙ୍କ ବସିବା ପାଇଁ ଜାଗା ନାହିଁ। ପଢିବା ପାଇଁ ସେମାନେ ବାର ଦୁଆର ବୁଲୁଛନ୍ତି। ପ୍ରଥମେ ପୋଷ୍ଟୋ କୋଠାରେ କିଛିଦିନ ବସି ପାଠ ପଢିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେଠାରୁ ପୋଷ୍ଟୋ ସୁରକ୍ଷାକର୍ମୀ ଫେରାଇ ଦେବାରୁ ଜୁନ୍ ମାସରୁ ଭିନ୍ନ ଭିନ୍ନ ସ୍ଥାନରେ ପିଲା ବସି ଶିକ୍ଷାଲାଭ କରୁଛନ୍ତି। ଅର୍ଥାତ୍ ବସ୍ତିର ୩ଟି ସ୍ଥାନରେ ପାଠପଢା ଚାଲିଛି। ସ୍କୁଲ ସମ୍ମୁଖରେ ଥିବା ଅସ୍ଥାୟୀ ଘର, ସ୍କୁଲଠାରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ଗୋଷ୍ଠୀକେନ୍ଦ୍ର ଓ ଏକ ମଦ ଦୋକାନ ପଛ ବାରଣ୍ଡାରେ ପାଠପଢା ଚାଲିଛି। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲର ମୂଳ ଜାଗାକୁ ଆସିବା ପରେ ଭାଗ ଭାଗ ହୋଇ ଅଲଗା ହୁଅନ୍ତି। ପୁଣି ମଧ୍ୟାହ୍ନ ଭୋଜନ ବେଳକୁ ବ୍ୟାଗ ଧରି ମୂଳ ଜାଗାକୁ ଖାଇବା ପାଇଁ ଆସନ୍ତି। ପରେ କିଛି ପିଲା ଘରକୁ ପଳାଇଯାଆନ୍ତି। ଆଉ ଅଳ୍ପ କେତୋଟି ପିଲା ପାଠ ପଢୁଥିବା ସ୍ଥାନକୁ ଯାଆନ୍ତି। ଏମିତି ବ୍ୟବସ୍ଥାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ବସିବାରେ ଅସୁବିଧା ହେଉଛି। ଶୌଚାଳୟ ନ ଥିବାରୁ ସମସ୍ତେ ହଇରାଣ ହେଉଛନ୍ତି। ସୂଚନାଯୋଗ୍ୟ, ୧୯୭୬ରୁ ଚାଲିଥିବା ଏହି ସ୍କୁଲ ଘର ୧୯୯୯ ମହାବାତ୍ୟା ଓ ୨୦୧୩ ଫାଇଲିନ୍‌ରେ କ୍ଷତିଗ୍ରସ୍ତ ହୋଇଥିଲା। ୨୦୧୪ରେ ପ୍ରାୟ ୩.୮୦ ଲକ୍ଷ ଟଙ୍କାରେ ମରାମତି ହେଲା। କିନ୍ତୁ ପୁଣି ବର୍ଷକ ମଧ୍ୟରେ ଛାତ ଖସିପଡ଼ିଲା। ଶିକ୍ଷା ବିଭାଗ ପକ୍ଷରୁ ଏକାଧିକଥର ମରାମତି ପାଇଁ ଉଦ୍ୟମ ହୋଇଛି। କେତେବେଳେ ପୌର ପାଳିକା ମରାମତି କରିବ ତ ଆଉ କେତେବେଳେ ବିଭାଗ ନିଜେ କାମ କରିବ ସେ ନେଇ ଆଲୋଚନା ହେଉଛି। କିନ୍ତୁ ଖୋଲାପଡିଛି ମୂଳ ସ୍କୁଲ। ଏନେଇ ସର୍ବଶିକ୍ଷା ଯୋଜନାର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ସପନି କୁମାର ଜେନାଙ୍କୁ ପଚାରିବାରେ କୁହନ୍ତି, ଜାଗା ସମସ୍ୟା ଯୋଗୁ ସ୍ଥାୟୀ ଘର କରିବାରେ ଅସୁବିଧା ହେଉଛି।



ନୋଳିଆ ସାହି ପ୍ରାଥମିକ ବିଦ୍ୟାଳୟର ଛାତ ନ ଥିବା ଶ୍ରେଣୀଗୃହ।

**ଷଣ୍ଢକୁଦ ନୋଳିଆ ସାହି ପ୍ରାଥମିକ ବିଦ୍ୟାଳୟ**

- ବିଦ୍ୟାଳୟ ଛାତ ମୁକ୍ତୁଳା, ବସିବାକୁ ଜାଗା ନାହିଁ
- ଗୋଟିଏ ସ୍ଥାନରେ ମଧ୍ୟାହ୍ନଭୋଜନ
- ମଧ୍ୟାହ୍ନ ପରେ ଅଘୋଷିତ ଛୁଟି

# ପାରାଦୀପରେ କାଉ ମଡ଼କ, ବାର୍ଡ ଫ୍ଲୁ ଆଶଙ୍କା

ପାରାଦୀପ,୧୬ା୧୨(ସ୍ୱ.ପ୍ର.)



ପାରାଦୀପରେ ଗତବର୍ଷ ଭଳି ଏଥର ମଧ କାଉ ମଡ଼କ ଦେଖାଦେଲାଣି। ତେବେ ଗତବର୍ଷ ଏଠାରେ ପ୍ରଥମେ କାଉ ମଡ଼କ ଦେଖାଦେବା ପରେ ସମଗ୍ର ରାଜ୍ୟରେ ବାର୍ଡ ଫ୍ଲୁ ଆତଙ୍କ ପ୍ରକାଶ ପାଇଥିଲା। ଚଳିତଥର ପୁରୀ ଜିଲାରୁ ଆରମ୍ଭ ହୋଇ ଫ୍ଲୁ ଆତଙ୍କ ପାରାଦୀପକୁ ବ୍ୟାପିଛି। ଏବେ ଅନେକ ସ୍ଥାନରେ କାଉ ମରୁଥିବା ଦେଖିବାକୁ ମିଳିଲାଣି। ଯଦିଓ ହାତ ଗଣତ ଅଳ୍ପ କେତୋଟି କାଉ ମରିଛନ୍ତି, ତେବେ ଫ୍ଲୁ ବ୍ୟାପିବା ଆଶଙ୍କା ରହିଛି। ନେହେରୁ ବଙ୍ଗଳା, ବାଲିପ୍ଲଟ ମାଛ ବିକ୍ରୟ କେନ୍ଦ୍ର ପାଖରେ କାଉ ମରିପଡିଥିବା ଦେଖିବାକୁ ମିଳିଛି। ଉକ୍ତ ଘଟଣାରେ ପ୍ରାଣୀ ବିଭାଗ ପକ୍ଷଣୁ ସେପରି ତନାଘନା କରାଯାଇନାହିଁ। ଯେଉଁ ସ୍ଥାନରେ କାଉ ମରୁଛନ୍ତି ସେହି ଅଞ୍ଚଳରେ କୁକୁଡ଼ା, ବତକ ଆଦିଙ୍କୁ ଏହି ରୋଗ ବ୍ୟାପିବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ଗତବର୍ଷ ବାର୍ଡ ଫ୍ଲୁ ଦେଖାଦେବା ପରେ ସ୍ଥାନୀୟ ଅଞ୍ଚଳରେ ବହୁ ସଂଖ୍ୟାରେ କୁକୁଡ଼ା, ବତକ ଆଦି ପକ୍ଷୀ ମାରି ପୋତି ଦିଆଯାଇଥିଲା।

### ଶାରଳା ପୀଠରେ ବିଷ୍ଣୁଙ୍କୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ,୧୬ା୧୨(ଡି.ଏନ.ଏ.): ପବିତ୍ର ଧନୁ ସଂକ୍ରାନ୍ତି ଉପଲକ୍ଷେ ରବିବାର ଝଙ୍କଡ଼ ଶାରଳା ପୀଠ ଲୋକାରଣ୍ୟ ହୋଇଉଠିଥିଲା। ସକାଳୁ ଦୂରଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ଆସି ମା'ଶାରଳାଙ୍କ ଠାରେ ଧନୁ ମୁଆଁ ଭୋଗ କରିଥିଲେ। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ ମା'ଶାରଳଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଦାସ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ମା'ଶାରଳାଙ୍କ ପଣ୍ଡା ସେବକ ଓ ସ୍ଥାନୀୟ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ରମେଶ ଚନ୍ଦ୍ର ରାଉଳ, ରଘୁନାଥ ପଣ୍ଡା, ସିଦ୍ଧାର୍ଥ ଶଙ୍କର ରାଉଳ, ରଞ୍ଜନ କୁମାର ରାଉଳ, ବିଚିତ୍ରାନନ୍ଦ ହୋତା, ନୃସିଂହ ଚରଣ ନାୟକ, ଗୌରାଙ୍ଗ ଚରଣ ରାଉଳ, ସୁଶାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ

ତିର୍ତ୍ତୋଲ,୧୬ା୧୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ଅଧୀନ ବାଁବରଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ ନିଜ ଜନ୍ମଭୂମି ଜଜାଙ୍ଗ ଗ୍ରାମରେ ରବିବାର ୪୦ରୁ ଉର୍ଦ୍ଧ୍ୱ ଗରିବ ବୃଦ୍ଧାବୃଦ୍ଧ, ଅସହାୟ ଓ ବିଧବାଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବଂଶୀଧର ସ୍ୱାଇଁ, ୱାର୍ଡ ସଭ୍ୟ ବ୍ରହ୍ମାନନ୍ଦ ଭୋଇ, ଝାଟୁ ମଲ୍ଲ, ମହାଦେବ ନାୟକ , ବନମାଳି ସ୍ୱାଇଁ ଓ ଈଶ୍ୱର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସ୍ୱାଇଁ ନିଜ ଜଜାଙ୍ଗଠାରୁ ଅନତି ଦୂର ଆଉଟିକିରି ଗ୍ରାମରେ ବସବାସ କରୁଥିଲେ ସୁଦ୍ଧା ନିଜ ଜନ୍ମଭୂମିକୁ ଭୁଲି ପାରିନାହାନ୍ତି।

# ଯକ୍ଷ୍ମା ସଚେତନତା ଅଭିଯାନ




ଯକ୍ଷ୍ମା ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀମାନେ।

ରଘୁନାଥପୁର,୧୬ା୧୨(ଡି.ଏନ୍.ଏ.)

କଳିଙ୍ଗ ଟିବି ସର୍ଭାଇବର ନେଟ୍‌ୱର୍କ ଆନୁକୂଲ୍ୟରେ ଓ ଜଗତ୍‌ସିଂହପୁର ଜିଲା ଯକ୍ଷ୍ମାକେନ୍ଦ୍ର ସହଯୋଗରେ ସ୍ଥାନୀୟ କୃଷ୍ଣାନନ୍ଦପୁର ହାଜିଶେଖ ସମୀରଉଦ୍ଦିନ ହାଇସ୍କୁଲ, ମେଡିକାଲ କ୍ୟାମ୍ପସରେ ଯକ୍ଷ୍ମା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଶେଖ ସାଏକ୍ ଅଲ୍ଲି ରିସର୍ଚ୍ଚ ପର୍ସନ ଭାବେ ନିଜର ଅନୁଭୂତି ପ୍ରକାଶ କରିବା ସହ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରୁଥିବା ଯକ୍ଷ୍ମା ରୋଗକୁ ଲୁଚାଇ ନ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସଚେତନତା ରୁଟିନ୍ ପ୍ରଦାନ କରାଯିବା ସହ 'ଟିବି ହାରେଗା, ଦେଶ୍ ଜିତେଗା' ସ୍ଲୋଗାନ ଦିଆଯାଇଥିଲା। ଏଥିରେ ଜିଲା ଯକ୍ଷ୍ମା କେନ୍ଦ୍ର ପକ୍ଷରୁ ଡିପିସି ବିପିନ ବିହାରୀ ପାତ୍ର, ପିପିଏମ୍ କୋର୍ଡିନେଟର ଏମ୍‌ଡି ୱାକର ଅଲ୍ଲୀ, ଏସ୍‌ଟିଏସ୍ ପ୍ରଶାନ୍ତ ସାହୁ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାପାତ୍ର, ସରପଞ୍ଚ ଗୋଲଖ ବିହାରୀ ଜେନା, ଅଲିମ ବକ୍ସ, ଶେଖ୍ ଅମୁବ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଳିକା ଆତ୍ମରକ୍ଷା ତାଲିମ

ରଘୁନାଥପୁର,୧୬ା୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କୃତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଯୁକ୍ତ୨ ଜୁନିୟର କଲେଜରେ ଶନିବାର ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ସଂଯୋଜିକା ବାସନ୍ତୀଲତା ସାହୁଙ୍କ ପରିଚାଳନାରେ ଆୟୋଜିତ ସଭାରେ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରୀ ବିନା ଦ୍ୱିଧାରେ ଏହି ତାଲିମ ନେବା ଜରୁରୀ ବୋଲି ପ୍ରକାଶ କରିଥିଲେ। ଏଥିରେ ଅଧ୍ୟାପିକା କୁମୁଦିନୀ ଦ୍ୱିବେଦୀ, ପୁଷ୍ପଲତା ଦାଶ, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ଅଭୟ କୁମାର ମହାରଣା, ପିଇଟି ତ୍ରିଲୋଚନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ୧୬୫ ଜଣ ଛାତ୍ରୀ ୬ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ୧୨ ଦିନ ପର୍ଯ୍ୟନ୍ତ ତାଲିମ ନେବେ। ରେଖାରାଣୀ ମଲ୍ଲିକ ଓ ରଶ୍ମିତା ବିଶ୍ୱାଳ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିବେ। ଡିଇଓ ସ୍ନାତକ ମିଶ୍ର ଅତିଥି ପରିଚୟ ଓ କିରାଣୀ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ।

# ୪ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ବିରିଡ଼ି/ବାଲିଆ, ୧୬ା୧୨ (ଡି.ଏନ.ଏ.): ବିରିଡ଼ି ବ୍ଲକ ମଙ୍ଗୁଳି, ଦରଡ଼ାଗ୍ରାମ, ହାଜିପୁର ଓ ଉତ୍ତରଶାସନ ପଞ୍ଚାୟତରେ ରବିବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଙ୍ଗୁଳି ସରପଞ୍ଚ ତୃପ୍ତି ମଞ୍ଜରୀ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିପିଓ ଗୌରୀ ଦେଇ, କନିଷ୍ଠ ଯନ୍ତ୍ରୀ କ୍ଷୀତିଶ ଚନ୍ଦ୍ର ପଣ୍ଡା, ଆୟୁଷ ଡାକ୍ତର ଶୁଭଦର୍ଶିନୀ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବୈରାଗୀ ସେଠୀ, ନାଏବ ସରପଞ୍ଚ ଅମଳେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ଦରଡା ପଞ୍ଚାୟତରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ସରପଞ୍ଚ ଧନଞ୍ଜୟ ମହାପାତ୍ର, ଉତ୍ତରଶାସନ ପଞ୍ଚାୟତରେ ସରପଞ୍ଚ ଶିଳ୍ପା ସାହୁ ପୌରୋହିତ୍ୟ କରିଥିଲେ। ହାଜିପୁର ପଞ୍ଚାୟତରେ ସରପଞ୍ଚ ବିମଳ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷା ଗିତାଞ୍ଜଳି ସାହୁ ଉଦ୍‌ଘାଟନ କରିଥିଲେ। ଉକୁନ୍ଦରା ସରପଞ୍ଚ ଚନ୍ଦ୍ରଶେଖର ଦାଶ, ସମିତି ସଭ୍ୟ ଟିକିନା ଭୋଇ, ବଡିମିରା ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ, ବାଲିଆ ଗୋପିନାଥପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ, କୁଳକଇଜଙ୍ଗା ସରପଞ୍ଚ ଜୋସ୍ନାରାଣୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ମଙ୍ଗୁଳି ପଞ୍ଚାୟତରେ ଦିବ୍ୟମଧୁ ଏସଏଚଜି ଓ ତ୍ରିନାଥ ଗୋସାଇଁ ଏସଏଚଜି ସଭ୍ୟାମାନେ ପିଠା ବଣ୍ଟନ କରିଥିଲେ। ମଙ୍ଗୁଳି ପଞ୍ଚାୟତର ୧୬, ଉତ୍ତରଶାସନର ୫, ଦରଡାର ୨ ଓ ହାଜିପୁର ପଞ୍ଚାୟତର ୧୪, ମୋଟ ୩୭ ଜଣଙ୍କୁ କଳାକାର ଭତ୍ତା ବଣ୍ଟନ କରାଯାଇଥିଲା। ଏସିଇଓ ଶରତ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ।

## ଜୟଶଙ୍କରପୁରରେ ବିଜେଡିର ସମାବେଶ

# ଦାମ ଅନ୍ତର୍ଦାହରେ ଜଳିବେ: ଦେବାଶିଷ

କୁଜଙ୍ଗ,୧୬ା୧୨(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ବିଜେଡି ପକ୍ଷରୁ ଜିଲାନାସୀ ପଞ୍ଚାୟତର ଜୟଶଙ୍କରପୁର ଗ୍ରାମରେ ରବିବାର ଏକ ସମାବେଶ ଅନୁଷ୍ଠିତ ହୋଇଛି। ଏହି ଅବସରରେ 'ନେତା ଓ ଜନତା, ମନଖୋଲା କଥା' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଏଥିରେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ତୃଣମୂଳସ୍ତରରେ କର୍ମୀଙ୍କ ସମସ୍ୟା ଓ ଧୋଇଆ ଅଞ୍ଚଳର ଜୟଶଙ୍କରପୁର ପ୍ରତି କରାଯାଇଥିବା ଅବିଚାର ସମ୍ପର୍କରେ ମନଖୋଲି ଆଲୋଚନା କରିଥିଲେ। ଏହିଅବସରରେ ନିଜକୁ ଦେଶର ଚୌକିଦାର ବୋଲାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାରାଦୀପର ଚୌକିଦାର କହୁଥିବା ବିଧାୟକ ଦାମ ରାଉତଙ୍କୁ ଦେବାଶିଷ ସମାଲୋଚନା କରିଥିଲେ। ଦାମଙ୍କ ଅବହେଳା ଯୋଗୁ ଏହି ଅଞ୍ଚଳରେ ପ୍ରଗତି ହୋଇପାରି ନ ଥିବା ସେ କହିଥିଲେ। ଏଥିସହ ବିଳମ୍ବରେ ହେଲେ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଅବଗତ ହୋଇ ଆବଶ୍ୟକ ପଦକ୍ଷେପ ନେଇଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ବିଜେଡିରୁ ବହିଷ୍କୃତ ହୋଇଥିବା ଅନ୍ୟ ନେତାମାନେ ଯେଭଳି ଅନ୍ତର୍ଦାହରେ ଜଳୁଛନ୍ତି, ଦାମଙ୍କ ଅବସ୍ଥା ମଧ ସେଭଳି ହେବ ବୋଲି ଦେବାଶିଷ ପ୍ରକାଶ କରିଥିଲେ। ପାଇକା ନଦୀରେ ତିଖରୀ ପୋଲ ପାଇଁ ଯେଉଁ ଦାବି ହେଉଛି, ସେ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଂଗ୍ରେସ ନେତା ବାପି ସର୍ଖେଲଙ୍କୁ ମଧ ସେ ସମାଲୋଚନା କରିଥିଲେ। ଜୟଶଙ୍କରପୁର ଗ୍ରାମର ମୁରବୀ ଅଭୟ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଏମ୍‌ପି ଡା. କୁଳମଣି ସାମଲ ଯୋଗଦେଇ ଦେବାଶିଷ ପାରାଦୀପ ନିର୍ବାଚନମଣ୍ଡଳୀର ବିକାଶରେ ବ୍ରତି ହେବେ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ପରିଡା, କଳିଙ୍ଗ କର୍ଣ୍ଣଧାର କୈବର୍ତ୍ତ ସଙ୍ଗଠନ ସଭାପତି ଜ୍ୟୋତିରଞ୍ଜନ ସାମଲ, ଭାଗବତ ବେହେରା, ରମେଶ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଦୁର୍ଗା ଚରଣ ବେହେରା, ପ୍ରଶାନ୍ତ ବେହେରା, ଗଗନ ବେହେରା, ବ୍ରହ୍ମେଶ୍ୱର ପରିଡ଼ା, ଅକ୍ଷୟ ମାଝୀ, ମାନସ ରଞ୍ଜନ ପରିଡାଙ୍କ ସହ ବହୁ ଗ୍ରାମବାସୀ ଦାମଙ୍କ ଉପରେ ବର୍ଷିଥିଲେ। ଲକ୍ଷ୍ମୀକାନ୍ତ ବେହେରା ସଂଯୋଜନା କରିଥିଲେ। ଯୁବନେତା ତପନ ସାମନ୍ତରାୟ ସ୍ୱାଗତ ଭାଷଣ ଓ ଭାଗବତ ପରିଡ଼ା ଧନ୍ୟବାଦ ଦେଇଥିଲେ।




ବିଜେଡି ସମାବେଶରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟ ନେତାମାନେ।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବିରିଡ଼ି,୧୬ା୧୨(ଡି.ଏନ.ଏ): ବିରିଡ଼ି ବ୍ଲକ ମଙ୍ଗୁଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ଉତ୍ସବରେ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟା ସ୍ୱପ୍ନାବିକା ମହାନ୍ତି ସଭାପତିତ୍ୱ କରିଥିଲେ। ଏମପିଙ୍କ ପ୍ରତିନିଧି ଗୟାଧର ମହାନ୍ତି ମୁଖ୍ୟଅତିଥି, ଉମେଶ କୁମାର ମହାନ୍ତି ମୁଖ୍ୟବକ୍ତା, ସୁଲୋଚନା ମହାନ୍ତି, ମନୋରଞ୍ଜନ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ କିଶୋର ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମଲ୍ଲିକ, ଅଂଶୁମାନ ପରିଡ଼ା, ରୁପାଲି ଭୂୟାଁ, ସୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। କୃତୀ କ୍ରୀଡ଼ାବିତ୍‌ଙ୍କୁ ଜାନୁୟାରୀ ୨୬ରେ ପୁରସ୍କୃତ କରାଯିବ। ଆଚାର୍ଯ୍ୟା ଅନିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଗବ୍ବୁଜ ଫାଉଣ୍ଡେଶନର ନିର୍ମଳ ଜଗତ୍‌ସିଂହପୁର ଅଭିଯାନ

ଜଗତ୍‌ସିଂହପୁର ଅଫିସ,୧୬ା୧୨

ଗବ୍ବୁଜ୍ ଫାଉଣ୍ଡେସନ୍ ପକ୍ଷରୁ ନିର୍ମଳ ଜଗତ୍‌ସିଂହପୁର ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଫାଉଣ୍ଡେଶନ୍‌ର ୫୦ରୁ ଅଧିକ ଯୁବତୀ ଯୁବକ ଏକତ୍ରିତ ହୋଇ ଜଗତ୍‌ସିଂହପୁର ସହରରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ସେମାନେ ବସଷ୍ଟାଣ୍ଡ, ସାନ ବଜାର ଓ ମେଡିକାଲ ଛକରେ ଅଳିଆ ସଫା କରିଥିଲେ। ଏହି ସମୟରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲା କଂଗ୍ରେସ କମିଟି ପୂର୍ବତନ ସଭାପତି ରବି ମହାନ୍ତି, ଜଗତ୍‌ସିଂହପୁର ବିଡିଓ ଲଗ୍ନଜିତ ରାଉତ ଓ ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଯୁବକମାନଙ୍କୁ ଉତ୍ସାହିତ କରିଥିଲେ।




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ।

## ବିଜୁ ଯୁବ ବାହିନୀ ପକ୍ଷରୁ ଜିଲାସ୍ତରୀୟ ଯୁବ ସମାବେଶ

# ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଆଗକୁ ବଢ଼ନ୍ତୁ ଯୁବପିଢ଼ି

ଜଗତ୍‌ସିଂହପୁର ଅଫିସ,୧୬ା୧୨

ବିଜୁ ଯୁବବାହିନୀ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ରବିବାର ଜିଲାସ୍ତରୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ଯୁବ ଗୋଷ୍ଠୀଙ୍କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆଗେଇ ଆସିବାକୁ ଉତ୍ସାହିତ କରିବା ସହ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ କହିଥିଲେ। ଜିଲାପାଳ ଯାମିନୀ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯୁବ ଗୋଷ୍ଠୀଙ୍କୁ ଅଗ୍ରାଧିକାର ଦେଉଛନ୍ତି। ଏଥିପାଇଁ ବିଜୁ ଯୁବବାହିନୀ ଗଠନ କରିଛନ୍ତି। ଏହା ରାଜ୍ୟର ଯୁବଗୋଷ୍ଠୀଙ୍କୁ ସେମାନଙ୍କ ପ୍ରତିଭା ବିକାଶ ସାଙ୍ଗକୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ଜିଲାର ଯୁବକମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ଜିଲା ପାଇଁ ଗୌରବ ଆଣିପାରିଛନ୍ତି ବୋଲି କହିଥିଲେ। ଜିଲାପାଳ ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ ବିଜୁ ଯୁବ ବାହିନୀର ବାସ୍ତବ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଜିଲାର ୮ ବ୍ଲକ ଓ ୨ ପୌର ପରିଷଦରେ ୨୧୧ ବିଜୁ ଯୁବ ବାହିନୀ ଗଠନ କରାଯାଇଛି। ଏଥିରେ ସ୍ୱେଚ୍ଛାସେବୀ ସଂଖ୍ୟା ରହିଛି ୧୧,୮୩୨ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରବି ନାରାୟଣ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫ ଜଣ ଯୁବକଙ୍କୁ ମୁଁ ହିରୋ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ କୁଜଙ୍ଗର ଅମର ଜ୍ୟୋତି ରାଉତ, ପାରାଦୀପର ଶିବ ଗୁଡ୍ଡୁ, ବିରିଡ଼ି ବ୍ଲକ ଅନ୍ତର୍ଗତ କୁଳକଇଜଙ୍ଗାର ରାଜ କିଶୋର ଭୋଇ, ବାଲିକୁଦା ବ୍ଲକ ମୂଲୁଗାଁର ରାକେଶ ମହାପାତ୍ର ଓ ଏରସମା ବାରିଶୋଲା ପଞ୍ଚାୟତର ତନୁ ପ୍ରକାଶ ଖଣ୍ଡୁଆଳ। ସେହିପରି ଶ୍ରେଷ୍ଠ ବିଜୁ ଯୁବ ବାହିନୀ ଭାବେ ବଛାଳୋ, ସିଂହାରପୁର ଓ ମଙ୍ଗୁଳି ପଞ୍ଚାୟତ ବିଜୁ ଯୁବ ବାହିନୀକୁ ସମ୍ମାନିତ କରାଯାଇଥିଲା। ଏହି ଉପଲକ୍ଷେ ହୋଇଥିବା କ୍ରିକେଟ୍ ଟୁର୍ନାମେଣ୍ଟରେ ବାଲିକୁଦା ଚାମ୍ପିୟନ ଓ ଜଗତ୍‌ସିଂହପୁର ରନର୍ସ ଅପ ହୋଇଥିଲା। ୨ ଦଳକୁ ଅତିଥି ପୁରସ୍କୃତ କରିଥିଲେ। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଶ୍ୱକପ୍ ହକିର ଫାଇନାଲ ମ୍ୟାଚ୍ ଦେଖିବାର ସୁଯୋଗ ମିଳିଥିଲା।



ବିଜୁ ଯୁବ ବାହିନୀ ଜିଲାସ୍ତରୀୟ ସମାବେଶରେ ଉପସ୍ଥିତ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ଓ ଅନ୍ୟମାନେ।

- ୫ ଯୁବକଙ୍କୁ ମୁଁ ହିରୋ ସମ୍ମାନ
- ୩ ପଞ୍ଚାୟତର ବିଜୁ ଯୁବବାହିନୀକୁ ଶ୍ରେଷ୍ଠ ପୁରସ୍କାର

## ସଂକ୍ଷେପରେ

### ବକେୟା ମାଗିବାରୁ ବ୍ୟବସାୟୀଙ୍କୁ ମାଡ଼, ବାପପୁଅ ଗିରଫ

**ଧର୍ମଶାଳା, ୧୬।୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଅରିମୂଳ ଗ୍ରାମରେ ଜଣେ ଗୁପ୍‌ଚୁପ୍ ବ୍ୟବସାୟୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ବାପପୁଅଙ୍କୁ ଗିରଫ କରି ରବିବାର ଚଣ୍ଡିଖୋଲ କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ଚାରଗୋଠ ଗ୍ରାମର ଅନିଲ ମଲିକ ଓ ତାଙ୍କ ବାପା ହରିହର ମଲିକ । ପ୍ରକାଶ ଯେ, ବିହାର ଅଞ୍ଚଳର କୁଶେଶ୍ୱର ସାହାଣୀ ଜେନାପୁର ପଞ୍ଚାୟତ ଅନ୍ତର୍ଗତ ଅରିମୂଳ ଗ୍ରାମରେ ଗୁପ୍‌ଚୁପ୍ ବିକ୍ରି କରି ପରିବାର ଭରଣପୋଷଣ କରନ୍ତି। କିଛିଦିନ ତଳେ ଅନିଲ କୁଶେଶ୍ୱରଙ୍କଠାରୁ ବାକିରେ ଗୁପ୍‌ଚୁପ୍ ଖାଇଥିଲେ। ଶନିବାର କୁଶେଶ୍ୱର ବାକି ଟଙ୍କା ମାଗିବାରୁ ଅନିଲ ଓ ବାପା ହରିହର ମିଶି ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ କୁଶେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୨୪୬/୧୮) ରୁଜୁ କରି ଉଭୟ ବାପପୁଅଙ୍କୁ ଗିରଫ କରିଥିଲା।

### ଦୁର୍ଘଟଣାରେ ୩ ଗୁରୁତର

**ଧର୍ମଶାଳା, ୧୬।୧୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର-କାଏମା ନଦୀବନ୍ଧ ଭୁବନଠାରେ ରବିବାର ବାଇକ୍ ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ କୁଆଖିଆ ଥାନା ଅନ୍ତର୍ଗତ ସିଙ୍ଗାପୁର ଗ୍ରାମର ଚନ୍ଦନ ମାଝୀ, ମିଥୁନ ମାଝୀ ଓ ଶଙ୍କର୍ଷଣ ରଣା। ଚନ୍ଦନ ଓ ମିଥୁନ ଏକ ବାଇକ୍‌ରେ ନଦୀ ବନ୍ଧରେ କାଏମା ଆସୁଥିଲେ। ଭୁବନନିକଟ ନଦୀବନ୍ଧରେ ଶଙ୍କର୍ଷଣ ଫୋନ୍‌ରେ କଥା ହେଉଥିବାବେଳେ ଚନ୍ଦନ ଓ ମିଥୁନ ତାଙ୍କୁ ଧକ୍କା ଦେଇଥିଲେ। ଶଙ୍କର୍ଷଣଙ୍କ ଗୋଡ ଭାଙ୍ଗି ଯାଇଥିବାବେଳେ ଚନ୍ଦନ ଓ ମିଥୁନ ମଟରସାଇକେଲ ସହ ନଦୀ ବନ୍ଧ ତଳକୁ ଖସିପଡି ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ୩ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

■ ରହସ୍ୟରେ ନାବାଳକଙ୍କ ମୃତ୍ୟୁ

# ପରିବାର, ପୋଲିସ ଉଭୟ ସ୍ଥାଣୁ


**ରସୁଲପୁର, ୧୬।୧୨(ଡିଏନଏ)**

- ନିଖୋଜ ହେବାର ୬ଦିନ ପରେ ମୃତଦେହ ଉଦ୍ଧାର
- ନିଖୋଜ ଓ ମୃତ୍ୟୁ ପରେ ବି ହୋଇନି ଅଭିଯୋଗ
- ଅପମୃତ୍ୟୁ ମାମଲା ରୁଜୁ କରି ବସିଛି ପୋଲିସ

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର ନାବାଳକ ନିହାର ରଞ୍ଜନ ପଣ୍ଡା(୧୬) ନିଖୋଜ ହେବାର ୬ଦିନ ପରେ ତାଙ୍କ ମୃତଦେହକୁ ଶନିବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ନାବାଳକ ଆତ୍ମହତ୍ୟା କରିଥିବା କୁହାଯାଉଛି। ମାତ୍ର ଘଟଣାର ପାରପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟା ବୋଲି ଅନୁମାନ କରାଯାଉଥିବା ବେଳେ ପରିବାର ଲୋକଙ୍କ ସ୍ଥାଣୁତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିହାରଙ୍କ ନିଖୋଜ କିମ୍ବା ମୃତ୍ୟୁକୁ ନେଇ ପରିବାର ଲୋକେ କେହି ଥାନାରେ ଅଭିଯୋଗ କରିନାହାନ୍ତି। ପୋଲିସ ମଧ୍ୟ ନିଜ ଆଡୁ ଏହି ଘଟଣା ଉପରେ କୌଣସି ତତ୍ପରତା ନ ଦେଖାଇ ଏକ ଅପମୃତ୍ୟୁ ମାମଲା (ନଂ. ୧୩୨/୧୮) ରୁଜୁ କରି ବସିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛି ପୋଲିସ।

ସୂଚନା ଯେ, ନରେନ୍ଦ୍ର ପଣ୍ଡାଙ୍କ ବଡ ପୁଅ ନିହାର ସୋମବାର ଅପରାହ୍ନରେ ସ୍କୁଲରୁ ଘରକୁ ଫେରି ଆସିଥିଲେ। ପୋଷାକ ବଦଳାଇ କେଉଁଆଡେ ଚାଲି ଯାଇଥିଲେ। ଘରୁ ଚାଲିଯିବାର ୬ଦିନ ପରେ ଧର୍ମଶାଳା ଥାନା ବାରବାଟୀ ପଞ୍ଚାୟତର ବ୍ରାହ୍ମଣୀ ନଦୀ କୂଦ ନିକଟସ୍ଥ ଏକ ପଳାସ ଗଛରେ ତାଙ୍କ ଗଳିତ ମୃତଦେହ ଝୁଲୁଥିବା କେତେଜଣ ଚାଷୀ ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ମୃତଦେହ ପଚି ଦୁର୍ଗନ୍ଧ ବାହାରୁ ଥିଲା। କୁକୁର ମୃତ ନାବାଳକଙ୍କ ଏକ ଗୋଡକୁ ଟାଣି ଖାଇ ଯାଇଥିଲେ। ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ପରେ ତାଙ୍କ ପରିଚୟ ମିଳିଥିଲା। ନିହାର ନିଖୋଜ ହେବା ଘଟଣାକୁ ସପ୍ତାହେ ବିତି ଯାଇଥିଲେ ମଧ୍ୟ ପରିବାର ପକ୍ଷରୁ ଏ ନେଇ ପୋଲିସରେ କୌଣସି ଏତଲା ହୋଇ ନ ଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନ ପାଇ ସେ ଫେରିଆସିବ ଭାବି ଚୁପ୍ ବସିଥିଲେ। ଏପରିକି ତାଙ୍କ ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ବି ପରିବାର ଲୋକଙ୍କ ମଧ୍ୟରେ ସ୍ଥାଣୁତା ଦେଖାଦେଇଛି। ଏ ସମ୍ପର୍କରେ ପରିବାର ଲୋକଙ୍କୁ ପଚାରିଲେ ସେମାନେ କିଛି କହିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସେମାନଙ୍କ ଅସହଯୋଗ ଯୋଗୁ ଅନେକ କଥା ପଦାକୁ ଆସିପାରୁ ନାହିଁ। ଏହି ଘଟଣାରେ କେହି ଅଭିଯୋଗକାରୀ ନ ଥିବାରୁ ପୋଲିସ ମଧ୍ୟ ଚୁପ ହୋଇ ବସିଯାଇଛି। ଯଦ୍ୱାରା ତାଙ୍କ ମୃତ୍ୟୁ ରହସ୍ୟାବୃତ୍ତ ହୋଇ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଲକ୍ଷ୍ମୀ ନାରାୟଣଙ୍କ ପୂଜା ଉତ୍ସବ



ମଣ୍ଡପରେ ପୂଜା ପାଉଛନ୍ତି ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି।

**ଧର୍ମଶାଳା, ୧୬।୧୨(ଡି.ଏନ୍.ଏ.)**

ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ଧନୁସଂକ୍ରାନ୍ତିଠାରୁ ପ୍ରସିଦ୍ଧ ଲକ୍ଷ୍ମୀ ନାରାୟଣ ଓ ଗଜ ଉଦ୍ଧାର ପୂଜା ଉତ୍ସବ ଶୁଭାରମ୍ଭ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ପୂଜା, ହୋମ, ପୁଷ୍ପାଞ୍ଜଳି ଦିଆଯାଇ ଘଟ ବିଷର୍ଜନ କରାଯିବ। ଏଥିସହ ଧର୍ମଶାଳା ମହୋତ୍ସବ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୫ରେ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନକୀର୍ତ୍ତନ ସହ ପ୍ରବଚନ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମରେ ନିଷ୍ପତ୍ତି ହୋଇଯାଇଛି।

■ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ୍

# ଦେଓଦା, ଅରାବଳ ବିଜୟୀ

**ଧର୍ମଶାଳା, ୧୬।୧୨(ଡି.ଏନ୍.ଏ.)**

**ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋଟପୁର ପଞ୍ଚାୟତ ମା’ ଜାଗୁଲାଇ ଖେଳ ପଡ଼ିଆରେ ଅୟୋଜିତ ୪ର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୫ନଂ ଜୋନ୍‌ର ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ରବିବାର ଦେଓଦା ଓ ଅରାବଳ ଦଳ ବିଜୟୀ ହୋଇଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଥମ ମ୍ୟାଚ୍‌ଟି ଦେଓଦା ଓ ଅରେଇକଣା ଦଳ ମଧ୍ୟରେ ଖେଳାଯାଇଥିଲା। ଦେଓଦା ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୬ ଉଇକେଟ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଅରେଇକଣା ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ୍ କରି ପରାସ୍ତ ହୋଇଥିଲା। ସୁବାଶିଷ ଦାସ୍ ଓ ଅବିନାଶ ସାମଲ ଖେଳା ପରିଚାଳନା କରିଥିଲେ। ଏହିପରି ଦ୍ୱିତୀୟ ମ୍ୟାଚ୍‌ରେ ଅରାବଳ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଜବାବରେ ପଟୁଣିଆ ଦଳ ବ୍ୟାଟିଂ କରି ୮.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୩ ରନ୍ କରି ପରାସ୍ତ ହୋଇଥିଲେ। ନାରାୟଣ ପାଲ ଓ ଶୁବାଶିଷ ଦାସ ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ନିକୁଞ୍ଜ ବେହେରା ସ୍କୋର୍‌ରେ ସହାୟତା କରିଥିଲେ। ସୋମବାର କଦମପାଳ ସହିତ ଦେଓଦା ଓ ପାଟପୁର ସହିତ ଅରାବଳ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କେଡିଏମ୍‌ର ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି।

### ସମାଜିକକର୍ମୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା

**ଜେନାପୁର, ୧୬।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରସ୍ଥିତ ଉତ୍କଳମଣି ସେବା ସଂଗଠନର ବରିଷ୍ଠ ସଭ୍ୟ ତଥା ଗୋପବନ୍ଧୁ ସାହିତ୍ୟ ସଂସଦର ସଭାପତି ସ୍ୱର୍ଗତ ସୀତାନାଥ ଶତପଥୀଙ୍କ ଦ୍ୱାଦଶାହ ଅବସରରେ ରବିବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ କ୍ଷେତ୍ରବାସୀ ରାଉତଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ସାହିତ୍ୟ ସଂସଦର ଉପସଭାପତି ରମେଶ ଚନ୍ଦ୍ର ଶତପଥୀଙ୍କ ଦ୍ୱାରା ଏକ ଶ୍ଳୋକ ପାଠ କରାଯାଇଥିଲା। ବଣମାଲୀ ସାହିତ୍ୟ ସଂସଦ ଉପଦେଷ୍ଟା ପଦ୍ମନାଭ ଶତପଥୀ, ପ୍ରକାଶ ଚନ୍ଦ୍ର ରଥ, ବିଷ୍ଣୁଚରଣ ଓଝା, ସୁଶାନ୍ତ ଖଟୁଆ, ବାବାଜୀ ପଣ୍ଡା ପ୍ରମୁଖ ସ୍ମୃତିସଭାରେ ଉପସ୍ଥିତ ଥିଲେ ।

# ବିଭିନ୍ନ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**ଚଢେଇଧରା/ଜେନାପୁର, ୧୬।୧୨ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ପିଠା, କାକରା, ମଣ୍ଡା, ଆରସା, ଏଣ୍ଡୁରି, ଚକୁଳି, ମୁହାଣ୍ଡି ଓ ମିଠା ପ୍ରଦର୍ଶନ କରାଯାଇଥିଲା। ଏଥିସହ ବିଭିନ୍ନ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ସୂଚନା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଧୁଃଶାସନ ସାହୁ, ନିରଞ୍ଜନ ରାଉତ, ପ୍ରଣତି ଲେଙ୍କା, ସୁରେଖା ନାୟକ, ରାକେଶ ନାୟକ, ସରପଞ୍ଚ ଝୁମୁରୀ ନାୟକ, ପ୍ରହଲ୍ଲାଦ ଲେଙ୍କାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଏହିପରି ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଏକ କାର୍ଯ୍ୟକ୍ରମ ଜିଲାପାଳ ରଞ୍ଜନ କୁମାର ଦାସ, ବିଡିଓ ଅମ୍ବିକା ପ୍ରସାଦ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ଭତ୍ତା ବଣ୍ଟନ କରାଯାଇଛି। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ ପାଇ ନ ଥିବା ୧୫ ଜଣଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ସରପଞ୍ଚ ରାଜଶ୍ରୀ ପରିଡା, ସମିତି ସଭ୍ୟା ମଦୀନା ବିବି, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ହିମାଂଶୁ ବେହେରା, ଲକ୍ଷ୍ମୀଧର ପରିଡାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

DSPL-303



## ସଂକ୍ଷେପରେ




### ବାଗଲପୁରରେ ସ୍ୱାସ୍ଥ୍ୟସେବା ଶିବିର

**ବାଲିଆ,୧୬।୧୨:** ବିରିଡ଼ି ବ୍ଲକର ବାଗଲପୁର ଗ୍ରାମରେ ରବିବାର ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ବାଗଲପୁର ଲାୟନ୍ସ କ୍ଲବ ଆନୁକୂଲ୍ୟରେ ଗ୍ରାମର ଖୁଶାଲି ଭବନଠାରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ୮ ଜଣ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ୪୨୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ରୋଗୀଙ୍କୁ ସେମାନଙ୍କ ପ୍ରେସକ୍ରିପ୍ସନ ଅନୁସାରେ ମୋଟ୍ ୧,୨୧,୪୬୦ ଟଙ୍କାର ମାଗଣା ଔଷଧ ଦିଆଯାଇଥିଲା। ଜୀବନ ପଟ୍ଟନାୟକ, ଅଜୟ କୁମାର ଦାସ, ବିଦ୍ୟୁତ ଭୂଷଣ କାନୁନଗୋ, ଶିବପ୍ରସାଦ ଦାସ, ତରୁଣ ଦାସ, ସୌମ୍ୟଶେଖର ଦାସ, କିରଣକାନ୍ତ ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଭାଜପାର ସୋସିଆଲ ମିଡିଆ କର୍ମଶାଳା

**ତିର୍ତ୍ତୋଲ,୧୬।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ସରଣୀ ଛକଠାରେ ଶନିବାର ଭାରତୀୟ ଜନତା ପାର୍ଟି ତରଫରୁ ସୋସିଆଲ ମିଡିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଭାଜପାର ବିଭିନ୍ନ କାର୍ଯ୍ୟକ୍ରମ ଲୋକଲୋଚନକୁ ଆଣିବା ପାଇଁ ଆଲୋଚନା କରାଯାଇଥିଲା। ଭାଜପା ନେତା ହରିହର ବେହେରା, ଅଜୟ କୁମାର ରାଉତ, ଭରତ ନାୟକ, ସାଗର ଦାସ, ଚିଣ୍ଟୁ ମହାପାତ୍ର, ଅଦ୍ୱୈତ ରଞ୍ଜନ ସାହୁ, ସତ୍ୟରଞ୍ଜନ ସାହୁ, ଶୁଭ୍ରକାନ୍ତ ରଣା, ସମୀର କାନ୍ତ ଦାସା, ବାପୁ ସିଂଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁବର୍ଣ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳିର ୮ ସାଙ୍ଗଠନିକ ମଣ୍ଡଳିରୁ ବହୁ କର୍ମୀ ଯୋଗ ଦେଇଥିଲେ।

### ବର୍ଷା ପାଇଁ ଚିନ୍ତାରେ ଚାଷୀ

**କୁଜଙ୍ଗ,୧୬।୧୨(ସ୍ୱ.ପ୍ର.):** କୁଜଙ୍ଗ ଅଞ୍ଚଳରେ ରବିବାର ପାଗ କୋହଲା ରହିବା ସହ ବର୍ଷା ଆରମ୍ଭ ହୋଇଛି। ଆଗକୁ ଅଧିକ ବର୍ଷା ହେବାର ଥିବାରୁ ଅମଳ ଅପେକ୍ଷାରେ ଥିବା ପାଚିଲା ଧାନ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଦୁଇଦିନ ହେଲା କଟା ଧାନ ସବୁ ଜମିରେ ପଡିଛି। ବର୍ଷା ଯୋଗୁ ଏସବୁ ମଧ ନଷ୍ଟ ହେବାର ଆଶଙ୍କା ଅଛି। ତେଣୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବହୁ ତଳିଆ ଜମିରେ ଏବେ କଚଡା କଚଡା ଧାନ ବୁଡିଯିବା ଆଶଙ୍କା ଦେଖାଦେଇଛି। କୁଜଙ୍ଗ ବ୍ଲକ୍‌ରେ ପ୍ରାୟ ୨୦ ହଜାର ହେକ୍ଟର ଧାନ ଜମି ତଳିଆ ଅଞ୍ଚଳରେ ରହିଛି। ଏବେ ଚାଷୀମାନେ ଆଉ ଧାନକୁ ଖଳା ପର୍ଯ୍ୟନ୍ତ ବୋହିବାକୁ ସକ୍ଷମ ହେଉନଥିବା ବେଳେ ଅତର୍କିତ ବର୍ଷା ଯୋଗୁ ଜମିରେ ଗଦାକରୁଥିବା ଦେଖିବାକୁ ମିଳିଛି। ଯଦି ରବିବାର ରାତିରେ ଅଧିକ ବର୍ଷା ହୁଏ ତେବେ ବହୁ ଧାନ ଫସଲ କ୍ଷତି ହେବ ବୋଲି କୃଷକ ନେତା ଦେବେନ୍ଦ୍ର ପଟ୍ଟନାୟକ କହିଛନ୍ତି।

### ଅର୍ଜୁନ ନାୟକଙ୍କ ଶ୍ରାଦ୍ଧବାର୍ଷିକ




**ନାଉଗାଁ,୧୬।୧୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ତିହୁଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଖବରଦାତା ଅର୍ଜୁନ ନାୟକଙ୍କ ୨ୟ ଶ୍ରାଦ୍ଧବାର୍ଷିକ ରବିବାର ଅର୍ଜୁନ ନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଛି। ଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପାରାଦୀପ ପୋର୍ଟ ଟ୍ରଷ୍ଟି ପ୍ରତାପ ମିଶ୍ର ମୁଖ୍ୟଅତିଥି, ଶିକ୍ଷକ ଅରୁଣ କୁମାର ମହାନ୍ତି, ସାମାଜିକ କର୍ମୀ ସଞ୍ଜୟ ସାହାଣୀ, ପଣ୍ଡିତ ଅଜୟ କୁମାର ଶତପଥୀ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହିଂମାଶୁ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ତ୍ରିଲୋଚନ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ସଭାପତି ସୁକାନ୍ତ ଲେଙ୍କା ସ୍ୱର୍ଗତ ନାୟକଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସ୍ୱପ୍ନା ଦାସ, ବିଶ୍ୱ ଓଡ଼ିଶୀ ମହୋତ୍ସବରେ କୃତିତ୍ୱ ହାସଲ କରିଥିବା ଚୌଧୁରୀ ବର୍ଷା ପ୍ରିୟଦର୍ଶିନୀ ଦାସ ଓ କାଜଲ ପ୍ରତ୍ୟାଶା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ କାମରେ ଲାଗୁନି ବିକେକେୱାଇ କାର୍ଡ

# ନିରାଶ ହୋଇ ଫେରିଲେ ରୋଗୀ

**ପାରାଦୀପ,୧୬।୧୨(ସ୍ୱ.ପ୍ର.)**

ସରକାର ଗରିବ ଚାଷୀ ପରିବାରକୁ ମାଗଣା ଚିକିତ୍ସା ସୁବିଧା ପ୍ରଦାନ ପାଇଁ ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ) କରିଛନ୍ତି। ମାତ୍ର ଏହି ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି, ତାହା ତଦାରଖ କରୁନାହାନ୍ତି। ପରିଣାମ ସ୍ୱରୂପ ଗରିବ ଲୋକମାନେ ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି। ପାରାଦୀପ ପୌରାଞ୍ଚଳରେ ଏଭଳି ଅନେକ ଗରିବ ଚାଷୀ ପରିବାର ଅଛନ୍ତି, ଯେଉଁମାନଙ୍କୁ ବିକେକେୱାଇ କାର୍ଡ ମିଳିଛି। ସେହି କାର୍ଡ ଆଧାରରେ ହିତାଧିକାରୀ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଚିକିତ୍ସା ଓ ଔଷଧ ପାଇବା କଥା। କିନ୍ତୁ ସେମାନଙ୍କୁ ନା ଚିକିତ୍ସା ସେବା ମିଳୁଛି ନା ଔଷଧ।



ରାମଚନ୍ଦ୍ର ସାହୁ।

ଏପରିକି କଟକ ବଡ଼ ଡାକ୍ତରଖାନାରେ ସେମାନଙ୍କୁ ଏହି କାର୍ଡ ଯୋଗେ କୌଣସି ସୁବିଧା ମିଳିନାହିଁ ବୋଲି କହିଛନ୍ତି ୧୪ ନଂ ୱାର୍ଡ ନୂଆବଜାର ହରିବୋଲିଆ ମଠପାଖ ବସ୍ତିର ରାମଚନ୍ଦ୍ର ସାହୁ, ଖୁଲଣା ଜେନା ପ୍ରମୁଖ। ରାମଚନ୍ଦ୍ରଙ୍କ ସ୍ତ୍ରୀ ପକ୍ଷାଘାତ ରୋଗରେ ପୀଡିତ। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପାଇଁ ଅର୍ଥ ଦରକାର ହେବାରୁ ରାମଚନ୍ଦ୍ର ବିକେକେୱାଇ କାର୍ଡ ଦେଖାଇଥିଲେ। କିନ୍ତୁ ସେଠାରେ ଥିବା ଡାକ୍ତରମାନେ କହିଲେ ଏହି କାର୍ଡରେ ଏଠି କିଛି ମିଳିବ ନାହିଁ। ତୁମେ ଯାଇ ସେଠାରେ ଥିବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କର। ଏପରି ଏକାଧିକ ସ୍ଥାନରେ ଏହି କାର୍ଡ ଦେଖାଇ ନିରାଶ ହେବା ପରେ ସ୍ତ୍ରୀଙ୍କୁ ଧରି ସେ ଘରକୁ ଫେରିଛନ୍ତି।

ଏବେ କେବଳ ସ୍ତ୍ରୀଙ୍କୁ ଧରି ଦିନ ଗଣିବା ଛଡ଼ା ତାଙ୍କ ପାଖରେ ଆଉ କିଛି ବିକଳ୍ପ ନାହିଁ ବୋଲି ସେ କହିଛନ୍ତି। ସମାନ କଥା କହିଛନ୍ତି ଖୁଲଣା। ତାଙ୍କ ପାଖରେ ଥିବା ବିକେକେୱାଇ କାର୍ଡ କଟକ ବଡ଼ ଡାକ୍ତରଖାନାରେ ଗ୍ରହଣ କରାଯାଇନାହିଁ। ଏମିତି ୨ ହଜାରରୁ ଊର୍ଦ୍ଧ୍ୱ ବିକେକେୱାଇ କାର୍ଡ ପାଇଥିବା ଉପଭୋକ୍ତା ସମାନ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ପ୍ରସଙ୍ଗରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରେ ସେ କହିଲେ ଯେ, ଏପରି ହେବା କଥା ନୁହେଁ। ରୋଗୀ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଡ ପଞ୍ଜିକୃତ କରି ନେଇଥିଲେ ସେମାନେ ସହଜରେ ଆଡମିଶନ କରିଥାନ୍ତେ। ଯଦି ଜରୁରୀକାଳୀନ ଚିକିତ୍ସା ଦରକାର ହେଲା ସେ କ୍ଷେତ୍ରରେ ମେଡିକାଲ କର୍ତ୍ତୃପକ୍ଷ କାର୍ଡକୁ ଗ୍ରହଣ କରିବାର ଥିଲା। ସେଥିପାଇଁ ସେମାନଙ୍କ ମାନସିକତା ରହିବା ଜରୁରୀ। ଏପରି କେସ୍ ଅନେକ ଆସିଲାଣି। ଏପରିକି ସେ ନିଜେ ମଧ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ବୋଲି କହି କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି।

## ୨ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ



ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

**କୁଜଙ୍ଗ,୧୬।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ଜିଲନାସୀ ଓ ଅଗପାଳ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାନାସୀ ତୁଳସୀ ମଠ ପରିସରରେ ନିର୍ବାହୀ ଅଧିକାରୀ ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ଏଡିଏମ୍ କାହ୍ନୁଚରଣ ଧିର୍, କୁଜଙ୍ଗ ବିଡିଓ କିଶୋର କୁମାର ସ୍ୱାଇଁ, ସରପଞ୍ଚ ପ୍ରମୋଦ ସ୍ୱାଇଁ, ନାଏବ ସରପଞ୍ଚ ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜିଲାନାସୀରେ ୨୦ ଜଣଙ୍କୁ କଳାକାର ଭତ୍ତା, ୮୬ ଜଣଙ୍କୁ ମଧୁବାବୁ ପେନସନ୍, ୪ ଜଣଙ୍କୁ ସୌଭାଗ୍ୟ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ଅଗପାଳ ସରପଞ୍ଚ ମେନକା ବେହେରା, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ବେହେରା, ନିର୍ବାହୀ ଅଧିକାରୀ ପରୀକ୍ଷିତ ସ୍ୱାଇଁ, ବ୍ଲକ୍ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରୀୟ ରାଉତ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନା ସଫଳ କରିବା ସମ୍ପର୍କରେ ଅବଗତ କରାଇଥିଲେ। ଏଠାରେ ୨୫ ଜଣଙ୍କୁ ମଧୁବାବୁ ପେନ୍‌ସନ ଓ ବହୁ ବ୍ୟକ୍ତିଙ୍କୁ କାଳକାର ଭତ୍ତା ପ୍ରଦାନ କରାଯାଇଥିଲା। ଶେଷରେ କଳା ସଂସ୍କୃତି ସଂଘ ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା।

## ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର




ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

**ନାଉଗାଁ, ୧୬।୧୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ରବିବାର ଯୁବ ରେଡକ୍ରସ ତରଫରୁ ୩ ଦିନିଆ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏହାକୁ ମହାବିଦ୍ୟାଳୟ ଅଧକ୍ଷ ଜଟାଧାରୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ମୁଖ୍ୟଅତିଥି, ପୂର୍ବତନ ଅଧ୍ୟକ୍ଷ କ୍ଷେତ୍ରବାସୀ ମିଶ୍ର ମୁଖ୍ୟବକ୍ତା, ବ୍ଲକ ଅଧକ୍ଷ ଜଗନ୍ନାଥ ଦାସ, ରାଜ୍ୟ ପର୍ଯ୍ୟବେକ୍ଷକ ସୁବୋଧ କୁମାର ଜଗଦ୍ଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନେ ଉତ୍ତମ ଚରିତ୍ର ଗଠନ, ସେବା ମନୋବୃତି, ସମୟାନୁବର୍ତ୍ତିତା ପ୍ରତି ଧ୍ୟାନ ଦେଇ ସାହସୀ ଓ ଶୃଙ୍ଖଳିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲା ସଂଯୋଜକ ଚୈତନ୍ୟ ଚରଣ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରାମର୍ଶଦାତା ଅଧ୍ୟାପକ ଦେବୀ ପ୍ରସାଦ ମିଶ୍ର, ପ୍ରକାଶ କୁମାର ମଲିକ, ସୁବାସ ପଣ୍ଡା, ଧୀରେନ କୁମାର ପତି, ବ୍ରହ୍ମାନନ୍ଦ ବିଶ୍ୱାଳ, ଉର୍ମିଳା ମହାରଣା, ଅଜୟ କୁମାର ରାଉତ, ଦିଲୀପ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରଭାତ କୁମାର ଶତପଥୀ, ମଳୟ କୁମାର ସାହୁ, ଜ୍ୟୋତି ପ୍ରକାଶ ଲେଙ୍କା, ଭୁବନାନନ୍ଦ ଦାସ, ବିଜୟିନୀ ପଢ଼ିହାରୀ ପ୍ରମୁଖ ପରିଚାଳନା କରିଥିଲେ।

### ଭାଜପାର ଜନପରାମର୍ଶ ପଦଯାତ୍ରା

**ତିର୍ତ୍ତୋଲ,୧୬।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଶାରଳା ମଣ୍ଡଳ ଅଧୀନ ଗୋପାଳପୁର ପଞ୍ଚାୟତରେ ଶୁକ୍ରବାର ଭାଜପାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ରମାକାନ୍ତ ଭୋଇଙ୍କ ନେତୃତ୍ୱରେ କର୍ମୀମାନେ ଜଗତସିଂହପୁର-ଜଇପୁର ରାସ୍ତାର ସଅଁରା ଛକ ନିକଟରୁ ପଦଯାତ୍ରାରେ ବାହାରି ଗୋପାଳପୁର ପଞ୍ଚାୟତର ଗୋପାଳପୁର, ପୁଟିଙ୍ଗ, ନହଣ, ଗୋପାଳପୁର ହାଟ ଆଦି ପରିକ୍ରମା କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହ, ସ୍ୱଚ୍ଛ ଭାରତ ଯୋଜନା, ଉଜ୍ଜଳା ଗ୍ୟାସ ସମେତ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସେମାନେ ଲୋକଙ୍କୁ ବୁଝାଇଥିଲେ। ଏଥିରେ ମଣ୍ଡଳ ସଭାପତି ପ୍ରମୋଦ ସାହୁ, ମହିଳା ମୋର୍ଚ୍ଚା ନେତ୍ରୀ ରୋଜାଲିନ ନାୟକ, ପଞ୍ଚାୟତ ପ୍ରମୁଖ ସୁବୋଧ ସ୍ୱାଇଁ, ଉଷାକାନ୍ତ ମଲ୍ଲିକ, ଭବାନୀ ଜେନା, ସୂର୍ଯ୍ୟକାନ୍ତ ଦାଶ, ସାରଦା ସ୍ୱାଇଁ, ରଞ୍ଜନ ନାୟକ, ରଞ୍ଜନ ମଲ୍ଲିକ, ନରେଶ ଓଝା, ବାବା ଗୁରୁଚରଣ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ଶିଳାନ୍ୟାସ ଉତ୍ସବ

**ଏରସମା, ୧୬।୧୨(ସ୍ୱ.ପ୍ର.)**

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ରବିବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜୟନ୍ତୀ ଅବସରରେ ସହପ୍ରତି ରତିକ ନିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଦେବଙ୍କ କନିଷ୍ଠ ପୁତ୍ର ବିଙ୍କିଦା ଶ୍ରୀମନ୍ଦିର ଶିଳାନ୍ୟାସ କରିଥିଲେ। ଏଥିରେ ବଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଅତିଥି ଭାବେ ଯୋଗ ଦେଇଥିଲେ। ନିତ୍ୟାନନ୍ଦ ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ମହାନ୍ତି, ସୌଭାଗ୍ୟ କୁମାର ସ୍ୱାଇଁ, ମହେଶ୍ୱର ସ୍ୱାଇଁ, ଦେବେନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ଗ୍ରନ୍ଥ ପାଠ କରାଯାଇଥିଲା। ପୂର୍ବାହ୍ନ ୯ଟାରେ ସଙ୍ଗୀତାଞ୍ଜଳି ପରିବେଷଣ କରାଯାଇଥିଲା। ଅପରାହ୍ନ ୩ ଟାରେ ମାତୃ ସମ୍ମିଳନୀ ହୋଇଥିଲା। ଏଥିରେ ସହପ୍ରତି ରତିକ ହୃଷିକେଶ ଆଚାର୍ଯ୍ୟ, ନିଖିଳେଶ୍ୱର ଗିରି, ପ୍ରମୋଦ କୁମାର ଦାସ, ଅମଳେନ୍ଦୁ ମାଇତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## କାଦମ୍ବିନୀ ପରିଜାଙ୍କୁ ବର୍ଷା ସମ୍ମାନ



ସାହିତ୍ୟିକା କାଦମ୍ବିନୀ ପରିଜାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବାଲିଆ, ୧୬।୧୨**

ବିରିଡ଼ି ବ୍ଲକ ବୁଢାପଡ଼ା ଗ୍ରାମର ଶିକ୍ଷୟିତ୍ରୀ ତଥା ଶିଶୁ ସାହିତ୍ୟିକା କାଦମ୍ବିନୀ ପରିଜାଙ୍କୁ ଆଷାଢ ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବରେ ବର୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ସଂସଦ ତରଫରୁ ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ପରିଜା ଗୀତି ଓ ଶିଶୁ ସାହିତ୍ୟ କ୍ଷେତ୍ରରେ ବେଶ୍ ପରିଚିତ। ତାଙ୍କର ଏହି ସାହିତ୍ୟ ସାଧନା ପାଇଁ ତାଙ୍କୁ ଅନେକ ଅନୁଷ୍ଠାନ ସମ୍ବର୍ଦ୍ଧନା ଦେଇଛନ୍ତି। ତାଙ୍କ ଦ୍ୱାରା ରଚିତ ଗୀତି କବିତା 'ଏମିତି ଏକ ଋତୁ' ଓ ଶିଶୁ ଗଳ୍ପ 'ଜେଜେମା'ଙ୍କ ଅଡୁଆ ସୂତାରୁ ଖିଏ' ବେଶ ପାଠକୀୟ ଆଦୃତି ଲାଭ କରିଛି।

### ବିଧାୟିକାଙ୍କ ଦ୍ୱାରା ପ୍ରକଳ୍ପ ଶିଳାନ୍ୟାସ

**ତିର୍ତ୍ତୋଲ,୧୬।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ପଞ୍ଚାୟତରେ ଶନିବାର ଆମ ଗାଁ ଆମ ବିକାଶ ଯୋଜନାରେ ବିଧାୟିକା ରାଜଶ୍ରୀ ମଲ୍ଲିକ ଏକାଧିକ ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି। ପଞ୍ଚାୟତର ନାଉସିରା ଠାକୁରାଣୀ ଖର୍ଦ୍ଦା ଗ୍ରାମସ୍ଥିତ ଚୁଆଁ ମା ମନ୍ଦିର ଗୋଷ୍ଠୀ କେନ୍ଦ୍ର, ନାଉସିରା ଆଖଣ୍ଡଳମଣୀ ମନ୍ଦିର ଗୋଷ୍ଠୀ କେନ୍ଦ୍ର, ନେହେରୁ ପଡିଆରୁ ସିଡବ୍ଲ୍ୟୁଏ, ନେହେରୁ ପଡିଆ-ଅରଜଙ୍ଗ ଆରଡି ରାସ୍ତା ଉନ୍ନତିକରଣ, ଅରଜଙ୍ଗ ଗ୍ରାମର ମା ଅମ୍ବିକାଇ ମନ୍ଦିର ଗୋଷ୍ଠୀ କେନ୍ଦ୍ର, ତିର୍ତ୍ତୋଲ ବକ୍ର ମହାକାଳୀ ଗୋଷ୍ଠୀ କେନ୍ଦ୍ର, ଅରଜଙ୍ଗ ଗ୍ରାମର ଆଦି ନୃସିଂହ ମଠ ଗୋଷ୍ଠୀ କେନ୍ଦ୍ର, ବେଲବଣ ମଠ ଗୋଷ୍ଠୀ କେନ୍ଦ୍ର, ମଣ୍ଡାବଣ ଗୋଷ୍ଠୀ କେନ୍ଦ୍ର ପାଇଁ ଶିଳାନ୍ୟାସ କରାଯାଇଥିଲା। ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ଲିପାଲୀ ରାଉଳ, ସରପଞ୍ଚ ମନୋରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

## ଭାଜପାର ଜନପରାମର୍ଶ ପଦଯାତ୍ରା ଉଦ୍‌ଯାପିତ

**କୁଜଙ୍ଗ, ୧୬।୧୨ (ସ୍ୱ.ପ୍ର.)**

କୁଜଙ୍ଗ ମଣ୍ଡଳର ୩ନଂ. ଜୋନରେ ଭାଜପାର ଜନପରାମର୍ଶ ପଦଯାତ୍ରା ଉଦ୍‌ଯାପିତ ହୋଇଛି। କର୍ମୀମାନେ ରଘୁନାଥପୁର ଗ୍ରାମରୁ ପଦଯାତ୍ରା ଆରମ୍ଭ କରିଥିଲେ। ସରପଞ୍ଚ ସ୍ନେହମୟୀ ଲେଙ୍କାଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଭାଜପା ନେତା ସମ୍ପଦ ସ୍ୱାଇଁଙ୍କୁ ସ୍ୱାଗତ କରିବା ସହ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ପୂର୍ବତନ ନିମାପଡ଼ା ବିଧାୟକ ବାଇଧର ମଲିକ, ପୂର୍ବତନ ଜିଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ଜିଲା ଉପସଭାପତି ଯୁଗଳ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ଦଳୀୟ କର୍ମୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ବିଜେଡି ସରକାର କିପରି ରାଜ୍ୟକୁ ଋଣଗ୍ରସ୍ତ କରୁଛନ୍ତି ଓ ସରକାରୀ ଅର୍ଥର ଦୂରୁପଯୋଗ କରୁଛନ୍ତି ସେ ସମ୍ପର୍କରେ ନେତାମାନେ ଆଲୋଚନା କରିଥିଲେ। ଖରିଗୋଠ, ରଘୁନାଥପୁର, ପୋଲେଇ ଓ ଜଳଧରପୁର ଗ୍ରାମରେ ପଦଯାତ୍ରା ଓ ଫତେପୁରଠାରେ ପଥପ୍ରାନ୍ତ ସଭା କରାଯାଇଥିଲା। ମଣ୍ଡଳ ସଭାପତି ତପନ ତ୍ରିପାଠୀ, ଜିଲାପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ବିସ୍ତାରକ ସୁଶାନ୍ତ ବେହେରା ପ୍ରମୁଖ ବହୁ ସଂଗଠକ ସାମିଲ ହୋଇଥିଲେ। ନଗେନ୍ଦ୍ର ସାମଲ, ମାଗୁଣି ମହାନ୍ତି, ସୁବାସ ନାୟକ, ନୃସିଂହ ଜେନା, ମିହିର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ଲେଙ୍କା, କୈଳାସ ଗୋଛାୟତ, ସୁଦର୍ଶନ ନାୟକ, ଭରତ ସୂତାର ପଦଯାତ୍ରା ପରିଚାଳନା କରିଥିଲେ।




ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

## ଏନଆଇଓଏସ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାଲିଆ, ୧୬।୧୨**

ବିରିଡ଼ି ବ୍ଲକ ଧାନଚନ୍ଦ୍ର ମହାବିଦ୍ୟାଳୟ ପରିସରରେ ଚାଲୁଥିବା ଏନଆଇଓଏସ୍ ପରିଚାଳିତ ଡିଏଲଇଡିର ଦୁଇବର୍ଷିୟା ପାଠ୍ୟକ୍ରମ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଛି। ସଂଯୋଜକ ତଥା ଧାନଚନ୍ଦ୍ର ମହାବିଦ୍ୟାଳୟ ଅଧାପକ ମହମ୍ମଦ ଅରସଦ ରଜାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଦେବ କଲ୍ୟାଣ ପଣ୍ଡା ମୁଖ୍ୟ ଅତିଥି, ପିତାମ୍ବର ପତି ମୁଖ୍ୟବକ୍ତା, ରିଶୋର୍ସ ପର୍ସନ ଅଲେଖ ଚନ୍ଦ୍ର ବାରିକ, ପ୍ରମୋଦ କୁମାର ମିଶ୍ର, ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସରେନ୍ଦ୍ର ଶତପଥୀ, ଲକ୍ଷ୍ମଣ ନାୟକ, ଦିବାକର ମହାପାତ୍ର, ତୃପ୍ତିମୟୀ ଦାଶ, ପ୍ରିୟଙ୍କା ପାଣୀଗ୍ରାହୀ, ଅନୁସୟା ବିଶ୍ୱାଳ, ପ୍ରତିଭା ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## କଂକ୍ରିଟ ରାସ୍ତାରେ ଫାଟ, ପର୍ଯ୍ୟଟକଙ୍କୁ ବିପଦ

**ରଘୁନାଥପୁର,୧୬।୧୨(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଅନ୍ତର୍ଗତ ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱ ଦେଇ ଯାଇଥିବା ଗୋପାଳପୁରଠାରେ କଂକ୍ରିଟ ଆରଡି ରାସ୍ତା ଫାଟି ଭୁଶୁଡି ପଡିବା ଅବସ୍ଥାରେ ରହିଛି। କୌଣସି ମୁହୂର୍ତ୍ତରେ ଗନାଇଲୋ-ତଅଁରା ରାସ୍ତାରେ ଯାତାୟାତ ବିଚ୍ଛିନ୍ନ ହେବାର ଆଶଙ୍କା ଉପୁଜିଛି। ଏହାଛଡା ସବୁଦିନିଆ ଯିବା ଆସିବା ପଥଚାରୀଙ୍କୁ ଛାଡି ଦେଲେ ଉକ୍ତ ଜଙ୍ଗଲକୁ କାର୍, ବସ୍ ଯୋଗେ ପିକ୍‌ନିକ୍ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସୂଚନାଯୋଗ୍ୟ କି ସଂରକ୍ଷିତ ଜଙ୍ଗଲକୁ ପିକ୍‌ନିକ୍ କରିବାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକେ ଆସିଥାନ୍ତି। ତେବେ ଯାତାୟାତ ପଥକୁ ସୁଗମ କରିବାକୁ ସରକାରଙ୍କ ଆରଡି ବିଭାଗ ପକ୍ଷରୁ ସାଢ଼େ ତିନି କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନରେ ୫ କିମି ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣ ହେବାର କିଛିଦିନ ପରେ ରାସ୍ତା ଫାଟି ଯାଇଥିବା ସ୍ଥାନରେ ଭୁଶୁଡ଼ି ପଡିଥିଲା। ଏହାର କାରଣ ଖୋଜିବାକୁ ଯାଇ ବିଭାଗୀୟ ଯନ୍ତ୍ରୀମାନେ ଟେକ୍‌ନିକାଲ୍ ପର୍ସନଙ୍କୁ ଆଣି ଦେଖାଇଥିଲେ। ଉକ୍ତ ସ୍ଥାନରେ ଗୋଟିଏ ପଟେ ହଂସୁଆ ସଫେଇ ଏବଂ ଅନ୍ୟପାର୍ଶ୍ୱରେ ଥିବା ଚାଷ ଜମିରୁ ପାଣି ଝରି ମାଟି ତଳେ ହଂସୁଆରେ ନିର୍ଗତ ହେଉଥିବାରୁ ବହୁ ଉଚ୍ଚରେ ଥିବା ରାସ୍ତା ଭୁଶୁଡି ପଡୁଛି ବୋଲି ଅଧିକାରୀମାନେ କହିଥିଲେ। ଏହାର ପ୍ରତିକାର ସ୍ୱରୂପ ଉନ୍ନତ ଜ୍ଞାନକୌଶଳରେ ଉଭୟପାର୍ଶ୍ୱରେ ଯଥେଷ୍ଟ ତଳୁ ପାଚେରି ଉଠାଇବା ଏବଂ ନିର୍ଗତ ଝରପାଣି ହଂସୁଆ ସଫେଇରେ ପଡିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ନିମନ୍ତେ ଆବଶ୍ୟକ ଥିବା ଅଧିକାରୀମାନେ ପ୍ରକାଶ କରିଥିଲେ। ତେବେ ସେମାନଙ୍କ କଥା କେବଳ କଥାରେ ହିଁ ରହିବା ସାର ହେଲା। ଅଦ୍ୟାବଧି ଏହି ରାସ୍ତା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଗଲା ନାହିଁ। ବରଂ ଦିନକୁଦିନ ଉକ୍ତ କଂକ୍ରିଟ ରାସ୍ତା ଫାଟି ଭୁଶୁଡି ପଡିବା ପରିସ୍ଥିତିକୁ ଚାଲିଆସିଛି। ଫଳରେ ସ୍ଥାନୀୟ ଅଧିବାସୀଙ୍କ ଯାତାୟାତ ପଥ ସୁଗମ ହେବା ପରିବର୍ତ୍ତେ ଅଭିଶାପ ପାଲଟିଛି। କୌଣସି ସମୟରେ ରାସ୍ତା ଭୁଶୁଡିଲେ ଜଙ୍ଗଲକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମଧ ଆସି ପାରିବେ ନାହିଁ। ଏ ସମ୍ପର୍କରେ ଏକଜିକ୍ୟୁଟିଭ ଇଞ୍ଜିନିୟର ମନରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରେ ଉକ୍ତ ସ୍ଥାନକୁ ଯାଇ ଦେଖୁଚି ବୋଲି ସେ କହିଥିଲେ।



ଫାଟି ଯାଇଥିବା କଂକ୍ରିଟ୍ ରାସ୍ତା।

ଧରିତ୍ରୀ
DHARITRI
ସୋମବାର, ୧୭ ଡିସେମ୍ବର, ୨୦୧୮



"ଲୋକେ ରାଜନୀତିରେ ଆଧିପତ୍ୟ ବିସ୍ତାର ପାଇଁ ଗୋତ୍ର ବତାଇ ଓ ପଇତା ଦେଖାଇବା ଆରମ୍ଭ କଲେଣି।
- ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ



# ମହାମେଣ୍ଟ ଆଡ଼କୁ ପାଦେ

**ନୂଆଦିଲ୍ଲୀ,୧୬।୧୨**

ଆଉ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହିଁ କଂଗ୍ରେସ। ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟକୁ ଭାଜପାର ଶକ୍ତ ହାତମୁଠାରୁ ଛଡ଼ାଇନେବା ପରେ ୨୦୧୯ ସାଧାରଣ ନିର୍ବାଚନରେ ସଫଳତାର ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଛି ଦଳ। ବିରୋଧୀ ଦଳଗୁଡ଼ିକୁ କଂଗ୍ରେସ ସାଙ୍ଗରେ ନେଇ ମହାମେଣ୍ଟର ମୂଳଦୁଆ ପକାଇବାକୁ ଯାଉଛି। ଏଥିପାଇଁ ସୋମବାର ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀମାନଙ୍କ ଶପଥଗ୍ରହଣ ଉତ୍ସବ ଅଣଏନ୍‌ଡିଏ ଦଳଗୁଡ଼ିକର ଶକ୍ତି ପ୍ରଦର୍ଶନର ମଞ୍ଚ ପାଲଟିବାକୁ ଯାଉଛି। କାରଣ ସବୁ ବିରୋଧୀ ଏକାଠି ନ ହେଲେ ଭାଜପାକୁ ହରାଇବା ସହଜ ନୁହେଁ ବୋଲି କଂଗ୍ରେସ ସମେତ ଅନ୍ୟ ଦଳର ନେତାମାନେ ବି ବୁଝିସାରିଲେଣି।

ଲୋକ ସଭା ନିର୍ବାଚନ ପାଖେଇ ଆସୁଛି। ଆଉ ମାତ୍ର ମାସ କେଇଟା ପରେ ବାଜିବାକୁ ଯାଉଛି ନିର୍ବାଚନ ରଣଭେରି। ଏଥିପାଇଁ ଭାଜପା ସବୁପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ସେପଟେ ୩ ରାଜ୍ୟରେ କଂଗ୍ରେସର ସଫଳତା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି। ଏଭଳି ସମୟରେ ୩ ବରିଷ୍ଠ କଂଗ୍ରେସ ନେତା ସୋମବାର ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଗୋଟିଏ ପରେ ଗୋଟିଏ ଶପଥଗ୍ରହଣ ଉତ୍ସବର ଆୟୋଜନ କରାଯାଇଛି। ଅଶୋକ ଗେହଲଟ ରାଜସ୍ଥାନ ରାଜଧାନୀ ଜୟପୁରସ୍ଥିତ ଆଲବର୍ଟହଲରେ ପୂର୍ବାହ୍ନ ୧୦ଟା ୩୦ରେ, କମଲନାଥ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳସ୍ଥିତ ଜମ୍ବୁରି ମଇଦାନରେ ଅପରାହ୍ନ ୧ଟା ୩୦ରେ ଓ ଭୂପେଶ ବାଘେଲ ଛତିଶଗଡ଼ର ରାଜଧାନୀ ରାୟପୁରରେ ସନ୍ଧ୍ୟା ୫ଟାରେ ନୂଆ କଂଗ୍ରେସ ସରକାରର ମଙ୍ଗ ସମ୍ଭାଳିବେ। ଏଥିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ଅନ୍ୟ କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ଜେଡିଏସ୍ ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ଏଲ୍‌ଜେଡି ନେତା ଶରଦ ଯାଦବ, ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଏବଂ ଟିଡିପି ମୁଖ୍ୟ ଏନ୍.ଚନ୍ଦ୍ରାବାବୁ ନାଇଡୁଙ୍କୁ ଶପଥଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି। ସେହିପରି ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ, ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍, ଜେଏମ୍‌ଏମ୍‌ର ହେମନ୍ତ ସୋରେନ, ଜେଭିଏମ୍‌ର ବାବୁଲାଲ ମାରାଣ୍ଡି, ଏଆଇୟୁଡିଏମ୍‌ଏଫ୍ ନେତା ବଦ୍‌ରୁଦ୍ଦିନ୍ ଅଜମଲ, ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କୁ ମଧ୍ୟ ଡକାଯାଇଛି। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ନିମନ୍ତ୍ରଣ ମିଳିଥିଲେ ହେଁ ସେ ଯାଇପାରୁ ନ ଥିବାରୁ ତାଙ୍କ ପ୍ରତିନିଧି ଏଥିରେ ଯୋଗଦେବେ। ମୋଟାମୋଟି ଭାବେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଅଧିକାଂଶ ବିରୋଧୀ ଦଳ ମେଳି ବାନ୍ଧିବାକୁ ଯାଉଛନ୍ତି। ୫ ରାଜ୍ୟର ଫଳ ଆସିବାର ପୂର୍ବଦିନ ଅର୍ଥାତ୍ ଗତ ୧୦ ତାରିଖରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁଙ୍କ ନେତୃତ୍ୱରେ ୨୧ ଅଣଭାଜପା ଦଳ ଏକାଠି ହୋଇଥିଲେ। ନିକଟରେ ଟିଡିପି ଏବଂ କଂଗ୍ରେସ ମତଭେଦ ଭୁଲି ତେଲେଙ୍ଗାନା ବିଧାନସଭା ନିର୍ବାଚନ ବେଳେ ହାତମିଳାଇଥିଲେ। ତେଣୁ ବିପକ୍ଷ ଏକତାକୁ ଅତୁଟ ରଖିପାରିଲେ ଆଗକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଧୂଳି ଚଟାଇବା ଅସମ୍ଭବ ନୁହେଁ ବୋଲି ବିରୋଧୀ ନେତାମାନେ ମନେକରୁଛନ୍ତି। ଏହି ପରିପ୍ରେକ୍ଷୀରେ ୭ ମାସ ତଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ଏଚ୍.ଡି. ଦେବେଗୌଡ଼ାଙ୍କ ଶପଥଗ୍ରହଣ ଉତ୍ସବରେ ଦେଖିବାକୁ ମିଳିଥିବା ବିରୋଧୀ ଏକତା ଆଗକୁ ଆହୁରି ମଜଭୁତ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

**ଉଣେଇଶ ପାଇଁ ପ୍ରସ୍ତୁତି**

- ଆଜି ଶପଥ ନେବେ କମଲନାଥ, ଗେହଲଟ, ବାଘେଲ
- ଶପଥଗ୍ରହଣ ଉତ୍ସବ ପାଲଟିବ ବିରୋଧୀଙ୍କ ମଞ୍ଚ
- ଯୋଗଦେବେ ରାହୁଲ, ଚନ୍ଦ୍ରାବାବୁ, କେଜ୍‌ରିୱାଲ, ଅଖିଳେଶ, ମାୟାବତୀ

## ସଂକ୍ଷେପରେ

### ଚିନି କାରଖାନାରେ ବିସ୍ଫୋରଣ: ୬ ମୃତ

**ବେଙ୍ଗାଲୁରୁ,୧୬।୧୨(ପି.ଟି.):** କର୍ନାଟକର ବାଗଲକୋଟ ଜିଲାରେ ଥିବା ନିରାନି ଚିନି କାରଖାନା ଟ୍ରିଟମେଣ୍ଟ ପ୍ଲାଣ୍ଟ ବଏଲରରେ ବିସ୍ଫୋରଣ ଘଟି ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୫ ଗୁରୁତର ଆହତ ହୋଇଛନ୍ତି। ଏହି କାରଖାନା ଭାଜପା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ମୁରୁଗେଶ୍ ନିରାନିଙ୍କ ନାମରେ ରହିଛି। ମୁଧୋଲ ଅଞ୍ଚଳର କୁଲାଲି ଗ୍ରାମରେ ଥିବା ନିରାନି ଗ୍ରୁପର ଏହି କାରଖାନାରେ ରବିବାର ମଧ୍ୟାହ୍ନ ସମୟରେ ବିସ୍ଫୋରଣ ହୋଇଥିଲା। ଆହତମାନଙ୍କ ନିକଟବର୍ତ୍ତୀ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। କାରଖାନା ବାହାରେ ବର୍ଜ୍ୟଜଳ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏହି ବିସ୍ଫୋରଣ ହୋଇଥିବା ନିରାନି କହିଛନ୍ତି। ଏଭଳି ଦୁର୍ଘଟଣା ପାଇଁ ସେ ମର୍ମାହତ ହୋଲି କହିଛନ୍ତି।

### ୧୫ ଆତଙ୍କବାଦୀଙ୍କୁ ଫାଶୀଦଣ୍ଡ

**ଇସ୍‌ଲାମାବାଦ,୧୬।୧୨(ପି.ଟି.):** ପାକିସ୍ତାନର ପେଶାୱରସ୍ଥିତ ଖ୍ରୀଷ୍ଟିୟାନ କଲୋନୀ ଆତ୍ମଘାତୀ ଆକ୍ରମଣ ମାମଲାରେ ସମ୍ପୃକ୍ତ ୧୫ ଜଣ ଦୁର୍ଦ୍ଧର୍ଷ ଆତଙ୍କବାଦୀଙ୍କୁ ମୃତ୍ୟୁଦଣ୍ଡ ଏବଂ ଅନ୍ୟ ୨୦ ଜଣଙ୍କୁ ଜେଲ୍ ଦଣ୍ଡାଦେଶ ଦିଆଯାଇଛି। ଏନେଇ ପାକିସ୍ତାନ ସେନାମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜୱା ରବିବାର ସ୍ପଷ୍ଟ କରିଛନ୍ତି। ୨୦୧୬ ସେପ୍ଟେମ୍ବରରେ ସେନା ଓ ପୋଲିସ ଉପରେ ଆକ୍ରମଣ, ଖ୍ରୀଷ୍ଟିୟାନ କଲୋନୀରେ ଆତ୍ମଘାତୀ ବିସ୍ଫୋରଣ ଯୋଗୁ ଶିକ୍ଷାନୁଷ୍ଠାନ ଧ୍ୱଂସ ହେବା ସହ ୩୪ ନିରୀହ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ଆକ୍ରମଣ ପାଇଁ ଜମାତ-ଉର ଅହରର ନାମକ ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିଥିଲା। ସ୍ୱତନ୍ତ୍ର ସାମରିକ ଅଦାଲତରେ ଅଭିଯୁକ୍ତମାନେ ସେମାନଙ୍କ ଦୋଷ ସ୍ୱୀକାର କରିଥିଲେ।

### ଭାଜପାକୁ ମିଳିଲାନି ରଥଯାତ୍ରା ଅନୁମତି

**କୋଲକାତା,୧୬।୧୨(ପି.ଟି.):** ପଶ୍ଚିମବଙ୍ଗରେ ଭାଜପାର ପ୍ରସ୍ତାବିତ ରଥଯାତ୍ରା ପୁଣି ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସାମ୍ପ୍ରଦାୟିକ ଦଙ୍ଗା ଆଶଙ୍କା ଥିବା ଦର୍ଶାଇ ପଶ୍ଚିମବଙ୍ଗ ସରକାର ଏହା ଉପରେ ରୋକ୍ ଲଗାଇଛନ୍ତି। ରଥଯାତ୍ରାରେ କଠୋର ହିନ୍ଦୁତ୍ୱବାଦୀ ସଙ୍ଗଠନ ଆର୍‌ଏସ୍‌ଏସ୍, ବଜରଙ୍ଗ ଦଳ ଏବଂ ବିଶ୍ୱହିନ୍ଦୁ ପରିଷଦର ସଦସ୍ୟମାନେ ସାମିଲ୍ ହେବେ ବୋଲି ଗୋଇନ୍ଦା ସୂତ୍ରରୁ ସୂଚନା ମିଳିଛି। ତେଣୁ ରଥଯାତ୍ରା ସମୟରେ ଉତ୍ତେଜନାରୁ ହିଂସା ଘଟିପାରେ। ଏଥିଯୋଗୁ ରାଜ୍ୟ ସରକାର ଏହାକୁ ଅନୁମତି ଦେବେ ନାହିଁ ବୋଲି ଶନିବାର ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ମମତା ସରକାରଙ୍କ ଏଭଳି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ଉଚ୍ଚ ଅଦାଲତରେ ଚ୍ୟାଲେଞ୍ଜ୍ କରାଯିବ ବୋଲି ରାଜ୍ୟ ଭାଜପା ନେତା କୈଳାଶ ବିଜୟଭର୍ଗୀୟ କହିଛନ୍ତି।

## କରୁଣାନିଧିଙ୍କ ପ୍ରତିମୂର୍ତ୍ତି ଅନାବରଣ



**ଚେନ୍ନାଇ,୧୬।୧୨(ଆଇଏଏନ୍‌ଏସ୍):** ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରବିବାର ଚେନ୍ନାଇସ୍ଥିତ ଡିଏମ୍‌କେ ମୁଖ୍ୟାଳୟରେ ଦଳର ପୂର୍ବତନ ଅଧ୍ୟକ୍ଷ ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଅନାବରଣ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ଉତ୍ସବରେ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ, କେରଳ ମୁଖ୍ୟମନ୍ତ୍ରୀ ପି.ବିଜୟନ୍, ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସାମୀ ଏବଂ ଅଭିନେତାରୁ ରାଜନେତା ପାଲଟିଥିବା ରଜନୀକାନ୍ତ ଯୋଗଦେଇଥିଲେ। ସଭାରେ ରାହୁଲ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ଦେଶରେ କେବଳ ଗୋଟିଏ ବିଚାରଧାରା ବଜାୟ ରହୁ ବୋଲି ଭାଜପା ଚାହୁଁଛି। ସୁପ୍ରିମକୋର୍ଟ ନିର୍ବାଚନ କମିଶନ ଏବଂ ଆର୍‌ବିଆଇ ଭଳି ସଂସ୍ଥାଗୁଡ଼ିକୁ ଧ୍ୱଂସ ହେବାକୁ ଦିଆଯିବ ନାହିଁ। ଏଥିପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ଛିଡ଼ାହୋଇଛନ୍ତି।

## ସୋନିଆଙ୍କ ଗଡ଼ରେ ମୋଦି



**ରାଏବରେଲି,୧୬।୧୨(ପି.ଟି.)**

**ପ୍ରତିରକ୍ଷା ଚୁକ୍ତିରେ ସ୍ୱଚ୍ଛତାକୁ ନେଇ କଂଗ୍ରେସ ଚିନ୍ତିତ**

କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ରାଫାଲ କ୍ଲିନ୍‌ଚିଟ୍ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସଂସଦୀୟ କ୍ଷେତ୍ର ରାଏବରେଲିରେ କଂଗ୍ରେସ ଉପରେ ବର୍ଷିଛନ୍ତି। ମୋଦି ରବିବାର ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ରାଫାଲ ଚୁକ୍ତିକୁ ନେଇ କଂଗ୍ରେସ ମିଛ କହୁଛି। କାରଣ ଭାଜପା ସରକାରଙ୍କ ଏହି ଡିଲ୍‌ରେ 'କ୍ୱାତ୍ରୋଚି ଅଙ୍କଲ୍' ଅଥବା ଖ୍ରୀଷ୍ଟିୟାନ ମିଶେଲଙ୍କ ଭଳି ମଧ୍ୟସ୍ଥଙ୍କ କିଛି ଭୂମିକା ନାହିଁ। ଏଥିପାଇଁ କଂଗ୍ରେସ ପ୍ରଥମେ ବାୟୁସେନା ଅଧିକାରୀ, ଫ୍ରାନ୍ସ ସରକାର ଏବଂ ପରେ ଏବେ ସୁପ୍ରିମକୋର୍ଟଙ୍କୁ ଅବିଶ୍ୱାସ କରୁଛି। ଏହି ଦଳର ନେତାମାନେ ନ୍ୟାୟପାଳିକା ବିରୋଧରେ ଅନାସ୍ଥାଭାବ ସୃଷ୍ଟି କରିବାରେ ଲାଗିଛନ୍ତି। ଦେଶର ପ୍ରତିରକ୍ଷା ସୁଦୃଢ଼ ହେଉ ବୋଲି କଂଗ୍ରେସ ଚାହୁଁ ନ ଥିବାରୁ ରାଫାଲ୍ ଚୁକ୍ତିରେ ସ୍ୱଚ୍ଛତାକୁ ନେଇ ଚିନ୍ତିତ ହୋଇପଡ଼ିଛି। ସେହିପରି ଚାଷୀଙ୍କ ସମସ୍ୟା ଉଠାଉଥିବା କଂଗ୍ରେସ ୧୦ ବର୍ଷ ଧରି କ୍ଷମତାରେ ଥିବାବେଳେ ସ୍ୱାମୀନାଥନ୍ କମିଟିର ସୁପାରିସକୁ କାହିଁକି କାର୍ଯ୍ୟକାରୀ କରି ନ ଥିଲା ବୋଲି ମୋଦି ପ୍ରଶ୍ନ କରିଛନ୍ତି। ପରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜ ଗସ୍ତକରି ଆସନ୍ତା ଜାନୁୟାରୀରେ ହେବାକୁ ଥିବା କୁମ୍ଭମେଳା ପାଇଁ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଏକ ବିମାନବନ୍ଦର ଟର୍ମିନାଲ ଓ କୁମ୍ଭମେଳା ନିୟନ୍ତ୍ରଣକକ୍ଷକୁ ଉଦ୍‌ଘାଟନ କରିଥିଲେ।

## ଆଜି ଭାଜପାର ୭୦ ସମ୍ମିଳନୀ

**ନୂଆଦିଲ୍ଲୀ,୧୬।୧୨(ପି.ଟି.)**

**ରାଫାଲ ବିଜୟ**

ରାଫାଲ ପ୍ରସଙ୍ଗରେ କଂଗ୍ରେସ ବିରୋଧରେ ଭାଜପା ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ସୋମବାର ଦେଶର ୭୦ଟି ପ୍ରମୁଖ ସହରରେ ଭାଜପାର ବରିଷ୍ଠ ନେତା, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀମାନେ ଖବରଦାତା ସମ୍ମିଳନୀ କରି ବିରୋଧୀ ଦଳକୁ ଆକ୍ରମଣ କରିବା ଲାଗି ଦଳ ନିଷ୍ପତ୍ତି ନେଇଛି।

ରାଫାଲ ଚୁକ୍ତିନାମା ସମ୍ପର୍କରେ ପ୍ରକୃତ ସତ୍ୟ ସୁପ୍ରିମକୋର୍ଟଙ୍କ ରାୟ ପରେ ସ୍ପଷ୍ଟ ହୋଇଯାଇଥିବାବେଳେ କଂଗ୍ରେସ ଜାତୀୟ ନିରାପତ୍ତା ସହ ଖେଳିବାକୁ ଉଦ୍ୟମ କରୁଛି ଏବଂ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଛି। କଂଗ୍ରେସର ଏହି ଷଡଯନ୍ତ୍ରକୁ ଭାଜପା ପଦାରେ ପକାଇବ ବୋଲି ଏହାର ମିଡିଆ ମୁଖ୍ୟ ତଥା ରାଜ୍ୟ ସଭା ସଦସ୍ୟ ଅନିଲ ବାଲୁନି କହିଛନ୍ତି। ବିଭିନ୍ନ ସହରରେ ଖବରଦାତା ସମ୍ମିଳନୀରେ ଯୋଗୀ ଆଦିତ୍ୟନାଥ, ଦେବେନ୍ଦ୍ର ଫଡନବିସ୍, ବିଜୟ ରୁପାନି, ସର୍ବାନନ୍ଦ ସୋନୋୱାଲ, ନିର୍ମଳା ସୀଥାରାମନ୍, ରବିଶଙ୍କର ପ୍ରସାଦ, ପ୍ରକାଶ ଜାଭଡେକର, ଜେ.ପି. ନଡ୍ଡା, ସ୍ମୃତି ଇରାନୀ, ସୁରେଶ ପ୍ରଭୁ, ଶିବରାଜ ସିଂ ଚୌହାନ ଏବଂ ଅନ୍ୟ ନେତାମାନେ ଯୋଗଦେବେ।

**ଫୁର୍‌ସତ**

## ଆଶାରାମଙ୍କ ଜୀବନୀ ପୁସ୍ତକ

**ନୂଆଦିଲ୍ଲୀ:** ବିବାଦୀୟ ଧର୍ମଗୁରୁ ଆଶାରାମଙ୍କ ଜୀବନୀକୁ ନେଇ ଏକ ପୁସ୍ତକକୁ 'ପେଙ୍ଗୁଇନ୍ ରାଣ୍ଡମ୍ ହାଉସ ଇଣ୍ଡିଆ' ପ୍ରକାଶ କରିଥିବା ଶନିବାର ଘୋଷଣା କରାଯାଇଛି। 'ଗଡ୍ ଅଫ୍ ସିନ୍: ଦି କଲ୍ଟ, ଦି କ୍ଲାଉଟ୍ ଆଣ୍ଡ ଡାଉନ୍‌ଫଲ୍ ଅଫ୍ ଆଶାରାମ ବାପୁ' ଶୀର୍ଷକ ଏହି ପୁସ୍ତକ ରଚନା କରିଛନ୍ତି ଉଶିନର ମଜୁମଦାର।

ଏହି ବିବାଦୀୟ ପୁସ୍ତକ ବହୁ ବିରୋଧର ସମ୍ମୁଖୀନ ହୋଇଥିବାବେଳେ ଏହାର ପ୍ରକାଶନକୁ କୋର୍ଟରେ ଚାଲେଞ୍ଜ୍ କରାଯାଇଥିଲା। ଅଦାଲତ ଏହାର ପ୍ରକାଶନରେ ସ୍ଥଗିତାଦେଶ ଜାରି କରିବାକୁ ମନାକରିଦେଇଥିଲେ। ଅନେକଗୁଡିଏ ଚାଲେଞ୍ଜ ଅତିକ୍ରମ କରି ଏହା ଡିସେମ୍ବର ୧୫ରୁ ରିଟେଲ୍ ଏବଂ ଅନଲାଇନ୍ ଷ୍ଟୋର୍‌ରେ ଉପଲବ୍ଧ ହେଉଛି। ଆଶାରାମଙ୍କ ଜୀବନଶୈଳୀ ଉପରେ ବିଭିନ୍ନ ତଦନ୍ତକାରୀ ସଂସ୍ଥାର ଅନୁସନ୍ଧାନ ଏବଂ ଅଦାଲତଙ୍କ ନିଷ୍ପତ୍ତିକୁ ନେଇ ବିସ୍ତୃତ ରିପୋର୍ଟ ଆଧାରରେ ଉକ୍ତ ପୁସ୍ତକ ରଚନା କରାଯାଇଥିବା ଲେଖକ କହିଛନ୍ତି।

## ଭାରତ ସ୍ଥାପନ କରିବ କମ୍ୟୁନିକେଶନ୍ ହବ୍




**ଚେନ୍ନାଇ:** ପ୍ରସ୍ତାବିତ ମାନବଯୁକ୍ତ ସ୍ପେସ୍ ମିଶନ୍‌ର ଅଂଶସ୍ୱରୂପ ଭାରତ 'ଇଣ୍ଡିଆନ୍ ଡାଟା ରିଲେ ସାଟେଲାଇଟ୍ ସିଷ୍ଟମ୍(ଆଇଡିଆରଏସ୍‌ଏସ୍) ଲଞ୍ଚ୍ କରିବ। ଏହାଦ୍ୱାରା ଦୂରସଂବେଦୀ/ପୃଥିବୀ ପର୍ଯ୍ୟବେକ୍ଷଣକାରୀ ସାଟେଲାଇଟ୍‌ଗୁଡ଼ିକ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ଓ ଯୋଗାଯୋଗ ସମ୍ଭବ ହୋଇପାରିବ। ଏହି ପ୍ରକଳ୍ପ ଅଧୀନରେ ଦୁଇଟି ସାଟେଲାଇଟ୍ ଲଞ୍ଚ୍ କରାଯିବ। ପ୍ରଥମଟି ୨୦୧୯ରେ ଉତ୍କ୍ଷେପଣ କରାଯିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ଅଧ୍ୟକ୍ଷ କେ. ସିବନ୍ କହିଛନ୍ତି। ୨୦୨୨ରେ ଭାରତ ମହାକାଶକୁ ମାନବବାହୀ ମହାକାଶଯାନ ପ୍ରେରଣ କରିବ। ଏହି ସମୟରେ ନିରନ୍ତର ଯୋଗାଯୋଗ ବ୍ୟବସ୍ଥା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆଇଡିଆରଏସ୍‌ଏସ୍ ଭାରତୀୟ ଦୂର ସଂବେଦୀ/ପୃଥିବୀ ପର୍ଯ୍ୟବେକ୍ଷଣକାରୀ ସାଟେଲାଇଟ୍ ଏବଂ ପୃଥିବୀର ନିମ୍ନକକ୍ଷରେ ଥିବା ଅନ୍ୟ ସାଟେଲାଇଟ୍‌ଗୁଡିକ ମଧ୍ୟରେ ନିରନ୍ତର ଯୋଗାଯୋଗ ସ୍ଥାପନ କରିପାରିବ। ଦୁଇଟି ସାଟେଲାଇଟ୍‌କୁ ଜିଓଷ୍ଟେଶନାରି ଅର୍ବିଟ୍‌ରେ ସ୍ଥାପନ କରାଯିବ। ଏହାଦ୍ୱାରା ସାଟେଲାଇଟ୍ ଓ ସାଟେଲାଇଟ୍ ମଧ୍ୟରେ ତଥ୍ୟ ସ୍ଥାନାନ୍ତର ହୋଇପାରିବ।

## ଇତିହାସର ଆଇନାରେ

### ଡିସେମ୍ବର ୧୭ର ପ୍ରମୁଖ ଘଟଣା

୧୯୫୭ ଡିସେମ୍ବର ୧୭ରେ ଆମେରିକା ଫ୍ଲୋରିଡାସ୍ଥିତ କେପ୍ କାନାଭେରାଲ୍‌ଠାରେ ପ୍ରଥମ ଆନ୍ତଃ ମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ପରୀକ୍ଷା ସଫଳ ହେବା ପରେ ଆମେରିକା ଆଟଲାସ୍ ରକେଟ୍ ଫ୍ୟାମିଲିରେ ସାମିଲ ହୋଇଥିଲା। ୧୯୫୯ ଅକ୍ଟୋବରରେ ଏହାକୁ କାର୍ଯ୍ୟକ୍ଷମ କରାଗଲା। ୧୯୪୫ରେ ନାଗାସାକିରେ ପଡିଥିବା ବୋମାଠାରୁ ଏହା ୧୦୦ଗୁଣ ଶକ୍ତିଶାଳୀ।

୧୯୭୩ ଡିସେମ୍ବର ୧୭ରେ ରୋମ୍‌ର ଲିଓନାର୍ଡୋ ଦା ଭିନ୍‌ସି ଫ୍ୟୁମିସିନୋ ବିମାନବନ୍ଦରରେ ପାଲେଷ୍ଟିନୀୟ ଆତଙ୍କବାଦୀ ୩୦ ଯାତ୍ରୀଙ୍କୁ ହତ୍ୟା କରିଥିଲେ। ଏହା ଏକ ଅନ୍ତର୍ଜାତୀୟ ବିମାନବନ୍ଦର ତଥା ଇଟାଲିର ସର୍ବବୃହତ୍ ବିମାନବନ୍ଦର। ୟୁରୋପ୍ ମହାଦେଶର ବ୍ୟସ୍ତବହୁଳ କୁହାଯାଉଥିବା ଏହି ବିମାନବନ୍ଦର ଦେଇ ୨୦୧୬ରେ ୪୧.୭ ନିୟୁତ ଯାତ୍ରୀ ଯାତାୟାତ କରିଥିବା ରେକର୍ଡ ରହିଛି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୦ | ୧୬.୮ |
| ଚାନ୍ଦବାଲି | ୨୪.୨ | ୧୯.୨ |
| କଟକ | ୨୪.୨ | ୧୭.୫ |
| ପାରାଦ୍ୱୀପ | ୨୩.୮ | ୨୦.୬ |
| ଭୁବନେଶ୍ୱର | ୨୫.୧ | ୧୯.୫ |
| ଗୋପାଳପୁର | ୨୪.୮ | ୨୦.୨ |
| ପୁରୀ | ୨୩.୪ | ୧୯.୮ |
| ଅନୁଗୋଳ | ୨୩.୭ | ୧୪.୬ |
| ବାରିପଦା | ୨୪.୪ | ୧୭.୬ |
| ଝାରସୁଗୁଡ଼ା | ୨୩.୫ | ୧୪.୬ |
| କେନ୍ଦୁଝର | ୨୩.୯ | ୧୪.୮ |
| ସମ୍ବଲପୁର | ୨୪.୨ | ୧୬.୫ |
| ସୁନ୍ଦରଗଡ଼ | ୨୪.୦ | ୧୨.୦ |
| ହୀରାକୁଦ | ୨୫.୧ | ୧୭.୧ |
| ତାଳଚେର | ୨୩.୪ | ୧୬.୦ |
| ଭବାନୀପାଟଣା | ୨୩.୦ | ୧୭.୦ |
| ବଲାଙ୍ଗୀର | ୨୩.୬ | ୧୪.୫ |
| କୋରାପୁଟ | ୧୯.୬ | ୧୩.୬ |
| ଫୁଲବାଣୀ | --- | ୧୫.୫ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୪.୫ | ୨୧.୫ |
| ସୋନପୁର | ୨୪.୦ | ୧୨.୬ |
| ଦାରିଙ୍ଗିବାଡ଼ି | ୧୭.୫ | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଅନ-ସ୍କ୍ରିନ୍ କ୍ୟାରେକ୍ଟର ପାଇଁ ଅଧିକ ପରିଚିତ



**ପଣଜୀ:** 'ଆଙ୍ଗ୍ରି ଇଣ୍ଡିଆନ୍ ଗଡେସ୍'ର ଲକ୍ଷ୍ମୀ ଚରିତ୍ର ହେଉ ଅଥବା 'ଏସ୍ ଦୁର୍ଗା'ର ଦୁର୍ଗା, 'ସାକ୍ରିଡ ଗେମ୍‌ସ'ର ସୁଭଦ୍ରା କିମ୍ବା 'ମଣ୍ଟୋ' ଫିଲ୍ମର ଇସ୍‌ମତ ଚରିତ୍ର ପାଇଁ ଦର୍ଶକଙ୍କ ନିକଟରେ ଅଧିକ ପରିଚିତି ହାସଲ କରିପାରିଛନ୍ତି ଅଭିନେତ୍ରୀ ରାଜଶ୍ରୀ ଦେଶପାଣ୍ଡେ। ଲୋକେ ତାଙ୍କ ନାମ ଅପେକ୍ଷା ଅନ-ସ୍କ୍ରିନ୍ କ୍ୟାରେକ୍ଟରକୁ ଅଧିକ ଜାଣିଥିବାରୁ ସେ ବେଶ୍ ଖୁସି। ଗତ ମାସରେ ଏଠାରେ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍ ଅନୁଷ୍ଠିତ ହୋଇଥିଲା। ସେ ଏଥିରେ ଯୋଗଦେବା ଅବସରରେ ଦର୍ଶକଙ୍କର କିଛି ଗୁଞ୍ଜନ 'ସେ କିଏ' ବୋଲି ଶୁଣିବାକୁ ପାଇଥିଲେ। ଚଟାପଟ ଉତ୍ତର ବି ମିଳିଯାଇଥିଲା ସେ ହେଉଛନ୍ତି 'ସାକ୍ରିଡ ଗେମ୍‌ସ'ର ସୁଭଦ୍ରା। ଏହା ରାଜଶ୍ରୀଙ୍କୁ ନିରାଶ କରି ନ ଥିଲା। ବରଂ ସେ ଖୁସି ହୋଇଥିଲେ। ଏ ସମ୍ପର୍କରେ ସେ କହନ୍ତି, 'ମୁଁ ଫିଲ୍ମରେ ଯେଉଁ ପ୍ରକାର ଚରିତ୍ରରେ ଅଭିନୟ କରେ ସେଇ ଚରିତ୍ରକୁ ମନେରଖି ଦର୍ଶକ ମୋତେ ଚିହ୍ନିପାରନ୍ତି। ଭଲ ବିଷୟବସ୍ତୁ ଥିବା ଫିଲ୍ମକୁ ସେ ପସନ୍ଦ କରନ୍ତି। ତାଙ୍କ ଅଭିନୀତ ଆଗାମୀ ଫିଲ୍ମ ହେଉଛି ସୋନାଲି ବୋଷ୍‌ଙ୍କ ନିର୍ଦ୍ଦେଶିତ ତଥା ପ୍ରିୟଙ୍କା ଚୋପ୍ରା ଅଭିନୀତ 'ଦି ସ୍କାଏ ଇଜ୍ ପିଙ୍କ୍' ଏବଂ ସାଇକୋଲୋଜିକାଲ୍ ହରର୍ ଡ୍ରାମା 'ନିର୍ବାଣ ଇନ୍'।

ରାଜଶ୍ରୀ ଦେଶପାଣ୍ଡେ

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

## MOCK TEST PAPER # 1

### IITJEE (Main) (PHYSICS)


**Time : 1 hour** **Maximum Marks: 120**

**MARKING INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*


### SINGLE CORRECT ANSWER

1. A particle is projected at 53° with +ve x-axis with initial velocity 20 m/s. At the same time a person starts moving with velocity of 12 m/s along +ve x-axis. Choose the correct plot of distance between particle and man with respect to time.



2. Two resistances are given as $R_1(10\pm 0.1)\Omega$, $R_2(5\pm 0.05)\Omega$. Find % error in their parallel combination.
(A) 6% (B) 7%
(C) 3% (D) 1%


3. A block of mass 4 kg is being pressed against a wall as shown in figure. Coefficient of friction between wall and block is $\mu = 0.5$. Find the contact force on the given block.



(A) $20\sqrt{5}$ N (B) $10\sqrt{17}$ N
(C) $10\sqrt{26}$ N (D) $10\sqrt{29}$ N

4. A particle of mass m moving along x-axis with some velocity, strikes with another particle of mass M = 5 m. at rest. After collision velocity of particle of mass M makes an angle of 30° with x-axis while particle of mass 'm' moves along y-axis. Fraction of energy lost during the collision is?
(A) 1/2 (B) 2/5
(C) 3/5 (D) 1/3


5. A block of mass m is on a stationary wedge of mass M. Wedge can slide freely on horizontal surface. If the block starts moving then there are four statements. (Given : All the surfaces are smooth)



I. Position of centre of mass will change.
II. Total energy of system is constant.
III. If block moves to the bottom of wedge the distance moved by wedge is $\frac{mh\tan\theta}{m+M}$
IV. If block moves to the bottom of wedge, distance moved by wedge is $\frac{mh\cot\theta}{m+M}$

Which option corresponding to the statements is correct:
(A) I, II, IV (B) II, IV
(C) II, III (D) I, II, III

6. Find moment of inertia of given hollow hemisphere about axis CD.



(A) $\frac{2}{3}MR^2$ (B) $\frac{5}{12}MR^2$
(C) $\frac{2}{5}MR^2$ (D) $\frac{3}{20}MR^2$.

7. A satellite orbiting around earth with speed $v_0$, and R as orbital radius. How much more energy would it take to escape earth's gravitational field?
(A) $\frac{GMm}{4R}$ (B) $-\frac{GMm}{2R}$
(C) $\frac{GMm}{2R}$ (D) $-\frac{GMm}{4R}$

8. A metal wire has length of 1m and cross-sectional area $4.9\times10^{-7}$ m², is supporting a mass of 0.1 kg. Block is pulled downward and now performs SHM of angular frequency 140 rad/s. Find its Young's Modulus
(A) $4\times10^9$N/m² (B) $2\times10^9$N/m²
(C) $4\times10^8$N/m² (D) $6\times10^8$N/m².

9. In an adiabatic process, for ideal gas, $R=\frac{2}{3}C_V$. The pressure of the gas is proportional to:
(A) $T^{5/3}$ (B) $T^{5/2}$
(C) $T^{5/4}$ (D) $T^{5/6}$

10. A cylinder is divided into two parts with the help of frictionless piston having some mass. Initially both the parts have 1 mole of ideal gas in each at 300 K. Volume of upper part is 4 times that of lower part. At what final temperature volume ratio will be 2?




(A) 600 K (B) 750 K
(C) 900 K (D) 400 K

11. During a process work done by the gas having $\gamma = 1.5$, is equal to double of increase in internal energy. Find the molar heat capacity for the gas (R = gas constant).
(A) 3R (B) 6R
(C) 9R (D) Zero

12. Two particles, performing SHM, have same frequency of oscillation and same amplitude. At t = 0 one of the particle is at its positive extreme (+A) and other one is at half of its amplitude in –x direction and both are approaching each other. At what time they will meet? (T = time period)
(A) T/3 (B) T/6
(C) T/12 (D) T/4


13. Frequency of an ambulance siren appears (4/5)th of initial frequency as it crosses a stationary observer. Find speed of ambulance. (Vsound = 330 m/s)
(A) 18.3 m/s (B) 20 m/s
(C) 36.6 m/s (D) 40 m/s


14. The potential field depends on x and y coordinates as $V = (x^2 - y^2)$. Corresponding electric field lines in x-y plane as shown in figure.



15. There is a uniformly charged insulating sphere of radius R and charge Q. There are three point A, B and C at a distance R/3, R/2 and 3R/2 from the centre of sphere. Choose the correct option. [V: Electric potential $k=\frac{1}{4\pi\varepsilon_0}$]
(A) $V_A - V_B = \frac{5}{12}\left(\frac{kQ}{R}\right)$
(B) $V_A - V_B = \frac{5}{36}\left(\frac{kQ}{R}\right)$
(C) $V_B - V_C = \frac{17}{48}\left(\frac{kQ}{R}\right)$
(D) $V_B - V_C = \frac{17}{36}\left(\frac{kQ}{R}\right)$


16. A parallel plate capacitor without any dielectric has capacitance $C_0$. A dielectric slab is made up to two dielectric slabs of dielectric constants K and 2K and is of same dimensions as that of capacitor plates and both the parts are of equal dimensions arranged serially as shown. If this dielectric slab is introduced (dielectric K enters first) in between the plates at constant speed, then variation of capacitance with time will be best represented by:






17. In copper, each copper atom releases one electron. If a current of 1.1 A is flowing in the copper wire of uniform cross-sectional area of diameter 1 mm, then drift velocity of electrons will approximately be: (Density of copper = 9 x $10^3$ kg /m³, Atomic weight of copper = 63)
(A) 10.3 mm/s (B) 0.1 mm/s
(C) 0.2 mm/s (D) 0.2 cm/s

18. In the circuit shown, find out current through the branch CF



(A) 25A, F to C (B) 25A, C to F
(C) 12A, F to C (D) None of these


19. A rectangular loop of sides 10 cm and 5 cm carrying a current I of 12A is placed in different orientations as shown in the figures below. If there is a uniform magnetic field of 0.3 T in the positive z-direction in which orientations the loop would be in:



(a) (b) (c) (d)

(i) stable equilibrium and
(ii) unstable equilibrium?
(A) (a) and (b) respectively
(B) (b) and (d) respectively
(C) (a) and (c) respectively
(D) (b) and (c) respectively


20. A wire carrying a current of 4 A is bent in the form of a parabola $y = 16 - x^2$ as shown in figure where x and y are in meter. The wire is placed in a uniform magnetic field $\vec{B} = 5\hat{k}$ Tesla. The force acting on wire is:



(A) $80\hat{j}$N (B) $-80\hat{j}$N
(C) $-160\hat{j}$N (D) $160\hat{j}$N

21. A particle of charge q and mass m moves in a circular orbit of radius r with angular speed $\omega$. The ratio of the magnitude of its magnetic moment to that of its angular momentum depends on:
(A) $\omega$ and q (B) $\omega$, q and m
(C) q and m (D) $\omega$ and m

22. In figure shown switch S is closed for a long time. At t = 0, if it is opened, then



(A) Total heat produced in resistor $R_1$ after opening the switch is $\frac{1}{2}\frac{L\varepsilon^2}{R^2}$
(B) Total heat produced in resistor $R_1$ after opening the switch is $\frac{1}{2}\frac{L\varepsilon^2}{R^2}\left(\frac{R_1}{R_1+R_2}\right)$
(C) heat produced in resistor $R_1$ after opening the switch is $\frac{1}{2}\frac{R_2L\varepsilon^2}{R^2(R_1+R_2)}$
(D) no heat will be produced in $R_1$

23. A lamp emits monochromatic green light uniformly in all the direction. The lamp is 3% efficient in converting electrical power to electromagnetic waves and consumes 100 W of power. The amplitude of electric field associated with radiation at a distance of 10 m from the lamp is :
(A) 1.34 V/m (B) 2.68 V/m
(C) 5.36 V/m (D) 9.37 V/m

24. The maximum value of index of refraction of a material of a prism which allows the passage of light through it when the refracting angle of the prism is A is:
(A) $\sqrt{1+\sin\left(\frac{A}{2}\right)}$ (B) $\sqrt{1+\cos\left(\frac{A}{2}\right)}$
(C) $\sqrt{1+\tan^2\left(\frac{A}{2}\right)}$ (D) $\sqrt{1+\cot^2\left(\frac{A}{2}\right)}$

25. The wavefront of light beam is given by the equation 3x + y + 2z = C where C is a constant. The angle made by the direction of light with x-axis is:
(A) $\cos^{-1}\left(\frac{3}{\sqrt{14}}\right)$ (B) $\sin^{-1}\left(\frac{3}{\sqrt{14}}\right)$
(C) $\cos^{-1}\left(\frac{1}{2}\right)$ (D) $\tan^{-1}\left(\frac{3}{\sqrt{14}}\right)$


26. The length of compound microscope is 14 cm. The magnifying power for relaxed eye is 25. If the focal length of eye lens is 5 cm then the object distance for objective lens will be:
(A) 1.5 cm (B) 1.8 cm
(C) 2.1 cm (D) 2.4 cm

27. Check the correctness of the following statements about Bohr model of hydrogen atom:
I. The acceleration of the electron in n = 2 orbit is more than in n = 1 orbit.
II. The angular momentum of the electron in n = 2 orbit is more than in n = 1 orbit.
III. The KE of the electron in n = 2 orbit is less than in n = 1 orbit.
(A) all the statements are correct
(B) only (i) and (ii) are correct
(C) only (ii) and (iii) are correct
(D) only (iii) and (i) are correct

28. Which of the following statement is **correct** ?
(A) With increase in wavelength of light, stopping potential becomes more negative
(B) Wave nature of electron can be explained by Davisson and Germer experiment
(C) If frequency of light gets doubled. $KE_{max}$ of photoelectrons also gets doubled
(D) The change in intensity of light affects stopping potential in photoelectric effect experiment

29. The modulation index of FM carrier having a carrier swing of 200 KHz and a modulation signal 10 KHz is:
(A) 5 (B) 10
(C) 15 (D) 25

30. A circuit containing capacitors $C_1$ and $C_2$ as shown in figure is in steady state with key $k_1$ closed. At the instant t = 0, $k_1$ is opened and $k_2$ is closed then the maximum current in the circuit will be:



(A) 1 Amp (B) 2 Amp
(C) $\sqrt{2}$ Amp (D) $1/\sqrt{2}$ Amp.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggarwal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ସ୍ୱାସ୍ଥ୍ୟରକ୍ଷାରେ ବ୍ୟାୟାମ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଅତୀତରେ ବିଦ୍ୟାଳୟ(ବିଶେଷତଃ ପ୍ରାଥମିକ)ଗୁଡ଼ିକରେ ଆମେ ଯେଉଁ ସାଧାରଣ ଦୃଶ୍ୟଟି ଦେଖିବାକୁ ପାଉଥିଲୁ, ତାହା ହେଉଛି ଦଣ୍ଡ ସ୍ୱରୂପ ପିଲାଙ୍କୁ ବସାଉଠା କରାଇବା। ଯଦି ଶିକ୍ଷକ ଛାତ୍ରଟିକୁ ପଚାରିଲେ, ଦୁଇରେ ଏକ ମିଶାଇଲେ ଫଳ କ'ଣ ହେବ ଏବଂ ଏମିତି ସରଳ ମାନସାଙ୍କର ଉତ୍ତର ସେ ଦେଇ ନ ପାରିଲେ, ତାକୁ ଶିକ୍ଷକ ବସ୍-ଉଠ୍ କରାଇବେ। ଏ ବାବଦରେ ଅନ୍ୟ ଅପରାଧକୁ ମଧ ତାଲିକାଭୁକ୍ତ କରିହେବ, ଯେମିତି ପାଠ ପଢ଼ାବେଳେ ଅନ୍ୟମନସ୍କ ରହିବା, ଶ୍ରେଣୀରେ ଦୁଷ୍ଟାମି କରିବା, ବିଳମ୍ବରେ ସ୍କୁଲକୁ ଆସିବା, କ୍ଲାସରେ ଢୁଳାଇବା, ପାଠ ଚୋର ହେବା ଇତ୍ୟାଦି।

ଏମିତି ଏକ ବିଚିତ୍ର ଦୃଶ୍ୟ ଆମେ ନଭେମ୍ବର ୨୦୧୮ର ଦ୍ୱିତୀୟ ସପ୍ତାହରେ ପ୍ରତ୍ୟକ୍ଷ କଲୁ। ଭୁବନେଶ୍ୱରସ୍ଥ ଏକ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉପଲକ୍ଷେ ଦୀକ୍ଷାନ୍ତ ଭାଷଣ ଦେବା ପାଇଁ ଜଣେ ବିଶିଷ୍ଟ ବ୍ୟକ୍ତି ମାନ୍ୟବର ଆର୍ନେଷ୍ଟୋ କାହାନ୍‌ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ୧୯୪୦ ମସିହାରେ ଆର୍ଜେଣ୍ଟିନାରେ ଜନ୍ମିତ କାହାନ୍ ପେସାରେ ଜଣେ ଡାକ୍ତର ଏବଂ ନାମକରା କବି। ଉକ୍ତ ଘଟଣା ଦିନ ସଭାସ୍ଥଳରେ ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ବିଶ୍ୱବିଖ୍ୟାତ କାହାନ୍‌ଙ୍କ ଅମୃତବାଣୀ ବକ୍ତୃତା ମାଧ୍ୟମରେ ଶୁଣିବା ପାଇଁ ଆଗ୍ରହର ସହ ଅପେକ୍ଷା କରିଥିଲେ। କାହାନ୍ ସମ୍ମିଳନୀ ପ୍ରକୋଷ୍ଠରେ ପ୍ରବେଶ କରିବା ମାତ୍ରେ ଔପଚାରିକତା ଦୃଷ୍ଟିରୁ ଶ୍ରୋତାମାନେ ନିଜ ନିଜ ଆସନରେ ଠିଆ ହୋଇ ସମ୍ମାନ ଜଣାଇଲେ। ଶିଷ୍ଟାଚାର ପ୍ରଦର୍ଶନ କରି ଶ୍ରୋତାମାନେ ଚିରାଚରିତ ପ୍ରଥାରେ ବସୁ ବସୁ କାହାନ୍ ମହାଶୟ ସେମାନଙ୍କୁ ଠିଆ ହେବାକୁ କହିଲେ। ପରେ ପରେ ବସିବାକୁ କହିଲେ। ଏମିତି ଥରକୁ ଥର ଏଇ ବଡ଼ବଡ଼ିଆଙ୍କୁ ବସାଉଠା କରାଇଲେ। କାହାନ୍‌ଙ୍କ ଅଜବ ଅନୁରୋଧକୁ ଶ୍ରୋତାମାନେ ମାନି ବାରମ୍ବାର ବସୁଥାନ୍ତି ଓ ଠିଆ ହେଉଥାନ୍ତି। ଅବଶ୍ୟ କାଳବିଳମ୍ବ ନ କରି ପ୍ରଫେସର କାହାନ୍ ଏହାର ରହସ୍ୟ ଉନ୍ମୋଚନ କଲେ। ତାଙ୍କ ସ୍ପଷ୍ଟୀକରଣର ଗୂଢ଼ ତଥ୍ୟ ହେଉଛି ଯେ, ସେ ଜଣେ ଡାକ୍ତର। ବିଶ୍ୱର ବିଭିନ୍ନ ଦେଶରେ ଜନସାଧାରଣଙ୍କୁ ସୁସ୍ଥ ସବଳ ରଖିବା ପାଇଁ ସେ କର୍ମ ବ୍ୟସ୍ତତା ସତ୍ତ୍ୱେ ବିଭିନ୍ନ ଆଫିସିକ ଓ ଅନୌପଚାରିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ସେ ଅହରହ ଉଦ୍ୟମଶୀଳ। ଜନପଦ-ପ୍ରସାରକ-ରୋଗତତ୍ତ୍ୱ (ଏପିଡେମିଓଲୋଜି)ର ବିଶେଷଜ୍ଞ କାହାନ୍ ଲକ୍ଷ୍ୟ କରିଛନ୍ତି ଯେ, ଆଜିକାଲି ଅଧିକାଂଶ ବ୍ୟକ୍ତି କର୍ମବିମୁଖ। ଅନ୍ୟ କାରଣ ସମେତ ଯାନ୍ତ୍ରିକ କୌଶଳ ବ୍ୟବହାର କରି, ବସି ବସି ଅଫିସ ତଥା ଘର କାମ କରୁଛନ୍ତି। ଏମିତି ଖଟଆଲୁ ହେବାରୁ ସେମାନେ କୃଷକ, ଶ୍ରମିକ କିମ୍ବା କ୍ରୀଡ଼ାବିତ୍‌ଙ୍କ ପରି ସୁସ୍ଥସବଳ ହୋଇପାରୁନାହାନ୍ତି। ତେଣୁ ପରିଶ୍ରମ ବା ବ୍ୟାୟାମର ଉପାଦେୟତା ବୁଝାଇବାକୁ ସେ ଏମିତି ବସାଉଠା କରାଇଲେ। ବାସ୍ତବିକ ବକ୍ତୃତା ଅପେକ୍ଷା ଏହି ବସା ଉଠା ଶିକ୍ଷା ଅଧିକ ଉପାଦେୟ।

ସମ୍ପ୍ରତି ଆମ ଦୈନନ୍ଦିନ ଜୀବନରେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବହୁମାତ୍ରାରେ ପ୍ରବେଶ କରି ଜୀବନକୁ ସହଜ ଓ ଆରାମଦାୟକ କରି ପାରିଛି। ସର୍ବସାଧାରଣଙ୍କ ମଧ୍ୟରେ ଏହାର ବ୍ୟାପକ ପ୍ରବେଶ ପଛରେ ଏକ ପ୍ରମୁଖ କାରଣ ହେଉଛି ଆଧୁନିକ ଗାଜେଟମାନ ଦିନକୁ ଦିନ ଶସ୍ତା ହେବାରେ ଲାଗିଛି। ଯଦିଚ ଏଥିରେ କ୍ରମୋନ୍ନତି ଘଟିଥିବା କୌଶଳମାନ ସନ୍ନିବେଶିତ କରାଯାଉଛି। ବିଜ୍ଞାନ ଓ ଉଦ୍ୟୋଗର ଏହା ଅପ୍ରତିହତ ଜୟଯାତ୍ରା। ମୋଟାମୋଟି ଭାବେ ଏଗୁଡ଼ିକୁ ସ୍ୱାଗତ କରିବାରେ ଅର୍ଥ ଆଉ ବିଶେଷ ବାଧକ ହେଉନାହିଁ।

ଯଦି ଆମେ ଟିଭି ଦେଖିବାକୁ ଚାହୁଁ, ଦୃଷ୍ଟିଶକ୍ତିର ସୁରକ୍ଷା ପାଇଁ ଯଥେଷ୍ଟ ଦୂରରେ ବସିବାକୁ ସ୍ୱାସ୍ଥ୍ୟ-ସମ୍ବଳିତ ଉପଦେଶ ଥିବା ସତ୍ତ୍ୱେ ଆମେ ଏଥିପ୍ରତି ଭ୍ରୂକ୍ଷେପ କରି ନ ପାରୁ। କିନ୍ତୁ ଆମ ହାତରେ ଟିଭିର ରିମୋଟ କଣ୍ଟ୍ରୋଲଟି ଧରିବା ପାଇଁ କଦାପି ଭୁଲିବୁ ନାହିଁ। ଆମେ ନିଜ ଆସନରେ ଅଚଳ ମହାମେରୁ ପରି ଘଣ୍ଟା ଘଣ୍ଟା ବସି କିମ୍ବା ଶୋଇ ରହି, ରିମୋଟରେ ଚ୍ୟାନେଲ ବଦଳାଇବାକୁ, ଶବ୍ଦର ତୀବ୍ରତା ମନ ମୁତାବକ କମାଇବୁ ବା ବଢ଼ାଇବୁ, ସ୍କ୍ରିନରେ ଦୃଶ୍ୟର ରଂଗ ପରିବର୍ତ୍ତନ କରିବୁ ଇତ୍ୟାଦି। ଆମେ ଉଣାଧିକେ ଜାଣୁ ଯେ, ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସିରହିଲେ ଜଣେ ବିଭିନ୍ନ ରୋଗର ଶିକାର ହୁଏ। ତଥାପି ଆମେ ବିନା ହଲ୍‌ଚଲ୍‌ରେ ଆସନକୁ ଭିଡ଼ି ରହିଥାଉ। ଏହା ହେଉଛି ଏକ ସାଧାରଣ ଦୃଷ୍ଟାନ୍ତ। ଆମର ଆଳସ୍ୟକୁ ଅଧିକ ଖୋରାକ ଯୋଗାଉଛି ଦିନକୁ ଦିନ ଉପଲବ୍ଧ ହେଉଥିବା ଏକାଧିକ ଇଲେକ୍ଟ୍ରୋନିକ ଯନ୍ତ୍ରପାତି।

ବିଭିନ୍ନ କାମ ଓ ବୋଲ ମାନିବାକୁ ଉପକରଣ ମାନ ବଜାରରେ ମିଳିଲାଣି। ଏଗୁଡ଼ିକ ଆମ ମୌଖିକ ଆଦେଶ ପାଇବା ମାତ୍ରେ ଅତି ବିଶ୍ୱସ୍ତ ଭୃତ୍ୟ ପରି ନାନା ପ୍ରକାର କାର୍ଯ୍ୟ ସନ୍ତୋଷଜନକ ଭାବେ ସମ୍ପାଦନ କରିଥାନ୍ତି। ଏମାନେ କମ୍ପ୍ୟୁଟର ଦ୍ୱାରା ସୃଷ୍ଟ ଭର୍ଚୁଆଲ (ଆଭାସୀ) ସହାୟକ (ଆସିଷ୍ଟାଣ୍ଟ) ପର୍ଯ୍ୟାୟଭୁକ୍ତ। ଅକ୍ଟୋବର ୨୦୧୧ରେ ଆପଲ କମ୍ପାନୀ ଏହାକୁ ଦୃଷ୍ଟିରେ ରଖି 'ଶିରି' ନାମକ ଏକ ଗାଜେଟ ବଜାରକୁ ଛାଡ଼ିଲା। ଆମାଜନ କମ୍ପାନୀ ନଭେମ୍ବର ୨୦୧୪ରେ 'ଆଲେକ୍ସ'ର ପ୍ରଚଳନ କଲା। ପରବର୍ତ୍ତୀ ସମୟରେ ଗୁଗୁଲ ତରଫରୁ ଗୁଗୁଲ-ଆସିଷ୍ଟାଣ୍ଟ ମେ ୨୦୧୬ରେ ଉପଲବ୍ଧ ହେଲା। ଶେଷୋକ୍ତ ଉପକରଣଟି କୃତ୍ରିମ ବୁଦ୍ଧିମତ୍ତା ଉପରେ ପର୍ଯ୍ୟବସିତ। ଲୋକଙ୍କ ଚାହିଦା ଦୃଷ୍ଟିରୁ ବିଭିନ୍ନ କମ୍ପାନୀ ଏହି ସାମଗ୍ରୀର ସମ୍ପ୍ରତି ବହୁ ପ୍ରଚଳିତ ଏହି ତିନୋଟି ବୋଲକରା ଯନ୍ତ୍ରଙ୍କ ମଧ୍ୟରେ କାର୍ଯ୍ୟସମ୍ପାଦନ କ୍ଷେତ୍ରରେ ଅବଶ୍ୟ କିଛି ପାର୍ଥକ୍ୟ ରହିଛି। ଇଂଲିଶ, ଚାଇନିଜ, ଜର୍ମାନ, ରୁଷୀୟ ଇତ୍ୟାଦି ବହୁ ସଂଖ୍ୟକ ଭାଷା ବୁଝି ପାରୁଥିଲେ ସୁଦ୍ଧା ଇଂଲିଶ ଶବ୍ଦ ଉଚ୍ଚାରଣରେ ଭିନ୍ନତା ରହୁଥିବାରୁ ଏହା ଠିକ୍ ଭାବେ କାମ ତୁଲାଇ ପାରେ ନାହିଁ। ପୁଣି କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରପାଇଁ ଏହା ବିଶେଷ ଅନୁକୂଳ ନୁହେଁ। ଆଲେକ୍ସାର ସ୍ୱର ସ୍ୱାଭାବିକ ଓ ବ୍ୟବହାରକାରୀ ପାଇଁ ଗ୍ରହଣୀୟ। ତେବେ ଏଥିରେ ଅସୁବିଧା ରହିଛି ଯେ, ଏହା କେବଳ ଜଣକର କଣ୍ଟେକ୍ଟ-ତାଲିକାଭୁକ୍ତଙ୍କ ସହ ଯୋଗାଯୋଗ କରିପାରେ। ଗୁଗୁଲ ଆସିଷ୍ଟାଣ୍ଟରେ ଅନ୍ୟ କେତେକ ସୁବିଧା ମିଳିଥାଏ। ଏଥିରେ ଦୁଇଜଣଙ୍କ ମଧ୍ୟରେ କଥାଭାଷା ପାଇଁ ବ୍ୟବସ୍ଥା ରହିଛି। ଉପରୋକ୍ତ ତିନୋଟି ସହାୟକ ମେଶିନ୍ ଲର୍ନିଂ ଡିଭାଇସ୍ ମଧ୍ୟରେ ଯାହାକିଛି ଭିନ୍ନତା ଥାଉ ପଛକେ ସମସ୍ତଙ୍କର ଦୈନନ୍ଦିନ ଜୀବନରେ ସାଧାରଣ କର୍ମମାନ ନିର୍ବାହ କରିବାରେ କ୍ଷମତା ରହିଛି। ଯଥା କୌଣସି ବିଷୟ ପାଇଁ ଆମେ ଆଗରୁ ଜଣାଇଦେଲେ ଠିକ୍ ସମୟରେ ଉକ୍ତ ଯାନ୍ତ୍ରିକ ସହାୟକମାନେ ଆମକୁ ଆଲାର୍ମ ବଜାଇଥାନ୍ତି, ନିର୍ଧାର୍ଯ୍ୟ ସମୟ ପହଞ୍ଚିବା ମାତ୍ରେ; ସାଧାରଣ ଅଙ୍କମାନ ନିର୍ଭୁଲ ଭାବେ ସମାଧାନ କରିଦିଅନ୍ତି; ପାଣିପାଗ ବିଷୟରେ ପୂର୍ବ ସୂଚନା ତଥା ସାମ୍ପ୍ରତିକ ସ୍ଥିତି ଜଣାଇଥାନ୍ତି। ରାସ୍ତାରେ ଭିଡ ସମ୍ବନ୍ଧରେ ତତ୍କାଳ ସୂଚନା ଦେଇପାରନ୍ତି ଇତ୍ୟାଦି। ଏପରି କି ଆମର ଆବଶ୍ୟକତା ସମ୍ପର୍କରେ ସେମାନେ ପୂର୍ବାନୁମାନ କରନ୍ତି। ଏହି ଦୃଷ୍ଟିରୁ ଭଏସ୍ ଭର୍ଚୁଆଲ ଆସିଷ୍ଟାଣ୍ଟଗୁଡ଼ିକର ପ୍ରଚଳନ କ୍ରମଶଃ ବ୍ୟାପକ ରୂପ ନେବାରେ ଲାଗିଛି। ଏତଦ୍‌ବ୍ୟତୀତ ଯନ୍ତ୍ରମାନବ (ରୋବୋଟ) ମଧ୍ୟ ଆମ ଜୀବନକୁ ନିକଟ ଭବିଷ୍ୟତରେ ପ୍ରଭାବିତ କରିବା ବିଷୟ ଜଳ ଜଳ ଦେଖାଗଲାଣି।

*-ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର*
*ମୋ: ୯୪୩୭୦୨୬୬୫୧*



"ଆମେ ଉଣାଧିକେ ଜାଣୁ ଯେ, ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସିରହିଲେ ଜଣେ ବିଭିନ୍ନ ରୋଗର ଶିକାର ହୁଏ । ତଥାପି ଆମେ ବିନା ହଲ୍‌ଚଲ୍‌ରେ ଆସନକୁ ଭିଡ଼ି ରହିଥାଉ। ଏହା ହେଉଛି ଏକ ସାଧାରଣ ଦୃଷ୍ଟାନ୍ତ। ଆମର ଆଳସ୍ୟକୁ ଅଧିକ ଖୋରାକ ଯୋଗାଉଛି ଦିନକୁ ଦିନ ଉପଲବ୍ଧ ହେଉଥିବା ଏକାଧିକ ଇଲେକ୍ଟ୍ରୋନିକ ଯନ୍ତ୍ରପାତି"





# ଡାଇବେଟିସ୍ ହୋଇଥିଲେ...




**ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ କି ? ଯଦି ହଁ, ତେବେ ନିମ୍ନଲିଖିତ ଟିପ୍ସ ପ୍ରତି ଧ୍ୟାନ ଦେଇପାରନ୍ତି...**

- ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଆପଣଙ୍କୁ ଅନେକ କଥା ପ୍ରତି ସତର୍କ ରହିବାକୁ ପଡିଥାଏ। ତନ୍ମଧ୍ୟରୁ ପ୍ରଥମ ହେଲା ରକ୍ତରେ ସୁଗାର ପରିମାଣ । ଯଦି ତାହା ବଢ଼ିଯାଏ ତେବେ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରେ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ ଏବଂ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ନିଅନ୍ତୁ।
- ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡିଲେ ତାହା ଆପଣଙ୍କୁ ଆହୁରି ଚିନ୍ତାଗ୍ରସ୍ତ କରିଥାଏ। ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ।
- ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନତାଲିକାରେ ବ୍ୟାୟାମକୁ ସାମିଲ କରିବା ଆବଶ୍ୟକ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟା ଚାଲିବାକୁ ଅଭ୍ୟାସରେ ପରିଣତ କରନ୍ତୁ।
- କେଉଁ ଖାଦ୍ୟ ଖାଇବା ଅନୁଚିତ ଏବଂ କ'ଣ ଖାଇବା ଦରକାର ତାହା ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ।
- ରକ୍ତରେ ସୁଗାର ପରୀକ୍ଷା କରିବା ସହ ଜଣେ ଡାଇବେଟିସ୍ ରେଗୀ ବ୍ଲଡପ୍ରେସର ଚେକ୍ କରିନେବା ଆବଶ୍ୟକ।
- ଅଧିକାଂଶ ସମୟ ଟେନସନ ରହନ୍ତୁ ନାହିଁ। କାରଣ ଏହା ସୁଗାର ପରିମାଣକୁ ବଢ଼ାଇ ଦେଇଥାଏ। ତେଣୁ ଯେତେ ସମ୍ଭବ ଟେନସନଠାରୁ ଦୂରେଇ ରଖନ୍ତୁ।
- ଡାଇବେଟିସ୍‌କୁ ନେଇ ଏଣୁତେଣୁ କଥାକୁ ବିଶ୍ୱାସ କରନ୍ତୁ ନାହିଁ। ଯଦି ଏହାକୁ ନେଇ ମନରେ କିଛି ପ୍ରଶ୍ନବାଚୀ ସୃଷ୍ଟି ହେଉଛି ତେବେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଲେନ୍ସ ବିହୀନ ମାଇକ୍ରୋସ୍କୋପ



କେତେକ ରୋଗ ବିଷୟରେ ତଥ୍ୟ ସଂଗ୍ରହ କରିବା ପାଇଁ ରୋଗୀଠାରୁ ସଂଗ୍ରହ କରାଯାଇଥିବା ନମୁନା (ସାମ୍ପଲ)କୁ ପାଥୋଲୋଜିଗୁଡିକରେ ମାଇକ୍ରୋସ୍କୋପରେ ପରୀକ୍ଷା କରାଯାଏ । ଅଭିଜ୍ଞ ପାଥୋଲୋଜିଷ୍ଟମାନେ ଏଭଳି କାମରେ ନିଜକୁ ନିୟୋଜିତ ରଖି ଆମକୁ ରୋଗ ବିଷୟରେ ଲିଖିତ ସୂଚନା ଦିଅନ୍ତି। ଆମେ ପ୍ରାୟ ଜାଣୁ ଯେ ମାଇକ୍ରୋସ୍କୋପରେ ଲେନ୍ସ ଖଞ୍ଜା ଯାଇଥାଏ, ଯାହାଦ୍ୱାରା ରୋଗ ବିଷୟରେ ଜାଣିବାକୁ ସହଜ ହୁଏ। କିନ୍ତୁ ୟୁନିଭର୍ସିଟି ଅଫ କାଲିଫର୍ନିଆର ବୈଜ୍ଞାନିକମାନେ ଏଭଳି ଏକ ମାଇକ୍ରୋସ୍କୋପ ତିଆରି କରିଛନ୍ତି ଯେଉଁଥିଲେ ଲେନ୍ସ ସଂଯୋଗ କରାଯାଇନାହିଁ। ଏହି ମାଇକ୍ରୋସ୍କୋପରୁ କମ୍ପ୍ୟୁଟେଶନାଲ ଇମେଜିଂ ଦ୍ୱାରା ରୋଗ ବିଷୟରେ ସୂଚନା ମିଳିପାରିବ ଏବଂ ଏଥିପାଇଁ ଲେନ୍ସର ଆବଶ୍ୟକତା ନାହିଁ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। କେବଳ ସେତିକି ନୁହେଁ, ଏଥିରେ ଏକ କ୍ୟାମେରା ସଂଯୋଗ କରାଯାଇଛି, ଯାହା ନମୁନାର ଫଟୋ ଉଠାଇ ପାରିବ। ଏଭଳି ମାଇକ୍ରୋସ୍କୋପ ବ୍ୟବହାର ଦ୍ୱାରା ନମୁନା ପରୀକ୍ଷା ଆହୁରି ସରଳ ହେବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।


# ରକ୍ତହୀନତା ଦୂର କରେ ଅଙ୍ଗୁର ଜୁସ୍



ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ରକ୍ତହୀନତା ପରି ସମସ୍ୟା ସହ ଜଡିତ ରୋଗୀ ଏହାର ଜୁସ୍ ପିଇଲେ ତାହା ସେମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ଏଥିରେ ଭିଟାମିନ୍ 'ଏ, ସି, ଇ, କେ) ଭରି ରହିଛି। କ୍ୟାଲସିୟମର ଅନ୍ୟତମ ଉତ୍ସ ହେଲା ଅଙ୍ଗୁର। ନିୟମିତ ଅଙ୍ଗୁର ଖାଇବା ଦ୍ୱାରା କ୍ଷୁଧା ବଢ଼ିଥାଏ। ଅଜୀର୍ଣ୍ଣ ସମସ୍ୟାକୁ ଅନେକାଂଶରେ ଏହା ଦୂର କରେ। ଆପଣଙ୍କର ମାଇଗ୍ରେନ ସମସ୍ୟା ଅଛି କି ? ଯଦି ହଁ, ତେବେ ଏଥିରୁ ଉପଶମ ପାଇବା ପାଇଁ ଆପଣ ଅଙ୍ଗୁର ଜୁସ ପିଇପାରନ୍ତି। ଅଙ୍ଗୁରରେ 'ଫାଇଟୋକେମିକାଲ' ନାମକ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା କ୍ୟାନସର ଆଶଙ୍କାଠାରୁ ଆମକୁ କେତେକାଂଶରେ ଦୂରେଇ ରଖିଥାଏ।

# କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରେ ଧୂମପାନ

ଧୂମପାନ ସିନା ସାମୟିକ ଆନନ୍ଦ ଦିଏ ହେଲେ ପରୋକ୍ଷରେ ଏହା ଯକ୍ଷ୍ମା, କ୍ୟାନ୍‌ସର ପରି ରୋଗକୁ ଡାକିଆଣେ। କେତେକ ଏହାସହ ଏପରି ଜଡିତ ହୋଇଯାଇ ଥାଆନ୍ତି ଯେ ସେମାନଙ୍କ ଜୀବନଶୈଳୀ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ। ଧୂମପାନ କରିବା ଦ୍ୱାରା କେତେକଙ୍କୁ କାମ କରିବା ଲାଗି ଆଗ୍ରହ ଆସିଥାଏ। ହେଲେ ଅଭ୍ୟାସଗତ ଧୂମପାନକାରୀଙ୍କ କାର୍ଯ୍ୟ ଦକ୍ଷତା କେତେକାଂଶରେ ପ୍ରଭାବିତ ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଧୂମପାନ ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପରିସରଭୁକ୍ତ କରି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଦୀର୍ଘ ଦୁଇବର୍ଷ ଧରି ଏକ ସର୍ଭେ ଚାଲୁ ରହିଥିଲା। ଏହି ସମୟ ଅବଧି ଭିତରେ ସେମାନେ ଏକ ରୋମାଞ୍ଚକର କଥା ଲକ୍ଷ୍ୟ କରିଥିଲେ। ନିୟମିତ ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେକଙ୍କର କାର୍ଯ୍ୟଦକ୍ଷତାରେ ତାରତମ୍ୟତା ଦେଖିବାକୁ ମିଳିଥିଲା। ତେବେ ସୁସ୍ଥ ତଥା ନୀରୋଗ ଜୀବନ ପାଇଁ ଏଭଳି ଅଭ୍ୟାସ ପରିତ୍ୟାଗ କରିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



# ପାଣି ପାଇପ୍‌ରୁ ବିଜ୍ଞାନ

"ପ୍ରୋଜେକ୍ଟାଇଲ ପଢ଼ିଲା ପରେ ସେମାନେ ଆନ୍ଦ ପାରିବା ଶିଖିବେ । କେତେ ଜୋର ଟେକା ଫିଙ୍ଗିଲେ ଏବଂ କେଉଁ ଦିଗରେ ଫିଙ୍ଗିଲେ ତାହା ବେଶି ଉଚ୍ଚତାକୁ ପହଞ୍ଚି ପାରିବ, ସେକଥା ସେମାନେ ଜାଣିପାରିବେ । ଖେଳରେ ଡିସ୍କସ୍-ଥ୍ରୋ ସମୟରେ ମଧ୍ୟ ସେମାନେ ଏଇ ଜ୍ଞାନ ପ୍ରୟୋଗ କରିପାରିବେ । ଖାଲି ସେତିକି ନୁହେଁ, କ୍ଷେପଣାସ୍ତ୍ର ମାଡ଼ କରିବା ସମୟରେ ଏଇ ଜ୍ଞାନର ପ୍ରୟୋଗ କରାଯାଇ ଶତ୍ରୁ ଛାଉଣିକୁ ନଷ୍ଟ କରାଯାଇ ପାରିବ । ଉପରୁ ଉଡ଼ାଜାହାଜରୁ କେଉଁ ଦିଗରେ ବୋମା ପଡ଼ିବ, ସେକଥା ମଧ୍ୟ ପିଲାମାନେ ଜାଣିପାରିବେ ।"



କମଳାକାନ୍ତ ଜେନା



ମଉସା ଚାକିରିରୁ ଅବସର ନେବା ପରେ ତାଙ୍କ ଗାଆଁରେ ରହୁଛନ୍ତି । ତିନିବର୍ଷ ପରେ ମଉସାଙ୍କ ସହିତ ଦେଖାହେଲା । ସେ ଅବସର ନେଇଥିଲେ ସତ, କିନ୍ତୁ ବୟସର ଛାପ ତାଙ୍କ ମୁହଁରେ ନ ଥିଲା । ସେ ଭୁବନେଶ୍ୱରରେ ଚାକିରି କରିବା ସମୟରେ ବି ନିଜର ସରକାରୀ କ୍ୱାର୍ଟର୍ସ ପଛପଟେ ନିଜେ ହଣାତଡା କରି ପନିପରିବା ଲଗାଉଥିଲେ । ସକାଳୁ ସକାଳୁ ୫ କିଲୋମିଟର ଚାଲୁଥିଲେ । ଥରେ ତାଙ୍କ ପାଖକୁ ଯାଇଥିଲି ଏବଂ ସେ ମତେ ଦେଖି ବହୁତ ଖୁସି ହୋଇଗଲେ । କହିଲେ, ରହ, ଆଉ ଅଳ୍ପ ପାଣି ଦେଇସାରି କଥାବାର୍ତ୍ତା ହେବା। ମୁଁ କହିଲି, ମଉସା, ମତେ ପାଇପ୍ ଦିଅ। ମୁଁ ପାଣି ଦେବି। ମଉସା ହସି ହସି କହିଲେ, ଆରେ, ତୁ ତ ବିଜ୍ଞାନ ପଢେଇବା ଲୋକ। ପାଣି କ'ଣ ଦେଇ ପାରିବୁ। ମୁଁ କହିଲି, ପାଣି ଦେବା ପଛରେ ମଧ୍ୟ ବିଜ୍ଞାନ ରହିଛି । ମଉସା ମତେ ଚାହିଁ ଟିକିଏ ରହିଗଲେ । କହିଲେ, ସତେ ନା କ'ଣ । ଆଚ୍ଛା, ପାଇପ୍‌ରେ ପାଣି ଦେବା ପଛରେ ଥିବା ବିଜ୍ଞାନ ବିଷୟରେ ତୁ ପିଲାଙ୍କୁ କଲେଜରେ ଯାହା ବୁଝାଉ, ସେଇଟା ମୁଁ ବୁଝି ପାରିବି କି ନାହିଁ । ମୁଁ ପଚାରିଲି, ତୁମେ କେତେ ଦୂରକୁ ପାଣି ପକେଇ ପାରିବ। ମଉସା କହିଲେ, ଦେଖୁନୁ, କେତେ ଦୂରକୁ ପକେଇ ପାରୁଛି । ତା'ପରେ ସେ ପାଇପ୍‌କୁ ଭୂଇଁ ସହିତ ପ୍ରଥମେ ସମାନ୍ତର କରି ଧରିଲେ। ଅଳ୍ପ ଦୂରରେ ପାଣି ପଡିଲା। ଧୀରେ ଧୀରେ ପାଇପ୍ ମୁହଁକୁ ଉପରକୁ ଉପରକୁ ବଙ୍କେଇଲେ । ସେମିତି କରିବାରୁ ପାଣି ଦୂରକୁ ଦୂରକୁ ପଡିଲା । ତା'ପରେ ଗୋଟିଏ ନିର୍ଦ୍ଦିଷ୍ଟ କୋଣରେ ପାଇପ୍‌କୁ ଧରି ରଖିଲେ। ପନ୍ଦର କି ସତର ହାତ ଦୂରରେ ଯାଇ ପାଣିପଡିଲା। ମୁଁ ପଚାରିଲି, ପାଇପ୍‌କୁ ବେଶି ଉପରକୁ ବଙ୍କେଇ ଧରିଲେ କ'ଣ ହେବ। ମଉସା କହିଲେ, ନା ରେ, ଆଉ ଉପରକୁ ବଙ୍କେଇଲେ ପୁଣି ପାଣି ପଡିବାର ଦୂରତା କମିଯିବ । ଯଦି ଦୂରକୁ ପକେଇବା ଲୋଭରେ ପାଇପ୍‌କୁ ଭୂଇଁ ସହିତ ଲମ୍ବ କରି ଧରିବି, ତା'ହେଲେ ପାଣି ଦୂରକୁ ତ ଯିବନି, ବରଂ ମୋ ମୁଣ୍ଡ ଉପରେ ହିଁ ପଡିବ ।

ମୁଁ କିଛି ନ କହି ହସି କହିଲି, ତୁମେ ମତେ ସବୁବେଳେ ବୈଜ୍ଞାନିକ ବୋଲି କୁହ। କିନ୍ତୁ ତୁମେ ବି ଜଣେ ବୈଜ୍ଞାନିକ, ସେକଥା ତୁମେ ଜାଣି ନ ଥିବ। ମଉସା ହସି ହସି ପଚାରିଲେ, ମୁଁ କେମିତି ବୈଜ୍ଞାନିକ ହେଲିକିରେ। ମୁଁ କହିଲି, କଲେଜରେ ପଦାର୍ଥ ବିଜ୍ଞାନରେ 'ପ୍ରୋଜେକ୍ଟାଇଲ' ନାମରେ ଗୋଟେ ବିଷୟ ଅଛି। କେଉଁ ଦିଗରେ କେମିତି ଟେକା ଫିଙ୍ଗିଲେ ତାହା କେତେ ଦୂର ଯିବ, କୋଉଠି ବାଜିବ, ଭୂଇଁ ସହିତ କେତେ କୋଣ ଫିଙ୍ଗିଲେ ତାହା ଅଧିକ ବାଟ ଯିବ, ଏଇ ସବୁ ବିଷୟ ପଢାଯାଏ । ମୁଁ ପିଲାଙ୍କୁ ଯେଉଁ କଥା କଳାପଟାରେ ଲେଖା ଦ୍ୱାରା ବୁଝାଏ, ତୁମେ ତ ମତେ ବାସ୍ତବରେ ପରୀକ୍ଷା କରି ବୁଝେଇଦେଲ । ମଉସା କହିଲେ, ଏଇଟା ତ ସାଧାରଣ କଥା । ମୁଁ କହିଲି, ହଁ, ତେଣୁ ସମସ୍ତେ ବୈଜ୍ଞାନିକ । ତୁମେ ଯେଉଁ କୋଣରେ ପାଇପ୍ ଧରିଥିଲ, ତାହାର ମାପ ଭୂଇଁ ସହିତ ୪୫ ଡିଗ୍ରୀ ହେବ । ପାଇପ୍‌କୁ ଭୂଇଁ ସହିତ ସମାନ୍ତର ଦିଗରେ ରଖିଲେ ତାହା ଭୂଇଁ ସହିତ ଶୂନ ଡିଗ୍ରୀ କରିବ। ପାଇପ୍‌କୁ ଭୂଇଁ ସହିତ ଲମ୍ବ ଦିଗରେ ରଖିଲେ ତାହା ଭୂଇଁ ସହିତ ୯୦ ଡିଗ୍ରୀ କରିବ। ତେଣୁ ୪୫ ଡିଗ୍ରୀ ହେଉଛି ଭୂଇଁ ସହିତ ସମାନ୍ତର ଦିଗ ଓ ଲମ୍ବ ଦିଗର ଠିକ୍ ମଝି ଦିଗ। ଏହି ୪୫ ଡିଗ୍ରୀ ଦିଗରେ ଟେକା ଫିଙ୍ଗ, ପାଣି ପାଇପ୍ ଧର, କିମ୍ବା ଡିସ୍କସ୍-ଥ୍ରୋ କର, ତାହା ସବୁଠାରୁ ବେଶି ଦୂରକୁ ଯିବ ।

ଖେଳରେ ଡିସ୍କସ୍-ଥ୍ରୋ ସମୟରେ ମଧ୍ୟ ସେମାନେ ଏଇ ଜ୍ଞାନ ପ୍ରୟୋଗ କରିପାରିବେ। ଖାଲି ସେତିକି ନୁହେଁ, କ୍ଷେପଣାସ୍ତ୍ର ମାଡ କରିବା ସମୟରେ ଏଇ ଜ୍ଞାନର ପ୍ରୟୋଗ କରାଯାଇ ଶତ୍ରୁର ଛାଉଣିକୁ ନଷ୍ଟ କରାଯାଇ ପାରିବ। ଉପରୁ ଉଡାଜାହାଜରୁ କେଉଁ ଦିଗରେ ବୋମା ପଡିବ, ସେକଥା ମଧ୍ୟ ପିଲାମାନେ ଜାଣିପାରିବେ। ବନ୍ୟା ସମୟରେ ରିଲିଫ୍ ବାଣ୍ଟିବା ସମୟରେ ହେଲିକପ୍ଟର କେତେ ଉଚ୍ଚତାରୁ ଚୁଡା ବସ୍ତା ଖସେଇଲେ, ତାହା କେଉଁ ଅଞ୍ଚଳରେ ପଡ଼ିବ, ତାହା ଜାଣିବା ପାଇଁ ମଧ୍ୟ 'ପ୍ରୋଜେକ୍ଟାଇଲ' ଜ୍ଞାନ ଆବଶ୍ୟକ। ଆମେ ସମସ୍ତେ ପରିବେଶରେ ରହୁଛୁ।



ସେହି ପରିବେଶରୁ ତ ବିଜ୍ଞାନ ସୃଷ୍ଟି ହୁଏ । ପରିବେଶରେ ଘଟୁଥିବା ଘଟଣାଗୁଡିକର କାରଣ ବିଷୟରେ ଜାଣିବା ହିଁ ବିଜ୍ଞାନ। ତେଣୁ ପରିବେଶ ହେଉଛି ବିରାଟ ପ୍ରାକୃତିକ ଗବେଷଣାଗାର। ମଉସା କହିଲେ, ତୋ କଥା ଶୁଣି ମତେ ବହୁତ ଖୁସି ଲାଗିଲା। ଏମିତି ମଝିରେ ମଝିରେ ଆସିବୁ। ଆଉ ମତେ ଖାଲି ବିଜ୍ଞାନ ପଢେଇବୁ। ମୁଁ କହିଲି, ଠିକ୍ ଅଛି। ଆପଣ ଆଶୀର୍ବାଦ କରନ୍ତୁ।

*-ଓଇଏସ୍ (ଏ), ସହକାରୀ ପ୍ରଫେସର, ଭଦ୍ରକ ଅଟୋନମସ କଲେଜ*
*ମୋ : ୯୪୩୯୫୦୧୬୫୧*

ଧରିତ୍ରୀ DHARITRI
Monday, 17 December 2018



## ସଂକ୍ଷେପରେ

### ଜେଟ୍ ଏୟାରୱେଜ ଛାଡ଼ିଲେ କର୍ଦାସିସ୍



ନୂଆଦିଲ୍ଲୀ,୧୬-୧୨: ଜେଟ୍ ଏୟାରୱେଜର ସଙ୍କଟ ଟାଳିବା ଲାଗି କମ୍ପାନୀରେ ଯୋଗ ଦେଇଥିବା ପୂର୍ବତନ ସିଇଓ ନିକୋଲ କର୍ଦାସିସ୍ ପୁନର୍ବାର କମ୍ପାନୀ ଛାଡ଼ିଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କର କମ୍ପାନୀ ଛାଡ଼ିବା ପ୍ରମୋଟର ତଥା ଅଧ୍ୟକ୍ଷ ନରେଶ ଗୋଏଲଙ୍କ ପାଇଁ ଏକ ଶକ୍ତ ଧକ୍କା ହୋଇଛି। କମ୍ପାନୀର ସଙ୍କଟ ଟାଳିବା ଲାଗି ତାଙ୍କୁ ଅଣାଯାଇଥିଲା। ସେ ଚଳିତ ବର୍ଷ ମେ'ରେ କମ୍ପାନୀରେ ଦ୍ୱିତୀୟ ଥର ପାଇଁ ଯୋଗଦେଇଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଗୋଏଲଙ୍କୁ ସହାୟତା କରିବା ଲାଗି କମ୍ପାନୀରେ ଯୋଗ ଦେଇଥିବା କର୍ଦାସିସ୍ ନେତୃତ୍ୱକୁ ଛାଡ଼ିରେ ଯାଇ ଆଉ ଫେରିନାହାନ୍ତି। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଏତିହାଦ ଏୟାରୱେଜକୁ ଅଧିକ ଅଂଶଧନ ବିକି ପୁଞ୍ଜି ଯୋଗାଡ଼ କରିବା ପାଇଁ ଗୋଏଲ ପ୍ରୟାସ ଚଳାଉଥିବା ସୂଚନା ପାଇବା ପରେ କର୍ଦାସିସ୍ ଏହାକୁ ନାପସନ୍ଦ କରିଥିଲେ। ଏହି କାରଣରୁ ସେ ଜେଟ୍ ଏୟାରୱେଜ ଛାଡ଼ିଲେ।

### ୩୬୯ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣରେ ବିଳମ୍ବ

ନୂଆଦିଲ୍ଲୀ,୧୬-୧୨: ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ୧୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୩୬୯ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହୋଇଚାଲିଛି। ଫଳରେ ପ୍ରକଳ୍ପ କ୍ରିୟାନ୍ୱୟନରେ ୩.୫୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ବୃଦ୍ଧି ପାଇଛି। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଢାଞ୍ଚାଗତ କ୍ଷେତ୍ରରେ ୧୪୨୦ ପ୍ରକଳ୍ପର ମୂଳ ବ୍ୟୟ ଅଟକଳ ୧୮,୦୫,୬୬୭.୭୨ କୋଟି ଟଙ୍କା ଥିଲା। ଏବେ ଏହା ସମ୍ପୂର୍ଣ୍ଣ ହେବା ବେଳକୁ ୨୧,୬୩,୬୭୨.୦୯ କୋଟି ଟଙ୍କା ଖର୍ଚ୍ଚ ହେବ। ଅର୍ଥାତ୍, ମୂଳ ଅଟକଳଠାରୁ ୧୯.୮୩ ପ୍ରତିଶତ ଅଧିକ ୩,୫୮,୦୦୪.୩୭ କୋଟି ଟଙ୍କା ଖର୍ଚ୍ଚ ହେବ।

> କୋଲ୍ ଇଣ୍ଡିଆ ପକ୍ଷରୁ ଇନ୍ଧନ ଯୋଗାଣ ହେଉଥିବା ଦେଶର କୌଣସି ପାୱାର ପ୍ଲାଣ୍ଟରେ କୋଇଲାର ଅଭାବ ନାହିଁ।
> – ପୀୟୁଷ ଗୋୟଲ, କେନ୍ଦ୍ର କୋଇଲା ମନ୍ତ୍ରୀ



> ଭୋଡାଫୋନ ସହ ମିଳିତ ହୋଇ ଶୀଘ୍ର ଦକ୍ଷିଣ ଆଫ୍ରିକା ବଜାରରେ ପ୍ରବେଶ କରିବାକୁ ନିଷ୍ପତ୍ତି ହୋଇଛି।
> – ବିକାଶ ଜୈନ, ସହ ପ୍ରତିଷ୍ଠାତା, ମାଇକ୍ରୋମାକ୍ସ



## ରିଜର୍ଭ ବ୍ୟାଙ୍କର କନ୍ଜ୍ୟୁମର କନଫିଡେନ୍ସ ସର୍ବେକ୍ଷଣ
# ଆଜିର ଚିନ୍ତାରେ ଉପଭୋକ୍ତା

ମୁମ୍ବାଇ, ୧୬-୧୨

- ୧୩ ସହରରେ ସର୍ଭେ
- ୪୭%ଙ୍କ ମତରେ ନିଯୁକ୍ତି ସ୍ଥିତି ଖରାପ
- ଲୋକ ସଭା ନିର୍ବାଚନ ପରେ ଓ ଆସନ୍ତା ବର୍ଷକ ମଧ୍ୟରେ ନିଯୁକ୍ତି ସ୍ଥିତି ସୁଧୁରିବ ବୋଲି ୫୪%ଙ୍କ ମତ
- ୫୩.୬%ଙ୍କ ମତରେ ଆସନ୍ତା ବର୍ଷ ଅର୍ଥନୀତିର ସ୍ଥିତି ସୁଧୁରିବ



ଭାରତୀୟ ଉପଭୋକ୍ତା ନିଜ ସମ୍ପର୍କରେ ଆଜି କ'ଣ ଭାବୁଛନ୍ତି, ତାହାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏକ ତାଜା କନ୍ଜ୍ୟୁମର କନ୍ଫିଡେନ୍ସ ସର୍ବେକ୍ଷଣ କରାଯାଇଥିଲା। ନିଯୁକ୍ତି ଓ ଅର୍ଥନୀତିର ବର୍ତ୍ତମାନ ସ୍ଥିତିକୁ ନେଇ ଲୋକଙ୍କ ଭିତରେ ଆଶଙ୍କା ରହିଥିବା ବେଳେ ଅଧିକାଂଶଙ୍କ ମତରେ ଭବିଷ୍ୟତରେ ଏହି ସ୍ଥିତିରେ ସୁଧାର ଆସିବ।

ସର୍ବେକ୍ଷଣ ଅନୁଯାୟୀ ୪୭ ପ୍ରତିଶତ ଲୋକଙ୍କ ମତରେ ନିଯୁକ୍ତି ସ୍ଥିତି ଖରାପ ହେବାରେ ଲାଗିଛି। ଗତ ବର୍ଷ ନଭେମ୍ବର ପରେ ଏଭଳି ଭାବୁଥିବା ଲୋକଙ୍କ ସଂଖ୍ୟା ଅହେତୁକ ଭାବେ ବଢ଼ିଯାଇଛି। ତେବେ ସର୍ଭେରେ ସାମିଲ ହୋଇଥିବା ୫୪ ପ୍ରତିଶତ ଲୋକଙ୍କ ବିଶ୍ୱାସ ଯେ, ଲୋକ ସଭା ନିର୍ବାଚନ ପୂର୍ବରୁ ଏବଂ ପରବର୍ତ୍ତୀ ୧୨ ମାସରେ ନିଯୁକ୍ତି ଦୃଶ୍ୟପଟରେ ବେଶ ସୁଧାର ଦେଖାଯିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚଳିତ ବର୍ଷ ନଭେମ୍ବରରେ ଦେଶର ୧୩ ସହରରେ ଏହି ସର୍ବେକ୍ଷଣ କରାଯିବା ପରେ ଡିସେମ୍ବର ୫ରେ ଜାରି କରାଯାଇଥିଲା। ସେହିଭଳି ଅର୍ଥନୀତିରେ ସୁଧାର ଅନୁଭବ କରୁଥିବା ଲୋକଙ୍କ ସଂଖ୍ୟା କ୍ରମାଗତ ତୃତୀୟ ଦ୍ୱିମାସିକ ସର୍ଭେରେ ହ୍ରାସ ପାଇଛି। କିନ୍ତୁ ସର୍ଭେରେ ଉତ୍ତର ଦେଇଥିବା ୫୩.୬ ପ୍ରତିଶତ ଲୋକଙ୍କ ମତରେ ଆସନ୍ତା ବର୍ଷ ଏହି ସ୍ଥିତିରେ ବେଶ୍ ଉନ୍ନତି ପରିଲକ୍ଷିତ ହେବ। ଗତବର୍ଷ ଡିସେମ୍ବର ପରେ ଅର୍ଥନୀତିରେ ସୁଧାରକୁ ଲୋକଙ୍କ ମନରେ ଭରସା ବୃଦ୍ଧି ସର୍ବାଧିକ ସ୍ତରରେ ରହିଛି। ମତରେ ରହିଥିବା ଏପରି ଭିନ୍ନତାକୁ ନେଇ ବିଶିଷ୍ଟ ପରିସଂଖ୍ୟାନବିଦ୍ ପ୍ରଣବ ସେନ୍ କହିଛନ୍ତି ଯେ, ବର୍ତ୍ତମାନର ଅର୍ଥନୀତି ଓ ଆର୍ଥିକ ବଜାରକୁ ଲୋକେ ପସନ୍ଦ କରୁ ନ ଥିବା ତଥ୍ୟରୁ ସ୍ପଷ୍ଟ ହେଉଛି। ବଜାର, ଅର୍ଥନୀତି ଅଥବା ଯେକୌଣସି ସଂସ୍ଥାରେ ଅସ୍ଥିରତାକୁ କେହି ପସନ୍ଦ କରୁନାହାନ୍ତି। ସ୍ୱଳ୍ପମିଆଦୀ ବିଚାରରେ ଏହା ସ୍ପଷ୍ଟ ହେଉଛି, କିନ୍ତୁ ଅର୍ଥନୀତିର କ୍ଷମତା ଓ ଦୃଢ଼ତାକୁ ଲୋକେ ଜାଣିଛନ୍ତି। ଏହାଛଡ଼ା ଆଗାମୀ ଲୋକ ସଭା ନିର୍ବାଚନକୁ ମଧ୍ୟ ଦୃଷ୍ଟିରେ ରଖିବାକୁ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗ୍ରୁପ୍‌ର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ କହିଛନ୍ତି ଯେ, ଟଙ୍କାର ମୂଲ୍ୟ ହ୍ରାସ, ତୈଳ ଦରକୁ ନେଇ ଅନିଶ୍ଚିତତା ଓ ଶେୟାର ବଜାରରେ ଲହର କାରଣରୁ ଲୋକଙ୍କ ମନରେ ଅର୍ଥନୀତିକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି।

## ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ଟ୍ରେନ ସେବା ବାତିଲ

ଭୁବନେଶ୍ୱର, ୧୬-୧୨



ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମ୍ବଲପୁର-ଟିଟିଲାଗଡ଼ ରେଳ ସେକ୍ସନର ବଲାଙ୍ଗୀର ଓ ଭଇଁସାପାଲୀ ମଧ୍ୟରେ ନୂଆ ଲାଇନ ଏବଂ ବଲାଙ୍ଗୀର ଓ ଦେଓଗାଁ ରୋଡ ଷ୍ଟେଶନ ମଧ୍ୟରେ ଦୋହରାକରଣ କାର୍ଯ୍ୟ ତଥା ନିରାପତ୍ତା ସଂକ୍ରାନ୍ତ ଆଧୁନିକୀକରଣ କରାଯିବାର ଯୋଜନା ରହିଛି। ଚଳିତ ମାସ ୧୫ ତାରିଖଠାରୁ ୨୬ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିପାଇଁ କିଛି ଟ୍ରେନର ସେବା ବାତିଲ କରାଯିବା ସହ ଆଉ କିଛିକୁ ଆଂଶିକ ବାତିଲ କରାଯିବାକୁ ନିଷ୍ପତ୍ତି ହୋଇଥିବା ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ବଲପୁରରୁ ଛାଡୁଥିବା ସମ୍ବଲପୁର-କୋରାପୁଟ-ଜୁନାଗଡ଼ ପାସେଞ୍ଜର ଟ୍ରେନ ୧୫ ତାରିଖଠାରୁ ୨୫ ଯାଏ ବାତିଲ ରହିବ।

କୋରାପୁଟ-ଜୁନାଗଡ଼ ରୋଡରୁ ଛାଡୁଥିବା କୋରାପୁଟ, ଜୁନାଗଡ଼ ରୋଡ ସମ୍ବଲପୁର ପାସେଞ୍ଜର ଟ୍ରେନ ଚଳିତ ମାସ ୧୬ ତାରିଖଠାରୁ ୨୬ ଯାଏ ବାତିଲ ରହିବ। ଆସନ୍ତା ୨୫ ଯାଏ ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ସମ୍ବଲପୁର ଷ୍ଟେଶନ ଯାଏ ଏବଂ ଫେରିବା ବେଳେ ଏହା ଟିଟିଲାଗଡ଼-ବିଳାସପୁର ଭାବେ ଚଳାଚଳ କରିବ। ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ଟିଟିଲାଗଡ଼-ସମ୍ବଲପୁର ମଧ୍ୟରେ ଉଭୟ ଦିଗରୁ ଏହି ସମୟ ମଧ୍ୟରେ ବାତିଲ ରହିବ। ସେହିଭଳି ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବଲାଙ୍ଗୀର ଇଣ୍ଟରସିଟି ସମ୍ବଲପୁର ଷ୍ଟେଶନ ପର୍ଯ୍ୟନ୍ତ ଚଳାଚଳ କରିବ। ଫେରିବା ପଥରେ ଏହା ବଲାଙ୍ଗୀର ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଭାବେ ଚଳାଚଳ କରିବ।

## ଜିଏସ୍‌ଟି ଯୋଗୁ ମାସକୁ ସଞ୍ଚୟ ହେଉଛି ୩୨୦ ଟଙ୍କା

ନୂଆଦିଲ୍ଲୀ, ୧୬-୧୨



ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଭାରତୀୟ ପରିବାରରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କିଣାରେ ମାସକୁ ୩୨୦ ଟଙ୍କା ସଞ୍ଚୟ ହେଉଛି। ଉପଭୋକ୍ତା ଖର୍ଚ୍ଚ ତଥ୍ୟକୁ ବିଶ୍ଳେଷଣ କରିବା ପରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଗତ ବର୍ଷ ଜୁଲାଇ ପହିଲାରେ ଜିଏସ୍‌ଟିକୁ ଦେଶରେ ଲାଗୁ କଲେ। ଫଳରେ ଭାଟ୍ ଓ ଉତ୍ପାଦ ଶୁଳ୍କ ସମେତ ୧୭ ପ୍ରକାର କେନ୍ଦ୍ରୀୟ ଓ ରାଜ୍ୟ ଟିକସକୁ ବାଦ୍ ଦିଆଗଲା। ଏହାଦ୍ୱାରା ସାରା ଦେଶର ବଜାରକୁ ଗୋଟିଏ ଟିକସ କ୍ଷେତ୍ରରେ ଅଣାଯିବା ସହିତ ଟିକସ ଉପରେ ଟିକସ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇପାରିଛି। ଜିଏସ୍‌ଟି ଅଧୀନରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀକୁ କମ୍ ଟିକସ ସ୍ଲାବରେ ରଖାଯାଇଛି। ଫଳରେ ଉପଭୋକ୍ତାଙ୍କ ମାସିକ ଖର୍ଚ୍ଚ କମୁଛି। ଜିଏସ୍‌ଟି ଲାଗୁ ହେବା ପୂର୍ବରୁ ଓ ପରେ ସାମଗ୍ରୀ ଦରକୁ ବିଶ୍ଳେଷଣ କରାଯିବା ପରେ ଜଣାପଡ଼ିଛି ଯେ, କେଶ ତୈଳ, ଟୁଥପେଷ୍ଟ, ସାବୁନ, ୱାଶିଂ ପାଉଡର ଓ ଜୋତା-ଚପଲ ସମେତ ପ୍ରାୟ ୮୩ ପ୍ରକାର ସାମଗ୍ରୀ ଦର ହ୍ରାସ ପାଇଛି।

## ସରକାରଙ୍କୁ ଅଟୋ ଉଦ୍ୟୋଗର ପ୍ରସ୍ତାବ
## ପୁରୁଣା ଗାଡ଼ି ବଦଳରେ ଦିଆଯାଉ ପ୍ରୋତ୍ସାହନ

ନୂଆଦିଲ୍ଲୀ,୧୬-୧୨

ଅଟୋ ଉଦ୍ୟୋଗ ୨୦୦୦ ମସିହା ପୂର୍ବରୁ ପଞ୍ଜୀକୃତ ଗାଡ଼ିକୁ ବଦଳାଇ ନୂଆ ଗାଡ଼ି ନେବାକୁ ଚାହୁଁଥିବା ମାଲିକଙ୍କୁ ଏକକାଳୀନ ପ୍ରୋତ୍ସାହନ ଦିଆଯାଉ। ସେମାନଙ୍କୁ ଟିକସ ଛାଡ଼ ରୂପରେ ଏହି ପ୍ରୋତ୍ସାହନ ମିଳିବା ଉଚିତ୍ ବୋଲି ଭାରି ଉଦ୍ୟୋଗ ମନ୍ତ୍ରଣାଳୟ ସହ ପ୍ରାକ୍ ବଜେଟ ବୈଠକରେ ଉଦ୍ୟୋଗ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। କୁହାଯାଇଛି ଯେ, ଦେଶରେ ପ୍ରଦୂଷଣ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୁଣା ଗାଡ଼ିକୁ ହଟାଇ ଦିଆଯିବା ଆବଶ୍ୟକ। ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଯୋଗୁ ଦେଶରେ ପ୍ରାୟ ୮୦% ପ୍ରଦୂଷଣ ଓ ଦୁର୍ଘଟଣା ଘଟୁଛି ବୋଲି ଅଟୋ ଉଦ୍ୟୋଗ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ପୁରୁଣା ଗାଡ଼ି ହଟାଇ ନୂଆ ଗାଡ଼ି କିଣିବା ପାଇଁ କୋହଳ ଋଣ ଦେବା, ଜିଏସ୍‌ଟି, ରାସ୍ତା ଟିକସ ଛାଡ଼ ଆଦି ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ।

## ବିଦେଶୀ ସର୍ଭରରୁ ଭାରତୀୟଙ୍କ ଡାଟା ହଟାଇବ ମାଷ୍ଟରକାର୍ଡ

ନୂଆଦିଲ୍ଲୀ, ୧୬-୧୨

ବିଶ୍ୱର ଅଗ୍ରଣୀ କାର୍ଡ ପେମେଣ୍ଟ କମ୍ପାନୀ ମାଷ୍ଟରକାର୍ଡ ଡାଟା ହଟାଇବାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ପ୍ରତିଶ୍ରୁତି ଦେଇଛି। ଏହା ବିଦେଶରେ ଥିବା ନିଜର ସର୍ଭରରୁ ଭାରତୀୟଙ୍କ ତଥ୍ୟ ହଟାଇ ଦେବ ବୋଲି କହିଛି। ତେବେ କିଛି ସମୟ ପରେ ଏହି କାର୍ଡର ସୁରକ୍ଷା ହ୍ରାସ ପାଇବ ବୋଲି କମ୍ପାନୀ ପକ୍ଷରୁ ଚେତାବନୀ ଦିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟଙ୍କ ଡାଟା ସୁରକ୍ଷାକୁ ନେଇ ଅକ୍ଟୋବର ୧୬ରେ କାର୍ଡ ପେମେଣ୍ଟ କମ୍ପାନୀଙ୍କ ପାଇଁ ନୂଆ ନିୟମ ପ୍ରଣୟନ କରିଥିଲେ। ଭାରତୀୟ ଗ୍ରାହକଙ୍କ ସମସ୍ତ ଡାଟାକୁ ଦେଶରେ ଗଚ୍ଛିତ ରଖିବା ଲାଗି କୁହାଯାଇଛି। ମାଷ୍ଟରକାର୍ଡ ପକ୍ଷରୁ କୁହାଯାଇଛି ଯେ, ଏହା ଅକ୍ଟୋବର ୬ରୁ ପୁଣେସ୍ଥିତ ଟେକ୍ନୋଲୋଜି ସେଣ୍ଟରରେ ଡାଟା ସଞ୍ଚିତ କରିବା ଆରମ୍ଭ କରିଛି।


**e-Procurement Notice for Road Work**
**Identification No. 12/ EERW/JLS/2018-19**

1. Procurement Officer : Executive Engineer Rural Works Division, Jaleswar
2. Name of the Work : Buildings
3. Total No. of Works : 04 Nos.
4. Estimated Cost : Approx. Estimated Cost Rs.51.33 lakhs to Rs.70.52 lakhs
5. Class of Contractor : 'B' & 'A' Class
6. Time of Completion : Four months (As per annexure)
7. Availability of tender On-line for bidding : From 19.12.2018 at 11.00 A.M. to 25.12.2018 upto 3.00 P.M.
8. Last date & time of seeking tender clarification : 24.12.2018 upto 3.00 P.M
9. Date & Time of Opening of tender in the office of the Executive Engineer, R.W.Division, Jaleswar : Technical Bid - 27.12.2018 at 11.00 A.M. Financial Bid - 29.12.2018 at 11.00A.M.

Further details can be seen from the website- **www.tendersodisha.gov.in**.

No.1198-O

**Sd./- Executive Engineer**
**R.W.Division, Jaleswar**
25051/11/0010/1819

**GOVERNMENT OF ODISHA** No.1210-O
**OFFICE OF THE EXECUTIVE ENGINEER**
**RURAL WORKS DIVISION, ROURKELA**
E.Mail – rw_rourkela@yahoo.co.in

**SHORT TENDER CALL NOTICE**
**BID IDENTIFICATION NO. ONLINE-EERKL-08 of 2018-19**

1. Name of the Work :- Road Works
2. Total No. of works :- 5 Nos.
3. Estimated cost :- Rs 44.25 Lakhs
4. Class of contractor :- "B" & "A" Class
5. Period of completion :- Three Months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Rourkela | Online-EERKL- 08 of 2018-19 | 18.12.2018 10.00 A.M | 24.12.2018 5.00 PM |

Further details can be seen from the website **www.tendersorissa.gov.in**.

**Sd./- Executive Engineer**
**Rural Works Division, Rourkela**
25067/11/0008/1819

**GOVERNMENT OF ODISHA** No.959-A
**DEPARTMENT OF WATER RESOURCES**
**Office of the Executive Engineer,**
**Lower Indra Canal Division No.III, Bangomunda, Dist:- Bolangir(Odisha), PIN:-767040**
E-mail ID: eelicd3bangomunda@gmail.com

**'e' – Procurement Notice**

1. Type of work: Civil Work
2. Total No. of works: 1 (One)
3. Amount Put to Tender: Rs. 8.75 Lakh
4. Period of completion: 03 (three) Calendar months

Other details as follows:

| Procurement Officer | Bid Identification No. | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Lower Indra Canal Division No.III, Bangomunda, Dist:- Bolangir, Odisha | EELICD 05/2018-19 Dt.13.12.2018 for 01(one) No. of work | 20.12.2018 At 10.00 A.M | 31.12.2018 up to 5.00PM. | 04.01.2019, 11.30A.M |

N.B: The details of tender call notice can be seen from the Govt. website: **www.tendersodisha.gov.in**.

**Sd./- (Er.N.Bhoi)**
32213/11/0001/1819 **Executive Engineer, Lower Indra Canal Division No.III, Bangomunda(Odisha)**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, RENGALI DAM DIVISION**
**AT/PO –Rengali dam Site, DIST – Angul, PIN – 759105 (ODISHA)**
e-mail : rengalidam@gmail.com

**AUCTION SALE NOTICE No. - RDD- 09 /2018-19**

No.966-A: The Executive Engineer, Rengali Dam Division, Rengali Dam Site, Angul on behalf of Governor of Odisha invites sealed tender inconformity with the detail Auction Sale Notice from the intending Bidders having valid GSTIN & PAN for "Disposal of Unserviceable Jeep No-ORD 3395 (Special T&P material) of Rengali Dam Division".

| Sl. No. | Name of work | Approx. Value of the materials (Rs.) | Place of sale and receipt of bid documents | EMD to be furnished (In Rupees) | Cost of bid documents | Period of Completion of work (Lifting of materials) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Disposal of Unserviceable Jeep No-ORD 3395 (Special T&P material) | 12,800/- | (i) Office of the Executive Engineer, Rengali Dam Division, Rengali Dam Site<br>Office of the Executive Engineer, Head Works Division, Samal, Dist- Angul<br>(iii) Office of the Assistant Executive Engineer, Rengali Dam Sub-Division No- II Rengali Dam Site, Dist:-Angul | 700/- | Rs.400/- | 30 days |

1. The sale and receipt of the Bid document shall start on Dated. **21.12.2018** from **10.00 hours** & will be closed on Dated. **21.01.2019** up to 16.00 hours during working days.
2. The Bids will be opened on Dated **22.01.2019** at 11.00 hours in the office of the undersigned in the presence of the bidders or their authorized agents who wish to attend. If the office happens to be closed due to unavoidable circumstances on the last date of sale & receipt/opening of the bids as specified, the bids will be sale & receipt/opening on the next working day at the same time and venue.
3. The Bid documents can be down loaded from the official website of Govt. of Odisha (named h**ttp\\www.orissa.gov.in)** or may be purchased from all the offices mentioned against the table under column No.4 against a non-refundable fee towards cost of Bid documents, as indicated at Column 6 of the table.
4. The authority reserves the right to accept or reject any or all bids without assigning any reason thereof.
5. Other details can be seen in the Bidding document.

32028/11/0006/1819 **Executive Engineer, Rengali Dam Division**

**ନିୟନ୍ତ୍ରିତ ବଜାର କମିଟି, ଆଠମଲ୍ଲିକ**

**୨୦୧୮-୨୦୧୯ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀଭାଇମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍ୱାରା ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ ଆଠମଲ୍ଲିକ ଓ କିଶୋରନଗର ବ୍ଲକ୍‌ର ସମସ୍ତ ଚାଷୀ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୮-୧୯ ଖରିଫ ବିପଣନ ବର୍ଷରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ ଅନୁଗୋଳଙ୍କ ଆନୁକୂଲ୍ୟରେ ମୋଟ ୨୨ଗୋଟି ସେବା ସମବାୟ ସମିତିମାନଙ୍କ ଦ୍ୱାରା ଧାନ କ୍ରୟକେନ୍ଦ୍ର ଖୋଲାଯାଇ ଚାଷୀ ଭାଇଭଉଣୀମାନଙ୍କଠାରୁ ସିଧାସଳଖ ଧାନକ୍ରୟ ତା୧୪।୧୨।୨୦୧୮ରିଖଠାରୁ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚାଷୀ ଭାଇଭଉଣୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ସେବା ସମବାୟ ସମିତିର ସମ୍ପାଦକ ତଥା ଧାନ କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ ପୂର୍ବକ ଅଗ୍ରିମ ଟୋକନ ନେଇ ନିର୍ଦ୍ଦିଷ୍ଟ ଦିନରେ ଧାନ ଆଣିବେ। ଚାଷୀ ଭାଇଭଉଣୀମାନେ ଧାନ କ୍ରୟ କେନ୍ଦ୍ରକୁ ସକାଳ ୮ଘଟିକାଠାରୁ ଅପରାହ୍ନ ୧ଘଟିକା ମଧ୍ୟରେ ଧାର୍ଯ୍ୟ ଦିବସମାନଙ୍କରେ ଧାନ ବିକ୍ରୟ ପାଇଁ ଆଣିବେ। ଧାନ କ୍ରୟ କେନ୍ଦ୍ରଗୁଡ଼ିକ ସରକାରୀ ଛୁଟି ଦିବସମାନଙ୍କରେ ବନ୍ଦ ରହିବ। ଚାଷୀ ଭାଇଭଉଣୀମାନେ ସେମାନଙ୍କ ବଳକା ଓ ବିକ୍ରିଯୋଗ୍ୟ ଧାନକୁ ଭଲଭାବରେ ଶୁଖାଇ ସଫାସୁତୁରା କରି ନିଜ ଅଞ୍ଚଳରେ ଥିବା ସମବାୟ ସମିତିର ସମ୍ପାଦକଙ୍କ ସହିତ ଯୋଗାଯୋଗ ପୂର୍ବକ ନିଜ ନିଜର ବଳକା ଧାନ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିପାରିବେ। ସେବା ସମବାୟ ସମିତି ଧାନ କ୍ରୟ କେନ୍ଦ୍ରର ବିବରଣୀ ସଂଯୋଜିତ ଗ୍ରାମପଞ୍ଚାୟତ ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର.ନଂ. | ଧାନ କ୍ରୟକେନ୍ଦ୍ରର ନାମ | ଧାନକ୍ରୟ କେନ୍ଦ୍ର ସହିତ ସଂଲଗ୍ନ କରାଯାଇଥିବା ଗ୍ରାମପଞ୍ଚାୟତର ନାମ | ଧାର୍ଯ୍ୟଦିବସ |
|---|---|---|---|
| ୧ | ଅଏଡ଼ା | ଅଏଡ଼ା, ଜାମୁଡୋଲି, ଲୁହାସିଙ୍ଗା ଓ ନଅଗାଁ (ଆଂଶିକ) | ଶୁକ୍ରବାର |
| ୨ | ବଘୁଆକଟା | ବଘୁଆକଟା, ବାହାଳି, ରଙ୍ଗପୁର, ତେଲନୋଇ, କୁଟେଶ୍ୱର ଓ ଲେହେଡ଼ି | ବୁଧବାର |
| ୩ | କଇଁତ୍ରାଗଡ଼ | ଆଠମଲ୍ଲିକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ନଅଗାଁ (ଆଂଶିକ) | ଶୁକ୍ରବାର |
| ୪ | ମାଳିପଦର | ପୁରୁଣାମାଣତ୍ରୀ ଏବଂ କୁନ୍ଦୁଗାଁ (ଆଂଶିକ) | ଶନିବାର |
| ୫ | ମାଧପୁର | ମାଧପୁର, ଲୁଣହାଣ୍ଡି, କୁନ୍ଦଗାଁ ଏବଂ କମ୍ପଲା (ଆଂଶିକ) | ସୋମବାର ଓ ମଙ୍ଗଳବାର |
| ୬ | କମ୍ପଲା | କମ୍ପଲା (ଆଂଶିକ) | ବୁଧବାର |
| ୭ | କନ୍ଧପଡ଼ା | କନ୍ଧପଡ଼ା, ବାସୁଦେବପୁର ଏବଂ ମାଧପୁର (ଆଂଶିକ) | ମଙ୍ଗଳବାର ଓ ଶନିବାର |
| ୮ | ସାନହୁଲା | ସାନହୁଲା, ପେଡ଼ିପଥର, କୁରୁମଟାପ ଓ କୃତ୍ତିବାସପୁର (ଆଂଶିକ) | ଶନିବାର |
| ୯ | ପାଇକସାହି | ପାଇକସାହି, ଟାପଢୋଲ, ସାପଘରା | ସୋମବାର |
| ୧୦ | କନ୍ତପଡ଼ା | କନ୍ତପଡ଼ା ଓ ମଇମୁରା (ଆଂଶିକ) | ମଙ୍ଗଳବାର |
| ୧୧ | ଠାକୁରଗଡ଼ | ଠାକୁରଗଡ଼ ଓ ମଇମୁରା (ଆଂଶିକ) | ସୋମବାର |
| ୧୨ | ଆମ୍ବସରମୁଣ୍ଡା | ଆମ୍ବସରମୁଣ୍ଡା | ବୁଧବାର |
| ୧୩ | କିଆକଟା | କିଆକଟା, ଟୁସର ଓ ବାସୁଦେବପୁର (ଆଂଶିକ) | ମଙ୍ଗଳବାର |
| ୧୪ | କୃତ୍ତିବାସପୁର | କୃତ୍ତିବାସପୁର ଓ ଠାକୁରଗଡ଼ (ଆଂଶିକ) | ଶୁକ୍ରବାର |
| ୧୫ | ଲୁହାମୁଣ୍ଡା | ନୁନୁକାପଶି, ଜାମୁନାଳି, ଗାଁ ବଇଁଣ୍ଡା, କଣ୍ଟେଇକୁଳିଆ, ବିଲେଇନାଳି | ମଙ୍ଗଳବାର ଓ ବୁଧବାର |
| ୧୬ | ହଣ୍ଡପା | ହଣ୍ଡପା, ବିଲେଇନାଳି, କଟରଙ୍ଗା, କଣ୍ଟେଇକୁଳିଆ (ଆଂଶିକ) | ମଙ୍ଗଳବାର ଓ ଶନିବାର |
| ୧୭ | ଉରୁକୁଲା | ଉରୁକୁଲା, ନାକଚି ଏବଂ କଟରଙ୍ଗା (ଆଂଶିକ) | ଶନିବାର |
| ୧୮ | ଅଙ୍ଗପଡ଼ା | ଅଙ୍ଗପଡ଼ା, ଧଡ଼ରପାଳ ଏବଂ ଝରାବରେଣୀ (ଆଂଶିକ) | ବୁଧବାର |
| ୧୯ | ହିମିତିରା | ହିମିତିରା, ସଞ୍ଜାମୁରା ଏବଂ ଝରାବରେଣୀ (ଆଂଶିକ) | ଶୁକ୍ରବାର |
| ୨୦ | ବାମୁର | ବାମୁର, ଓସ୍କାପାଲି, ଆମ୍ବପାଳ ଏବଂ ଝରାବରେଣୀ (ଆଂଶିକ) | ମଙ୍ଗଳବାର ଓ ଶୁକ୍ରବାର |
| ୨୧ | ଧଉରାପାଲି | ଧଉରାପାଲି, ଜୟରାଟ ଏବଂ ଓସ୍କାରପାଲି (ଆଂଶିକ) | ଶୁକ୍ରବାର |
| ୨୨ | ରଣିଆକଟା | ରଣିଆକଟା ଓ କଦଳୀମୁଣ୍ଡା | ଶନିବାର |

ସରକାରଙ୍କ ଦ୍ୱାରା ଚଳିତ ୨୦୧୮-୨୦୧୯ ଖରିଫ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏଫ୍.ଏ.କ୍ୟୁ.) ନିମ୍ନରେ ପ୍ରଦତ୍ତ କରାଗଲା।

**ସାଧାରଣ କିଷମ ଧାନ: କୁଇଣ୍ଟାଲ ପ୍ରତି ଟ.୧୭୫୦.୦୦ଙ୍କା**
**ଗ୍ରେଡ୍ 'ଏ' କିଷମ ଧାନ: କୁଇଣ୍ଟାଲ ପ୍ରତି ଟ.୧୭୭୦.୦୦ଙ୍କା**

ଏଫ୍.ଏ.କ୍ୟୁ. ଧାନର ମାନ ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର.ନଂ. | ଧାନରେ ମିଶ୍ରିତ ପଦାର୍ଥ | ସର୍ବୋଚ୍ଚ ସୀମା |
|---|---|---|
| କ. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧ ପ୍ରତିଶତ |
| ଖ. | କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ପଦାର୍ଥ | ୧ ପ୍ରତିଶତ |
| ଗ. | ଖରାପ, ବେରଙ୍ଗି, ପାଣିଫୁଲା ବା ପୋକା ଇତ୍ୟାଦି | ୫ ପ୍ରତିଶତ |
| ଘ. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩ ପ୍ରତିଶତ |
| ଙ. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬ ପ୍ରତିଶତ |
| ଚ. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭ ପ୍ରତିଶତ |

ଧାନ ଖାଦ୍ୟ ଉପଯୋଗୀ ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ (ଏଫ୍.ଏ.କ୍ୟୁ.) ମାନର ହୋଇଥିବା ଆବଶ୍ୟକ।

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଖାଦ୍ୟ ଯୋଗାଣ ବିଭାଗର ୱେବ୍‌ସାଇଟ୍‌ର ନାମ ପଞ୍ଜୀକରଣ କରିଥିବା ଚାଷୀ ଭାଇଙ୍କଠାରୁ କେବଳ (ଏଫ୍.ଏ.କ୍ୟୁ.) ମାନର ଧାନ କ୍ରୟ କରାଯିବ ଏବଂ ଧାନ ବିକ୍ରିର ଟଙ୍କା ସେମାନଙ୍କ ସଞ୍ଚୟ ଖାତାକୁ ସିଧାସଳଖ (Online) ପୈଠ କରାଯିବାର ବ୍ୟବସ୍ଥା କରାଯାଇଛି।

**ଯୋଗାଯୋଗ:**

| | | | |
|---|---|---|---|
| ଯୋଗାଣ ନିରୀକ୍ଷକ, ଆଠମଲ୍ଲିକ | ୯୭୭୮୨୬୧୦୭୧ | ସହକାରୀ ନିବନ୍ଧକ ସମବାୟ ସମିତି, ଆଠମଲ୍ଲିକ | ୮୭୬୩୦୬୮୫୦୯ |
| ଯୋଗାଣ ନିରୀକ୍ଷକ, କିଶୋରନଗର | ୯୯୩୭୧୬୯୧୫୦ | ସହକାରୀ ଯୋଗାଣ ଅଧିକାରୀ, ଆଠମଲ୍ଲିକ | ୯୪୩୭୦୩୬୩୧୬ |
| ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଆଠମଲ୍ଲିକ | ୮୨୮୦୭୧୮୦୯୦ | ଜିଲ୍ଲା ଯୋଗାଣ ଅଧିକାରୀ, ଅନୁଗୋଳ | ୯୪୩୮୨୦୦୦୩୧ |

**ସ୍ୱା./– ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଆଠମଲ୍ଲିକ**

**GOVERNMENT OF ODISHA** No.965-A
**DEPARTMENT OF WATER RESOURCES**
**Office of the Chief Engineer & Basin Manager,**
**Rushikulya Vansadhara & Nagabali Basin,**
**Berhampur – 760004**

**e- Procurement Notice No. : CE & BM, RVN - 07/2018-19**

1. Type of works : Construction of canal
2. No. of works : 02 nos.
2. Form of Contract : Percentage Rate
3. Period of Completion : 16 (Sixteen) Calendar Months

| Sl. No. | Procurement Officer | Bid Identification No. | Bid Amount Rs in lakhs | Availability & submission of Bids on line |
|---|---|---|---|---|
| 01 | CE&BM, RVN Basin, Berhampur | CE&BM,RVN (BNID) - 06/ 2018-19 | 608.00 | From 22.12.2018, 10.00 AM to 10.01.2019, 5.00 P.M. |
| 02 | | CE&BM,RVN (BNID) - 07/ 2018-19 | 614.00 | |

Date of opening of the Technical Bid : 11.01.2019 at 11.30 A.M.
Further details can be seen from the Govt. website **www.tendersorissa.gov.in**.

**Chief Engineer & Basin Manager,**
**RVN Basin, Berhampur**
32072/11/0010/1819

**Office of the Executive Engineer,**
**Khurda Irrigation Division, Khurda, Dist: Khurda**

**e – Procurement Notice No. 08 (KHD)/ 2018-19**

**No. 963-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in eprocurement portal https://tendersodisha.gov.in

1. Type of the work : Civil works of Canals, Rivers and Roads.
2. No. of works : 20 (Twenty)
3. Class of contractor : 'D', 'C' & 'B' class
4. Bid identification No. : e (KHD) 08-1/ 2018-19 to e(KHD) 08-20/ 2018-19
5. Estimated cost : Varies from Rs. 09.85 Lakhs to 54.60 Lakhs
6. Period of completion : 04 (Four) & 05 (Five) calendar months.
7. Date & time of availability of bid documents in the portal : From 19.12.2018, 10.00 AM to 28.12.2018, 5.00 PM
8. Last date / time for receipt of bids in the portal : 28.12.2018 upto 5.00PM
9. Date of opening of Bid : 29.12.2018 at 10.30 AM in the O/o Executive Engineer, Khurda Irrigation Division, Khurda, Dist.- Khurda.
10. Name of the officer inviting Tender : Executive Engineer, Khurda Irrigation Division, Khordha, Dist.- Khordha

(A) Any addendum / corrigendum / cancellation of tender can also be seen in the said Website.
(B) Further details can be seen from Government Website –https://tendersodisha.gov.in
(C) The Bidder shall transfer the required amount of EMD (Bid Security) and cost of Bid by online through Electronics payment as per Govt. of Odisha WDOM NO.17254/W Dt. 05.12.2017 as mentioned in DTCN.

***Sd./- Executive Engineer***
***Khurda Irrigation Division, Khurda***
32078/11/0009/1819

| ୨୦୧୮ ହକି ବିଶ୍ୱକପ୍ ଶେଷରେ ବିଭିନ୍ନ ଦଳର ପୋଜିଶନ |
|---|
| ୧-ବେଲଜିୟମ |
| ୨-ନେଦରଲାଲାଣ୍ଡ୍ସ |
| ୩-ଅଷ୍ଟ୍ରେଲିଆ |
| ୪-ଇଂଲଣ୍ଡ |
| ୫-ଜର୍ମାନୀ |
| ୬-ଭାରତ |
| ୭-ଆର୍ଜେଣ୍ଟିନା |
| ୮-ଫ୍ରାନ୍ସ |
| ୯-ନ୍ୟୁଜିଲାଣ୍ଡ |
| ୧୦-ଚାଇନା |
| ୧୧-କାନାଡ଼ା |
| ୧୨-ପାକିସ୍ତାନ |
| ୧୩-ସ୍ପେନ |
| ୧୪-ଆୟର୍ଲାଣ୍ଡ |
| ୧୫-ମାଲେସିଆ |
| ୧୬-ଦକ୍ଷିଣ ଆଫ୍ରିକା |

| ଟପ୍ ଗୋଲ ସ୍କୋରର |
|---|
| ୭ |
| ବ୍ଲେକ୍ ଗୋଭର୍ସ(ଅଷ୍ଟ୍ରେଲିଆ) |
| ଆଲେକଜାଣ୍ଡର ହେଣ୍ଡ୍ରିକ୍ସ(ବେଲଜିୟମ) |
| ୬ |
| ଗୋଞ୍ଜାଲୋ ପିଲାଟ(ଆର୍ଜେଣ୍ଟିନା) |
| ୪ |
| ଥିଏରି ବ୍ରିଙ୍କମାନ(ନେଦରଲାଣ୍ଡ୍ସ) |
| ଟିମୋଥି ବ୍ରାଣ୍ଡ(ଅଷ୍ଟ୍ରେଲିଆ) |
| ଟମ୍ କ୍ରେଗ୍(ଅଷ୍ଟ୍ରେଲିଆ) |
| ଜେରେମି ହେୱାର୍ଡ(ଅଷ୍ଟ୍ରେଲିଆ) |
| ୩ |
| ଅଗଷ୍ଟିନ ମାଜିଲ(ଆର୍ଜେଣ୍ଟିନା) |
| ଟମ୍ ବୁନ୍(ବେଲଜିୟମ) |
| ସେଡ୍ରିକ ଚାର୍ଲର(ବେଲଜିୟମ) |
| ସିମନ ଗୁଗ୍ନାର୍ଡ(ବେଲଜିୟମ) |
| ମାର୍କୋ ମିଟ୍‌କାଉ(ଜର୍ମାନୀ) |
| ଖ୍ରିଷ୍ଟୋଫର ରୁହର(ଜର୍ମାନୀ) |
| ସିମରନଜିତ ସିଂ(ଭାରତ) |
| ଲଳିତ ଉପାଧ୍ୟାୟ(ଭାରତ) |
| ଜେରନ ହର୍ଜବର୍ଗର(ନେଦରଲାଣ୍ଡ୍ସ) |
| ମିଙ୍କ୍ ଭାନ୍ ଡର୍ ୱିର୍ଡେନ(ନେଦରଲାଣ୍ଡ୍ସ) |

# ଅଷ୍ଟ୍ରେଲିଆକୁ ବ୍ରୋଞ୍ଜ



ଇଂଲଣ୍ଡକୁ ହରାଇ ବ୍ରୋଞ୍ଜ ଜିତିଥିବା ଅଷ୍ଟ୍ରେଲିଆ ଦଳର ଖେଳାଳିମାନେ ପଦକ ଓ ପୁରସ୍କାର ସହ ।

ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)

ଟମ୍ କ୍ରେଗ୍‌ଙ୍କ ହ୍ୟାଟ୍ରିକ ଏବଂ ଜେରେମି ହେୱାର୍ଡଙ୍କ ଡବଲ ଗୋଲ ବଳରେ ଅଷ୍ଟ୍ରେଲିଆ ଚଳିତ ହକି ବିଶ୍ୱକପରେ ବ୍ରୋଞ୍ଜ ପଦକ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ତୃତୀୟ ସ୍ଥାନ ପାଇଁ ମ୍ୟାଚରେ ଅଷ୍ଟ୍ରେଲିଆ ବୃହତ୍ ବ୍ୟବଧାନ ୮-୧ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଏତେ ଗୋଲ ହେବା ଏକ ରେକର୍ଡ। ଫଳରେ ଗତ ଦୁଇଥରର ଚାମ୍ପିୟନ ତଥା ୩ଥର ଟାଇଟଲ ଏବଂ ୨ଥର ରୌପ୍ୟ ବିଜୟୀ ଅଷ୍ଟ୍ରେଲିଆ ଏଥର ବ୍ରୋଞ୍ଜ ପଦକ ସହ ସ୍ୱଦେଶ ଫେରିଛି। ବିଶ୍ୱର ଏହି ନମ୍ବର ୱାନ ଦଳ ପୂର୍ବରୁ ୧୯୭୮, ୧୯୮୨, ୧୯୯୦ ଓ ୧୯୯୪ରେ ବ୍ରୋଞ୍ଜ ପଦକ ପାଇଥିଲା। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ଉତ୍ସାହପୂର୍ଣ୍ଣ ପ୍ରଦର୍ଶନ କରି ଆସିଥିବା ଇଂଲଣ୍ଡ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି। ୧୯୮୬ ଚାମ୍ପିୟନ ଇଂଲଣ୍ଡ ପୂର୍ବରୁ ୨୦୧୦ ଓ ୨୦୧୪ରେ ମଧ୍ୟ ୪ର୍ଥ ସ୍ଥାନରେ ରହିଥିଲା। ଅର୍ଥାତ୍ କ୍ରମାଗତ ୩ୟ ଥର ପାଇଁ ଦଳକୁ ୪ର୍ଥ ସ୍ଥାନରେ ରହିବାକୁ ପଡ଼ିଛି।

ସେମିଫାଇନାଲ ପର୍ଯ୍ୟନ୍ତ ଲଢୁଆ ପ୍ରଦର୍ଶନ କରି ଆସିଥିବା ଇଂଲଣ୍ଡ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସବୁ ବିଭାଗରେ ଅଷ୍ଟ୍ରେଲିଆଠାରୁ ପଛରେ ପଡ଼ିଯାଇଥିଲା। ଅଷ୍ଟ୍ରେଲିଆର ଆକ୍ରମଣ ଆଗରେ ଇଂଲଣ୍ଡର ପ୍ରଦର୍ଶନ ନିଷ୍ପ୍ରଭ ମନେ ହୋଇଥିଲା। ଶନିବାର ସେମିଫାଇନାଲରେ ନେଦରଲାଣ୍ଡ୍ସଠାରୁ ହାରିଥିବା ଅଷ୍ଟ୍ରେଲିଆ ଘାଇଲା ବାଘ ପରି ଇଂଲଣ୍ଡ ବିପକ୍ଷରେ ପ୍ରଥମ କ୍ୱାର୍ଟରରୁ ହିଁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲା। ମ୍ୟାଚର ୮ମ ମିନିଟରେ ବ୍ଲେକ୍ ଗୋଭର୍ସ ଓ ୯ମ ମିନିଟରେ ଟମ୍ କ୍ରେଗ୍ ଫିଲ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରିବା ସହ ଇଂଲଣ୍ଡ ଉପରେ ଚାପ ପ୍ରୟୋଗ କରିଥିଲେ। ଏହି ଚାପରୁ ଇଂଲଣ୍ଡ ଶେଷ ପର୍ଯ୍ୟନ୍ତ ମୁକୁଳି ପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୯ତମ ମିନିଟରେ ଟମ୍ ବ୍ୟକ୍ତିଗତ ଦ୍ୱିତୀୟ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇ ଦେଇଥିଲେ।

ଦ୍ୱିତୀୟାର୍ଦ୍ଧରେ ଅସଲ ଶକ୍ତି ଦେଖାଇଥିଲା ଅଷ୍ଟ୍ରେଲିଆ। ତୃତୀୟ କ୍ୱାର୍ଟରର ୩ ମିନିଟ ଭିତରେ ୩ଟି ଗୋଲ ଦେଇ ଦଳ ବ୍ରୋଞ୍ଜ ପଦକ ଜିତିବା ଏକପ୍ରକାର ନିଶ୍ଚିତ କରିଦେଇଥିଲା। ଟ୍ରେଣ୍ଟ ମିଟନ ୩୨ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିବାବେଳେ ୩୪ତମ ମିନିଟରେ ଟିମ୍ ବ୍ରାଣ୍ଡ ଫିଲ୍ଡ ଗୋଲ ଏବଂ ୩୪ତମ ମିନିଟରେ ଟମ୍ କ୍ରେଗ୍ ଫିଲ୍ଡ ଗୋଲ ଦେଇଥିଲେ। ଏଥିସହ ଟମ୍ ଗୋଲ ଦେବାରେ ହ୍ୟାଟ୍ରିକ ପୂରଣ କରିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜେରେମି ହେୱାର୍ଡ ୫୭ ଓ ୬୦ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇ ଅଷ୍ଟ୍ରେଲିଆର ବୃହତ୍ ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡ ପକ୍ଷରୁ ବାରି ମିଡିଲଟନ ୪୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ମ୍ୟାଚ ପୂର୍ବରୁ ଅନ୍ତର୍ଜାତୀୟ ହକି ଫେଡେରେଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ ଓ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ହକି ଇଣ୍ଡିଆ ମହାସଚିବ ରାଜିନ୍ଦର ସିଂ, ଆଥଲେଟ୍ ପ୍ରତିନିଧି ଆର.ପି. ସିଂ ଅତିଥିଭାବେ ଯୋଗଦେଇ ଅଷ୍ଟ୍ରେଲିଆ ଦଳକୁ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ। ହ୍ୟାଟ୍ରିକ ହାସଲକାରୀ ଟମ୍ କ୍ରେଗ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

| ବିଶ୍ୱକପର ଫାଇନାଲ ମ୍ୟାଚ୍ ଫଳାଫଳ |
|---|
| ୧୯୭୧: ପାକିସ୍ତାନ-୧, ସ୍ପେନ-୦ |
| ୧୯୭୩: ନେଦରଲାଣ୍ଡ୍ସ-୪, ଭାରତ-୨ |
| (ନିର୍ଦ୍ଧାରିତ ସମୟ ଖେଳ ୨-୨ ଡ୍ର ରହିବାପରେ ପେନାଲ୍ଟି ଷ୍ଟ୍ରୋକ୍‌ରେ ନେଦରଲାଣ୍ଡ୍ସ ୪-୨ରେ ଜିତିଥିଲା)। |
| ୧୯୭୫: ଭାରତ-୨, ପାକିସ୍ତାନ-୧ |
| ୧୯୭୮: ପାକିସ୍ତାନ-୩, ନେଦରଲାଣ୍ଡ୍ସ-୨ |
| ୧୯୮୨: ପାକିସ୍ତାନ-୩, ପଶ୍ଚିମ ଜର୍ମାନୀ-୧ |
| ୧୯୮୬: ଅଷ୍ଟ୍ରେଲିଆ-୨, ଇଂଲଣ୍ଡ-୧ |
| ୧୯୯୦: ନେଦରଲାଣ୍ଡ୍ସ-୩, ପାକିସ୍ତାନ-୧ |
| ୧୯୯୪: ପାକିସ୍ତାନ-୪, ନେଦରଲାଣ୍ଡ୍ସ-୩ (ନିର୍ଦ୍ଧାରିତ ସମୟ ଖେଳ ୧-୧ ଡ୍ର ରହିବାପରେ ପେନାଲ୍ଟି ଷ୍ଟ୍ରୋକ୍‌ରେ ପାକିସ୍ତାନ ୪-୩ରେ ଜିତିଥିଲା)। |
| ୧୯୯୮: ନେଦରଲାଣ୍ଡ୍ସ-୩, ସ୍ପେନ-୨ |
| ୨୦୦୨: ଜର୍ମାନୀ-୨, ଅଷ୍ଟ୍ରେଲିଆ-୧ |
| ୨୦୦୬: ଜର୍ମାନୀ ୪, ଅଷ୍ଟ୍ରେଲିଆ-୩ |
| ୨୦୧୦: ଅଷ୍ଟ୍ରେଲିଆ-୨, ଜର୍ମାନୀ-୧ |
| ୨୦୧୪: ଅଷ୍ଟ୍ରେଲିଆ-୬, ନେଦରଲାଣ୍ଡ୍ସ-୧ |
| ୨୦୧୮: ବେଲଜିୟମ-୩, ନେଦରଲାଣ୍ଡ୍ସ-୨ (ନିର୍ଦ୍ଧାରିତ ସମୟ ଖେଳ ୦-୦ ଡ୍ର ରହିବାପରେ ସଡନ ଡେଥ୍‌ରେ ୩-୨ରେ ବେଜଲିୟମ ଜିତିଥିଲା)। |

## ତୃତୀୟ ହ୍ୟାଟ୍ରିକ୍ ଗୋଲ

ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପର ରବିବାର ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଟମ୍ କ୍ରେଗ୍‌ଙ୍କ ହ୍ୟାଟ୍ରିକ ଗୋଲ ବଳରେ ଅଷ୍ଟ୍ରେଲିଆ ବୃହତ୍ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଟମ୍ ମ୍ୟାଚର ୯ମ, ୧୯ ଏବଂ ୩୪ତମ ମିନିଟରେ ଗୋଲ ଦେଇଥିଲେ। ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣରେ ଏହା ଥିଲା ତୃତୀୟ ହ୍ୟାଟ୍ରିକ। ପୂର୍ବରୁ ଡିସେମ୍ବର ୧ରେ ଅନୁଷ୍ଠିତ ମାଲେସିଆ ବିପକ୍ଷ ଲିଗ୍ ମ୍ୟାଚରେ ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର ୧୨, ୨୯, ୬୦ତମ ମିନିଟରେ ଗୋଲ ଦେଇ ପ୍ରଥମ ଖେଳାଳିଭାବେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେହିପରି ଡିସେମ୍ବର ୭ରେ ଅନୁଷ୍ଠିତ ଚାଇନା ବିପକ୍ଷ ଲିଗ୍ ମ୍ୟାଚରେ ଅଷ୍ଟ୍ରେଲିଆର ବ୍ଲେକ୍ ଗୋଭର୍ସ ୧୦, ୧୯, ୩୪ତମ ମିନିଟରେ ଗୋଲ ଦେଇ ଦ୍ୱିତୀୟ ଖେଳାଳିଭାବେ ହ୍ୟାଟ୍ରିକ ଅର୍ଜନ କରିଥିଲେ।


## ହରେନ୍ଦ୍ର ସିଂଙ୍କୁ ଏଫ୍‌ଆଇଏଚ୍‌ର ଭର୍ତ୍ସନା

ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)

କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସଠାରୁ ଭାରତର ପରାଜୟ ପରେ ଖବରଦାତା ସମ୍ମିଳନୀରେ ଖରାପ ଅମ୍ପାୟରିଂ ଆଡ଼କୁ ଅଙ୍ଗୁଳି ଦେଖାଇଥିଲେ ଭାରତୀୟ କୋଚ୍ ହରେନ୍ଦ୍ର ସିଂ। ଏଥିପାଇଁ ତାଙ୍କୁ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍)



ପକ୍ଷରୁ ଭର୍ତ୍ସନା କରାଯାଇଛି। ହରେନ୍ଦ୍ର ଆଚରଣ ସଂହିତାର ଲେଭଲ-୧, ୨.୨ କେ ଧାରା ଉଲ୍ଲଂଘନ କରିଛନ୍ତି ବୋଲି ଏଫ୍‌ଆଇଏଚ୍‌ର ହୃଦ୍‌ବୋଧ ହୋଇଛି। ସାଧାରଣରେ ସମାଲୋଚନା କରିବା, କୌଣସି ଅନ୍ତର୍ଜାତୀୟ ମ୍ୟାଚ ପରେ ଏଫ୍‌ଆଇଏଚ୍ କିମ୍ବା କୌଣସି ଅଂଶଗ୍ରହଣକାରୀ ଦଳ ବିପକ୍ଷରେ ଅଯୌକ୍ତିକ ମନ୍ତବ୍ୟ ଦେବା କିମ୍ବା ଦାୟିତ୍ୱହୀନଭାବେ ସମାଲୋଚନା କରିବା ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଲେଭଲ-୧, ୨.୨ କେ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇଥାଏ। ଫଳରେ ହରେନ୍ଦ୍ରଙ୍କୁ ଆନୁଷ୍ଠାନିକଭାବେ ଭର୍ତ୍ସନା କରିବାକୁ ଏଫ୍‌ଆଇଏଚ୍ ଶୃଙ୍ଖଳାଗତ କମିଟି ନିଷ୍ପତ୍ତି ନେଇଥିଲା। ଅମ୍ପାୟରଙ୍କୁ ହରେନ୍ଦ୍ରଙ୍କ ଆଦୌ ଗ୍ରହଣୀୟ ନୁହେଁ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ହରେନ୍ଦ୍ର ଯଦି ଭବିଷ୍ୟତରେ ଆଚରଣ ସଂହିତା ଉଲ୍ଲଂଘନ କରନ୍ତି ତେବେ ତାହାକୁ ଗୁରୁତ୍ୱର ସହ ନିଆଯିବ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ କୁହାଯାଇଛି।




ଫାଇନାଲରେ ବେଲଜିୟମ୍ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିବା ନେଦରଲାଣ୍ଡ୍ସ ଦଳର ଖେଳାଳିମାନେ ।



ନେଦରଲାଣ୍ଡ୍ସ ଗୋଲକିପର ପିରମିନ୍ ବ୍ଲାକ୍‌ଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରସ୍କୃତ କରୁଛନ୍ତି ।



ସହଜ ନ ଥିଲେ ମଧ୍ୟ ଆସନ୍ତା ୨୦୨୦ ଅଲିମ୍ପିକ୍ସ ପାଇଁ ଏକ କୋଟା ସ୍ଥାନ ହାସଲ କରିବା ବର୍ତ୍ତମାନ ମୋର ପ୍ରଧାନ ଲକ୍ଷ୍ୟ।
–ମନୁ ଭାକର, ଭାରତର ସ୍ୱଳ୍ପ ବୟସ୍କା ଶୁଟର



ପର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସରେ ଆମେ ନିୟମିତ ବ୍ରେକ୍ ଥ୍ରୁ ଦ୍ୱାରା ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନଙ୍କୁ ଟିକ୍ସିବାକୁ ଦେଇନାହୁଁ।
–ଯଶପ୍ରୀତ୍ ବୁମ୍ରା, ଭାରତୀୟ ପେସ୍ ବୋଲର

# କୋହଲିଙ୍କ ଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଅଗ୍ରଣୀ

**ପର୍ଥ ଟେଷ୍ଟ**

ପର୍ଥ,୧୬।୧୨(ପି.ଟି.)

ଅଧିନାୟକ ବିରାଟ କୋହଲିଙ୍କ ଲଢୁଆ ଶତକ ସତ୍ତ୍ୱେ ଘରୋଇ ଅଷ୍ଟ୍ରେଲିଆ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ ପର୍ଥ ଗ୍ରାଉଣ୍ଡରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୦୮.୩ ଓଭରରେ ୩୨୬ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୦୫.୫ ଓଭରରେ ୨୮୩ ରନ କରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୩ ରନର ଅଗ୍ରଣୀ ହାସଲ କରିଛି। ଏହା ପରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଆରମ୍ଭ କରି ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୮ ଓଭରରେ ୪ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଛି। ଫଳରେ ୬ ଉଇକେଟ ହାତରେ ରଖି ମୋଟ ଉପରେ ୧୭୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିବା ଲକ୍ଷ୍ୟରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଉସ୍ମାନ ଖ୍ୱାଜା ୪୧ ଓ ଅଧିନାୟକ ତଥା ଉଇକେଟକିପର ଟିମ୍ ପେନ ୮ ରନ କରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ଦୁଇ ଓପନର ମାର୍କସ ହାରିସ ଓ ଆରୋନ ଫିଞ୍ଚ୍ ଭଲ ଆରମ୍ଭ କରିଥିଲେ। ଓପନିଂ ଯୋଡିରେ ଦୁଇ ଓପନର ୫୯ ରନ ସଂଗ୍ରହ କରିଥିଲେ। ତେବେ ହାରିସ୍ ୨୦ ରନ କରି ଯଶପ୍ରୀତ ବୁମରାଙ୍କ ବଲ୍‌ରେ ବିଟ୍ ହୋଇ କ୍ଲିନ୍ ବୋଲ୍ଡ ହୋଇଥିଲେ ଓ ପ୍ରଥମ ଉଇକେଟ ଭାବେ ପ୍ୟାଭିଲିୟନ ଫେରିଥିଲେ। ଇନିଂସର ୧୩ତମ ଓଭରରେ ୨୫ ରନ କରିଥିବା ବେଳେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଏକ ରାଇଜିଂ ବଲ୍‌କୁ ଖେଳିବାକୁ ଯାଇ ଫିଞ୍ଚ୍ ଆହତ ହୋଇଥିଲେ। ଡାହାଣ ବିଶି ଅଙ୍ଗୁଳିରେ ବଲ ବାଜିଥିଲା ଓ ସେ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶନ୍ ମାର୍ଶ ୫ ରନ କରି ଥିବା ବେଳେ ସାମିଙ୍କ ଅଫ ଷ୍ଟମ୍ପ ବାହାରର ବଲକୁ ଖେଳିବାକୁ ଯାଇ ଉଇକେଟକିପର ରିଷଭ ପନ୍ତଙ୍କ ହାତରେ ଧରାପଡିଥିଲେ। ଏହାପରେ ପିଟର ହ୍ୟାଣ୍ଡସ୍କମ୍ବ ମାତ୍ର ୧୩ ରନ କରିଥିବା ବେଳେ ଇଶାନ୍ତ ଶର୍ମାଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଥିଲେ। ସେହିପରି ଟ୍ରାଭିସ୍ ହେଡ ମଧ୍ୟ ବେଶି ସମୟ ଟିକ୍ସିପାରି ନ ଥିଲେ। ସେ ମାତ୍ର ୧୯ ରନ କରିଥିବା ବେଳେ ସାମିଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସାମିଙ୍କ ଶଟ୍ ଓ ୱାଇଡ ବଲକୁ ଖେଳିବାକୁ ଯାଇ ସେ ଥାର୍ଡ ମ୍ୟାନ୍‌ରେ ଇଶାନ୍ତ ଶର୍ମାଙ୍କ ହାତରେ ଧରାପଡିଥିଲେ। ବୋଲିଂରେ ଭାରତ ତରଫରୁ ସାମି ଦୁଇଟି, ଇଶାନ୍ତ ଓ ବୁମରା ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭୨/୩ରୁ ଖେଳ ଆରମ୍ଭ କରି ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଫଳରେ ଦଳ ୨୮୩ ରନରେ ସୀମିତ ରହି ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ କୋହଲି ୮୨ ରନରୁ ଖେଳ ଆରମ୍ଭ କରି ୧୨୩ ରନ ଶତକୀୟ ପାଳି ଖେଳି ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ହ୍ୟାଣ୍ଡସ୍କମ୍ବଙ୍କ ହାତରେ ଧରା ପଡିଥିଲେ। ସେହିପରି ଅଜିଙ୍କ୍ୟ ରାହାନେ ୫୧ରନରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଆଉ ଅଧିକ ରନ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ହନୁମା ବିହାରୀ ୨୦ ରନ କରି ଜୋସ ହାଜେଲଉଡଙ୍କ ବଲ୍‌ରେ ଉଇକେଟ କିପର ପେନ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨ ଚୌକା ଓ ୧ ଛକା ସହ ୩୬ ରନ କରି ସ୍ପିନର ନାଥନ ଲିୟନଙ୍କୁ ଶଟ୍ ମାରିବାକୁ ଯାଇ ଡିପ୍ ଲଙ୍ଗ୍ ଅନ୍‌ରେ ମିଚେଲ ଷ୍ଟାର୍କଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମି ଖାତା ଖୋଲିବା ପୂର୍ବରୁ, ଇଶାନ୍ତ ୧, ବୁମରା ୪ ରନ କରି ଲିୟନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଲିୟନ ଶେଷ ୪ଟି ଉଇକେଟ ହାତେଇ ନେଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ଲିୟନ ସର୍ବାଧିକ ୫, ଷ୍ଟାର୍କ ଓ ହାଜେଲଉଡ ୨ଟି ଲେଖାଏ, କୁମିନ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ପରେ ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୦୮.୩ ଓଭରରେ ୩୨୬ ଅଲଆଉଟ।
- ଭାରତ ପ୍ରଥମ ଇନିଂସ- ୧୦୫.୫ ଓଭରରେ ୨୮୩ ଅଲଆଉଟ (କୋହଲି- ୧୨୩, ରାହାନେ- ୫୧, ପନ୍ତ- ୩୬, ବିହାରୀ- ୨୦, ଲିୟନ- ୫/୬୭, ଷ୍ଟାର୍କ- ୨/୭୯, ହାଜେଲଉଡ- ୨/୬୬)।
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୪୮ ଓଭରରେ ୧୩୨/୪ (ଖ୍ୱାଜା- ୪୧*, ପେନ- ୮*, ଫିଞ୍ଚ୍- ୨୫, ହାରିସ- ୨୦, ସାମି- ୨/୨୩, ଇଶାନ୍ତ- ୧/୩୩, ବୁମରା- ୧/୨୫)।

## ବିରାଟଙ୍କ ରେକର୍ଡ

ପର୍ଥ,୧୬।୧୨(ପି.ଟି.)

ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶତକ ହାସଲ କରି ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୨୫୭ଟି ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୧ ଛକା ସହ ଏହି ଶତକ ହାସଲ ୧୨୩ ରନର ଶତକୀୟ ପାଳି ଖେଳି କ୍ୟାରିୟରର ୨୫ତମ ଟେଷ୍ଟ ଶତକ ହାସଲ କରିଛନ୍ତି। କ୍ୟାରିୟରର ୭୫ତମ ଟେଷ୍ଟ ଖେଳିବା ଅବସରରେ ସେ ଦ୍ୱିତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଟେଷ୍ଟରେ ୨୫ତମ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ସେ ଅଷ୍ଟ୍ରେଲିଆରେ ଷଷ୍ଠ ଶତକ ହାସଲ କରି ନିଜ ପିଲାବେଳର ହିରୋ ତଥା କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକରଙ୍କ ସହ ସମକକ୍ଷ ହୋଇଛନ୍ତି।

୧୨୭ଟି ଇନିଂସରେ ୩୦ ବର୍ଷୀୟ କୋହଲି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ମୋଟ ଉପରେ କୋହଲି ସପ୍ତମ ଶତକ ଅର୍ଜନ କରିଛନ୍ତି। ଶତକ ହାସଲ କରିବା ପରେ କୋହଲି ହେଲମେଟକୁ ତଳେ ରଖି ବ୍ୟାଟ୍ ଉପରକୁ ଟେକି ଦର୍ଶକଙ୍କ ଅଭିବାଦନ ଗ୍ରହଣ କରି ଭିନ୍ନ ପ୍ରକାର ଭଙ୍ଗୀରେ ଖୁସି ମନାଇଥିଲେ। ଇଂଲଣ୍ଡ ପୂର୍ବତନ ଅଧିନାୟକ ମାଇକେଲ ଭନ, ଅଷ୍ଟ୍ରେଲୀୟ ସ୍ପିନ୍ ଲିଜେଣ୍ଡ ଶେନ ୱର୍ନ ଟୁଇଟ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପୂର୍ବରୁ ସଚିନ ତେନ୍ଦୁଲକର ୧୩୦ଟି ଇନିଂସରେ ଓ କ୍ରିକେଟ ଲିଜେଣ୍ଡ ଡନ୍ ବ୍ରାଡମ୍ୟାନ ମାତ୍ର ୬୮ଟି ଇନିଂସରେ ୨୫ତମ ଶତକ ହାସଲ କରିଥିଲେ। ଏଥି ସହିତ ପର୍ଥ ଏହି ନୂଆ ଓପ୍ଟସ ଷ୍ଟାଡିୟମରେ କୋହଲି ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଶତକ ଅର୍ଜନ କରିବାର ଗୌରବ ଅର୍ଜନ କରିଛନ୍ତି। ପୁଣି ସେ ବିଶ୍ୱର ୧୧ତମ ବ୍ୟାଟ୍ସମ୍ୟାନ ଭାବେ ବିଦେଶ ମାଟିରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ ଟେଷ୍ଟ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ସେ ପୁଣି ତୃତୀୟ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ରାହୁଲ ଦ୍ରାବିଡ ୨୦୦୨ରେ ୧୮ଟି ଇନିଂସରୁ ୧୧୩୭, ମହିନ୍ଦର ଅମରନାଥ ୧୯୮୩ରେ ୧୬ଟି ଇନିଂସରୁ ୧୦୬୫ ରନର ସଂଗ୍ରହ କରିଥିଲେ। ପ୍ରଥମ ଭାରତୀୟ ଅଧିନାୟକ ଭାବେ କୋହଲି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ବବ୍ ସିମ୍ପସନ ଓ ଦକ୍ଷିଣ ଆଫ୍ରିକାର ଗ୍ରେମ୍ସ ସ୍ମିଥ୍ ମଧ୍ୟ ଏହି ସଫଳତା ହାସଲ କରିଥିଲେ। କୋହଲି କୁମିନ୍ସଙ୍କ ବଲରେ ସ୍ଲିପ୍‌ରେ ହ୍ୟାଣ୍ଡସ୍କମ୍ବଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ତେବେ ଏହି କ୍ୟାଚ୍ ବିବାଦୀୟ ଥିଲା। ତୃତୀୟ ଅମ୍ପାୟରଙ୍କ ନିଷ୍ପତ୍ତିକ୍ରମେ କୋହଲି ଆଉଟ୍ ଘୋଷିତ ହୋଇଥିଲେ। ତେବେ ସେ ଏହି ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରିଥିଲେ।

## ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଜିତିଲେ ସିନ୍ଧୁ

ଗୁଆଙ୍ଗଝୋ, ୧୬।୧୨ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଶେଷରେ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଏକ ସ୍ୱର୍ଣ୍ଣ ପଦକ ହାତେଇବାରେ ସଫଳ ହୋଇଛନ୍ତି। ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ଭାରତୀୟ ଖେଳାଳି ବିବେଚିତ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୨୦୧୭ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରାଙ୍କୁ ୨୧–୧୯, ୨୧–୧୭ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୨ ମିନିଟ ଧରି ଚାଲିଥିଲା। ଭାରତୀୟ ଖେଳାଳିଙ୍କର ଏହାଥିଲା କ୍ରମାଗତ



ତୃତୀୟ ସିଜନ ଶେଷ ଫାଇନାଲ। ଗତ ସଂସ୍କରଣ ଟାଇଟଲ ମୁକାବିଲାରେ ସେ ଅନ୍ୟ ଜଣେ ଜାପାନିଜ ଖେଳାଳି ଆକାନେ ୟାମଗୁଚିଙ୍କଠାରୁ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସିନ୍ଧୁଙ୍କ କ୍ୟାରିୟରର ଏହା ୧୪ତମ ଏବଂ ଚଳିତ ବର୍ଷର ପ୍ରଥମ ଟାଇଟଲ। ଏହା ପୂର୍ବରୁ ସେ ବିଶ୍ୱ ଚାମ୍ପିୟନଶିପ୍, ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଥାଇଲାଣ୍ଡ ଓପନ ଏବଂ ଇଣ୍ଡିଆନ୍ ଓପନରେ ରୌପ୍ୟ ଜିତିପାରିଛନ୍ତି। ସିନ୍ଧୁ ଲଗାତର ୭ଟି ପ୍ରମୁଖ ପ୍ରତିଯୋଗିତାରେ ଫାଇନାଲରେ ପରାଜିତ ହେବା ପରେ ସେ ଏହି ଧାରାକୁ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ସାଇନା ନେହ୍ୱାଲ ୨୦୧୧ ୱାର୍ଲ୍ଡ ସୁପର ସିରିଜ ଫାଇନାଲ୍ସର ଟାଇଟଲ ମୁକାବିଲାରେ ପ୍ରବେଶ କରିବାରେ ସଫଳ ହୋଇଥିବା ବେଳେ ଜ୍ୱାଲା ଗୁଟ୍ଟା ଏବଂ ଭି ଦିଜୁ ୨୦୦୯ ସଂସ୍କରଣରେ ରନର୍ସ ଅପ୍ ହୋଇଥିଲେ। ସିନ୍ଧୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏଠାରେ ଟାଇଟଲ ବିଜୟୀ ହେବା ପରେ ମୁଁ ଏତେ ଖୁସି ଯେ ତାହା ବର୍ଣ୍ଣନା କରିବା ଲାଗି ମୋ ମୁହଁରେ ଭାଷା ନାହିଁ। ବଡ଼ ବଡ଼ ଟୁର୍ନାମେଣ୍ଟରେ ଟାଇଟଲ ଜିତିବାର ସାମର୍ଥ୍ୟ ନୋ ନିକଟରେ ନାହିଁ ବୋଲି ଯେଉଁମାନେ କହୁଥିଲେ ସେମାନେ ଆଉ ପ୍ରଶ୍ନ ଉଠାଇପାରିବେ ନାହିଁ।

### ବାଇ ପକ୍ଷରୁ ୧୦ ଲକ୍ଷ ଟଙ୍କା ପୁରସ୍କାର

ନୂଆଦିଲ୍ଲୀ, ୧୬।୧୨ (ପି.ଟି.)

ଚାଇନାର ଗୁଆଙ୍ଗଝୋଉଠାରେ ଚାଲିଥିବା ସିଜନ ଶେଷ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଟାଇଟଲ ଜିତିବାରେ ପ୍ରଥମ ଭାରତୀୟ ଖେଳାଳି ହୋଇଥିବାରୁ ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ପି.ଭି. ସିନ୍ଧୁଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଆସୋସିଏଶନ ଆହୁରି ମଧ୍ୟ ସମୀର ବର୍ମାଙ୍କ ଲାଗି ୩ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି।

## ରାଜସ୍ଥାନ ବିଜୟରେ ଅନିକେତ୍ ହିରୋ

ଭୁବନେଶ୍ୱର, ୧୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଡେରାଶସ୍ଥିତ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଯାଇଛି। ମ୍ୟାଚ୍‌ରେ ଭ୍ରମଣକାରୀ ରାଜସ୍ଥାନ ୩୫ ରନରେ ଓଡ଼ିଶାକୁ ପରାସ୍ତ କରିଛି। ରାଉଣ୍ଡ–୬ ଗ୍ରୁପ୍–ସି'ର ଏହି ମୁକାବିଲାରେ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୭୩ ରନର ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଅନିକେତ୍ ଚୌଧୁରୀଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୩୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଚଳିତ ସିଜନରେ ୬ଷ୍ଠ ମ୍ୟାଚ୍‌ରୁ ରାଜସ୍ଥାନର ଏହା ୫ମ ବିଜୟ ଥିଲା। ମ୍ୟାଚ୍‌ରୁ ରାଜସ୍ଥାନକୁ ୬ ପଏଣ୍ଟ ମିଳିଛି। ଏଥିସହ ଦଳ ୩୪ ପଏଣ୍ଟ ସହ ଗ୍ରୁପ୍–ସି'ର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ୬ଷ୍ଠ ମ୍ୟାଚ୍‌ରୁ ୨ ବିଜୟ, ୩ ପରାଜୟ ଓ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନକୁ ଖସି ଯାଇଛି। ଓଡ଼ିଶା ତା'ର ପରବର୍ତ୍ତୀ ମୁକାବିଲା ଜମ୍ମୁ ଓ କଶ୍ମୀର ବିପକ୍ଷରେ ଡିସେମ୍ବର ୨୨ରୁ ଖେଳିବ। ଏହି ମ୍ୟାଚ୍ ଜମ୍ମୁରେ ଅନୁଷ୍ଠିତ ହେବ।

ବିକାଶ କ୍ରିକେଟ ଗ୍ରାଉଣ୍ଡର ଫାଷ୍ଟ ପିଚ୍‌ରେ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୭୩ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଶନିବାର ୨ୟ ଦିବସ ଶେଷ ସୁଦ୍ଧା ୬ ରନରେ ୨ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ମ୍ୟାଚ୍‌ର ବଳକା ଦୁଇ ଦିନରେ ଓଡ଼ିଶାକୁ ବିଜୟ ପାଇଁ ଆଉ ୧୬୭ ରନ ଆବଶ୍ୟକ ହେଉଥିଲା। ବିଜୟ ପାଇଁ ଓଡ଼ିଶା ନିକଟରେ ପର୍ଯ୍ୟାପ୍ତ ସମୟ ରହିଥିଲେ ମଧ୍ୟ ପୁଣିଥରେ ଦଳର ବ୍ୟାଟ୍ସମ୍ୟାନମାନେ ଫେଲ୍ ମାରିଥିଲେ। ପୂର୍ବ ମ୍ୟାଚ୍‌ରେ ବ୍ୟାଟିଂ ବିଫଳତା ଲାଗି ଝାଡ଼ଖଣ୍ଡଠାରୁ ମାତ୍ର ୨ ରନରେ ହାରିଥିବା ଓଡ଼ିଶା ଏଥର ମଧ୍ୟ ସେହି ଭୁଲର ପୁନରାବୃତ୍ତି କରିଥିଲା। ବ୍ୟାଟ୍ସମ୍ୟାନଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଓଡ଼ିଶା ୨ୟ ଇନିଂସରେ ୧୩୭ ରନରେ ଅଲ୍‌ଆଉଟ୍ ହୋଇ ବିଜୟଠାରୁ ୩୬ ରନ ଦୂରରେ ରହିଯାଇଥିଲା। ପୂର୍ବଦିନ ୪ ରନ କରି ଅପରାଜିତ ରହିଥିବା ଶାନ୍ତନୁ ମିଶ୍ରଙ୍କୁ ରବିବାର ସକାଳ ସେସନର ୬ଷ୍ଠ ଓଭରରେ ଆଉଟ୍ କରି ତନବୀର ଉଲ୍–ହକ୍ ଓଡ଼ିଶାକୁ ୩ୟ ଝଟ୍‌କା ଦେଇଥିଲେ। ଏହାପରେ ସାଢ଼େ ଛ' ଫୁଟ୍ ଉଚ୍ଚତା ବିଶିଷ୍ଟ ବାମହାତୀ ଦ୍ରୁତ ବୋଲର ଅନିକେତ୍ ଚୌଧୁରୀ ଘାତକ ବୋଲିଂ କରି ଓଡ଼ିଶାକୁ ୧୩୭ ରନରେ ସୀମିତ ରଖିଲେ। ଦେବାଶିଷ ସାମନ୍ତରାୟ (୨୧), ଶୁଭ୍ରାଂଶୁ ସେନାପତି (୩୬), ବିପ୍ଳବ (୦), ଅଭିଷେକ ରାଉତ (୮) ଓ ଧୀରାଜ ସିଂ (୪) ଅନିକେତ୍‌ଙ୍କ ଶିକାର ବନିଥିଲେ। ପ୍ରଥମ ଇନିଂସରେ ୫ ଉଇକେଟ୍ ନେଇଥିବା ଅନିକେତ୍ ଏଥିସହ ମ୍ୟାଚ୍‌ରେ ମୋଟ୍ ୧୦ ଉଇକେଟ୍ ସଫଳତା ପାଇଛନ୍ତି। ଏକଦା ୬୯ ରନରେ ୬ଟି ଉଇକେଟ୍ ହରାଇ ଓଡ଼ିଶା ୧୦୦ ରନ ଅତିକ୍ରମ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତେବେ ୮ମ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ସୂର୍ଯ୍ୟକାନ୍ତ ପ୍ରଧାନ ବିସ୍ଫୋରକ ଅର୍ଦ୍ଧଶତକ (୫୬ ରନ, ୩୩ ବଲ୍, ୫ ଚୌକା, ୪ ଛକା) ହାସଲ କରି ବିଜୟ ଆଶା ଉଜ୍ଜୀବିତ କରିଥିଲେ। କିନ୍ତୁ ଦ୍ରୁତ ବୋଲର ନାଥୁ ସିଂଙ୍କ ଏକ ସ୍ଲୋ ବଲକୁ ବଡ଼ ଶଟ୍ ଖେଳିବାକୁ ଯାଇ ସୂର୍ଯ୍ୟ ଡିପ୍ ମିଡ୍‌ଉଇକେଟରେ କ୍ୟାଚ୍ ଆଉଟ୍ ହୋଇଥିଲେ। ମ୍ୟାଚ୍‌ରେ ୧୧ଟି ଉଇକେଟ୍ ନେଇଥିବା ବସନ୍ତ ମହାନ୍ତି (୬+୫) ଓ ଅନିକେତଙ୍କୁ ଯୁଗ୍ମଭାବେ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



**ବୃଥା ହେଲା ସୂର୍ଯ୍ୟଙ୍କ ସାହସିକ ଇନିଂସ**

### ବ୍ୟାଟ୍ସମ୍ୟାନଙ୍କ ବିଫଳତା ଲାଗି ହାରିଲୁ: ବିପ୍ଳବ

ଟପ୍ ଅର୍ଡରର ବ୍ୟାଟିଂ ବିଫଳତା ଲାଗି ଆମେ ମ୍ୟାଚ୍ ହାତଛଡ଼ା କରିଦେଇଛୁ। ବ୍ୟାଟିଂ ପାଇଁ ଉଇକେଟ୍ ଏତେଟା ସହଜ ନ ଥିଲା। କିନ୍ତୁ ଯେଉଁ ଟାର୍ଗେଟ୍ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା ତାହା ଚେଜ୍ କରିବା ସମ୍ଭବପର ଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ତାହା ବ୍ୟାଟିଂରେ କରିଦେଖାଇଲେ। ଯଦି ସୂର୍ଯ୍ୟକାନ୍ତ ବ୍ୟାଟିଂରେ ତାହା କରି ଦେଖାଇଲେ ତାହାଲେ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଛନ୍ତି। ମୋଟ୍ ଉପରେ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଲାଗି ମ୍ୟାଚ୍ ଆମ ହାତରୁ ଚାଲିଯାଇଛି ବୋଲି ମ୍ୟାଚ୍ ପରେ ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ କହିଛନ୍ତି। ଆଗକୁ ଆହୁରି ୩ଟି ମ୍ୟାଚ୍ ଖେଳିବାକୁ ବାକି ରହିଥିବାରୁ ଆମେ ବ୍ୟାଟିଂରେ ବିଶେଷ କରି ଟପ୍ ଅର୍ଡରୁ ରହିଥିବା ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରିବୁ। ତେବେ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ତଥା ଓପନର୍ ଅନୁରାଗ ଷଡ଼ଙ୍ଗୀ ମ୍ୟାଚ୍ ପୂର୍ବଦିନ ଆହତ ହେବା ଆମ ପାଇଁ ଶକ୍ତ ଧକ୍କା ସଦୃଶ ଥିଲା। ଯେତେଶୀଘ୍ର ଆମେ ଆମ ତ୍ରୁଟିକୁ ସୁଧାରି ପାରିଲୁ ତାହା ଆମପାଇଁ ଭଲ ହେବ ବୋଲି ବିପ୍ଳବ ଏହି ଅବସରରେ ପ୍ରକାଶ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ରାଜସ୍ଥାନ–** ୧୩୫ ଓ ୧୪୮।
**ଓଡ଼ିଶା–** ୧୧୧ ଓ ୧୩୭ରେ ଅଲ୍‌ଆଉଟ୍, ୪୫.୨ ଓଭର (ସୂର୍ଯ୍ୟକାନ୍ତ ୫୬, ଶୁଭ୍ରାଂଶୁ ୩୬, ଦେବାଶିଷ ୨୧, ବସନ୍ତ ୧, ଅଭିଷେକ ୮, ଅନିକେତ୍ ୫/୨୫)।

## ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ୱେଲିଂଟନ ଟେଷ୍ଟ

ୱେଲିଂଟନ,୧୬।୧୨

ଏଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଉଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ଦଳ ନିୟନ୍ତ୍ରଣରେ ରଖିଛି। ଶ୍ରୀଲଙ୍କା ପ୍ରଥମ ଇନିଂସ ୨୮୨ ରନ୍‌ରେ ସୀମିତ ରହିବା ପରେ ନ୍ୟୁଜିଲାଣ୍ଡ ଦଳ ଦ୍ୱିତୀୟ ଦିବସ ଶେଷ ପର୍ଯ୍ୟନ୍ତ ଲଥାମ (୧୨୧)ଙ୍କ ଅପରାଜିତ ଶତକ ବଳରେ ୨ ଉଇକେଟ ହରାଇ ୩୧୧ ରନ୍ କରିଛି। ଘରୋଇ ଦଳ ୨୯ ରନ୍‌ର ଅଗ୍ରଣୀ ହାସଲ କରିଥିବାବେଳେ ହାତରେ ଆଉ ୮ ଉଇକେଟ ରଖିଛି। ଶ୍ରୀଲଙ୍କା ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୫/୯ରୁ ବ୍ୟାଟିଂ କରି ଅନ୍ତିମ ଉଇକେଟ ପାଇଁ ୭ ରନ୍ ଯୋଗ କରିପାରିଥିଲା। ଟିମ ସୌଦି ୬ ଉଇକେଟ ନେଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ




**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

*Terms and Conditions apply. *Down Payment Scheme is subject to the financier policy and documents, Finance is the sole discretion of the financier. ^ Paytm Mall Benefits are applicable in selected dealerships and on selected models only with the terms and conditions of Paytm and Dealership. ^^ Exchange bonus is applicable on selected models and is at the sole discretion of the dealer. All the mentioned schemes are for a limited time period and can be withdrawn any time **Conditions apply.

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

**For Bulk/Institutional enquiries, please write us at: institutionalsales@honda2wheelersindia.com**



ଯେଉଁମାନଙ୍କର ସଂକୀର୍ଣ୍ଣଭାବ ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କୁହନ୍ତି।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### କାହ୍ନୁ ଗୋସ୍ୱାମୀଙ୍କ ବାର୍ଷିକ ମହୋତ୍ସବ

**କୋରେଇ,୧୬।୧୨(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଶଙ୍ଖଚିଲା ନାଉଡ଼ପୁରସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ମହାପୁରୁଷ କାହ୍ନୁ ଗୋସ୍ୱାମୀଙ୍କ ୮୯ତମ ବାର୍ଷିକ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋସ୍ୱାମୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ବଡ଼ସିଂହାର ବେଶ କରାଯିବା ପରେ ସନ୍ଧ୍ୟାରେ ଏକ ଧର୍ମସଭା ଆୟୋଜନ କରାଯାଇଥିଲା। ଏଥିରେ ଅନୁଷ୍ଠାନ ସଭାପତି ମଦନ ମୋହନ ସାହୁ ସଭାପତିତ୍ୱ କରିଥିଲେ। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଉପାଧକ୍ଷ ସଚ୍ଚିଦାନନ୍ଦ ତ୍ରିପାଠୀ ମୁଖ୍ୟଅତିଥି, ବିଂଝାରପୁରସ୍ଥିତ ଭକ୍ତି ନିକେତନର ଭକ୍ତି ଭୂଷଣ ଗୋପାଳ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଧର୍ମାଲୋଚନା କରିଥିଲେ। ସୁଶାନ୍ତ କୁମାର ସାହୁ ଓ ସମିତିସଭ୍ୟ ମଧୁସୂଦନ ସାହୁ ଯୋଗଦେଇଥିଲେ। ସଭ୍ୟ ଅକ୍ଷୟ କୁମାର ଜେନା ପରିଚୟ ଓ ବରିଷ୍ଠ ସଭ୍ୟ ବିନୋଦ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ତଳା ପଞ୍ଚାୟତରେ 'ପିଠା' କାର୍ଯ୍ୟକ୍ରମ

**ଚଣ୍ଡିଖୋଲ,୧୬।୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର 'ପିଠା' ଯୋଜନା ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ସରପଞ୍ଚ ମିନାକ୍ଷୀ ମିଶ୍ର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଜ୍ଞାନଦା ନାୟକ, ଜିଲାପରିଷଦ ସଭ୍ୟା ସୁମତୀ ବାସ୍କେ, ସମିତିସଭ୍ୟା ବନିତା ରାଉତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ 'ପିଠା' ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୩ଜଣଙ୍କୁ କଳାକାର ଭତ୍ତା ଓ ୩୯ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇ ସେମାନଙ୍କୁ ବ୍ଲକ ପ୍ରଶାସନ ତରଫରୁ ଭତ୍ତା ପ୍ରଦାନ କରାଯାଇଥିଲା।

### ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା

**କୋରେଇ,୧୬।୧୨(ସ୍ୱ.ପ୍ର.):** ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲରେ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ପ୍ରତିଯୋଗିତାରେ କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତସ୍ଥିତ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଜ୍ଞାନ ଶିକ୍ଷକ ଅଟଳ ବିହାରୀଙ୍କ ମାର୍ଗଦର୍ଶନରେ ଛାତ୍ର ପ୍ରସନ୍ନଜିତ ପାଢ଼ୀ ଓ ଛାତ୍ରୀ ସ୍ମୃତିରେଖା ନାୟକଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ 'ବର୍ଜ୍ୟଫୁଲର ପୁନଃଚକ୍ରଣ' ଜାତୀୟସ୍ତରକୁ ମନୋନୀତ ହୋଇଛି। ଛାତ୍ରୀଛାତ୍ର ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଥିବାରୁ ପ୍ରଧାନଶିକ୍ଷକ ରବୀନ୍ଦ୍ର ବେଉରା, ଜିଲା ଶିଶୁ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ପଣ୍ଡା, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ଶୀତଳ ଭଣ୍ଡାର ଅଭାବ, ପନିପରିବାର ଅଭାବୀ ବିକ୍ରି

ଯାଜପୁର ଅଫିସ,୧୬।୧୨

ଯାଜପୁର ଜିଲାରେ ୧୮ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ଏହି ଜିଲାର ପନିପରିବା ବାହାର ଜିଲା ସମେତ ଦେଶବିଦେଶକୁ ରପ୍ତାନୀ ହେଉଛି। କିନ୍ତୁ ଜିଲା କୃଷି ଓ ଉଦ୍ୟାନ ବିଭାଗର ଦୂରଦର୍ଶିତା ଓ ଆନ୍ତରିକତା ଅଭାବରୁ ଗତ ୫ବର୍ଷ ମଧ୍ୟରେ ଶୀତଳ ଭଣ୍ଡାର ଗୋଟିଏରୁ ୨ ହୋଇପାରି ନାହିଁ। ଯାଜପୁର ଓ କଟକ ଜିଲା ସୀମାନ୍ତ ଛତିଆରେ ଏକମାତ୍ର ବଂଶୀଧର ଶୀତଳ ଭଣ୍ଡାର ରହିଛି। ଜିଲା ଚାଷୀଙ୍କଠାରୁ ତାହା ଦୂର ହେଉଥିବାରୁ ନିଜ କଷ୍ଟୋପାର୍ଜିତ ପନିପରିବାକୁ ଅତି କମ୍ ଦରରେ ଦଲାଲ ହାତରେ ଟେକି ଦେଇ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଏଭଳି ଭାବେ କୃଷିକୁ କିପରି ଉଜାଡ଼ି ଦେବାରେ ଲାଗିଛନ୍ତି ତାହାର ନଗ୍ନ ଉଦାହରଣ ପାଲଟିଛି ଯାଜପୁର ଜିଲା। ଏହାସହ ପନିପରିବା ଚାଷ ପାଇଁ ଅନେକ ଯୋଜନା ରହିଥିଲେ ହେଁ ତାହା କେବଳ କାଗଜକଲମରେ ସୀମିତ ରହୁଛି।

ଜିଲାରେ ସରକାରୀ ନିୟମ ମୁତାବକ ବିନା ଅଧିଗ୍ରହଣରେ ରାମକୋ ଭଳି

**ଯାଜପୁର ଜିଲା**
- ଯାଜପୁର ଓ କଟକ ଜିଲା ସୀମାନ୍ତରେ ରହିଛି ଗୋଟିଏ ଶୀତଳ ଭଣ୍ଡାର
- ୫ ବର୍ଷ ହେଲା ସରୁନି ପାଣିକୋଇଲି ଶୀତଳଭଣ୍ଡାର
- ଶିଳ୍ପକୁ ଅଗ୍ରାଧିକାର, କୃଷିକୁ ଉପେକ୍ଷା

କମ୍ପାନୀ ୧୦୦ରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ଲୋକଙ୍କଠାରୁ ଶାଗମାଛ ଦରରେ ଛଡ଼ାଇ ନେଇଛି। ଏହାବାଦ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପ ସଂସ୍ଥାକୁ ବିପୁଳ ପରିମାଣର ଭୂଖଣ୍ଡ ସୁବିଧାରେ ସରକାର ଶିଳ୍ପପତିଙ୍କୁ ଅଧିଶ୍ୱର କରାଇବାରେ ଲାଗିଛନ୍ତି । ଜିଲାରେ ପ୍ରାକୃତିକ ସମ୍ପଦ ସହ ଖରସ୍ରୋତା, ବ୍ରାହ୍ମଣୀ ଓ ବୈତରଣୀର ଅଜସ୍ର ଜଳରାଶି ଶିଳ୍ପାୟନ ପାଇଁ ଆକର୍ଷଣର ଉପାଦାନ ହୋଇଛି। ହେଲେ ସେହି ଦୁଇନଦୀରୁ ଚାଷ ପାଇଁ ବୁନ୍ଦାଏ ଜଳସେଚନର ବ୍ୟବସ୍ଥା କରିବାରେ



ସରକାର ବିଫଳ ହୋଇଛନ୍ତି। ଏହାବ୍ୟତୀତ ଜିଲାରେ ଆବଶ୍ୟକ ଅନୁସାରେ ଶୀତଳ ଭଣ୍ଡାର ଖୋଲିବାରେ ସରକାର ଆଦୌ ଆଗ୍ରହ ଦେଖାଉ ନାହାନ୍ତି। ସାରା ରାଜ୍ୟରେ ପନିପରିବା ଚାଷ ପାଇଁ ପ୍ରସିଦ୍ଧ ଯାଜପୁର ଜିଲା ଛତିଆରେ ୪,୯୦୦ ଏମଟି କ୍ଷମତା ବିଶିଷ୍ଟ ଏକମାତ୍ର ଶୀତଳ ଭଣ୍ଡାର ରହିଛି। ଅନ୍ୟପକ୍ଷେ ଗତ ୫ବର୍ଷ ହେବ ପାଣିକୋଇଲି ନିକଟରେ ୫ହଜାର ଏମ୍‌ଟି କ୍ଷମତା ବିଶିଷ୍ଟ ନିର୍ମାଣାଧିନ ଶୀତଳ ଭଣ୍ଡାର ଅଧାରେ ଅଟକିଛି। ପ୍ରଶାସନିକ ସହଯୋଗ ଓ ବ୍ୟାଙ୍କର ଆବଶ୍ୟକ ସହାୟତା ଅଭାବରୁ ଏହି ଶୀତଳଭଣ୍ଡାର ଅଧାପନ୍ତରିଆ ଥିବା କୁହାଯାଉଛି। ଏହା ବ୍ୟତୀତ ୩୦ ଏମ୍‌ଟି କ୍ଷମତା ବିଶିଷ୍ଟ ଛୋଟ ଶୀତଳ ଭଣ୍ଡାରଟିଏ ମଧ୍ୟ ଜିଲାରେ ହୋଇପାରି ନାହିଁ। ଯଦ୍ୱାରା ଚାଷୀ ବର୍ଷର ଅଧିକାଂଶ ସମୟରେ ଅଭାବି ବିକ୍ରିର ଶିକାର ହୋଇଥାନ୍ତି। ଧର୍ମଶାଳା, ରସୁଲପୁର, ବଡଚଣା, ସୁକିନ୍ଦା, ଦଶରଥପୁର, ବିଞ୍ଝାରପୁର ବ୍ଲକରେ ସର୍ବାଧିକ ପନିପରିବା ଚାଷ ହେଉଛି। ବାରବାଟୀ ବଜାରର ପନିପରିବା ହାଟ ପାଇଁ ପ୍ରସିଦ୍ଧି ରହିଛି । ବିଭିନ୍ନ ଯୋଜନା ସମେତ ପରିବା ସଂରକ୍ଷଣ ପାଇଁ ପ୍ୟାକିଂ ଗୃହ ନିର୍ମାଣ, ୩୦ ମେଟ୍ରିକଟନ କ୍ଷମତା ବିଶିଷ୍ଟ ଶୀତଳିକରଣ ଗୃହ, ୬ ଟନ କ୍ଷମତା ବିଶିଷ୍ଟ ପ୍ରାକ୍ ଶୀତଳିକରଣ ପ୍ରକଳ୍ପ, ସମନ୍ୱିତ ପ୍ୟାକିଂ ଗୃହ, ଭ୍ରାମ୍ୟମାଣ ପ୍ରାଥମିକ ଶୀତଳିକରଣ ପ୍ରକଳ୍ପ, ସର୍ବାଧିକ ୫ହଜାର ମେଟ୍ରିକଟନ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ/ପ୍ରଶସ୍ତୀକରଣ/ଉନ୍ନତିକରଣ ପ୍ରଭୃତି ଯୋଜନା ରହିଛି। ହେଲେ ଏହିସବୁ ଯୋଜନା ଜିଲାରେ କେବଳ କାଗଜକଲମରେ ସୀମିତ ରହୁଛି । ଚାଷୀ ଧୋଇଧର ନାଏକ, ଶ୍ରୀଧର ବାରିକ, ବିଭୁପ୍ରସାଦ ପଣ୍ଡା, ରବୀନ୍ଦ୍ର ବେହେରା, ଅକ୍ଷୟ ବେହେରା ପ୍ରମୁଖ କୁହନ୍ତି, ଏବେ ଗୋଟିଏ ଫୁଲ କୋବିକୁ ୬/୭ ଟଙ୍କା ଦରରେ ବିକ୍ରି କରିବାକୁ ପଡୁଛି । ଯଦି ନିକଟରେ ଶୀତଳ ଭଣ୍ଡାର ଥାଆନ୍ତା ସେଠାରେ ପରିବା ସଂରକ୍ଷଣ କରି ଠିକ ସମୟରେ ଉପଯୁକ୍ତ ଦରରେ ବିକ୍ରି କରି ପାରନ୍ତୁ, କିନ୍ତୁ ଜିଲାରେ ଶୀତଳ ଭଣ୍ଡାର ନ ଥିବାରୁ ଶାଗମାଛ ଦରରେ ପରିବା ବିକ୍ରି କରି ସର୍ବସ୍ୱାନ୍ତ ହେଉଛୁ। ଏ ସଂକ୍ରାନ୍ତରେ ଉଦ୍ୟାନ ବିଭାଗର ସହନିର୍ଦ୍ଦେଶକ ଲୋକନାଥ ଜେନାଙ୍କୁ ପଚାରିବାରୁ, ପାଣିକୋଇଲିରେ ଅନ୍ୟ ଏକ ଶୀତଳଭଣ୍ଡାର ନିର୍ମାଣାଧୀନ ରହିଛି । କ୍ଷୁଦ୍ର ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଚାଷୀଙ୍କୁ ପ୍ରବର୍ତ୍ତାଯାଉଛି । ହେଲେ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଯଦ୍ୱାରା ଶୀତଳ ଭଣ୍ଡାର ଏଠାରେ ଆବଶ୍ୟକ ଥିଲେ ସୁଦ୍ଧା ସମ୍ଭବ ହୋଇପାରୁ ନାହିଁ।

## ଅଗ୍ନିକାଣ୍ଡରେ ୩ ଆହତ

ରସୁଲପୁର,୧୬।୧୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ରବିବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ପରିବାରର ୩ଜଣ ସଦସ୍ୟ ଆହତ ହୋଇଥିବା ବେଳେ ୨ଜଣ ଗୃହପାଳିତ ପଶୁ ପୋଡି ହୋଇଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ବିଦ୍ୟୁତ୍ ଶର୍ଟସର୍କିଟ ବୋଲି ଜଣାପଡିଛି। କୃଷ୍ଣ ମହାକୁଡଙ୍କ ଗୁହାଳରେ ପ୍ରଥମେ ନିଆଁ ଲାଗି ଯାଇଥିଲା। ଗୁହାଳେ ଥିବା ଗୃହପାଳିତ ପଶୁଙ୍କ ପାଇଁ ବିପଦ ସୃଷ୍ଟି ହେଉଥିବା ଦେଖି କୃଷ୍ଣ, ତାଙ୍କ ଦୁଇ ପୁଅ ଶତ୍ରୁଘ୍ନ ଓ ଶରତ ଗୁହାଳରେ ପଶି ଗାଈଗୋରୁଙ୍କୁ ବାହାରକୁ ଆଣୁଥିଲେ। ଏହି ସମୟରେ ନିଆଁ ଝୁଲ ସେମାନଙ୍କ ମୁଣ୍ଡ ଓ ହାତରେ ପଡିବାରୁ ସେମାନେ ଆହତ ହୋଇଥିଲେ। ଏପରି କି ଗୋରୁଗାଈଙ୍କ ଉପରେ ନିଆଁ ପଡିବାରୁ ସେମାନେ ବି ଆହତ ହୋଇଛନ୍ତି। ଏଥିସହ ପରିବାରର କେତେକ ମୂଲ୍ୟବାନ ଆସବାସପତ୍ର ପୋଡି ଯାଇଛି। ଏ ସମ୍ପର୍କରେ ରସୁଲପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଗରିବ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।

### ଯୁକ୍ତ ୨ ଆନ୍ତଃମହାବିଦ୍ୟାଳୟ ଜୋନାଲ କବାଡ଼ି ପ୍ରତିଯୋଗିତା

## 'କ୍ରୀଡ଼ା ପ୍ରତି କ୍ଷୁଧା ରହିଲେ ସଫଳ କ୍ରୀଡ଼ାବିତ ହେବା ସମ୍ଭବ'

ବିରଜାକ୍ଷେତ୍ର,୧୬।୧୨(ଡି.ଏନ୍.ଏ)

ଯାଜପୁରସ୍ଥିତ ଚିତାଲୋ ମହାବିଦ୍ୟାଳୟରେ ଚଳିତ ବର୍ଷ ରାଜ୍ୟର ଯୁକ୍ତ ୨ ଆନ୍ତଃମହାବିଦ୍ୟାଳୟର ପୁରୁଷ କବାଡ଼ି ପ୍ରତିଯୋଗିତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କବାଡ଼ି ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ୧୬ଟି ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାକୁ ୨ଟି ଜୋନରେ ବିଭକ୍ତ କରାଯାଇଥିଲା। ପ୍ରଥମ କବାଡ଼ି ଜୋନାଲ ଫାଇନାଲରେ ଜେନାପୁର କଲେଜକୁ ହରାଇ ଏନ୍‌ସି କଲେଜ ଚାମ୍ପିୟନ ହୋଇଥିଲା ଓ ଅନ୍ୟଟିରେ ମଧୁବନ କଲେଜକୁ ହରାଇ ମା' ତାରିଣୀ କଲେଜ, ପାଣିକୋଇଲି ଚାମ୍ପିୟନ ହୋଇଥିଲା। ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିତାଲୋ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ବଦ୍ରୀନାରାୟଣ ରାୟ ଯୋଗଦେଇ କ୍ରୀଡ଼ା ପାଇଁ କ୍ଷୁଧା ରହିଲେ ଜଣେ ସଫଳ କ୍ରୀଡ଼ାବିତ୍ ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିବା ବେଳେ ସମ୍ମାନିତ ଅତିଥି ଭାବେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସୁତାର ଓ ଅନ୍ୟତମ ଅତିଥି ଭାବେ ଚିତାଲୋ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଚାମ୍ପିୟନ ହୋଇଥିବା ଖେଳାଳିଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି କବାଡ଼ି ପ୍ରତିଯୋଗିତାକୁ କୃଷ୍ଣକାନ୍ତ ପଣ୍ଡା, ପ୍ରଭାକର ରାଉତ, କରୁଣାକର ମାଝି, ସୁନିତ୍ କୁମାର ସେଠୀ, ସୁରେଶ ଚନ୍ଦ୍ର ସାହୁ, ବଦ୍ରିନାରାୟଣ ଦଳାଇ, ପ୍ରକାଶ ଲାଲା ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ରେଫରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ସଂସଦ ଉପସଭାପତି ପ୍ରବୀର କୁମାର ବରାଳ ଓ କ୍ରୀଡ଼ା ଶିକ୍ଷକ ଜ୍ୟୋର୍ତିମୟ ନାଥଶର୍ମା ଓ ଲୋକନାଥ ମହାପାତ୍ର ସମସ୍ତ ଖେଳକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

### ଚୋରି ଉଦ୍ୟମ ପଣ୍ଡ

## ବାଇକ, ସୁନା, ମାରଣାସ୍ତ୍ର ଜବତ, ୨ କୋର୍ଟ ଚାଲାଣ

ଚଣ୍ଡିଖୋଲ,୧୬।୧୨(ଡି.ଏନ.ଏ.)

ବଡ଼ଚଣା ଥାନା ଅଧୀନ ଦେଉଳକୁର ଗ୍ରାମରେ ଶନିବାର ଅପରାହ୍ଣରେ ଅଜିତ ସାମଲଙ୍କ ଘରେ ପଶି ୨ଜଣ ଯୁବକ ଚୋରି ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିଲେ। ଏ ନେଇ ଅଜିତ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(୨୫୯/୧୮) ରୁଜୁ କରିବା ସହ ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସୋମନଙ୍କ ନାମରେ ଏକାଧିକ ମାମଲା ରହିଥିବା ବେଳେ ପୋଲିସ ଗୋଟିଏ ବାଇକ, ସୁନାଚେନ, ଭୁଜାଲି, ଶାବଳ ସହ ୫ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ପୁରୀଘାଟ ଥାନା ଅନ୍ତର୍ଗତ ବାଙ୍କିସାହିର ପ୍ରତାପ ସେଠୀ(୩୨) ଓ ଜଗତପୁର ଥାନା ଲକ୍ଷ୍ମଣପୁର ଗ୍ରାମର ପ୍ରଶାନ୍ତ ସାମଲ(୨୪)। ଘଟଣାରୁ ପ୍ରକାଶ ଯେ, ଶନିବାର ଅଜିତ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶିଥିଲେ। ହଠାତ୍ ଅଜିତ ଘରେ ପହଞ୍ଚିଯିବାରୁ ଦୁଇ ଦୁର୍ବୃତ୍ତ ଭୁଜାଲି ଓ ଶାବଳରେ ଆକ୍ରମଣ ଉଦ୍ୟମ କରିଥିଲେ। ଅଜିତ୍ ଚୋର ଚୋର କହି ଚିତ୍କାର କରିବାରୁ ଗ୍ରାମର କେତେଜଣ ଯୁବକ ସେଠାରେ ପହଞ୍ଚି ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

### ୬୪ତମ ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବ ଆରମ୍ଭ

## ଗଜ ଉଦ୍ଧାରଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ

ରସୁଲପୁର,୧୬।୧୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ବିଜୁ ଗ୍ରାମୀଣ ବଜାରଠାରେ ପାରମ୍ପାରିକ ପ୍ରସିଦ୍ଧ ୬୦ତମ ଗଜ ଉଦ୍ଧାରଣ ପୂଜା ରବିବାର ସନ୍ଧ୍ୟାରୁ ମହାଡମ୍ବରରେ ଆରମ୍ଭ ହୋଇଛି। ଧନୁ ସଂକ୍ରାନ୍ତିଠାରୁ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଏହି ପୂଜା ବର୍ଷବର୍ଷ ଧରି ପାଳନ କରାଯାଇ ଆସୁଛି । ଏହି ଅବସରରେ ପ୍ରଭୁ ଲକ୍ଷ୍ମୀନାରାୟଣ ଗଜ ଉଦ୍ଧାରଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଉକ୍ତ ପୂଜା ଉତ୍ସବ ସକାଶେ ସନ୍ଧ୍ୟାରେ ଘଟ ସ୍ଥାପନ କରାଯାଇଛି । ଉକ୍ତ କାର୍ଯ୍ୟ ସମ୍ପନ୍ନ ସକାଶେ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଓରାଳି ପୁଷ୍କାରଣୀରୁ ଜଳ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଭୁଙ୍କ ଚଳନ୍ତି ପ୍ରତିମାକୁ ଏକ ପାଲିଙ୍କିରେ ବସାଇ ବଜାର ପରିକ୍ରମା କରାଯାଇଥିଲା। ଘଣ୍ଟଘଣ୍ଟା, ମାଦଳ, ଦୁନ୍ଦୁଭି, ସଙ୍କୀର୍ତ୍ତନ ମଣ୍ଡଳିଙ୍କ ତାଳେ ତାଳେ କଳସଧାରୀମାନେ ପୂଜା ମଣ୍ଡପ ନିକଟରେ ପହଞ୍ଚି ଥିଲେ । ପୂଜାବିଧି ପାରମ୍ପାରିକ ରୀତିନୀତି ସହ ପାଳନ ହେଉଛି। ପ୍ରଭୁଙ୍କ ମୃଣ୍ମୟ ମୂର୍ତ୍ତିକୁ ଚକ୍ଷୁଦାନ କରାଯିବ । ଏଥିସହ ପୂଜା ମଣ୍ଡପରେ ଷୋଡଶ ଉପଚାର ପୂଜା, ହୋମଯଜ୍ଞ, ନାମ ସଂକୀର୍ତ୍ତନ, ଗୀତାପାଠ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହେଉଛି। ନାରାୟଣ ଚନ୍ଦ୍ର ସାହୁ କର୍ତ୍ତା ଭାବେ କାର୍ଯ୍ୟ ଭାର ତୁଲାଉଥିବା ବେଳେ ପୂଜା କମିଟି ସଭାପତି ବନୋଜ ସ୍ୱାଇଁ ଓ ସମ୍ପାଦକ ନାରାୟଣ ମହାପାତ୍ର ଓ କମିଟିର ଅନ୍ୟ ସମସ୍ତ କର୍ମକର୍ତ୍ତା ପୂଜା କାର୍ଯ୍ୟକୁ ସୂଚାରୁ ରୂପେ ପାଳନ କରିବାରେ ସହାୟତା କରୁଛନ୍ତି। ପୂଜା ଅବସରରେ ଲକ୍ଷ୍ମୀ ନାରାୟଣ ପେଣ୍ଡାଲରେ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



କୁଆଖିଆ ବଜାରରେ ପୂଜା ପାଉଛନ୍ତି ଲକ୍ଷ୍ମୀ ନାରାୟଣ।

## ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବିରଜାକ୍ଷେତ୍ର,୧୬।୧୨(ଡି.ଏନ୍.ଏ):** ଯାଜପୁର ସହରସ୍ଥିତ ଦଶାଶ୍ୱମେଧ ଘାଟ ନିକଟସ୍ଥ ବୈତରଣୀ ନଦୀରେ ରବିବାର ଜଣେ ଯୁବକଙ୍କ ମୃତଦେହ ଭାସୁଥିବାବେଳେ ଦମକଳ ବାହିନୀ ଉଦ୍ଧାର କରିଛନ୍ତି। ଯାଜପୁର ସହର ବିବିସରାଇ ଅଞ୍ଚଳର ନୀର ବାରିକଙ୍କ ପୁଅ ସନା ଗତ ଦୁଇଦିନ ପୂର୍ବେ କୌଣସି କାରଣରୁ ଘରୁ ପଳାଇ ଯାଇଥିଲେ। ରବିବାର ସକାଳୁ ବୈତରଣୀ ନଦୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରବର୍ଗ ଓ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ସହ ଅଗ୍ନିଶମ ବିଭାଗ ସାହାଯ୍ୟରେ ସନାଙ୍କ ମୃତଦେହକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଛି।

## ହମ୍‌ଦର୍ଦ୍ଦ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ

**ବିରଜାକ୍ଷେତ୍ର,୧୬।୧୨(ଡି.ଏନ୍.ଏ):** ଯାଜପୁର ବ୍ଲକସ୍ଥିତ ଖଇରାବାଦ ପଞ୍ଚାୟତରେ ହମ୍‌ଦର୍ଦ୍ଦ କ୍ରିକେଟ୍ କ୍ଲବ୍ ପକ୍ଷରୁ ରବିବାର ଏକ ଦିନିକିଆ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଖଇରାବାଦ ଓ ବ୍ରହ୍ମବରଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ କରିଥିଲା। ୧୦୪ ରନ୍‌ର ପିଛାକରି ବ୍ରହ୍ମବରଦା କ୍ରିକେଟ୍ କ୍ଲବ୍ ସମସ୍ତ ଉଇକେଟ୍ ହରାଇ ୮୪ ରନ୍ ସଂଗ୍ରହ କରିଥିଲା। ୨୦ ରନ୍ ବ୍ୟବଧାନରେ ବ୍ରହ୍ମବରଦାକୁ ହରାଇ ଖଇରାବାଦ ଚାମ୍ପିୟନ ହୋଇଥିଲା। ଖଇରାବାଦ କ୍ରିକେଟ୍ କ୍ଲବ୍‌ର ପରେଶ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଏହି ଟୁର୍ନାମେଣ୍ଟକୁ ସେକ୍ ଇଜାଜ ମହମ୍ମଦ ଓ ସାୟକ ସାହା ମହମ୍ମଦ ଅମ୍ପାୟାରଭାବେ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଖେଳାଳିଙ୍କୁ ସାମାଜିକ କର୍ମୀ ସେକ୍ ସଲାଉଦ୍ଦିନ୍ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟକୁ କୁନିଆ କର, ସେକ୍ ଅଲି ବକ୍ସ, ସୋଏଲ ଖାନ, ସଲମାନ ଖାନ, ରାଜା, ଅହମ୍ମଦ ରାଜା ଖାନ, ସୁଲତାନ ଖାନ, ସେକ୍ ଶାହାରୁଖ, ସେକ ରିଆଜ, ସେଖ୍ ଶଫିଉଦ୍ଦିନ, ନିଜାମ ଖାନ, ଚାନ୍ଦ ଖାନ, ଅବୁତାନ ଖାନ, ସେକ ସୁଫିଆନ, ସଦ୍ଦାମ ଖାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଗୋକୁଳାନନ୍ଦ ରାଉତ ଓ ବିଜୟ ପୃଷ୍ଟି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ନାମେଣ୍ଟ

## ସ୍କାନ ଭୁବନେଶ୍ୱର ଚାମ୍ପିୟନ

ରସୁଲପୁର,୧୬।୧୨(ଡିଏନଏ)

ଯାଜପୁର ବ୍ଲକ ଝାଲପଡା ପଞ୍ଚାୟତ ଅନ୍ତର୍ଗତ କାକୁଡିକୁଦ-ନିଳକଣ୍ଠପୁର ଗ୍ରାମ ୩୫ତମ ସତ୍ୟସାଇ କପ୍-୨୦୧୮ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଶେଷ ମ୍ୟାଚରେ ସ୍କାନ ଭୁବନେଶ୍ୱର କ୍ରିକେଟ ଦଳ ସହିଦ୍ ସ୍ପୋର୍ଟିଂ-ଭୁବନେଶ୍ୱରକୁ ୪୩ ରନରେ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ସ୍କାନ କ୍ରିକେଟ କ୍ଲବ ଭୁବନେଶ୍ୱର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୨ ଓଭରରେ ୮ ୱିକେଟ୍ ହରାଇ ୨୦୬ ରନ କରିଥିଲା। ଜବାବରେ ଶହୀଦ୍ ସ୍ପୋର୍ଟିଂ-ଭୁବନେଶ୍ୱର ୨୦.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୩ ରନ କରି ପରାଜୟ ବରଣ କରିଥିଲା। ବିପକ୍ଷ ଦଳର ବୋଲର ସୁକାନ୍ତ ଦାସ ୩ଟି ଉଇକେଟ୍ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ଏବଂ କାହ୍ନା ମହାନ୍ତିଙ୍କୁ ମ୍ୟାନ୍ ଅଫ ଦି ସିରିଜରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମ୍ୟାଚ ପରିଚାଳକ ରମେଶ ଚନ୍ଦ୍ର ମହାରଣା, ଶରତ ଚନ୍ଦ୍ର ଜେନା ଓ ଭାଷ୍ୟକାର ସରୋଜ ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ସଙ୍ଗଠକ ପ୍ରିୟନାଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଟ୍ରଫି ପ୍ରଦାନ ଉତ୍ସବରେ ଝାଲପଡା ସରପଞ୍ଚ ନିର୍ମଳ ଚନ୍ଦ୍ର ସାମଲ ମୁଖ୍ୟ ଅତିଥି, ସମିତି ସଭ୍ୟା ପ୍ରଭାତୀ ସାହୁ, କାଶିନାଥ ବେହେରା, କଳ୍ପନା ସାହୁ, ପତିତପାବନ ସାମଲ, ସୁରେନ୍ଦ୍ର ରାଉତ୍, ଲକ୍ଷ୍ମଣ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଯୁବ ସଙ୍ଗଠକ ନିରଂଜନ ଦାସ, ରତିକାନ୍ତ ରାଉତ, ଦିଲୀପ୍ ଜେନା, ରଂଜିତ୍ ନାୟକ, ସୁକଦେବ ବିଶ୍ୱାଳ, ଆଲୋକ ବିଶ୍ୱାଳ, ନିରଞ୍ଜନ ଗନ୍ତାୟତ, ବିଭୂତି ଭୂଷଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ୨୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ପଡ଼ିଆ ଚତୁଃପାର୍ଶ୍ୱରେ ଉପସ୍ଥିତ ରହି ଖେଳର ଭରପୁର ମଜା ନେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

### ଗଠନ ହେଲାନି ଶିଶୁ ସୁରକ୍ଷା ଟାସ୍କ ଫୋର୍ସ

## ଶିଶୁ ଶ୍ରମିକମୁକ୍ତ ଜିଲା ଗଠନ ସ୍ୱପ୍ନ ଅଧୁରା

ବିରଜାକ୍ଷେତ୍ର,୧୬।୧୨(ଡି.ଏନ୍.ଏ)

ରାଜ୍ୟ ସରକାର ପ୍ରତ୍ୟେକ ଜିଲାରେ ଶିଶୁ ଶ୍ରମିକଙ୍କ ସୁରକ୍ଷା ପାଇଁ ଟାସ୍କ ଫୋର୍ସ ଗଠନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଟାସ୍କ ଫୋର୍ସ ଜରିଆରେ ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଇଟାଭାଟି ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ଥଇଥାନ କରିବା ସହ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ରାଜ୍ୟ ସରକାରଙ୍କ ଯୋଜନା ଥିଲା। ଜିଲା ଶ୍ରମ ବିଭାଗ ଅଧିକାରୀଙ୍କ ଅଧକ୍ଷତାରେ ଏହି ଶିଶୁ ସୁରକ୍ଷା ଟାସ୍କ ଫୋର୍ସ ଗଠନ ହେବ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲା। ମାତ୍ର ଯାଜପୁର ଜିଲାରେ ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶକୁ ଜିଲା ଶ୍ରମ ବିଭାଗ ଅବମାନନା କରୁଥିବା ଦେଖିବାକୁ ମିଳିଛି। ଜିଲାରେ ୩ବର୍ଷ ହେବ ଶିଶୁ ଶ୍ରମିକ ସୁରକ୍ଷା ଟାସ୍କ ଫୋର୍ସ ଗଠନ ହୋଇନାହିଁ। ଯଦ୍ୱାରା ଜିଲାର ବିଭିନ୍ନ ଘରୋଇ ପ୍ରତିଷ୍ଠାନରେ ଶିଶୁମାନେ ଶ୍ରମିକଭାବେ କାର୍ଯ୍ୟ କରୁଛନ୍ତି। ଯଦ୍ୱାରା ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ସ୍ୱପ୍ନ ଅଧୁରା ରହିଯାଇଛି।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ କିଛିଦିନ ପୂର୍ବେ ଯାଜପୁର ଜିଲାକୁ ଶିଶୁ ଶ୍ରମିକ ବିହୀନ ଜିଲାଭାବେ ଗଠନ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଥିଲା। ଜିଲା ଦିବ୍ୟାଙ୍ଗ କମିଟି ଜିଲା ପ୍ରଶାସନର ଏହି ପ୍ରୟାସକୁ ସମର୍ଥନ କରିବା ସହ ସାମିଲ ହୋଇଥିଲା। ଫଳରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିଲା। ଜିଲାର ଶିଶୁ ଶ୍ରମିକ ଉଦ୍ଧାର କରିବାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ନିରଞ୍ଜନ କରଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ଯାଜପୁର ଜିଲା ପୋଲିସ ଜିଲା ପ୍ରଶାସନକୁ ସହଯୋଗ କରି ଶିଶୁ ଶ୍ରମିକ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା। ମାତ୍ର ଶିଶୁ ଶ୍ରମିକ ଉଦ୍ଧାର ପାଇଁ ଟାସ୍କ ଫୋର୍ସ ଗଠନ ହୋଇ ନ ଥିବାରୁ ଏହି ଉଦ୍ଧାର କାର୍ଯ୍ୟକ୍ରମ ଶିଥିଳ ପଡ଼ିଯାଇଥିଲା। ବିଭିନ୍ନ ସମୟରେ ଶିଶୁ ସୁରକ୍ଷା ଟାସ୍କ ଫୋର୍ସ ଗଠନ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଜିଲା ଦିବ୍ୟାଙ୍ଗ କମିଟି ଜିଲା ଶ୍ରମ ଅଧିକାରୀଙ୍କୁ ଅନୁରୋଧ କରିଥିଲା। ଏପରିକି ଶ୍ରମ ଅଧିକାରୀଙ୍କୁ ବାରମ୍ବାର ସାକ୍ଷାତ କରି ଟାସ୍କ ଫୋର୍ସ ଗଠନ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦିବ୍ୟାଙ୍ଗ କମିଟି ସହ ଜିଲାର ବହୁ ସଚେତନ ନାଗରିକ ଅନୁରୋଧ କରିଥିଲେ। ମାତ୍ର ଶ୍ରମ ଅଧିକାରୀ ଅନୁରୋଧ ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ବର୍ତ୍ତମାନ ଯାଜପୁର ଜିଲାରେ ଶିଶୁ ଶ୍ରମିକ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଏପରିକି କାର୍ଯ୍ୟରତ ଶିଶୁ ଶ୍ରମିକଙ୍କୁ ବିଭିନ୍ନ ହୋଟେଲ, ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ପ୍ରତିଷ୍ଠାନ, ଠିକାଦାର ସଂସ୍ଥା ଓ ଇଟାଭାଟି ପ୍ରଭୃତି ସ୍ଥାନରେ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଜିଲାର ବିଭିନ୍ନ ପୋଲିସ ଥାନା ଓ ଶିଶୁ ସୁରକ୍ଷା ୟୁନିଟ୍ ଯଦିଓ ବିଭିନ୍ନ ଜାଗାରେ ଚଢ଼ାଉ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରୁଛି ତାହା ଯଥେଷ୍ଟ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଜିଲାରେ ଶିଶୁ ଶ୍ରମିକ ସୁରକ୍ଷା ଟାସ୍କ ଫୋର୍ସ ଗଠନ ହୋଇ ନ ଥିବାରୁ ଚଢ଼ାଉ ଜୋରଦାର ହୋଇପାରୁ ନାହିଁ। ଯାହାକି ଯାଜପୁର ଜିଲା ଶିଶୁ ଶ୍ରମିକ ମୁକ୍ତ ଜିଲାଭାବେ ଗଢ଼ି ତୋଳିବାର ସ୍ୱପ୍ନ ଧୀରେ ଧୀରେ ଦୂରେଇ ଯାଉଥିବା ପରିଲକ୍ଷିତ ହେଉଛି। ଜିଲାରେ ଶିଶୁ ଶ୍ରମିକ ସୁରକ୍ଷା ଟାସ୍କ ଫୋର୍ସ ତୁରନ୍ତ ଗଠନ କରିବା ଓ ନିର୍ଯ୍ୟାତିତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲା ଶ୍ରମ ବିଭାଗ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଜିଲା ଦିବ୍ୟାଙ୍ଗ କମିଟିର ସଭାପତି ତଥା ଯାଜପୁର ହେବ ଶିଶୁ ଶ୍ରମିକମୁକ୍ତ ଅଭିଯାନର ଆବାହକ ମଣ୍ଟୁ ଦାସ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଶିବଶଙ୍କର ମିଶ୍ରଙ୍କୁ ପଚାରିବାରେ, ଜିଲାରେ ଶିଶୁ ଶ୍ରମିକ ସୁରକ୍ଷା କମିଟି ଗଠନ ହୋଇଛି, ମାତ୍ର ବୈଠକ ହୋଇ ନ ଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି କହିଛନ୍ତି।

**ଯାଜପୁର ଜିଲା**
- ବିପଜ୍ଜନକ ସ୍ଥାନରେ କାମ କରୁଛନ୍ତି ଶିଶୁ ଶ୍ରମିକ
- ଅସୁରକ୍ଷିତ ସେମାନଙ୍କ ଜୀବନ
- ଜିଲା ଦିବ୍ୟାଙ୍ଗ କମିଟିର ଆନ୍ଦୋଳନ ଚେତାବନୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଡିସେମ୍ବର, ୨୦୧୮



ଯେକୌଣସି ସୁକାର୍ଯ୍ୟ କରିବାକୁ ଗଲାବେଳେ, ବହୁ ଶତ୍ରୁ ଉପସ୍ଥିତ ହୋଇ ବହୁ ଅନିଷ୍ଟ କରନ୍ତି। ସେମାନଙ୍କ ସହିତ ପ୍ରକୃତ ମୁକାବିଲା କରି ଆଗେଇ ଚାଲ, ଦେଖିବ ତୁମ କାର୍ଯ୍ୟ ନିଶ୍ଚୟ ସଫଳ ହେବା।
- ଲର୍ଡ ବିଲ୍ ଜନ୍‌ସନ



## ସଂକ୍ଷେପରେ

### ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ବୈଠକ

**ବରୀ,୧୬।୧୨(ସ୍ୱ.ପ୍ର.):** ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ୨୦ତମ ବାର୍ଷିକ ବୈଠକ ରବିବାର ଅଲିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉନ୍ନୟନ ପରିଷଦ ସଭାପତି କୁଳମଣି ଶୁକ୍ଳ ସଭାପତିତ୍ୱ କରିଥିଲେ। ବରୀକୁ ନିଶାମୁକ୍ତ, ଜମିକୁ ଜଳ ଯୋଗାଣ, ବ୍ରାହ୍ମଣୀକୁ ଚିରସ୍ରୋତା, ଫସଲ ହାନିର ଭରଣା, ବର୍ଷାଦିନେ ଜମିରୁ ଜଳ ନିଷ୍କାସନ ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ପ୍ରତିକାର ପାଇଁ ଦାବି କରାଯାଇଛି। ଗଗନ ବିହାରୀ ସାମଲ, ଦୁର୍ଯ୍ୟୋଧନ ଶତପଥୀ, କାହ୍ନୁଚରଣ ବେହୁରା, ବନ୍ଦିତା ଦାସ, ପ୍ରଶାନ୍ତ ପଢ଼ିଆରୀ, ପ୍ରଶାନ୍ତ ବେଉରିଆ ପ୍ରମୁଖ ଶତାଧିକ ସାମାଜିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଭାଜପାରୁ ଇସ୍ତଫା ଦେଲେ ସୁଷମା



**କୋରେଇ,୧୬।୧୨(ସ୍ୱ.ପ୍ର.):** ଗତ ପଞ୍ଚାୟତ ନିର୍ବାଚନରେ ତୁଳତୀ ପଞ୍ଚାୟତରୁ ସୁଷମା ଦାସ କଂଗ୍ରେସରୁ ପ୍ରାର୍ଥୀ ହୋଇ ସମିତିସଭ୍ୟା ହୋଇଥିଲେ। ହେଲେ କିଛିଦିନ ପରେ ସେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। କିନ୍ତୁ ଭାଜପାରେ ତାଙ୍କୁ ଅବହେଳା କରାଯାଉଥିବା କହି ରବିବାର ଦଳରୁ ଇସ୍ତଫା ଦେଇଛନ୍ତି।

### ଏନ୍‌ଏସ୍‌ଏସ୍ ପକ୍ଷରୁ ସଫେଇ

**କୋରେଇ,୧୬।୧୨(ସ୍ୱ.ପ୍ର.):** କୋରେଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧାପକ ବିବେକାନନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ମୋହନ ଚରଣ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଜୟ ପରିଡ଼ା, ନନ୍ଦ ମଲିକ, ବୁଲା ପରିଡ଼ା, ଅନିଲ ଖୁଣ୍ଟିଆ, ରଜତ ସାହୁ, ସଞ୍ଜିତ ରାଉତ, ଶ୍ରୀକାନ୍ତ ମଲିକ, ଭାସ୍କର ସେଠୀ, ଶ୍ରୀକାନ୍ତ ଶତପଥି, ରଂଜିତ ବୋଇତାଇ, ଚିନ୍ମୟ ବେହେରା, ରତିକାନ୍ତ ସେଠୀ, ଚିନ୍ମୟ ମଲିକ, ନିଲେସ ରଞ୍ଜନ ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତାଜ୍ଞାନ ପ୍ରତିଯୋଗିତା

**ସିଂହପୁର,୧୬।୧୨(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନଛିପୁରସ୍ଥିତ ନୀଳାଦ୍ରୀ ବିହାର କମିଟି ଆନୁକୂଲ୍ୟରେ ରବିବାର ୩ୟ ଶ୍ରୀମଦ୍ ଭଗବତ୍ ଗୀତାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରୀ ବିହାର ସେବାଧକ୍ଷ ଭକ୍ତ ନିରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବିଞ୍ଝାରପୁର ବ୍ଲକର ୩୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରୁଣେଇ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନନ୍ଦିତା ଗୁରୁ ପ୍ରଥମ, ଇତିନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସୌଭାଗ୍ୟ ସାମଲ, ଦେବଦତ୍ତ ସାହୁ, ସ୍ୱାତୀ ପ୍ରଜ୍ଞା ନାଥ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଆସନ୍ତା ୨୦ ତାରିଖରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

### ମଦମୁକ୍ତ ଓଡ଼ିଶା ଦାବିରେ ଶୋଭାଯାତ୍ରା

**ଡୁବୁରୀ, ୧୬।୧୨(ଡି.ଏନ୍.ଏ.):** ମଦ ମୁକ୍ତି ଯୁବ ବାହିନୀ ପକ୍ଷରୁ ରବିବାର ଏକ ମଦ ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡୁବୁରୀ ଛକରୁ ବିଭିନ୍ନ ମଦ ବିରୋଧ 1 ସ୍ଲୋଗାନ ସହ ସଂଖ୍ୟାଧିକ ଯୁବକ ଏକ ଶୋଭାଯାତ୍ରାରେ ବାହାରି ଡୁବୁରୀ ମନ୍ଦିର ଛକ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ବାହିନୀ ପକ୍ଷରୁ ଦାବି କରାଯାଇଛି। ବିଶ୍ୱଜିତ୍ ମହାନ୍ତି, ପ୍ରଶନ୍ନ ସାହୁ, ଉଦୟ ଧଳ, ପୁଷ୍ପଲତା ଜେନା ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନିୟମିତତା

# ପୂର୍ତ୍ତ ବିଭାଗ ନାଁରେ ଅର୍ଥ ହଡ଼ପ ଉଦ୍ୟମ

**ଚଣ୍ଡିଖୋଲ,୧୬।୧୨(ଡି.ଏନ.ଏ.)**



**ବଡ଼ଚଣା ବ୍ଲକ**

- ୫ କିମି ୫୦ ମିଟର ରାସ୍ତା ପାଇଁ ୨.୧୪ କୋଟି ବ୍ୟୟ ଅଟକଳ
- ଠିକାଦାର ନିମ୍ନମାନର କାମ କରୁଥିବା ଅଭିଯୋଗ

ବଡ଼ଚଣା ବ୍ଲକ ଅଧୀନରେ କାର୍ଯ୍ୟ କରୁଥିବା ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡରେ ବ୍ୟାପକ ଅନିୟମିତତା ହୋଇଛି। ପୂର୍ତ୍ତ ବିଭାଗ ନିର୍ମାଣ କରିଥିବା ରାସ୍ତାର ସମାନ ନାମକରଣ କରି ଟଙ୍କା ହଡ଼ପ କରିବାକୁ ଉଦ୍ୟମ ହେଉଥିବା ଜଣାପଡ଼ିଛି। ଉକ୍ତ ବ୍ଲକ ଅନ୍ତର୍ଗତ କୃଷ୍ଣଦାସପୁରଠାରୁ ରତ୍ନଗିରି ପର୍ଯ୍ୟନ୍ତ ଦୀର୍ଘ ୨୧ କିମି ରାସ୍ତା ପୂର୍ତ୍ତ ବିଭାଗ ଗତ ୨୬ ବର୍ଷ ତଳେ ନିର୍ମାଣ କରିଥିଲା ବେଳେ ଏହାର ମରାମତି ବାବଦରେ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ଜାରକା ଡିଭିଜନ ଓ ଚଣ୍ଡିଖୋଲ ସବ୍‌ଡିଭିଜନର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଗତ ମାର୍ଚ୍ଚରେ ମାଣ୍ଡୁକାଠାରୁ ଧାଉଡ଼ିଆପଦା ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏହାର ନାମକରଣ କୃଷ୍ଣଦାସପୁର-ରତ୍ନଗିରି କରାଯାଇଛି। ଏହି ରାସ୍ତା ପାଇଁ ୨ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା ବେଳେ ୫ କିମି ୫୦ ମିଟର ଲମ୍ବ ରାସ୍ତା କାର୍ଯ୍ୟ କରିବା ପାଇଁ ଫଳକରେ ଉଲ୍ଲେଖ ରହିଛି। ପ୍ରକୃତ ପକ୍ଷେ ରାସ୍ତାର ଲମ୍ବ କମ୍ ଥିଲା ବେଳେ ଏହାର ଭୁଲ୍ ନାମକରଣ କରି ନିମ୍ନମାନର କାର୍ଯ୍ୟ କରି ଟଙ୍କା ହଡ଼ପ କରିବାକୁ ବିଭାଗୀୟ ଅଧିକାରୀ ପ୍ରଚେଷ୍ଟା କରୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

୨୦୧୮ ମାର୍ଚ୍ଚ ୧୯ ତାରିଖରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଅବଧିର ଶେଷ ସମୟ ୨୦୧୯ ମାର୍ଚ୍ଚ ୧୮ ତାରିଖକୁ ରଖାଯାଇଛି। ମା' ସନ୍ତୋଷୀ କନଷ୍ଟ୍ରକଶନ କାର୍ଯ୍ୟ କରୁଛି। ୫ କିମି ୫୦ ମିଟର ମଧ୍ୟରୁ ୪ କିମି ୫୦ ମିଟର ପିଚୁ ଓ ୧ କିମି ଢଳେଇ ରାସ୍ତା କରାଯିବାର ନିୟମ ରହିଛି। ଏହା ଅଧୀନରେ ୧୪ଟି ପୋଲ ନିର୍ମାଣ ହେବାକୁ ଥିଲାବେଳେ ସମ୍ପୃକ୍ତ ଠିକାଦାର କେତେକ ସ୍ଥାନରେ ପୋଲ ନିର୍ମାଣ ନ କରି ହ୍ୟୁମ୍ ପାଇପ୍ ବସାଇ ଦେଉଛନ୍ତି। ଆବଶ୍ୟକ ପରିମାଣର ସିମେଣ୍ଟ, ଗୋଡ଼ି ଓ ବାଲି ଆଦି ବ୍ୟବହାର ନ ହୋଇ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଆବଶ୍ୟକ ପରିମାଣର ମୋରମ ଓ ବାଲି ନ ଦେଇ କ୍ରଶରଗୁଣ୍ଡ ସହାୟତାରେ ରାସ୍ତା କାର୍ଯ୍ୟ କରାଯାଉଥିଲା ବେଳେ କଂକ୍ରିଟ୍ ଢଳେଇ ମଧ୍ୟ ଠିକ୍‌ରେ କରାଯାଉନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଗତ କିଛି ଦିନ ତଳେ କାର୍ଯ୍ୟ ବନ୍ଦ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ପୁନର୍ବାର କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ମହାବିନାୟକଠାରୁ ଦର୍ପଣୀ ଭାୟା ଚଣ୍ଡୀ ମନ୍ଦିର ନାମରେ ନାମକରଣ କରି ରାସ୍ତା କାର୍ଯ୍ୟ ଚାଲୁଥିଲା ବେଳେ ଏହା ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ ହୋଇଥିଲା। କାରଣ ପୂର୍ତ୍ତ ବିଭାଗ ଅଧୀନରେ ସମ୍ପୃକ୍ତ ରାସ୍ତାର ନାମକରଣ ଥିଲା। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରେ, ପୂର୍ବରୁ ସେହି ରାସ୍ତାର ନାମକରଣ ଭୁଲ୍ ହୋଇଛି। ତେବେ ରାସ୍ତା ନିର୍ମାଣରେ କୌଣସି ତ୍ରୁଟି ପରିଲକ୍ଷିତ ହୋଇନାହିଁ। ଯଦି କୌଣସି ନିମ୍ନମାନର କାର୍ଯ୍ୟ କରାଯାଏ ତେବେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ୨୩ରୁ କୋରେଇ ମହୋତ୍ସବ

**କୋରେଇ,୧୬।୧୨(ସ୍ୱ.ପ୍ର.)**

କୋରେଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କୋରେଇ ମହୋତ୍ସବ-୨୦୧୮ ପାଇଁ ରବିବାର କାହ୍ନୁଚରଣ ମହାବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଦୁଇ ଦିନଧରି ମହୋତ୍ସବ ଅନୁଷ୍ଠିତ ହୁଏ। ହେଲେ ଚଳିତ ବର୍ଷ ୩ଦିନ ଧରି କୋରେଇସ୍ଥିତ ମେଳଣ ପଡିଆରେ ଏହି ମହୋତ୍ସବ ଅନୁଷ୍ଠିତ ହେବ । ୨୩ ତାରିଖ ସନ୍ଧ୍ୟାରେ କୋରେଇ ବିଧାୟକ ଆକାଶ ଦାସନାୟକ ଉତ୍ସବ ଉଦ୍‌ଘାଟନ କରିବେ ଓ ୨୪ତାରିଖ ପୂର୍ବାହ୍ନରେ ଶିଶୁ ଉତ୍ସବ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୫ତାରିଖ ପୂର୍ବାହ୍ନରେ ପ୍ରତିଷ୍ଠିତ କବିଙ୍କ ଦ୍ୱାରା କବିତା ପାଠୋତ୍ସବ ଓ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ । ମହୋତ୍ସବର ସମାବର୍ତ୍ତନ ଅଧିବେଶନରେ ସଂସଦ ପକ୍ଷରୁ ରାଜ୍ୟର ୧୬ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ ।

## ଫଳକ ତାଡ଼ିନେଲେ ଦୁର୍ବୃତ୍ତ

**ଛତିଆ,୧୬।୧୨(ଡି.ଏନ୍.ଏ.)**



ବୈରୀ ଥାନା ଅନ୍ତର୍ଗତ ନବଗଠିତ ନେଳିଆ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ରାଉତା ପୋଖରୀ ନିକଟରେ ଗତ ଗୁରୁବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ୧ କୋଟି ୧ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଏହାର ଫଳକକୁ ତାଡ଼ି ନେଇଯାଇଥିବା ଜଣାପଡିଛି । ଛତିଆ ଅଞ୍ଚଳରେ ବାରମ୍ବାର ଫଳକତଡ଼ା ରାଜନୀତି ଚାଲିଛି। କିଛିଦିନ ପୂର୍ବେ ଉକ୍ତ ପଞ୍ଚାୟତରେ ନେଳିଆ ସଫେଇ ନାଳ ନିକଟରେ ଏକ ଚେକ୍‌ଡ୍ୟାମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକଙ୍କ ଦ୍ୱାରା ହେବାର ଥିଲା । ହେଲେ ଏହାର ପୂର୍ବଦିନ ରାତିରେ କେହି ଜଣେ ଫଳକ ତାଡ଼ି ନେଇଥିଲେ। ସକାଳୁ ଯୁଦ୍ଧକାଳୀନ ଭିତ୍ତିରେ ଏକ ନୂଆ ଫଳକ ଲଗାଯାଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

## ପିଠା ଯୋଜନାର ଶୁଭାରମ୍ଭ: ବାଣ୍ଟିଲେ ପିଠା

**ଛତିଆ,୧୬।୧୨(ଡି.ଏନ.ଏ.)**



ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ, ଚମ୍ପାପୁର ଓ ବୈରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ପିଠା (ଏମ୍ପାଓ୍ୱାରମେଣ୍ଟ, ଏନାବ୍ଲିଂ, ଟ୍ରାନ୍ସପାରେନ୍ସ ଆଣ୍ଡ ଆକାଉଣ୍ଟବିଲିଟି) ଯୋଜନାର ଶୁଭାରମ୍ଭ ହୋଇଛି। ଏଥିରେ ସରପଞ୍ଚ ନୟନା ବେହେରା ଅଧକ୍ଷତା କରିଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଦ୍ୟୁତ, କୃଷି, ଉଦ୍ୟାନ, ଶ୍ରମ ବିଭାଗ, ମହିଳା ଓ ଶିଶୁ ବିକାଶ ଯୋଜନା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଧିକାରୀମାନେ ଯୋଗଦେଇ ସମ୍ପୃକ୍ତ ବିଭାଗର ବିଭିନ୍ନ ଯୋଜନା ଉପରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବଡ଼ଚଣା ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ବ୍ଲକ ଅଧକ୍ଷ ଭାଗ୍ୟଧର ମଲିକ, ସ୍ତମ୍ଭକାର ମିହିର ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ୩ ଜଣଙ୍କୁ କଳାକାର ଭତ୍ତା ବଣ୍ଟନ କରାଯାଇଥିବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ପିଠା ତିଆରି କରାଯାଇ ବଣ୍ଟା ଯାଇଥିଲା। ସେହିପରି ଚମ୍ପାପୁର ପଞ୍ଚାୟତରେ ଯୁବ ସାମାଜିକ କର୍ମୀ ଦିଲୀପ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ସରକାରଙ୍କ ବହୁମୁଖୀ ଯୋଜନା ଉପରେ ଆଲୋଚନା କରିବା ସହ ଜଣେ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ବୈରୀ ପଞ୍ଚାୟତରେ ଦୀପକ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ବଡଚଣା ଜିପିଓ ଅମିୟ ରଞ୍ଜନ ନାଥ, ବୈରୀ ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଏସ୍‌ବିଡି ସ୍କୁଲର ବାର୍ଷିକ ଉତ୍ସବ

**ଯାଜପୁରରୋଡ,୧୬।୧୨(ନି.ପ୍ର.)**

ଯାଜପୁରରୋଡସ୍ଥିତ ଏସ୍‌ବିଡି ସ୍କୁଲର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଭକ୍ତହରି ଅଗସ୍ତି ମୁଖ୍ୟ ଅତିଥି, ବୁର୍ଲା ମେଡିକାଲ କଲେଜ ପରିଚାଳକ ନିହାର ରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍କୁଲର ଚେୟାରମ୍ୟାନ ଦେବାଶିଷ ଦିକସିତ, ନିର୍ଦ୍ଦେଶକ ଯୁଧିଷ୍ଠିର ଦେବତା, ପ୍ରଧାନଶିକ୍ଷୟିତ୍ରୀ ଭାରତୀ ନାୟକ, ପ୍ରଶିକ୍ଷଣ ଓ ଉନ୍ନୟନ ମୁଖ୍ୟ ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବ୍ଲକରେ ଶ୍ରେଷ୍ଠ ବାଲିପଡ଼ିଆ ବିଜୁ ଯୁବ ବାହିନୀ

**ବାଲିଚନ୍ଦ୍ରପୁର,୧୬।୧୨(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆ ପଞ୍ଚାୟତର ବଜୁ ଯୁବବାହିନୀକୁ ବ୍ଲକର ଶ୍ରେଷ୍ଠ ବିଜୁ ଯୁବବାହନୀ ରୂପେ ଚୟନ କରାଯାଇ ପୁରସ୍କୃତ କରାଯାଇଛି। ଏ ନେଇ ବାଲାଶ୍ରମ ପଡିଆରେ ରବିବାର ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ନରେଶ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ବାଲିପଡିଆ ଯୁବାବାହିନୀକୁ ନଗଦ ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରିଛନ୍ତି । ଯୁବ ବାହିନୀ ସଭାପତି ନବୀନ ବାରିକ, ସମ୍ପାଦକ ଅମିତ ସାହୁ, କୋଷାଧକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ପଞ୍ଚାୟତର ବହୁ ଉନ୍ନତିମୂଳକ କାର୍ଯ୍ୟରେ ଯୁବାବାହିନୀ ସାମିଲ ରହିବ ବୋଲି ଅତିଥିମାନେ ଆଶାପୋଷଣ କରିଥିଲେ ।

## ୪ ପଞ୍ଚାୟତରେ ପିଠା ଯୋଜନା ଆରମ୍ଭ



ପଥରପଦା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ।

**କୋରେଇ,୧୬।୧୨(ସ୍ୱ.ପ୍ର.)**

କୋରେଇ ବ୍ଲକର ପଥରପଦା, ପାଣିକୋଇଲି, ମୂଳାପାଳ ଓ କରଦା ପଞ୍ଚାୟତରେ ଶନିବାର ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କରଦା ପଞ୍ଚାୟତରେ ଜିଲାପାଳ ରଞ୍ଜନ କୁମାର ଦାସ, ବିଡିଓ ହେମନ୍ତ କୁମାର ବିହାରୀ, ଡିଭିଜିନାଲ ଶ୍ରମ କମିଶନର ସୁନୀଲ କୁମାର ସାହୁ, କୋରେଇ ବ୍ଲକ ଶ୍ରମ କମିଶନର ସଞ୍ଜୀତ କୁମାର ଦେଓ, କରଦା ସରପଞ୍ଚ ଗଣେଶ ଚନ୍ଦ୍ର ସାହୁ, ପାଣିକୋଇଲି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଭୁଦତ ସାହୁ ଓ ରଞ୍ଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ୧୫ ଜଣଙ୍କୁ ମଧୁବାବୁ ପେନସନ, ୫ ଜଣଙ୍କୁ କଳାକାର ଭତ୍ତା ଏବଂ ବିଜୁ ପକ୍କାଘର ଯୋଜନାରେ ଧାର୍ଯ୍ୟ ସମୟ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରିଥିବା ହେତୁ ୪ ଜଣଙ୍କୁ ପୁରସ୍କୃତ କରିଥିଲେ। ମୂଳାପାଳ ପଞ୍ଚାୟତରେ ଅତିରିକ୍ତ ଯନ୍ତ୍ରୀ ମନୋଜ ସେନାପତି, କନିଷ୍ଠ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ର, ସ୍ଥାନୀୟ ସରପଞ୍ଚ ଜ୍ୟୋତିରେଖା ନାୟକ, ସମିତି ସଭ୍ୟା ଅମିତା ସାହୁ, ବିଦ୍ୟୁତ ବିଭାଗର ସୁଧୀର ରଞ୍ଜନ ସିଂ, କୁଳମଣୀ କାଣ୍ଡି ପ୍ରମୁଖ ଉପସ୍ଥିତ ରହି ୮ ଜଣଙ୍କୁ କଳାକାର ଭତ୍ତା, ୧୫ ଜଣଙ୍କୁ ମଧୁବାବୁ ପେନସନ ଓ ୩୫ ଜଣଙ୍କୁ ମାଗଣା ବିଜୁଳି ସଂଯୋଗ ପ୍ରଦାନ କରିଥିଲେ। ପଥରପଦା ପଞ୍ଚାୟତରେ ବ୍ଲକର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ରବିନାରାୟଣ ସାହୁ, ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସମିତି ସଭ୍ୟାଙ୍କ ପ୍ରତିନିଧି ସନ୍ତୋଷ ବେହେରା, ବିଦ୍ୟୁତ ବିଭାଗ କର୍ମଚାରୀ ଯଜ୍ଞଦତ ସାହୁ ଓ ହରିହର ସାହୁ ପ୍ରମୁଖ ଉପସ୍ଥିତ ରହି ୬ ଜଣଙ୍କୁ କଳାକାର ଭତ୍ତା, ୧୭ ଜଣଙ୍କୁ ମଧୁବାବୁ ପେନସନ ଓ ୪୦ ଜଣଙ୍କୁ ମାଗଣା ବିଜୁଳି ସଂଯୋଗ ପ୍ରଦାନ କରିଥିଲେ। ସେହିପରି ପାଣିକୋଇଲି ପଞ୍ଚାୟତରେ କୋରାଇ ବିଡିଓ, ମୁଖ୍ୟ କିରାଣି ସୁନୀଲ କୁମାର ରାଉତ,୩ ନଂ. ଜୋନ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡେଇ, ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଜହର ଅଲ୍ଲୀ, ବିଦ୍ୟୁତ ବିଭାଗର ଏସଡିଓ ମୀନକେତନ ସାମଲ, ଭାଗୀରଥି ସାହୁ, ରତିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ୮ ଜଣଙ୍କୁ କଳାକାର ଭତ୍ତା,୨ ଜଣଙ୍କୁ ମଧୁବାବୁ ପେନସନ ଓ ୧୧ ଜଣଙ୍କୁ ମାଗଣା ବିଜୁଳି ସଂଯୋଗ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ୪ ପଞ୍ଚାୟତରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ଦ୍ୱାରା ହାତ ତିଆରି ପିଠା ଷ୍ଟଲ କରାଯାଇଥିଲା। ସମ୍ପୃକ୍ତ ପଞ୍ଚାୟତର ବିଜୁ ଯୁବ ବାହିନୀ ସଦସ୍ୟ ଓ ସ୍ଥାନୀୟ ଲୋକେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜରାସ୍ତା ଅବରୋଧ କରିବାକୁ ଚେତାବନୀ

**କୋରେଇ,୧୬।୧୨(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିଠାରେ ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ରବିବାର ୩୫ ଦିନରେ ପହଞ୍ଚିଛି। ଏହି ଧାରଣାରେ ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ସାମିଲ ହୋଇଛି। ଯଦି ଜିଲାପ୍ରଶାସନ ଆନ୍ଦୋଳନ ସ୍ଥଳକୁ ଆସି କୌଣସି ଆଲୋଚନା ନ କରେ ଆବଶ୍ୟକ ପଡ଼ିଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏ ନେଇ ଏକ ସଭା ଆୟୋଜିତ ହୋଇଥିଲା। କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ତାରିଣୀ କୁମାର ପଟ୍ଟନାୟକ, ଉପେନ୍ଦ୍ର ପାତ୍ର, ଶିବରାମ ପାତ୍ର, ଉତ୍ସବ ମହାରଣା, ଆଲୋକ ପରିଡ଼ା, ସାଜିତ ଖାଁ, ସନାତନ ପରିଡା ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ସଭା ପରିଚାଳନାରେ ସହଯୋଗ କରିଥିଲେ।



ଧାରଣାସ୍ଥଳରେ ବସିଥିବା ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା।

## ଠିକାଦାରଙ୍କ ମନମୁଖି କାର୍ଯ୍ୟ, ରାସ୍ତା ଶୋଚନୀୟ

**ବାଲିଚନ୍ଦ୍ରପୁର,୧୬।୧୨(ସ୍ୱ.ପ୍ର.)**

**ଦକ୍ଷିଣକୁଳ-କୁଉଡୁକୋଲ ରାସ୍ତା**

- ରାସ୍ତା ନିର୍ମାଣ ପାଇଁ ୩ କୋଟି ୬୧ ଲକ୍ଷ ବ୍ୟୟବରାଦ
- ଠିକାଦାର ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ନେଇ ଅଭିଯୋଗ
- ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ପଞ୍ଚାୟତବାସୀ

ବଡ଼ଚଣା ବ୍ଲକ ଅଧୀନ ଅଣକା ପଞ୍ଚାୟତର ଦକ୍ଷିଣକୂଳଠାରୁ କଉଡୁକୋଲ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ପଞ୍ଚାୟତବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲାପାଳ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରି ନିରାଶ ହୋଇଛନ୍ତି । ଠିକାସଂସ୍ଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଥିବା ନିୟମ ଉଲ୍ଲଂଘନ କରି ମନମୁଖୀ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିପରି କିଛିଦିନ ତଳେ ଭୁଲୁକାଠାରୁ ଖଡିଅଙ୍ଗ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପିଚୁ ରାସ୍ତା ଏବେ ଖାଲଖମାରେ ଭରିଯାଇଥିବା ବେଳେ ପ୍ରାୟ ୧ କି.ମି. ଢଳେଇ ଫାଟିଗଲାଣି।

ସୂଚନାଯୋଗ୍ୟ, ଜାତୀୟ ରାଜପଥରୁ ଅଣକା ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ୨୦୧୬ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇ ୩ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୧୬ରେ କାମ ଆରମ୍ଭ ହୋଇ ଏକ ବର୍ଷରେ କାର୍ଯ୍ୟ ଶେଷ କରିବାକୁ ଠିକାସଂସ୍ଥା ଓ ବିଭାଗ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ତେବେ ଅବଧି ଶେଷ ହୋଇଥିଲେ ମଧ୍ୟ ଠିକାସଂସ୍ଥାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅହେତୁକ ଅନୁକମ୍ପା ଦେଖାଯାଉଥିବା ଜଣାପଡ଼ିଛି । ଅପରପକ୍ଷରେ ନିର୍ମାଣ କାର୍ଯ୍ୟରେ ମେଟାଲ ବଦଳରେ କେବଳ ଡଷ୍ଟ ବ୍ୟବହାର କରାଯାଉଥିବା ବେଳେ ଢଳେଇରେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସିମେଣ୍ଟ, ବାଲି, ଗୋଡି ବ୍ୟବହାର କରା ନ ଯାଇ ଠିକାସଂସ୍ଥା ପକ୍ଷରୁ ମନଇଚ୍ଛା କାର୍ଯ୍ୟ କରାଯାଉଛି । ଏ ନେଇ ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ତୁଳସୀ ପାତ୍ରଙ୍କୁ ପଚାରିବାରେ, ରାସ୍ତା ଅନିୟମିତତା ସମ୍ପର୍କରେ ଅଭିଯୋଗ ମିଳିଛି ଏବଂ କିଛି ମାତ୍ରାରେ ସତ୍ୟତା ମଧ ରହିଛି । ଚୁକ୍ତି ସମୟରେ ଠିକା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ମରାମତି କରିବାକୁ ଚୁକ୍ତି କରିଥିବାରୁ ଯେଉଁଠି ରାସ୍ତା ଫାଟିଛି, ସେ ସ୍ଥାନକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ଆସନ୍ତା ଜାନୁୟାରୀ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ । ପଞ୍ଚାୟତବାସୀ ରାସ୍ତାର ଦୁରବସ୍ଥା ପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ମାପ, ଓଜନ ବିଭାଗର ଚଢ଼ାଉ

**ଗଞ୍ଜାମ,୧୬।୧୨(ଡି.ଏନ.ଏ.):** ଉପଜିଲାପାଳ ଦେବବ୍ରତ ସାହୁଙ୍କ ନିର୍ଦ୍ଦେଶରେ ମାପ, ଓଜନ ବିଭାଗ ପକ୍ଷରୁ ଶନିବାର ଗଞ୍ଜାମ ଅଞ୍ଚଳର ବିଭିନ୍ନ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରେ ଚଢ଼ାଉ କରାଯାଇ ଦୋକାନ ଗୁଡ଼ିକରେ ଓଜନ ଗୁଣ୍ଡ ଯାଞ୍ଚ କରାଯାଇଛି । ଏଥିରେ ଅନିୟମିତତା କରିଥିବା ୬ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ସେମାନଙ୍କଠାରୁ ୨୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ତହସିଲଦାର ଅବନି କୁମାର ସାହୁ କହିଛନ୍ତି । କେତେକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର ନବୀକରଣ ସାର୍ଟିଫିକେଟ ଟଙ୍କା ପାଇନଥିବା ଏବଂ ଜିଏସଟି ମିଶିବା ପରେ ପ୍ୟାକେଟରେ ନୂତନ ଏମ୍ଆରପି ଲେଖା ଯାଇ ନ ଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା । ଏହି ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାର ସନାତନ ମାହାଲିକ, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାସ, ବରିଷ୍ଠ ନିରୀକ୍ଷିକା ସବିତା ପଣ୍ଡା, ନୀଳାଞ୍ଚଳ ବେହେରା, କୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି ।

### ଶିଶୁ ମନ୍ଦିରର ବାର୍ଷିକୋତ୍ସବ



**ଭଞ୍ଜନଗର,୧୬।୧୨(ଡି.ଏନ.ଏ.):** ଗାମୁଣ୍ଡି ମା' ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ଡ.ପ୍ରଦୀପ ପଟ୍ଟନାୟକ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ, ଗାଲେରି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଭାପତି ଉଦ୍ଧବ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଜୟ କୁମାର ମଲ୍ଲ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ରଶ୍ମିତା ଶତପଥୀ ସଭା ସଂଯୋଜନା କରିଥିଲେ ।

## ବାତ୍ୟା ପ୍ରଭାବରେ ବର୍ଷା ସମ୍ଭାବନା

# ହେଡକ୍ୱାର୍ଟର ନ ଛାଡିବାକୁ ନିର୍ଦ୍ଦେଶ

**ଛତ୍ରପୁର,୧୬।୧୨(ଡି.ଏନ.ଏ.)**

ଦକ୍ଷିଣ ପୂର୍ବ ବଙ୍ଗୋପସାରଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ଝଡ ରୂପ ନେଇଛି। ୨୪ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ରୂପ ନେଇ ସ୍ଥଳଭାଗ ଆଡକୁ ଗତି କରିବ। ଏହାର ପ୍ରଭାବରେ ଗଞ୍ଜାମ ଜିଲାରେ ୧୭ ଓ ୧୮ ତାରିଖ ୨ଦିନ ବର୍ଷା ହେବ ବୋଲି ପାଣିପାଗ ପୂର୍ବାନୁମାନ କରିଛି । ରବିବାର ଅପରାହ୍ନରେ ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଝିପି ଝିପି ବର୍ଷା ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଛତ୍ରପୁର ଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୧୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଗୋପାଳପୁର ବନ୍ଦରରେ ୧ ନଂ ବିପଦ ସଙ୍କେତ ଦିଆଯାଇଛି। ଜିଲାର ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାରଙ୍କୁ ବର୍ଷା ପାଇଁ ଆଲର୍ଟ ରହିବାକୁ କୁହାଯାଇଛି। ଏଥିସହ ଅଧିକାରୀ ଓ କର୍ମଚାରୀଙ୍କୁ ହେଡକ୍ୱାର୍ଟର ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲପାଳ କହିଛନ୍ତି। ବିଲରେ କଟା ହୋଇ ରହିଥିବା ଧାନ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଆଣିବା କିମ୍ବା ପାଲ ଘୋଡାଇବାକୁ ଚାଷୀମାନଙ୍କୁ ସଚେତନ କରାଯାଇଛି।

## ସୁନ୍ଦର ଭଞ୍ଜନଗର ସହର ଯୋଜନା

# ସଫେଇରେ ସାମିଲ ହେଲେ ଉପଜିଲାପାଳ

**ଭଞ୍ଜନଗର,୧୬।୧୨(ଡି.ଏନ.ଏ.)**

ଭଞ୍ଜନଗର ସହରକୁ ସବୁଜ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ସ୍ଥାନୀୟ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସଫେଇ ଅଭିଯାନ ଆରମ୍ଭ ହୋଇଛି। ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ରବିବାର ଅଫିସକୁ ଆସି କର୍ମଚାରୀମାନଙ୍କ ସହ ମିଶି ସଫେଇ କରିଥିଲେ। ସୂଚନଯୋଗ୍ୟ, କାର୍ଯ୍ୟାଳୟ ସମ୍ମୁଖରେ ଯୋଗାଣ ବିଭାଗ ପକ୍ଷରୁ ଜବତ ଗାଡ଼ିଗୁଡ଼ିକ ରହିଥିବାରୁ ମାସ ମାସ ଧରି ଉକ୍ତ ଅଞ୍ଚଳଟି ଲଟାବୁଦାରେ ଭର୍ତ୍ତି ହୋଇଥିଲା । ତେଣୁ ଉପ ଜିଲାପାଳ ପ୍ରତ୍ୟେକ୍ଷ ଭାବେ ସଫେଇ କରିଥିଲେ। ସହରରେ ଥିବା ଅନ୍ୟାନ୍ୟ ଅଫିସ, ବେସରକାରୀ ଅନୁଷ୍ଠାନ, ଗୃହକର୍ତ୍ତାମାନେ ନିଜ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ଉପ ଜିଲାପାଳ ମିଞ୍ଜ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ସହରର ବିଭିନ୍ନ ସ୍ଥାନରେ କରାଯିବ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ କହିଛନ୍ତି ।



ଉପଜିଲାପାଳ ନିଜ ଅଫିସ ପରିସରକୁ ସଫା କରୁଛନ୍ତି ।

# ରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିୟନଶିପ ଉଦ୍ଯାପିତ



ଟ୍ରଫି ସହ ଚାମ୍ପିୟନ ବାଳକ ଦଳ ।

**ଫୁଲବାଣୀ ଅଫିସ, ୧୬।୧୨**

କନ୍ଧମାଳ ଜିଲା ଫୁଲବାଣୀ କରୋନେଶନ ପଡ଼ିଆରେ ଚାଲିଥିବା ରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିୟନଶିପ ଶନିବାର ଉଦ୍ଯାପିତ ହୋଇଯାଇଛି। ବିଦ୍ୟାଳୟସ୍ତରର ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଟିମ୍ ନୂଆପଡ଼ାକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ବାଳକ ବିଭାଗରେ ବାଲେଶ୍ୱରକୁ ହରାଇ କୋରାପୁଟ ଟିମ୍ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳକମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ମାଲକାନାଗିରି ଟିମ୍ ବିପକ୍ଷ କୋରାପୁଟକୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷା ବିଭାଗର ଅଧିକାରୀମାନେ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

## ପଲିଥିନ ବର୍ଜନ ପାଇଁ ସଚେତନତା

**ବୁଗୁଡ଼ା,୧୬।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସଭାପତିତ୍ୱରେ ଶୁକ୍ରବାର ପଲିଥିନ ବର୍ଜନ ପାଇଁ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି, ସମ୍ମାନିତ ଅତିଥି ସିଆରସିସି ନିରଞ୍ଜନ ଗୌଡ଼, ଶିକ୍ଷକ ସମରଜିତ ସାହୁ, ଶିକ୍ଷୟିତ୍ରୀ ପୁଷ୍ପିତା ସାହୁ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ପଲିଥିନର ବର୍ଜନ ପାଇଁ ଛାତ୍ରୀଛାତ୍ରମାନେ ସଚେତନ ହେବା ସହ ଗ୍ରାମବାସୀଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଗ୍ରାମ ରୋଜଗାର ସେବକ ସଂଘର ବୈଠକ

**କନିଷି,୧୬।୧୨(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକର ୩୨ଟି ପଞ୍ଚାୟତର ଗ୍ରାମ ରୋଜଗାର ସେବକମାନଙ୍କ ବିଭିନ୍ନ ଦାବି ପୂରଣ ନେଇ ଶନିବାର ହଳଦିଆପଦର ଚନ୍ଦ୍ରକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କର ଦାବି ହେଲା ଦୀର୍ଘ ବର୍ଷ ଧରି କମ୍ ଦରମାରେ କାମ କରୁଛନ୍ତି ଏବଂ ୩ ମାସ ହେଲା ଦରମା ମିଳିନାହିଁ । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ଏକ ମାସ ହେଲା ପ୍ରତ୍ୟେକ ବ୍ଲକରେ ଗ୍ରାମ ରୋଜଗାର ସେବକମାନେ ବନ୍ଦ ଡାକରା ଦେଇ ବସିଛନ୍ତି। ତେଣୁ ଗ୍ରାମ ରୋଜଗାର ସେବକମାନଙ୍କୁ ସ୍ଥାୟୀ ନିଯୁକ୍ତି, ଦରମାବୃଦ୍ଧି, ପ୍ରତି ମାସରେ ଦରମା ପ୍ରଦାନ ନହେଲେ କାର୍ଯ୍ୟରେ ଯୋଗ ଦେବେନାହିଁ ବୋଲି କହିଛନ୍ତି । ତେଣୁ ତୁରନ୍ତ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି । ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକ ଗ୍ରାମ ରୋଜଗାର ସେବକ ସଂଘର ସଭାପତି ସୁଧୀର ନାହାକ, ଉପସଭାପତି ଶଙ୍କର ସାହୁ, ଏନ. କ୍ରିଷ୍ଣା ପାତ୍ରଙ୍କ ସମେତ ବହୁ ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ନୁଡୁବୁଡୁ କହୁଣି ଖାଏ,**
**ଜିଭ ନୁଡୁବୁଡୁ ହଗି ଧାଏଁ ।**

ଖାଦ୍ୟକୁ ଠିକ୍ ଭାବେ ଧରି ରଖି ନ ଖାଇପାରିଲେ ଖାଦ୍ୟ କହୁଣିକୁ ବୋହି ଯାଇଥାଏ। ସେହିପରି ଜିହ୍ୱାକୁ ଯିଏ ନିୟନ୍ତ୍ରଣରେ ରଖିପାରି ନ ଥାଏ ତା'ର ପେଟ ଖରାପ ହେବା ଥୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାତରୁ ଗଲାଣି ଖସି,**
**ମାଳା ଜପୁଥା ବସି ।**

ହାତରୁ ଥରେ ଖସିଗଲେ ପୁନଶ୍ଚ ଫେରିପାଇବା କଷ୍ଟକର। ସୁଯୋଗର ସଦୁପଯୋଗ ନ କରିପାରିଲେ ଜୀବନ ବୃଥା। ସମୟ ଥରେ ହାତଛଡ଼ା ହୋଇଗଲେ ବା ସୁଯୋଗ ଥରେ ଛାଡ଼ିଦେଲେ ପୁଣି ମିଳିବାରେ ଅନିଶ୍ଚିତତା ରହିଥାଏ। ଏପରିସ୍ଥଳେ ଅନୁଶୋଚନା କରିବା ହିଁ ସାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**ଖଜୁରିପଡ଼ା, ୧୬।୧୨**

ରାଜ୍ୟ ସରକାରଙ୍କ ଓଡ଼ିଶାରେ ନୂତନ କିରଣ ''ପିଠା'' କାର୍ଯ୍ୟକ୍ରମ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ଗରିବ ଜନସାଧାରଣଙ୍କ ହିତରେ କାର୍ଯ୍ୟକ୍ଷମ ହେବା ପାଇଁ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଜନସଚେତନତା ଲାଗି ଶନିବାର ଖଜୁରୀପଡ଼ା ବ୍ଲକର ୩ ପଞ୍ଚାୟତ ବଲସକୁମ୍ପା, ଆଡ଼ାଶିପଡ଼ା ଓ ଅରାପାଜୁରେ ଆମ ଗାଁ ଆମ ବିକାଶର ''ପିଠା'' କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୫ରୁ ଆରମ୍ଭ ହୋଇ ୨୦ରେ ଶେଷ ହେବ । ବଲସକୁମ୍ପା ପଞ୍ଚାୟତ ମାଁ ବରାଳଦେବୀ ପୀଠରେ ସରପଞ୍ଚ ଅଜୟ କୁମାର ମଲିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କନ୍ଧମାଳ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମହାତ୍ମା ଗାନ୍ଧୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରାୟ ୨୮ଟି ମୁଖ୍ୟ ଯୋଜନାଗୁଡ଼ିକୁ ଲିଫ୍‌ଲେଟ୍ ମାଧ୍ୟମରେ ଲେଖାଯାଇ ବଣ୍ଟନ କରାଯାଇଥିଲା। ଅନ୍ୟ ୨ ପଞ୍ଚାୟତରେ ମଧ୍ୟ ଆଜି ଏଭଳି ଜନସଚେତନତା ''ପିଠା'' କାର୍ଯ୍ୟକ୍ରମ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

LOAN
ସୁବର୍ଣ୍ଣ ସୁଯୋଗ ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
9718753233
7838556518
Block Chack, Balasore-756027

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

BUSINESS
SURYA କମ୍ପାନୀ
ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଳେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385,
9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଡିସେମ୍ବର, ୨୦୧୮



ଯେକୌଣସି ସୁକାର୍ଯ୍ୟ କରିବାକୁ ଗଲାବେଳେ, ବହୁ ଶତ୍ରୁ ଉପସ୍ଥିତ ହୋଇ ବହୁ ଅନିଷ୍ଟ କରନ୍ତି। ସେମାନଙ୍କ ସହିତ ପ୍ରକୃତ ମୁକାବିଲା କରି ଆଗେଇ ଚାଲ, ଦେଖିବ ତୁମ କାର୍ଯ୍ୟ ନିଶ୍ଚୟ ସଫଳ ହେବା
- ଲର୍ଡ ବିଲ୍ ଜନ୍‌ସନ



## ସଂକ୍ଷେପରେ

### ଈଶ୍ୱରୀୟ୍ ବିଶ୍ୱ ବିଦ୍ୟାଳୟ୍ ଗୃହ ପାଇଁ ଭୂମିପୂଜା



**ଖଣ୍ଡପଡ଼ା,୧୬।୧୨(ସ୍ୱ.ପ୍ର.):** କଣ୍ଟିଲୋ ପଞ୍ଚାୟତସ୍ଥ କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖାର ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଶତାଧିକ ମହିଳା ଶାଖାର ସଞ୍ଚାଳିକା ବିକେ ଜ୍ୟୋସ୍ନାରାଣୀଙ୍କ ନେତୃତ୍ୱରେ ଏକ ଶାନ୍ତି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଭୂମିପୂଜା ସ୍ଥଳରେ ପହଞ୍ଚି ଥିଲେ । ପରେ ଭୁବନେଶ୍ୱରସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖାର ବିକେ ପୁଷ୍ପଲତା, ବିକେ ଲିଙ୍ଗରାଜ, ବିକେ ଗୋକୁଳଚନ୍ଦ୍ର ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ ।

### ବର୍ଷା ଆଶଙ୍କା କରି ଚାଷୀ ଚିନ୍ତିତ

**ବାଲୁଗାଁ,୧୬।୧୨।(ଡି.ଏନ.ଏ.):** ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ବର୍ଷା ଆଶଙ୍କା କରି ବାଲୁଗାଁ-ବାଣପୁର ଅଞ୍ଚଳର ଚାଷୀମାନେ ଚିନ୍ତିତ ପଡ଼ିଛନ୍ତି। ସମ୍ପ୍ରତି ବାଲୁଗାଁ, ବାଣପୁର ଓ ଚିଲିକା ଅଞ୍ଚଳର କିଛି ଚାଷୀ ଧାନ କାଟି ଖଳାକୁ ଆଣି ଅମଳ କରୁଛନ୍ତି। କେତେକ ଚାଷୀ ଜମିରେ ଧାନ କାଟି ପକାଇ ଥିବାବେଳେ ଆଉ କେତେକ ଚାଷୀ ଧାନ କାଟୁଛନ୍ତି। ଏପରିସ୍ଥଳେ ଅଦିନିଆ ଲଘୁଚାପ ବର୍ଷା ସେମାନଙ୍କ ଆଖିରୁ ନିଦ ହଜାଇଦେଇଛି। ତେଣୁ ସେମାନଙ୍କ ମଧ୍ୟରୁ କେତେଜଣ ତରବରିଆ ଭାବେ ଧାନକାଟି ଖଳାକୁ ଆଣୁଛନ୍ତି ତ ଆଉ କେତେକ ଜମିରେ ଧାନ ବିଡ଼ା ବାନ୍ଧି ଗାଦି ମାରିଦେଉଛନ୍ତି । ରବିବାର ସକାଳୁ ଏଠାକାର ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଥିଲା।

### ଯୁବ ବିଜେଡିର ବନ୍ଧୁମିଳନ



**ଖଣ୍ଡପଡ଼ା,୧୬।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ପଞ୍ଚାୟତସ୍ଥ ମା' ରାମଚଣ୍ଡୀଙ୍କ ପୀଠରେ ରବିବାର ଯୁବ ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୨୨ଟି ପଞ୍ଚାୟତରୁ ୧୫୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ଅନେକ ଯୁବକ ବିଜୁ ଯୁବବାହିନୀ ଓ ବିଜେଡିରେ ସାମିଲ ହୋଇଥିବାରୁ ଏହା ଦଳ ପାଇଁ ଶୁଭଙ୍କର ବୋଲି ଏଠାରେ ମତ ପ୍ରକାଶ ପାଇଥିଲା। ଭାପୁର ବ୍ଲକ ବିଜେଡି ସଭାପତି ଗୟାଧର ପରିଡ଼ା, ବରିଷ୍ଠ ସଂଗଠକ ଆଲୋକ ବେହେରା, ମାଧବାନନ୍ଦ ଦାସ, ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ପଟ୍ଟନାୟକଙ୍କୁ ୫ମ ଥର ପାଇଁ ପୁଣି ମୁଖ୍ୟମନ୍ତ୍ରୀ ଭାବେ ବିଜୟୀ କରିବାକୁ ଠାକୁରାଣୀଙ୍କ ପୀଠରେ ଯୁବକମାନେ ଶପଥ ନେଇଥିଲେ।

### ଜିଲ୍ଲା ବିଦ୍ୟାଳୟସ୍ତରୀୟ୍ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ନିରାକାରପୁର,୧୬।୧୨(ଡି.ଏନ.ଏ.):** ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱାରା ରବିବାର ଜିଲ୍ଲା ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସହବନ୍ଧିତ ୧୬ ବିଦ୍ୟାଳୟର ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ୪ ବିଭାଗରେ ମୋଟ ୨୯୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପ୍ରମୁଖ ବିଭୂତି ଭୂଷଣ ଆଚାର୍ଯ୍ୟ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ ସଂଯୋଜକ ମମତା ସାହୁ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ, ବିନୋଦ ବିହାରୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମରେଶ ରଥ, ଅନନ୍ତନାଥ ବେହେରା, ପ୍ରିୟଙ୍କା ସାମନ୍ତରାୟ କ୍ରୀଡ଼ାରେ ଚମ୍ପିୟାନ ହୋଇଥିଲେ। କ୍ରୀଡା ବିଚାରକ ଭାବେ ରାଜକିଶୋର ଦାସ, ଶରତଚନ୍ଦ୍ର ଛୋଟରାୟ, ହୃଦାନନ୍ଦ ମହତରାୟ, ଅଭିନାଶ ଦାସ, ପ୍ରମୋଦ ଦାସ ମୂଲ୍ୟାଙ୍କନ କରିଥିଲେ । ଉମାକାନ୍ତ ସାମନ୍ତରାୟ, ଶ୍ୟାମଶଙ୍କର ମିଶ୍ର, ପବିତ୍ର କୁମାର ରାଉତରାୟ, ବୀଣାପାଣି ଦାସ, ନିହାର ରଞ୍ଜନ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାପ୍ୟ ପାଉଣାକୁ ନେଇ ସେବାୟତ ଅସନ୍ତୋଷ

# ପହିଲି ଭୋଗ ଆରମ୍ଭରୁ ବିଳମ୍ବ

**ପୁରୀ ଅଫିସ,୧୬।୧୨**

ପହିଲି ଭୋଗ ନୀତିକୁ ଶୃଙ୍ଖଳିତ କରାଯିବା ନେଇ ଏକାଧିକଥର ବୈଠକ ବସିଛି। ପ୍ରାୟ ମାସେ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ନୀତିକୁ ନିର୍ଘଣ୍ଟ ଅନୁଯାୟୀ ସମ୍ପନ୍ନ ଲାଗି ସେବାୟତଙ୍କ ସହଯୋଗ ଲୋଡିଥିଲା ଶ୍ରୀମନ୍ଦିର ପ୍ରଶାସନ। ହେଲେ ପ୍ରାପ୍ୟ ପାଉଣାକୁ ନେଇ ସେବାୟତଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ପହିଲି ଭୋଗ ନୀତିରେ ପ୍ରତିଫଳିତ ହୋଇଛି। ରବିବାର ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ପହିଲି ଭୋଗ ନୀତିରେ ବିଳମ୍ବ ଘଟିଛି। ସକାଳ ୬ଟା ୨୦ରୁ ୬ଟା ୫୦ ମଧ୍ୟରେ ପହିଲି ଭୋଗ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଏଥିରେ ପ୍ରାୟ ୨ ଘଣ୍ଟା ୨୦ ମିନିଟ୍ ବିଳମ୍ବ ହୋଇଛି। ଅର୍ଥାତ୍ ସକାଳ ୯ଟା ୩୦ରେ ଶେଷ ହୋଇଛି ପହିଲି ଭୋଗ।

### ସକାଳ ୯ଟା ୩୦ରେ ସରିଲା ପହିଲି ଭୋଗ

ଶନିବାର ରାତି ୧୨ଟା ୩୦ରେ ପହୁଡ଼ ହୋଇଥିଲା। ପହିଲି ଭୋଗ ପାଇଁ ରାତ୍ର ୩ଟାରୁ ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ହେଲେ ରବିବାର ଭୋର ୪ଟା ୩୫ରେ ଦ୍ୱାର ଫିଟିଥିଲା। ପ୍ରଥମ ନୀତିରୁ ହିଁ ଆରମ୍ଭ ହୋଇଥିଲା ବିଳମ୍ବ। ରାତ୍ର ୩ଟା ୩୦ରେ ହେବାକୁ ଥିବା ଭିତର ଶୋଧ ଭୋର୍ ୫ଟା ୧୫ରେ ସମ୍ପନ୍ନ ହୋଇଥିବାବେଳେ ରାତ୍ର ୩ଟା ୪୫ରେ ହେବାକୁ ଥିବା ମଙ୍ଗଳ ଆଳତି ଭୋର୍ ୫ଟା ୨୦ରେ ହୋଇଥିଲା। ସେହିପରି ପହିଲି ଭୋଗ ବିଳମ୍ବିତ ହୋଇଥିଲା । ସକାଳ ସାଢେ ୭ଟାରୁ ୯ଟା ମଧ୍ୟରେ ସକାଳ ଧୂପ ଶେଷ ହେବାକୁ ନିର୍ଘଣ୍ଟ କରାଯାଇଥିବାବେଳେ ଏହା ସାଢେ ୧୧ଟାରେ ସରିଥିଲା। ସକାଳ ୮ଟା ୪୫ରୁ ପୂର୍ବାହ୍ନ ୧୦ଟା ୩୦ରେ ଭୋଗମଣ୍ଡପ ବଢିବାକୁ ଥିବାବେଳେ ଅପରାହ୍ନ ୧ଟା ୪୫ରେ ଏହା ବଢିଥିଲା। ମଧ୍ୟାହ୍ନ ଧୂପ ୩ଟା ୫ରେ ଏବଂ ଦ୍ୱିତୀୟ ଭୋଗ ମଣ୍ଡପ ଅପରାହ୍ନ ୪ଟା ୫୦ରେ ବଢିଥିଲା, ଯାହାକି ଅପରାହ୍ନ ୨ଟା ସୁଦ୍ଧା ସମ୍ପନ୍ନ ହେବାକୁ ନିର୍ଘଣ୍ଟ କରାଯାଇଥିଲା। ତେବେ ପ୍ରାୟ ସବୁ ନୀତିରେ ବିଳମ୍ବ ପଛରେ ସେବାୟତଙ୍କ ମଧ୍ୟରେ ଥିବା ଅସନ୍ତୋଷ ବୋଲି କୁହାଯାଉଛି। ପ୍ରାପ୍ୟ ପାଉଣାକୁ ନେଇ ଦୀର୍ଘଦିନ ହେଲା ପ୍ରମୁଖ ସେବାୟତ ନିଯୋଗ ଅସନ୍ତୁଷ୍ଟ ରହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଯଦି ସେବାୟତଙ୍କ ପ୍ରାପ୍ୟ ପାଉଣା ସମ୍ପର୍କରେ କିଛି ସକରାତ୍ମକ ପଦକ୍ଷେପ ନ ନିଏ ତେବେ ଆଗକୁ ପହିଲି ଭୋଗ ନୀତି ଆହୁରି ବିଳମ୍ବ ହୋଇପାରେ ବୋଲି ଶୁଣିବାକୁ ମିଳୁଛି।

ସୂଚନାଥାଉ କି, ପୂର୍ବରୁ ପରିମାଣିକ ଟିକେଟ ଏବଂ ପିଣ୍ଡିକାରୁ କିଛି ସେବାୟତ ନିଯୋଗ ଅଂଶ ପାଉଥିଲେ। ଜଗମୋହନ ଆରମ୍ଭ ହେବା ପରେ ପରିମାଣିକ ଟିକେଟ ଦର୍ଶନ ବନ୍ଦ ରହିଥିଲା। ଏଥିପାଇଁ କିଛି ନିଯୋଗକୁ କ୍ଷତିପୂରଣ ଦିଆଯାଉଥିଲା। ଏଥିସହ ଜଗମୋହନ କାମ ପରେ ସେବାୟତଙ୍କୁ ଡବଲ ପାଳିଆ ପୁରସ୍କାର ପ୍ରଦାନ କରାଯାଉଥିଲା। କିନ୍ତୁ ଗତ ଅଗଷ୍ଟରୁ ଡବଲ ପାଳିଆ ପୁରସ୍କାର ବନ୍ଦ କରାଯାଇ ଗୋଟିଏ ପାଳିଆ ପୁରସ୍କାର ଦିଆଯାଉଛି। ସେହିପରି ପିଣ୍ଡିକା ଏବଂ ପରିମାଣିକ ଟିକେଟ ବାବଦରେ କ୍ଷତିପୂରଣ ପାଉଥିବା ସେବାୟତଙ୍କୁ ମଧ୍ୟ ଅଗଷ୍ଟରୁ ପ୍ରାପ୍ୟ ପାଉଣା ବନ୍ଦ କରିଦିଆଯାଇଛି। ଏହାକୁ ନେଇ ଶନିବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକକୁ ୫ଟି ପ୍ରମୁଖ ନିଯୋଗ ବର୍ଜନ କରିଥିଲେ।

## ଶିଶୁ ମେଳାରେ ୨୧ ହାଇସ୍କୁଲର ୧୯୬ ପ୍ରତିଯୋଗୀ




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ରଣପୁର,୧୬।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ହାଇସ୍କୁଲରେ ରବିବାର ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା)ର ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୨୧ଟି ହାଇସ୍କୁଲରୁ ୧୯୬ଜଣ ପ୍ରତିଯୋଗୀ ୧୦ଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନ ୧୦ଟାରେ ସଭାପତି କିଶୋର ଚନ୍ଦ୍ରଙ୍କ ଦ୍ୱାରା ଓଷ୍ଟା ପତାକା ଉତ୍ତୋଳନ ପୂର୍ବକ ଉତ୍ସବର ଶୁଭାରମ୍ଭ ଓ ମଧ୍ୟାହ୍ନରେ ପୁରସ୍କାର ବିତରଣ କରାଯାଇଥିଲା । ଗୋପାଳପୁର ସରପଞ୍ଚ ଶରତଚନ୍ଦ୍ର ରଥ ମୁଖ୍ୟଅତିଥି, ରମେଶ କୁମାର ବଳବନ୍ତରାୟ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ଦାଶ, ପ୍ରସନ୍ନ କୁମାର ରଥ, ଗୌର କିଶୋର ସାହୁ, ମନୋଜ କୁମାର ଗୁମାନ୍‌ସିଂ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନାକର ପାଣି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବୀରେନ୍ କୁମାର ସାହୁ, ଅଜୟ କୁମାର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ସମ୍ପାଦକ ପଦ୍ମ ଚରଣ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ ଶିଶୁମେଳାକୁ ସଂଯୋଜନା କରିଥିଲେ । ଡିସେମ୍ବର ୧୯ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଦଶପଲ୍ଲା ବାଳିକା ହାଇସ୍କୁଲରେ ଉପସ୍ଥିତ ରହିବେ ବୋଲି ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

## ୯ମ ଜିଲ୍ଲାସ୍ତରୀୟ କଲର ବେଲ୍ଟ ପରୀକ୍ଷା



ଟାଏକୋଣ୍ଡୋ ପରୀକ୍ଷାରେ ଭାଗ ନେଇଥିବା ବାଳିକାବାଳକ।

**ନୟାଗଡ଼ ଅଫିସ,୧୬।୧୨**

ନୟାଗଡ଼ ସହରସ୍ଥିତ ରାଜବାଟୀ କଲ୍ୟାଣମଣ୍ଡପଠାରେ ରବିବାର ୯ମ ଜିଲ୍ଲାସ୍ତରୀୟ ଟାଏକୋଣ୍ଡୋ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଟାଏକୋଣ୍ଡୋ ଏକାଡ଼େମୀର ପରୀକ୍ଷାର୍ଥୀମାନେ ଏହି ପରୀକ୍ଷାରେ ଭାଗ ନେଇଥିଲେ। ନୟାଗଡ଼ ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଆୟୋଜିତ ପରୀକ୍ଷାରେ ବୁଦ୍ଧିଷ୍ଟ ମାରସିଆଲ ଏକାଡେମୀ, ଦଶପଲ୍ଲା ଟାଏକୋଣ୍ଡୋ ଏକାଡେମୀ, ରଣପୁର ଟାଏକୋଣ୍ଡୋ ଏକାଡେମୀ, ଦି ମଦର ଟାଏକୋଣ୍ଡୋ ଏକାଡେମୀ, ମୀରାମ୍ବିକା ଟାଏକୋଣ୍ଡୋ ଏକାଡେମୀରୁ ୧୦୦ରୁ ଉର୍ଦ୍ଧ୍ୱ ବାଳିକାବାଳକ ଭାଗ ନେଇଥିଲେ। ୟେଲୋ, ଗ୍ରୀନ, ବ୍ଲୁ, ରେଡ଼. ବ୍ଲାକ ବେଲ୍ଟ ଉପରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନୋମୋହନ ଭଞ୍ଜ ରେଫରି ପରିଷଦ ଭାବେ ପରୀକ୍ଷା ପରିଚାଳନା କରିଥିଲେ। ଜିଲ୍ଲା ସଂଘ ସଭାପତି ଭବାନୀ ଶଙ୍କର ରାୟଗୁରୁ, ସଦସ୍ୟ କିଶୋର ମହାପାତ୍ର, ସରୋଜ କୁମାର ସ୍ୱାଇଁ, ଦିବ୍ୟରଞ୍ଜନ ବରାଡ଼, ମାନସ କୁମାର ଖଟେଇ, ବିଷ୍ଣୁପ୍ରସାଦ ମିଶ୍ର, ଦିଲୀପ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୈଳାସ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ୨୦ରେ ବ୍ୟଞ୍ଜନ ଦ୍ୱାଦଶୀ
## ମାତା ମଠରେ ପ୍ରସ୍ତୁତି ଆରମ୍ଭ

**ପୁରୀ ଅଫିସ, ୧୬।୧୨**

ଡିସେମ୍ବର ୨୦ତାରିଖରେ ବ୍ୟଞ୍ଜନ ଦ୍ୱାଦଶୀ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଗୌରବିହାର ଆଶ୍ରମ(ମାତା ମଠ) ପକ୍ଷରୁ ବ୍ୟଞ୍ଜନ ଦ୍ୱାଦଶୀ ଆୟୋଜନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଶ୍ରମ ପକ୍ଷରୁ ୫ଶହରୁ ଉର୍ଦ୍ଧ୍ୱ ବହୁବିଧ ବ୍ୟଞ୍ଜନ ଶ୍ରୀଜୀଉଙ୍କ ନିକଟରେ ଭୋଗ କରାଯାଇଥାଏ। ଚଳିତ ବର୍ଷ ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଆଶ୍ରମର ଅଧ୍ୟକ୍ଷ ମହନ୍ତ ସୁବଳ ଚରଣ ଦାସଜୀ ମହାରାଜ କହିଛନ୍ତି। ମାସମାନଙ୍କ ମଧ୍ୟରେ ଶ୍ରେଷ୍ଠ ମାର୍ଗଶୀର ଏବଂ ତିଥି ମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ଦ୍ୱାଦଶୀ। ଏଣୁ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀ ତିଥି ଅବସରରେ ମାତା ଯଶୋଦା ବହୁବିଧ ବ୍ୟଞ୍ଜନ ସ୍ୱ-ହସ୍ତରେ ପ୍ରସ୍ତୁତ କରି ପୁତ୍ର ଶ୍ରୀକୃଷ୍ଣଙ୍କ ସେବାରେ ଲଗାଇଥିଲେ। ଏହା ଦ୍ୱାପର ଯୁଗର ଅନ୍ତିମ ପର୍ଯ୍ୟାୟର ଲୀଳା ବୋଲି ଗବେଷକ ମାନେ ମତ ଦିଅନ୍ତି। ସେହି ମହାନ ପରାମ୍ପରାକୁ ଅନୁକରଣ କରି ଶ୍ରୀକ୍ଷେତ୍ରସ୍ଥିତ ଶ୍ରୀଗୌରବିହାର ଠାରେ ଆଧାତ୍ମିକ ଓ ଦାତବ୍ୟ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀ ରାଧାଶ୍ୟାମ ଓ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନିକଟରେ ବହୁବିଧ ବ୍ୟଞ୍ଜନ ଅର୍ପଣ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତଥା ରାଜ୍ୟ ବାହାରୁ ମଧ୍ୟ ମଠ ସହ ସଂପୃକ୍ତ ଭକ୍ତ ମାନେ ଯୋଗଦାନ କରିଥାନ୍ତି। ଶତାଧିକ ଭକ୍ତ ଏହି ତିଥିରେ ମହାପ୍ରଭୁଙ୍କ ଏହି ପରାମ୍ପରାକୁ ଉପଭୋଗ କରିବା ସହ ପ୍ରସାଦ ସେବାନର କୃପାଲାଭ କରିଥାନ୍ତି ବୋଲି ମହନ୍ତ ସୁବଳ ଦାସ ଜୀ କହିଛନ୍ତି। ମାତା ମଠ ପରି ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ଏବଂ ଘରେ ଘରେ ଏହି ପରମ୍ପରା ଦେଖିବାକୁ ମିଳେ।

## ୨୪ରୁ ଭଲିବଲ୍ ଟୁର୍ନାମେଣ୍ଟ

**ନୂଆଗାଁ,୧୬।୧୨ (ଡି.ଏନ.ଏ.)**

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ହେବାକୁ ଥିବା ୫ମ ଶହୀଦ କଷ୍ଟି ଡାକୁଆ ଭଲିବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ ରବିବାର ନୂଆଗାଁ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୪ରୁ ରାଜ୍ୟସ୍ତରୀୟ ଏହି ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ନୂଆଗାଁ ହାଇସ୍କୁଲ ପଡିଆରେ ଦିନ ୧୧ଟାରୁ ଆରମ୍ଭ ହେବ। ଏଥିରେ ଭୁବନେଶ୍ୱର ଓ ବାଲେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ, ଓଡିଶା ପୋଲିସ ଓ ରେଲ୍‌ୱେ ଦଳ ଅଂଶ ଗ୍ରହଣ କରିବେ ବୋଲି ଆସୋସିଏଶନ୍ ତରଫରୁ ସୂଚନା ମିଳିଛି। ଏହି ବୈଠକରେ ଆସୋସିଏଶନର ସଭାପତି ପ୍ରବୀଣ କୁମାର ନାୟକ, ସମ୍ପାଦକ ବରୁଣ କୁମାର ସାହୁ, ବିଶ୍ୱଜିତ ଖଣ୍ଡୁଆଳ, ଅଶୋକ କୁମାର ନାୟକ, ଜିତେନ୍ଦ୍ର କୁମାର ପରିଡ଼ା, ଚିତ୍ତରଞ୍ଜନ ପ୍ରଧାନ, ମାନସ କୁମାର ମହାନ୍ତି, ନୂତନ ପାତ୍ର ଓ ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ନସିର ଅହମ୍ମଦ ପ୍ରମୁଖ ବହୁ ସଂଖ୍ୟାରେ ଦର୍ଶକ ଖେଳରେ ଉପସ୍ଥିତ ହେବାକୁ ଅନୁରୋଧ କରିଛନ୍ତି।



ନୂଆଗାଁ ଭଲିବଲ ଆସୋସିଏସନ୍‌ର ସଦସ୍ୟବୃନ୍ଦ।

## ବିଦ୍ୟାଳୟରେ ଜୁନିୟର୍ ରେଡ୍‌କ୍ରସ ଆରମ୍ଭ

**ରଣପୁର,୧୬।୧୨(ସ୍ୱ.ପ୍ର.):** ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳସ୍ଥ ନରେନ୍ଦ୍ରପୁର ବାସୁଦେବ ଆଞ୍ଚଳିକ ବିଦ୍ୟାପୀଠରେ ଶନିବାର ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଆରମ୍ଭ ହୋଇଛି । ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମନୋଜ କୁମାର ଗୁମାନସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଭାବେ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ରନାଥ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍‌ର ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ଯୁଦ୍ଧାହତ ଜଣେ ସୈନିକଙ୍କ ସେବା ଓ ତାଙ୍କର ଜୀବନାଦର୍ଶ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏଥିରେ ୧୦୦ ଜେଆର୍‌ସି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଜେଆର୍‌ସି କାଉନ୍‌ସିଲର ପ୍ରମୋଦ କୁମାର ଦଳବେହେରା ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀ ବନିତା ଦେଇ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଚୋରିର ଟେର୍ ପାଉନି ପୋଲିସ

**ଖଣ୍ଡପଡ଼ା,୧୬।୧୨(ସ୍ୱ.ପ୍ର.)**

ଗତ ୧୩ତାରିଖ ରାତିରେ ଖଣ୍ଡପଡ଼ା ସହରର ତ୍ରିନାଥଛକସ୍ଥିତ ଓର୍‌ଟେଲ୍ କାର୍ଯ୍ୟାଳୟରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା । ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ତେବେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୋରି ଘଟଣାର ପୋଲିସ କୌଣସି ଟେର୍ ପାଉ ନ ଥିବାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇ ନ ଥିବା ଜଣାପଡ଼ିଛି।

## ୪ ପଞ୍ଚାୟତର ପିଠା କାର୍ଯ୍ୟକ୍ରମ

**ବୋଲଗଡ଼,୧୬।୧୨(ଡି.ଏନ.ଏ.):** ବୋଲଗଡ ବ୍ଲକର ୪ଟି ପଞ୍ଚାୟତ ପାଇଁ ରବିବାର ପିଠା କାର୍ଯ୍ୟକ୍ରମ ବାଙ୍କୋଇଦେଶଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାକାର ଭତ୍ତା ଯୋଜନାରେ ୭୭ଜଣଙ୍କୁ ଓ ମଧୁବାବୁ ପେନ୍‌ସନ ପାଇଁ ୬୬ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ୨୪ଟି ପରିବାରକୁ ବିଦ୍ୟୁତ୍ ସଂଯୋଗ ପାଇଁ ଦରଖାସ୍ତ ମଧ୍ୟ ଗ୍ରହଣ କରାଯାଇଛି। ବାଙ୍କୋଇଦେଶ ପଞ୍ଚାୟତଠାରେ ଅନୁଷ୍ଠିତ ସଭାକୁ ବ୍ଲକ ଅଧିକାରୀ ଏବଂ ସେହି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପରିଚାଳନା କରିଥିଲେ।

## ପେନସନଭୁକ୍ତ ଶିକ୍ଷକ ସଂଘ ବୈଠକ

**ଖଣ୍ଡପଡ଼ା,୧୬।୧୨(ସ୍ୱ.ପ୍ର.)**

ନୂତନ ପେନ୍‌ସନଭୁକ୍ତ ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ ଖଳିସାହି ଡୋଟା ହନୁମାନ ସାଂସ୍କୃତିକ କେନ୍ଦ୍ର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ବାଲୁରି ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଘର ସମ୍ପାଦକ ବିଜୁ ପ୍ରସାଦ ସାହୁ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକମାନଙ୍କର ଗ୍ରେଡ୍‌ପେ ୨୮୦୦ ଟଙ୍କାକୁ ବୃଦ୍ଧି କରିବା ସମ୍ପର୍କରେ ବୈଠକରେ ସରଗରମ ଆଲୋଚନା ହୋଇଥିଲା। ଏହି ଶିକ୍ଷକଙ୍କ ନ୍ୟାଯ୍ୟ ଦାବି ପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୨ ତାରିଖରେ ସଂଘ ପକ୍ଷରୁ ପୁଣି ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଉପସ୍ଥିତ ଶିକ୍ଷକ ସଂଘ କର୍ମକର୍ତ୍ତା।

## ଶ୍ରୀକ୍ଷେତ୍ର ମହୋତ୍ସବ ଉଦ୍‌ଘାଟିତ

# ଲକ୍ଷ୍ୟ ଜାଗାଆଖଡା ସଂସ୍କୃତିର ବିକାଶ

**ପୁରୀ ଅଫିସ,୧୬।୧୨**

କଳା ଓ ସଂସ୍କୃତିର ମାଟି ହେଉଛି ଶ୍ରୀକ୍ଷେତ୍ର। ସାହିଯାତ ପରମ୍ପରା ଉତ୍କଳୀୟ ସଂସ୍କୃତିକୁ ପରିପୃଷ୍ଟ କରିଛି। ଏହା ଶ୍ରୀଜଗନ୍ନାଥ ମନ୍ଦିର ରୀତିନୀତି ସହିତ ଜଡ଼ିତ। ଜାଗାଆଖଡା ସଂସ୍କୃତି ଓ ସାହିଯାତ ପରମ୍ପରାକୁ ଉଜ୍ଜିବୀତ କରିବା ଲକ୍ଷ୍ୟରେ ଏହି ମହୋତ୍ସବ ଆରମ୍ଭ ହୋଇଥିଲା ବୋଲି ଶ୍ରୀକ୍ଷେତ୍ର ମହୋତ୍ସବ ପରିଚାଳନା କମିଟି ଆନୁକୂଲ୍ୟରେ ଚଳିତବର୍ଷ ମହୋତ୍ସବର ପରିଚାଳନା ଦାୟିତ୍ୱରେ ଥିବା ଭଗବତୀ କୋଟ ମାର୍କଣ୍ଡେଶ୍ୱର ସାହି ଆଖଡା, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କଲିକତା, ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହଯୋଗରେ ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ଶ୍ରୀକ୍ଷେତ୍ର ମହୋତ୍ସବକୁ ଉଦ୍‌ଘାଟନ କରି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହା କହିଛନ୍ତି।

୫ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଆୟୋଜନ କମିଟି ସଭାପତି ଭାଗିରଥି ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତି ସମ୍ପର୍କକୁ ସେତୁ ଭଳି ଯୋଡି ଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ପୂର୍ବତନ ସଂସ୍କୃତି ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମହୋତ୍ସବ କମିଟିର ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର, ଶିକ୍ଷାବିତ୍ ଶ୍ରୀନିବାସ ଆଚାର୍ଯ୍ୟ, ନରେନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ସାହି ଆଖଡା ଓ ଜାଗା ସଭାପତି ଓ ସମ୍ପାଦକ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କମିଟି ସମ୍ପାଦକ ଫିକର ପଣ୍ଡା ଏବଂ ମାର୍କଣ୍ଡେଶ୍ୱର ସାହିର କର୍ମକର୍ତ୍ତା ପରିଚାଳନା କରିଥିଲେ।



ମହୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

### ସାହିଯାତ, ମାର୍ସିଲ ଆର୍ଟ ଓ ଆଖଡା ଆକର୍ଷଣ

ମହୋତ୍ସବର ପ୍ରଥମ ସନ୍ଧ୍ୟାର ଆକର୍ଷଣ ସାଜିଥିଲା ସମସ୍ତ ଆଖଡାର ସାହିଯାତ। ଗୋଟିଏ ପରେ ଗୋଟିଏ ସାହି ଜାଗା ଆଖଡାର କଳାକାର ମାନେ ସମରକଳା ଓ ବିଭିନ୍ନ ମେଢ ନୃତ୍ୟ ପରିବେଷଣ କରିଥିଲେ। ମାର୍କଣ୍ଡେଶ୍ୱର ସାହି, ହରଚଣ୍ଡି ସାହି, କାଳିକାଦେବୀ, କୁଣ୍ଢେଇବେଣ୍ଟ ସାହି, ଦୋଳମଣ୍ଡପ ସାହି, ବାଲି ସାହି, ଗୌଡବାଡ ଏବଂ ମାଟିମଣ୍ଡପ ସାହିର କଳାକାର ମାନେ ନାଗା, ପର୍ଶୁରାମ, ନବଶିରା, ସପ୍ତଶିରା, ରାବଣ ନୃତ୍ୟ, ଦୁର୍ଗା, ନୃସିଂହ ଓ ଫୁଲ ମେଢ ସମେତ ବାଡି ଖେଳ ଆଦି ସମରକଳା ପରିବେଷଣ କରି ଶୀତୁଆ ସନ୍ଧ୍ୟାକୁ ଆକର୍ଷିତ କରିଥିଲେ। ପ୍ରଥମ ସନ୍ଧ୍ୟାରେ ମଣିପୁରରୁ ଆସିଥିବା କଳାକାର ମାନେ ମାର୍ଶଲ ଆର୍ଟ ପରିବେଷଣ କରି ଦର୍ଶକଙ୍କୁ ବିଭୋର କରିଥିଲେ। ଚଳିତ ବର୍ଷ ପ୍ରଥମ କରି ମହୋତ୍ସବରେ ଯୋଗଦେଇଥିବା ଓଡ଼ିଶା ଆସିତେଡ୍ଡୁ(ଆଖଡା) ସଂଘର କଳାକାର ମାନେ ବିଭିନ୍ନ ସମରକଳା ପରିବେଷଣ କରି ମୁକ୍ତାକାଶ ରଙ୍ଗମଞ୍ଚରେ ସମସ୍ତଙ୍କ ଦୃଷ୍ଟି ଆକର୍ଷିତ କରିଥିଲେ। ସନ୍ଧ୍ୟାରେ ବର୍ଷା ଯୋଗୁ ଏହା କିଛି ସମୟ ଫିକା ପଡିଯାଇଥିଲା। ତଥାପି ଶତାଧିକ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ।

### ବଡଦାଣ୍ଡରେ ସାଂସ୍କୃତିକ ଝଲକ

ଅପରାହ୍ନ ୩ଟାରେ ଭଗବତୀ କୋଟ ମାର୍କଣ୍ଡେଶ୍ୱର ସାହି ଆଖଡା ପକ୍ଷରୁ ଗଡନ୍ତି ଛକ ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭଯାତ୍ରା ବାହାରିଥିଲା। ପରେ ସିଂହଦ୍ୱାର ଠାରୁ ଏକ ବିରାଟ ପଟୁଆରରେ ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଯାଇଥିଲେ। ନାଗା, ପ୍ରଜ୍ଞାପନମେଢ, ଦୁର୍ଗା ଓ କାଳୀ ମେଢ, ବୀରବାଦ୍ୟ ଢୁଲ ଢୁଲି ପ୍ରଭୃତି ମୁଖ୍ୟ ଆକର୍ଷଣ ସାଜିଥିଲା। ଶ୍ରୀକ୍ଷେତ୍ରରେ ବାଦ୍ୟ, ଘଣ୍ଟ ସହିତ ଲୋକନୃତ୍ୟ ଓ ଲୋକବାଦ୍ୟରେ ବଡଦାଣ୍ଡରେ ସାଂସ୍କୃତିକ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଏଥିରେ ସମସ୍ତ ଜାଗାଆଖଡା, ବୁଦ୍ଧିଜିବୀ, ସାମାଜିକ କର୍ମୀ, ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।



ଯେଉଁମାନଙ୍କର ସଂକୀର୍ଣ୍ଣଭାବ ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କୁହନ୍ତି।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ନୟାଗଡ଼ ଅଫିସ,୧୬।୧୨: ବାଇକ୍ ଧକ୍କାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାବଣିଆ ଗ୍ରାମର ପ୍ରଭାତ ମହାନ୍ତି (୨୩)। ପ୍ରକାଶ ଯେ, ଗତ ୧୪ ତାରିଖରେ କଣ୍ଟାବଣିଆ ଗ୍ରାମର ଅବକାଶ ମହାନ୍ତି ବାଇକ୍ (ଓଡ଼ି୦୪ଏଲ୍-୩୨୦୬)ରେ ନୟାଗଡ଼ରୁ ଘରକୁ ଫେରୁଥିଲେ। କଣ୍ଟାବଣିଆ ଛକଠାରେ ପ୍ରଭାତ ସାଇକେଲରେ ଘରକୁ ଫେରୁଥିବାବେଳେ ଅବକାଶଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ପ୍ରଭାତ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ୧୭୨/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି।

### ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର


ଓଡ଼ଗାଁ,୧୬।୧୨(ସ୍ୱ.ପ୍ର.): ଓଡଗାଁ ଥାନା ଅନ୍ତର୍ଗତ ୨୧ ନମ୍ବର ରାଜ୍ୟ ରାଜପଥ ଘଷାଦେଇପୁରଠାରେ ରବିବାର ସନ୍ଧ୍ୟାରେ ଘର ବାହାରେ ଠିଆ ହୋଇଥିବା ଜଣେ ବୃଦ୍ଧ ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି। ସେ ହେଲେ ସେହିଗ୍ରାମର ସୁର ବାରିକ(୬୦)। ସୁର ଘର ସମ୍ମୁଖ ରାସ୍ତା ଉପରକୁ ଆସିଥିବା ବେଳେ ହଠାତ୍ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କ ପରିଚୟ ମିଳିନାହିଁ। ଏଭଳି ଘଟଣା ଅଞ୍ଚଳରେ ନିତିଦିନିଆ ହୋଇଯାଇଛି। ଏହି ଥାନାକୁ ଆଦର୍ଶ ଥାନା ମାନ୍ୟତା ମିଳିବା ପରେ ଦୁଇଟି ନୂଆ ବାଇକ ଓ ଗୋଟିଏ ପିସିଆର ଭ୍ୟାନ ମିଳିଛି। ହେଲେ ଆବଶ୍ୟକ ପୋଲିସ ଅଫିସର ଓ ଷ୍ଟାଫ୍ ମିଳି ନ ଥିବାରୁ ସେବା ଦେବାରେ ବାଧା ଉପୁଜୁଛି। ଏଥିପ୍ରତି ଜିଲା ଆରକ୍ଷୀ ଅଧୀକ୍ଷକ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

### ନାଟକ ଅମୃତ ବଳୟ ମଞ୍ଚସ୍ଥ



ନୟାଗଡ଼ ଅଫିସ,୧୬।୧୨: ନୟାଗଡ଼ ସହରର ପଠାଣୀ ସାମନ୍ତ ଅଡ଼ିଟୋରିୟମଠାରେ ଶନିବାର ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ ସୁଧା ଆନୁକୂଲ୍ୟରେ ନାଟକ ଅମୃତ ବଳୟ ମଞ୍ଚସ୍ଥ ହୋଇଥିଲା। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ରାମଚନ୍ଦ୍ର ମିଶ୍ରଙ୍କ ରଚିତ ଓ ଅଧାପକ ଡ. ଆଶୁତୋଷ ମିଶ୍ରଙ୍କ ନିର୍ଦ୍ଦେଶନାରେ ହୋଇଥିବା ନାଟକ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା। ନାଟକର ମୁଖ୍ୟ ଚରିତ୍ରରେ ଶେଖ ଅବଦୁଲ ଖାଲିକ ଓ ଅନ୍ୟାନ୍ୟ ଚରିତ୍ରରେ ବିରୂପାକ୍ଷ ସ୍ୱାଇଁ, ବାପି, ଗଣେଶ, ସ୍ୱର୍ଣ୍ଣଲତା, ଗୋକୁଳ, ସତ୍ୟବ୍ରତ, ଲକ୍ଷ୍ମୀନାରାୟଣ, ସରୋଜ, ଆଶୁତୋଷ, ବୁଲବୁଲ୍ ପ୍ରମୁଖ ଅଭିନୟ କରିଥିଲେ। ସ୍ୱଦେଶ ରଥ, ବାନାମ୍ବର ପୃଷ୍ଟି, ଅଶୋକ ମଲ୍ଲ, ଦିଲୀପ ସଂଗ୍ରାମ ସିଂ, ପୁଣ୍ୟପ୍ରସାଦ ରଥ ପ୍ରମୁଖ ସହଯୋଗ କରିଥିଲେ।

### ସ୍ମାର୍ଟ ସିଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ



ନୟାଗଡ଼ ଅଫିସ,୧୬।୧୨: ନୟାଗଡ଼ ଜିଲା ଓଡ଼ଗାଁଠାରେ ହୋଇଥିବା ଜିଲାସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗିତାରେ ନୟାଗଡ଼ ଏନ୍‌ଏସି ସ୍କୁଲର ଛାତ୍ରଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଏନ୍‌ଏସି ସ୍କୁଲର ୯ମ ଶ୍ରେଣୀ ଛାତ୍ର ଅନ୍ତରୀକ୍ଷ ରଥଙ୍କ ଦ୍ୱାରା ସ୍ମାର୍ଟ ସିଟି ପ୍ରକଳ୍ପ ବର୍ତ୍ତମାନ ପରିସ୍ଥିତିରେ ଏହାର ଉପଯୋଗ କରି ମାନବ କିପରି ଲାଭ ପାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ତରୀକ୍ଷଙ୍କ ଏହି ସଫଳତାରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ, ଶିକ୍ଷକ ନବଜ୍ୟୋତି ମହାପାତ୍ର ଖୁସି ବ୍ୟକ୍ତ କରିଛନ୍ତି। ଖବରଦାତା ରାମକୃଷ୍ଣ ରଥଙ୍କ ପୁତ୍ର ହେଉଛନ୍ତି ଅନ୍ତରୀକ୍ଷ।

# ମାତିଛନ୍ତି ଲୁଟେରା, ପୋଲିସ ନିଷ୍କ୍ରିୟ

ନୟାଗଡ଼ ଅଫିସ,୧୬।୧୨

ନୟାଗଡ଼ ଜିଲାରେ ଦିନକୁ ଦିନ ଲୁଟ୍, ରାହାଜାନି ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଲୋକେ ଏଥିପାଇଁ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରୁଥିବାବେଳେ ପଥଚାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଶୁକ୍ରବାର ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ଜାଗିଖଇରପଟିଠାରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କଠାରୁ ୨୯,୫୦୦ ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଇତିମଧ୍ୟରେ ଦୁଇଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଏହାର ଟେର ପାଇନାହିଁ। ଏପରିସ୍ଥଳେ ଶନିବାର ଏଭଳି ଏକ ଘଟଣାର ପୁନରାବୃତ୍ତି ହୋଇଛି। ବିଳମ୍ବିତ ରାତିରେ ନୟାଗଡ଼ ବ୍ଲକ ବୃନ୍ଦାବନପୁରଛକଠାରେ ଏକ ଗ୍ୟାସ୍ ବୋଝେଇ ଗାଡ଼ି ଅଟକାଇ ଦୁର୍ବୃତ୍ତମାନେ ଡ୍ରାଇଭରଙ୍କୁ ମାଉଜର ଦେଖାଇ ୨ହଜାର ଟଙ୍କା ଓ ମୋବାଇଲ୍ ଲୁଟିନେଇଥିବା ଅଭିଯୋଗ ହୋଇଛି। କଟକ ଜିଲା ବୈଦେଶ୍ୱର ଥାନା ଗଉଡ଼ଛେଲି ଗ୍ରାମର ଭାବଗ୍ରାହୀ ପ୍ରଧାନ ଏ ନେଇ ଇଟାମାଟି ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ସେ ଏକ ଗ୍ୟାସ୍






ଗ୍ୟାସ୍ ଟାଙ୍କି ଭର୍ତ୍ତି ଟ୍ରକ୍ ଓ ଅଭିଯୋଗକାରୀ ଡ୍ରାଇଭର।

## ଅସୁରକ୍ଷିତ ମଣୁଛନ୍ତି ପଥଚାରୀ

କମ୍ପାନୀର ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଶନିବାର ସେ (ଓଡ଼ି୦୨ଟି-୭୧୮୯) ଟ୍ରକ୍‌ରେ ଜଟଣୀରୁ ଗ୍ୟାସ୍ ପୂର୍ଣ୍ଣ ଟାଙ୍କି ଭର୍ତ୍ତି କରି ସୋନପୁର ଜିଲାର ବିନିକାକୁ ଯାଉଥିଲେ। ବଡ଼ପଣ୍ଡୁସର ଛକଠାରେ ଏକ ସ୍କୁଟି (ଓଡ଼ି୨୫ସି-୯୫୦୫) ଓ ଏକ ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ପ୍ରଥମେ ଗାଡ଼ି ଅଟକାଇବାକୁ କହିଥିଲେ। ହେଲେ ସେ ଗାଡ଼ି ନ ରଖି ଚାଲି ଆସିଥିଲେ। ପରବର୍ତ୍ତୀ ସମୟରେ ଦୁଇଟି ବାଇକ୍ ଓ ଏକ ଅଟୋ ତାଙ୍କୁ ପିଛା କରି ରାତି ୨ଟା ୩୦ ମିନିଟ୍ ସମୟରେ ବୃନ୍ଦାବନପୁର ଛକଠାରେ ଟ୍ରକ୍ ଆଗରେ ବାଇକ୍ ରଖିଦେବାରୁ ସେ ଗାଡ଼ି ରଖିଥିଲେ। ପରେ ସେମାନେ ଗାଡ଼ି ଭିତରୁ ଭାବଗ୍ରାହୀଙ୍କୁ ଜବରଦସ୍ତ ଭିଡ଼ି ନେଇ ବଡ଼ପଣ୍ଡୁସର ଛକଠାରେ କାହିଁକି ରଖିଲୁ ନାହିଁ ବୋଲି କହି ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଗାଡ଼ିରୁ ୩୦ଟି ଗ୍ୟାସ୍ ଟାଙ୍କି ଦେବାକୁ କହିଥିଲେ। ଏଥିରେ ଭାବଗ୍ରାହୀ ରାଜି ନ ହେବାରୁ ଦୁର୍ବୃତ୍ତମାନେ ମାଉଜର୍ ଦେଖାଇ ତାଙ୍କଠାରୁ ୨୦୦୦ ଟଙ୍କା ଓ ମୋବାଇଲ୍ ଛଡ଼ାଇ ନେଇଥିଲେ। ଆଣିଥିବା ଅଟୋରେ ସେମାନେ ଜୋରଜବରଦସ୍ତ ଗ୍ୟାସ ଟାଙ୍କି ରଖୁଥିବା ବେଳେ କିଛି ଲୋକ ସେଠାରେ ପହଞ୍ଚିଯାଇଥିଲେ। ଏହାଦେଖି ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ଖାଲି ଯେ ରାସ୍ତାରେ ପଥଚାରୀ ଲୁଟ୍‌ର ଶିକାର ହେଉଛନ୍ତି ତା'ନୁହେଁ ସହରରେ ମଧ୍ୟ ଏହିଭଳି ଘଟଣା ଦେଖିବାକୁ ମିଳୁଛି। ୩ ମାସ ତଳେ ନୟାଗଡ଼ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖାଠାରୁ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କଠାରୁ ୧ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ବେଳେ ପୋଲିସ ଏହାର କୌଣସି ସୁରାକ୍ ପାଇପାରିନାହିଁ। ବାରମ୍ବାର ଏଭଳି ଘଟଣା ଘଟୁଥିବାବେଳେ ଲୁଟେରା ଧରା ନ ପଡିବା ପୋଲିସର ପାରିଲାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ନେଇ ଇଟାମାଟି ଥାନା ଅଧିକାରୀ ସରୋଜ କୁମାର ସାହୁ କହନ୍ତି, ବୃନ୍ଦାବନପୁର ଛକର କିଛି ଅଞ୍ଚଳ ଟାଉନ ଥାନା ଅଧୀନରେ ଯାଉଛି। ତେଣୁ ସେଠାରେ ଡ୍ରାଇଭରଙ୍କୁ ଅଭିଯୋଗ କରିବାକୁ କହିଥିବା ସାହୁ ପ୍ରକାଶ କରିଛନ୍ତି।

# ନୟାଗଡ଼ରେ କାଉ ମଡ଼କ

ନୟାଗଡ଼ ଅଫିସ,୧୬।୧୨

- ବାର୍ଡ ଫ୍ଲୁ ଆଶଙ୍କାରେ ଲୋକେ ଭୟଭୀତ
- ଜିଲା ପ୍ରାଣୀସମ୍ପଦ ବିଭାଗ ପାଖରେ ନାହିଁ ଖବର

ନୟାଗଡ଼ରେ ତିନିଦିନ ହେଲା ଗୋଟିଏ ପରେ ଗୋଟିଏ କାଉ ମରିପଡୁଥିବା ଦେଖାଯାଇଛି। ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ଠାରେ ଶୁକ୍ରବାର ଗୋଟିଏ କାଉ ମରିପଡ଼ିଥିବା ବେଳେ ଶନିବାର ରଣପୁର ଅଞ୍ଚଳରେ ଆଉ ଏକ କାଉ ମରିଥିବା ଦେଖିବାକୁ ମିଳିଥିଲା। ହେଲେ ନୟାଗଡ଼ ବ୍ଲକ ମୁଥାଗାଡ଼ିଆ ପଞ୍ଚାୟତ ମୁଥାଗାଡ଼ିଆ ଗ୍ରାମରେ ଏହି ଘଟଣା ଲୋକଙ୍କୁ ଭୟଭୀତ କରିଦେଇଛି। ଦୁଇଦିନ ଭିତରେ ଏହି ଗ୍ରାମରେ ପାଖାପାଖି ୭ କାଉଙ୍କ ମୃତ୍ୟୁ ହୋଇସାରିଛି। ଏ ସମ୍ପର୍କରେ ଜିଲା ପ୍ରାଣୀସମ୍ପଦ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପାଖରେ ଖବର ନ ଥିବା କହୁଛନ୍ତି। ଜିଲା ସଦର ମହକୁମାଠାରୁ ମାତ୍ର ୫କିଲୋମିଟର ଦୂର ଏହି ଗ୍ରାମରେ କାଉ ମଡ଼କ ଜାରି ରହିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦେଖା ନ ମିଳିବା ବା ତାଙ୍କ ପାଖରେ ଖବର ନ ରହିବା ଘଟଣା ବିଭାଗର ଉଦାସୀନତାକୁ ପଦାରେ ପକାଇଛି। ବାର୍ଡ ଫ୍ଲୁ ସନ୍ଦେହ କରି ଲୋକେ ଭୟଭୀତ ହେଉଥିବାବେଳେ ବିଭାଗର ଏକ ଟିମ୍ ଯାଇ ପରୀକ୍ଷା କରିବାକୁ ଦାବି କରିଛନ୍ତି। ଗ୍ରାମର ଶରତ ବେହେରାଙ୍କ ବାରିପଟେ, ଘର ଆଗରେ ଥିବା ନଳକୂପ ଓ ଗାଁ ମୁଣ୍ଡରେ ଥିବା ପୋଖରୀ ହୁଡାରେ କାଉମାନେ ମରି ପଡ଼ିଛନ୍ତି। ଏହାସହ ତାଙ୍କ ବାରିପଟେ ଏକ କୁକୁଡ଼ା ଫାର୍ମ ଥିବାରୁ ଏହି ଆଶଙ୍କା ବଢ଼ିଯାଇଛି। ଗ୍ରାମର ସୁବଳ ବରାଡ଼ଙ୍କ କହିବାନୁଯାୟୀ, ୩ଦିନ ହେଲା ବିଭିନ୍ନ ସ୍ଥାନରେ କାଉ ମରି ପଡ଼ିଛନ୍ତି, ବାର୍ଡ ଫ୍ଲୁ ଯୋଗୁ ଏଭଳି ହେଉଥିବା ଆମେ ଆଶଙ୍କା କରୁଛୁ। ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ମୁରଲୀଧର ବେହେରାଙ୍କୁ ପଚାରିବାରୁ ସେ ଘଟଣା ବିଷୟରେ ବୁଝିବେ ବୋଲି ପ୍ରକାଶ କରିଥିଲେ।



ଗ୍ରାମ ପୋଖରୀ ହୁଡାରେ ମରିପଡ଼ିଥିବା କାଉ।

# ପହିଲି ଭୋଗ: ମା'ଙ୍କ ହାତ ରନ୍ଧା ଖାଇଲେ ନୀଳମାଧବ ଜୀଉ

ଖଣ୍ଡପଡ଼ା,୧୬।୧୨(ସ୍ୱ.ପ୍ର.)

ଧନୁ ସଂକ୍ରାନ୍ତି ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଯାଇଛି । ରବିବାରଠାରୁ ଠାକୁରଙ୍କ ପାଖରେ ଧନୁମୁଆଁ ଭୋଗ ଓ ସ୍ୱତନ୍ତ୍ର ପିଠା ଲାଗି ହେଉଛି। ଏହି ମାସରେ ଲକ୍ଷ୍ମୀ ସାଆନ୍ତାଣୀ ବାପ ଘରକୁ ଯାଇଥିବା ଯୋଗୁ ଶ୍ରୀ ଜୀଉ ତାଙ୍କ ମା'ଙ୍କ ହାତ ତିଆରି ରନ୍ଧା ଖାଇବା ହେଉଛି ପହିଲି ଭୋଗର ବିଶେଷତ୍ୱ । ଏଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ଭୋର ସାଢ଼େ ୩ଟାରେ ମନ୍ଦିରର ଦ୍ୱାର ଫିଟାଯାଇ ମନ୍ଦିର ଶୋଧ ହେବା ପରେ ୪ଟାରେ ମଙ୍ଗଳଆଳତୀ ଅନୁଷ୍ଠିତ ହୋଇଥିଲା । ମଇଲମ, ତଡ଼ପଲାଗି ଓ ଅନ୍ୟାନ୍ୟ ନୀତି ପରେ ସକାଳ ୬ଟା ସୁଦ୍ଧା ପହିଲି ଭୋଗ ନୀତି, ୮ଟା ପରେ ସାହାଣ ମେଲା ଦର୍ଶନ, ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ଦିବା



ବଜାରରେ ବିକ୍ରି ହେଉଥିବା ଧନୁମୁଆଁ।

ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ତେଣୁ ପୌଷ ମାସରେ ବିବାହିତା ଝିଅମାନେ ସେମାନଙ୍କ ବାପ ଘରକୁ ବୁଲିଯା'ନ୍ତି। ଏହି ବିଧି ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ୧ମାସ ଧରି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ସେହିପରି ଖଣ୍ଡପଡ଼ାର ଜଗନ୍ନାଥ ମନ୍ଦିର, ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ତେଣୁ ଏବେ ଦୋକାନରେ ମୁଆଁର ଚାହିଦା ବଢ଼ିଛି।

## ଶ୍ରୀରଘୁନାଥଜୀଉଙ୍କୁ ଧନୁମୁଆଁ ଲାଗି, ପହିଲି ଭୋଗ ଆରମ୍ଭ

ଓଡ଼ଗାଁ,୧୬।୧୨(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କଠାରେ ଗୁରୁବାର ପବିତ୍ର ଧନୁ ସଙ୍କ୍ରାନ୍ତି ଅବସରରେ ଧନୁମୁଆଁ ଲାଗି ହେବା ସହିତ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ଭୋର ସାଢେ ୪ଟାରୁ ସମସ୍ତ ଦୈନିକ ନୀତି ସମ୍ପନ୍ନ ହେବା ପରେ ଦ୍ୱାରଫିଟା ହୋଇ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ଶ୍ରୀମୁଖ ଦର୍ଶନ କରିଥିଲେ। ମଙ୍ଗଳ ଆଳତି ସହିତ ପ୍ରଥମେ ଶ୍ରୀଜୀଉଙ୍କୁ ଧନୁମୁଆଁ ଭୋଗ ଅର୍ପଣ ହୋଇଥିଲା। ବଲ୍ଲଭ ନୀତି ପରେ ଭୋର ୬ଟାରେ ପହିଲି ଭୋଗ ନୀତିରେ ପାହାନ୍ତି ଖେଚୁଡି, କାନିକା, ଖିରି ଭୋଗ ସହିତ ଷୋଡଶ ଉପଚାର କାର୍ଯ୍ୟ ପାଳିଆ ପଣ୍ଡାଙ୍କ ଦ୍ୱାରା ସମାପନ କରାଯାଇଥିଲା । ତତ୍ପରେ କର୍ପୂର ଆଳତି, ମହା ଆଳତି ଓ ଚାମର ସେବା ଲାଗି ହୋଇଥିଲା । ପହିଲି ନୀତି ନିର୍ଘଣ୍ଟ ଅନୁସାରେ ଦିବା ସାଢେ ୧୧ଟାରେ ମଧ୍ୟାହ୍ନ ଧୂପ ବଢିବା ସହିତ ଦିବା ପହୁଡ ହୋଇଥିଲା। ଏହିପରି ପାହାନ୍ତି ପହିଲି ଭୋଗ ମକର ସଙ୍କ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଧନୁ ମାସାନ୍ତ ପର୍ଯ୍ୟନ୍ତ ୧ମାସ ଧରି ଅର୍ପଣ କରାଯିବ। ଶ୍ରୀଜୀଉଙ୍କ ନିକଟରେ ରାତ୍ର ଧୂପ ସହିତ ତିନିବାଡ ଧନୁମୁଆଁ ଅର୍ପଣ କରିବା ପରେ କର୍ପୂର ଆଳତି ସହିତ ଧନୁ ସଙ୍କ୍ରାନ୍ତି ମହାଆଳତି ଭଳି ଏକ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ପାଳିଆ ପଣ୍ଡା ପ୍ରଦୀପ ବାହିନୀପତି, ପୂଜକ ପରିଷଦ ସଦସ୍ୟ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲା ।

## ସ୍ୱପ୍ନେଶ୍ୱର ମହାବୀର ପୀଠରେ ଧନୁସଂକ୍ରାନ୍ତି ଉତ୍ସବ

ଦଶପଲ୍ଲା,୧୬।୧୨(ଡି.ଏନ.ଏ.)

ରବିବାର ଦଶପଲ୍ଲାସ୍ଥିତ ସ୍ୱପ୍ନେଶ୍ୱର ମହାବୀର ପୀଠରେ ପବିତ୍ର ଧନୁସଂକ୍ରାନ୍ତି ଓ ଠାକୁରଙ୍କ ଆସ୍ଥାନ ବିଜେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ମନ୍ଦିର ପରିସରରେ ହୋମଯଜ୍ଞ, ହନୁମାନ ଚାଳିଶା, ସଂକୀର୍ତ୍ତନ, ସୁନ୍ଦରାକାଣ୍ଡ ପଠନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନତମାମ୍ ମନ୍ଦିର ପରିସରରେ ଉତ୍ସବ ଲାଗିରହିଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟି ତରଫରୁ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରାଯାଇଥିଲା ।

## ଦଶପଲ୍ଲାରେ ବିଶ୍ୱଶାନ୍ତି ମହାଯଜ୍ଞ

ଦଶପଲ୍ଲା,୧୬।୧୨(ଡି.ଏନ.ଏ.)

ଦଶପଲ୍ଲାସ୍ଥିତ ମା' ସୁଲୁକୁଟି ବଜାରଠାରେ ମା' ସୁଲୁକୁଟିଙ୍କ ବାର୍ଷିକ ଉତ୍ସବ ନିମନ୍ତେ ୨ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ପ୍ରଥମ ଦିବସରେ ଶତାଧିକ ମହିଳାପୁରୁଷ ସାତପାଟଣାସ୍ଥିତ କୁଆଁରିଆ ନଦୀ ତଟରୁ କଳସରେ ପାଣିଧରି ଶୋଭାଯାତ୍ରାରେ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ଆସିଥିଲେ । କଳସ ସ୍ଥାପନ ପରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞସ୍ଥଳରେ ବହୁ ସାଧୁସନ୍ଥ ଯୋଗଦାନ କରିଥିଲେ। ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦେଖିବାକୁ ଭକ୍ତଙ୍କ ଭିଡ ହୋଇଥିଲା।

## ବ୍ଲକସ୍ତରୀୟ ଶିଶୁମେଳା
## ଲୁକ୍କାୟିତ ପ୍ରତିଭାର ବିକାଶ ଉତ୍ସବର ଲକ୍ଷ୍ୟ

ଖଣ୍ଡପଡ଼ା,୧୬।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରରେ ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୪ ଉଚ୍ଚ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଓଷ୍ଟାର ନୟାଗଡ଼ ଜିଲା ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଷ୍ଟାର ବ୍ଲକ ସଭାପତି ପ୍ରଭାକର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ରଞ୍ଜନ କୁମାର ଦାଶ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଖବରଦାତା ପ୍ରଭାକର ଶିରୋମଣି, ଓଷ୍ଟାର ଉପାଧ୍ୟକ୍ଷ ଅଯୋଧ୍ୟାନାଥ ନାୟକ, ଆର୍‌ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ମହେଶ୍ୱର ନନ୍ଦ, ଢୋଲମରା ବାପୁଜୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବସନ୍ତ କୁମାର ପଣ୍ଡା, ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦେଇ, ପ୍ରଧାନ ଶିକ୍ଷକ ସନାତନ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ, ପୂର୍ବତନ ସମ୍ପାଦକ କାଶୀନାଥ ସ୍ୱାଇଁ ଓ ପରିଚାଳନା କମିଟିର ସଭାପତି ଯୁଗଳ କିଶୋର ନାୟକ ଯୋଗଦେଇଥିଲେ । ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଓଷ୍ଟାର ବ୍ଲକ ସମ୍ପାଦକ ହରିହର ଗୋଛି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିବା ୨୦ ଜଣ ଛାତ୍ରୀଛାତ୍ର ନୟାଗଡ଼ଠାରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ଶିଶୁମେଳାରେ ଅଂଶ ଗ୍ରହଣ କରିବେ।



ଶିଶୁ ମେଳାରେ ଉପସ୍ଥିତ ଅତିଥି ବୃନ୍ଦ।

## ନୀଳମାଧବ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖଣ୍ଡପଡ଼ା,୧୬।୧୨(ସ୍ୱ.ପ୍ର)

କଣ୍ଟିଲୋର ନୀଳମାଧବ ସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ୯ମ ଦିବାରାତ୍ର ବାର୍ଷିକ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ନୀଳମାଧବ ବିଦ୍ୟାପୀଠରେ ୮ ଭଲି ଟିମ୍‌କୁ ନେଇ ଆରମ୍ଭ ହୋଇଛି ଏହି ଟୁର୍ନାମେଣ୍ଟ। ଯୁବ ସ୍ଥପତି (ଆର୍କିଟେକ୍ଟ) ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ସାଢ଼େ ୪ଟାରେ ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ଖେଳ ଆରମ୍ଭ ହୋଇଥିଲା । ଏଥିରେ ନୀଳମାଧବ ଭଲି କ୍ଲବ୍ ସାଗରା ଭଲି ବଲ୍ ଆସୋସିଏଶନ୍‌କୁ ୨-୦ ସେଟ୍‌ରେ ପରାଜିତ କରିଥିଲା । ପରେ ଇଟାମାଟି ଭଲି କ୍ଲବ ସହ ଦଶପଲ୍ଲା ଭଲି କ୍ଲବ୍ ସହ ମୁକାବିଲା ହେବାରେ ଇଟାମାଟି ୨-୦ରେ ବିଜୟୀ ହୋଇଥିଲା । ୩ୟ ଲିଗ୍‌ରେ ରଣପୁର ଦଳକୁ ଯେନାପଦା ଭଲି କ୍ଲବ୍ ୨-୦ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା । ଖେଳକୁ ମାନଭଞ୍ଜନ ସାହୁ, ଶରତ କୁମାର ସ୍ୱାଇଁ, ଶଙ୍କର୍ଷଣ ମଲ୍ଲିକ, ସମ୍ପାଦକ ସନ୍ତୋଷ କୁମାର ସାହୁ, ବାଣପୁର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଖେଳାଳିଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

# ବିଜୁ ଯୁବବାହିନୀର ଯୁବ ସମାବେଶ

ନୟାଗଡ଼ ଅଫିସ,୧୬।୧୨

ଜିଲା ବିଜୁ ଯୁବବାହିନୀ ପକ୍ଷରୁ ରବିବାର ନୟାଗଡ଼ ଖେଳପଡ଼ିଆଠାରେ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ପ୍ରଥମେ ଜିଲାସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ କରାଯାଇଥିଲା। ଏଥିରେ ନୟାଗଡ଼ ବ୍ଲକ ଚାମ୍ପିୟନ ଓ ରଣପୁର ବ୍ଲକ ରନର୍ସ ଅପ୍ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ଜିଲାପାଳ ଡ. ଏନ୍ ତିରୁମାଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ, ପିଡ଼ି ଅନାମ ଚରଣ ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଯୁବତୀଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୟାଗଡ଼ର ୟୁଥ୍ ଆଇକନ୍ ଭାବେ ଜିଲାର ଏଣ୍ଟରପ୍ରେନ୍ୟୁୟର (ବ୍ୟବସାୟୀ) ରମେଶ ଚନ୍ଦ୍ର ବିଶ୍ୱାଳ, କଳାକାର ବିଶ୍ୱଭୂଷଣ ପଣ୍ଡା, ଆଇଟିଆଇ ସ୍କିଲରେ ରୌପ୍ୟ ପଦକ ପ୍ରାପ୍ତ ସଞ୍ଜୟ କୁମାର ପ୍ରଧାନ, ଦୃଷ୍ଟିହୀନ ଓଏଏସ୍ ସନ୍ନ୍ୟାସୀ ବେହେରା, ଗାୟକ ବିଭୁ ମିଶ୍ର, ଖେଳାଳି ମୋନାଲି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ମୁଁ ହିରୋ ମୁଁ ଓଡ଼ିଶା ଭାବେ ଜିଲାର ଆନ୍ତର୍ଜାତିକ ଭାରୋତ୍ତୋଳନରେ ଦଶପଲ୍ଲା ବ୍ଲକ ମକରପ୍ରସାଦ ଗ୍ରାମର ଝିଲ୍ଲି ଦଳବେହେରା, କ୍ରୀଡ଼ାବିତ୍ ଭାବେ ନୟାଗଡ଼ ବ୍ଲକର ଦୀପାଳି ମହାପାତ୍ର, ଯୁବ ସାମାଜିକ କର୍ମୀ ଭାବେ ନୂଆଗାଁ ବ୍ଲକ ଦୁର୍ଦ୍ଦରା ଗ୍ରାମର ସଞ୍ଜୟ କୁମାର ସାହୁ, ୨୦୧୮ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ଓ ଭାରତରେ ଚତୁର୍ଥ ସ୍ଥାନ ହାସଲ କରିଥିବା ତଥା ଜାତୀୟସ୍ତରରେ ଖୋ ଖୋରେ ଚାମ୍ପିୟନ ହୋଇଥିବା ଭାପୁର ବ୍ଲକ ବାଦଭୂଇଁ ଗ୍ରାମର ଶୁଭଶ୍ରୀ ଶୁଭସ୍ମିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଲ କାମ ପାଇଁ ଜିଲାର ୩ ବିଜୁ ଯୁବବାହିନୀ ଯଥା ଖଣ୍ଡପଡ଼ା ବ୍ଲକର ସିଂଘପଡ଼ା, ଭାପୁର ବ୍ଲକ ଫତେଗଡ଼ ଓ ଓଡ଼ଗାଁ ବ୍ଲକ ମଗରବନ୍ଧକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଏଲଇଡ଼ି ମାଧ୍ୟମରେ ଦର୍ଶକମାନେ ହକି ପୁରୁଷ ବିଶ୍ୱକପ୍ ଫାଇନାଲ୍‌ର ସିଧା ପ୍ରସାରଣ ଦେଖିଥିଲେ।

## ସମ୍ବର୍ଦ୍ଧିତ ହେଲେ ଜିଲାର ଯୁବତୀଯୁବକ



ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

କିଡ୍‌ନୀ ସମସ୍ୟା ନିରାକରଣ ଦାବି

### ତୃତୀୟ ଦିନ ପରେ ଅନଶନ ପ୍ରତ୍ୟାହୃତ

**ଛତ୍ରପୁର,୧୬।୧୨(ଡି.ଏନ.ଏ):** ଛତ୍ରପୁର ବ୍ଲକ ଶିବସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଡ୍‌ନୀ ରୋଗ ସମସ୍ୟାର ନିରାକରଣ ଦାବିରେ ଚାଲିଥିବା ଆମରଣ ଅନଶନ ଶନିବାର ତୃତୀୟ ଦିବସରେ ପହଞ୍ଚିଛି। ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ଅଧୀନ ବଡପୁଟି ଗାଁର ଲୋକମାନେ ଦୂଷିତ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ବହୁ ଲୋକେ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏଥିରେ କେତେକଙ୍କ ମୃତ୍ୟୁ ମଧ ହୋଇଛି। ବଡପୁଟି ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସହ ଆକ୍ରାନ୍ତ ହୋଇଥିବା ଲୋକମାନଙ୍କର ଚିକିତ୍ସା କରାଯିବା ଦାବି ନେଇ ପୂର୍ବରୁ ଶିବସେନା ପକ୍ଷରୁ ଜିଲା ପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହା ଉପରେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଆମରଣ ଅନଶନ ଆରମ୍ଭ କରାଯାଇଥିବା ଶିବସେନା ବ୍ଲକ ପ୍ରମୁଖ ରାଜେଶ ମହାରଣା କହଛନ୍ତି। ସନ୍ଧ୍ୟାରେ ଅନଶନରତ ରାଜେଶଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଆଲୋଚନା କରିଥିଲେ। ଭୁବନେଶ୍ୱରରୁ ଏକ ମେଡିକାଲ ଟିମ୍ ଆସି ଗାଁରେ ଅନୁଧାନ କରିବ। ପାଣି ସମସ୍ୟା ଦୂର ହେବା ପର୍ଯ୍ୟନ୍ତ ଗାଁରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେବ। ଏ ସବୁ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଛି।

### ଶିକ୍ଷକ ସଂଘର ରାଲି, ପ୍ରତିବାଦ ସଭା



**କବିସୂର୍ଯ୍ୟନଗର,୧୬।୧୨:** କବିସୂର୍ଯ୍ୟନଗର ଏନ୍ଏସି ଅଞ୍ଚଳ ଗଙ୍ଗାଧର ବିଦ୍ୟାପୀଠ ପ୍ରଧାନ ଶିକ୍ଷକଙ୍କୁ ସ୍କୁଲ ପରିସରରେ ଅଜଣା ଯୁବକଙ୍କ ମରଣାନ୍ତକ ଆକ୍ରମଣ ହୋଇଥିଲା। ଶିକ୍ଷା ବିଭାଗ ଓ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳତା ନେଇ ଶନିବାର ଶିକ୍ଷକ ସଂଘ ସଭାପତି ଦଣ୍ଡପାଣି ଗୌଡ଼ଙ୍କ ନେତୃତ୍ୱରେ ସହରରେ ଶିକ୍ଷକମାନେ ରାଲି କରି ବିଇଓ ଅଫିସ ଆଗରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ । ଶିକ୍ଷକଙ୍କ ସୁରକ୍ଷା ଦାବି ସହ ଅଭିଯୁକ୍ତଙ୍କୁ ଗିରଫ ଦାବି, ଶିକ୍ଷକଙ୍କୁ ଡିଇସି ବଟିକା ବଣ୍ଟନରୁ ନିବୃତ୍ତ ରଖିବା ଆଦି ଦାବି କରି ବିଇଓ ଅଫିସ ଆଗରେ ଧାରଣା ଦେଇଥିଲେ । ବିଇଓ ନିରଞ୍ଜନ ମିଶ୍ର ଶିକ୍ଷକଙ୍କ ଦାବି ପୂରଣ ଦିଗରେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଶିକ୍ଷକଙ୍କୁ ସୁରକ୍ଷା ଦେବା ଓ ବିଦ୍ୟାଳୟରେ ଝାଡୁ କିଏ କରିବ ପ୍ରତିଶ୍ରୁତି ନଦେଲେ ଶିକ୍ଷାନୁଷ୍ଠାନରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ । ଏହି ଆନ୍ଦୋଳନରେ ବେଗୁନିଆପଡ଼ା ବ୍ଲକ, ଖଲ୍ଲିକୋଟ ବ୍ଲକ, ଆସିକା ବ୍ଲକ ଆଦିର ଶିକ୍ଷକ ନେତାମାନେ ଯୋଗଦେଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବାରଣ ସତ୍ତ୍ୱେ ବିକ୍ରି ହେଉଛି

# ଆଇଏସ୍ଆଇ ମାର୍କ ବିହୀନ ହେଲମେଟ୍

**ବ୍ରହ୍ମପୁର ଅଫିସ୍,୧୬।୧୨**

ବାରଣ ସତ୍ତ୍ୱେ ବ୍ରହ୍ମପୁର ସହର ରାସ୍ତା ଘାଟରେ ବିକ୍ରି ହେଉଛି ଆଇଏସ୍ଆଇ ଆଗ୍ ମାର୍କ ବିହୀନ ହେଲମେଟ୍ । ମୋଟରଯାନ ଚଲାଇବା ସମୟରେ ଦୁର୍ଘଟଣାରୁ ଜୀବନ ବଞ୍ଚାଇବା ପାଇଁ ସରକାର ଆଇଏସ୍ଆଇ ଆଗ୍ ମାର୍କ ହେଲମେଟ୍ ବ୍ୟବହାରକୁ ବାଧ୍ୟତାମୂଳକ କରିଥିବା ବେଳେ ଆଇଏସ୍ଆଇ ବିହୀନ ହେଲମେଟ୍‌କୁ ସମ୍ପୂର୍ଣ୍ଣ ବ୍ୟାନ୍ କରିବାକୁ ଚଳିତ ବର୍ଷ ଜାନୁୟାରୀରେ ଏକ ଅଧିନିୟମ ପ୍ରଚଳନ କରିଥିଲେ । ଭାରତ ସରକାରଙ୍କ ରାସ୍ତା ଓ ସଡକ ପରିବହନ ମନ୍ତ୍ରଣାଳୟରୁ ଏହି ଅଧିନିୟମ ପ୍ରଚଳନ କରିଥିବା ବେଳେ ସମସ୍ତ ରାଜ୍ୟରେ ଏହାକୁ ପାଳନ କରିବା ଏବଂ ଟ୍ରାଫିକ୍ ପୋଲିସ ଏହାକୁ ଲାଗୁ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ନିର୍ଦ୍ଦେଶନାମା ରହିଥିଲା । ହେଲେ ବ୍ରହ୍ମପୁର ସହରରେ ଏହାର ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି । ରାସ୍ତା ଘାଟଠାରୁ ଆରମ୍ଭ କରି ଶୋରୁମ୍ ପର୍ଯ୍ୟନ୍ତ ସବୁଠାରେ ଆଇଏସ୍ଆଇ ଆଗ୍ ମାର୍କ ବିହୀନ ହେଲମେଟ୍ ବିକ୍ରି ହେଉଛି । ଆଗ୍ ମାର୍କ ଅନୁମୋଦିତ ହୋଇ ନ ଥିଲେ ହେଁ ଆଇଏସ୍ଆଇର ଷ୍ଟିକର୍ ଲଗାଯାଇ ବିକ୍ରିକରି ଦିଆଯାଉଛି । ଆଇଏସ୍ଆଇ ଅନୁମୋଦିତ ହେଲମେଟ୍ ସବୁ ଅଧିକ ଦାମ୍ ରହୁଥିବା ବେଳେ ଆଗ୍‌ମାର୍କ ବିହୀନ ହେଲମେଟ୍ ଶସ୍ତାରେ ମିଳିଯାଉଛି।

୧୫୦ ଟଙ୍କାରୁ ଆରମ୍ଭ କରୁ ୮୦୦ ଟଙ୍କାରେ ଆଇଏସଆଇ ବିହୀନ ହେଲମେଟ୍ ବଜାରରେ ମିଳିଯାଉଥିବା ବେଳେ ଲୋକେ ଆଇଏସଆଇ ଅନୁମୋଦିତ ହେଲମେଟ୍ କିଣୁନାହାନ୍ତି । ଟ୍ରାଫିକ୍ ପୋଲିସ, ଚାଲାଣକୁ ଭୟ କରି ଲୋକେ ହେଲମେଟ୍ ପିନ୍ଧୁଥିବା ବେଳେ ପ୍ରତି ଟ୍ରାଫିକ୍ ପୋଷ୍ଟ ପୂର୍ବରୁ ବେପାରୀମାନେ ହେଲମେଟ୍ ପସରା ଖୋଲି ଦେଇଥିବା ଦେଖିବାକୁ ମିଳିଛି।

ପ୍ରକାଶଯେ, ମୋଟରଯାନ ସୁରକ୍ଷା ନିୟମ ପ୍ରକାରେ ଦୁଇଚକିଆ ମୋଟରଯାନ ଚଲାଳିଙ୍କ ସୁରକ୍ଷିତ ଯାତ୍ରା ପାଇଁ ସମ୍ପୃକ୍ତ ଗାଡି କମ୍ପାନୀ ଏବଂ ଦୁଇ ଚକିଆ ହେଲମେଟ୍ ପ୍ରସ୍ତୁତକାରୀ ସଂଘକୁ ହେଲମେଟ୍ ପ୍ରସ୍ତୁତ ଉପରେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ରଖାଯାଇଛି । ଗୋଟିଏ ହେଲମେଟ୍‌ର ଓଜନ ପୂର୍ବରୁ ୧୫ଶହ ଗ୍ରାମ୍ ରହିଥିବା ବେଳେ ସମ୍ପ୍ରତି ତାହା ୧୨ ଶହ ଗ୍ରାମ୍‌କୁ ରଖିବା ପାଇଁ ନିୟମ କରାଯାଇଛି। ସେହିପରି ଗୋଟିଏ ହେଲମେଟ୍ ପ୍ରସ୍ତୁତ ହେବା ପରେ ତାହାକୁ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍)ପକ୍ଷରୁ ମାନ୍ୟତା ପାଇଥିବା ଲ୍ୟାବ୍‌କୁ ପରୀକ୍ଷା ପାଇଁ ନିଆଯାଇଥାଏ । ସୁରକ୍ଷିତ ଯାତ୍ରା ପାଇଁ ରାସ୍ତା ଓ ସଡକ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନିୟମ ପାଳନ କଡାକଡି କରାଯାଇଥିଲେ ହେଁ କେହି ଏହାକୁ ମାନୁନଥିବା ଦେଖିବାକୁ ମିଳିଛି ।



ଦୁଇ ଚକିଆ ଚାଳକମାନେ ରାସ୍ତା ପାର୍ଶ୍ୱରୁ ଶସ୍ତା ହେଲମେଟ୍ କିଣୁଛନ୍ତି ।

### ସେମାନେ ଯାହା କୁହନ୍ତି

"ରାସ୍ତାରେ ଯାଉଥିବା ବେଳେ ଦୁଇଚକିଆ ଚାଳକଙ୍କ ଜୀବନର ପ୍ରଥମ ସାଥୀ ହେଉଛି ହେଲମେଟ୍। କେବଳ ଟ୍ରାଫିକ୍ ନିୟମ ପାଳନ ପାଇଁ ଔପଚାରିକତା ଦୃଷ୍ଟିରୁ ବାଇକ୍ ଚାଳକମାନେ ହେଲମେଟ୍ ପରିଧାନ କରୁଛନ୍ତି । ଆଇଏସଆଇ ଆଗ୍ ମାର୍କ ବିହୀନ ଏକ ହେଲମେଟ୍ ସୁରକ୍ଷିତ ନୁହେଁ ବୋଲି ସମସ୍ତେ ଜାଣି ମଧ୍ୟ ଅଜଣା ରହୁଛନ୍ତି ।

**-ଅଶୋକ ରଥ, ଆଇନଜୀବୀ, ବ୍ରହ୍ମପୁର**

"ଆଇଏସ୍ଆଇ ବିହୀନ ହେଲମେଟ୍ ପ୍ରସ୍ତୁତକାରୀ କମ୍ପାନୀ, ବିକ୍ରେତା ଏବଂ ଦୁଇଚକିଆ ମୋଟରଯାନ ଚଲାଇବା ସମୟରେ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିୟମ ରହିଛି । ଷ୍ଟାଣ୍ଡାର୍ଡାଇଜେଶନ୍ କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ତଥାପି ଟ୍ରାଫିକ୍ ପୋଲିସ ପକ୍ଷରୁ ଲୋକଙ୍କୁ ଆଇଏସ୍ଆଇ ବିହୀନ ହେଲମେଟ୍ ପରିଧାନ କରିବାକୁ ବାରଣ କରାଯାଉଛି ।

**-ପିନାକ ମିଶ୍ର, ଏସ୍‌ପି, ବ୍ରହ୍ମପୁର**

"ଦୁଇଚକିଆ ମୋଟରଯାନ ସୁରକ୍ଷା ଆଇନ ପ୍ରକାରେ ଗତ ଅଗଷ୍ଟ ୫ ତାରିଖରୁ ଆଇଏସ୍ଆଇ ଆଗ୍ ମାର୍କ ବିହୀନ ହେଲମେଟ୍ ପ୍ରସ୍ତୁତ କରିବା ଏକ ଅପରାଧ ବୋଲି ନିର୍ଦ୍ଦେଶ ରହିଛି। ଏହାକୁ ବିକ୍ରି କରିବା ଏବଂ ବ୍ୟବହାର କରି ଗାଡି ଚଲାଇବା ମଧ୍ୟ ଏକ ଅପରାଧ। ଏମିତିକି ଦୁଇ ଚକିଆ ଯାନ ପାଇଁ ଆଇଏସ୍ଆଇ ଆଗ୍ ମାର୍କ ବିହୀନ ହେଲମେଟ୍ ପ୍ରସ୍ତୁତକାରୀ ଓ ବିକ୍ରେତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହେବା ସହିତ ସର୍ବାଧିକ ୨ ଲକ୍ଷ ଟଙ୍କାର ଜରିମାନା ଆଦାୟ ସହିତ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ବିଧାନ ରହିଛି ।

**-ସଞ୍ଜୟ ବିଶ୍ୱାଳ, ଆରଟିଓ, ଗଞ୍ଜାମ**

### ପିଠା କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ



**ଗୋପାଳପୁର,୧୬।୧୨**

ରଙ୍ଗେଇଲୁଣ୍ଡା ବ୍ଲକର ୫ଟି ପଞ୍ଚାୟତରେ ରବିବାର ପୂର୍ବାହ୍ନ ହଳଦିଆପଦଠାରେ ସରପଞ୍ଚ ଏସ. ରାଜେଶ୍ୱରୀ ଦୋରାଙ୍କ ସଭାପତିତ୍ୱରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବୁଝାଇବା ସହ ସଚେତନତା କରାଯାଇଥିଲା । ଡୁରା, ରଙ୍ଗେଇଲୁଣ୍ଡା, ଚିକରଡ଼ା ଓ ସାତକୁଟୁଣୀ ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଧୁବାବୁ ପେନ୍‌ସନ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ଓ ମୋ ଘର ବିଜୁଳି ଯୋଜନା ଆଦି ଯୋଜନାର ୨ହଜାର ୨୨୮ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ୫ଟି ପଞ୍ଚାୟତର ୧୦୮ ଚାଷୀଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା ।

## ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

# ବିଏମ୍‌ସି ବିଜୁ ଯୁବ ବାହିନୀ ଚାମ୍ପିୟନ

**ଛତ୍ରପୁର,୧୬।୧୨(ଡି.ଏନ.ଏ)**

ଛତ୍ରପୁର ଷ୍ଟାଡିୟମ ଠାରେ ଚାଲିଥିବା ଗଞ୍ଜାମ ଜିଲାସ୍ତରୀୟ ବିଜୁ ଯୁବ ବାହିନୀ କ୍ରିକେଟ ଟୁର୍ନାମେଣ୍ଟରେ ବିଏମସି (ବ୍ରହ୍ମପୁର ମହାନଗର ନିଗମ) ଚାମ୍ପିୟନ ହୋଇଛି । ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ବିଏମସି ଟିମ୍ ୮ ଓଭରରେ ୬ ଉଇକେଟ୍ ହରାଇ ୯୯ ରନ୍ କରିଥିଲା। ଏହି ରନ୍‌ର ପିଛା କରି ଗଞ୍ଜାମ ବ୍ଲକ ବିଜୁ ଯୁବ ବାହିନୀ ଟିମ୍ ୮ ଓଭରରେ ୬ ଉଇକେଟ୍ ହରାଇ ମାତ୍ର ୭୦ ରନ୍ ସଂଗ୍ରହ କରିପାରିଥିଲା। ଛତ୍ରପୁର ଷ୍ଟାଡିୟମରେ ୧୦ ତାରିଖରୁ ଚାଲିଥିବା ଏହି ଟୁର୍ନାମେଣ୍ଟରେ ୨୨ ବ୍ଲକ ଏବଂ ବିଏମସିର ବିଜୁ ଯୁବ ବାହିନୀ ଅଂଶ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଏସପି ପିନାକ ମିଶ୍ର, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉପସ୍ଥିତ ଥିଲେ । ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ୍ ଭାବେ ଗଞ୍ଜାମ ବ୍ଲକ ଟିମ୍‌ର ଜିତେନ୍ଦ୍ର ସାହୁ, ଶ୍ରେଷ୍ଠ ବୋଲର ଭାବେ ବିଏମସିର ସନ୍ତୋଷ ସେଠୀ, ମ୍ୟାନ୍ ଅଫ ଦି ସିରିଜ ଭାବେ ଗଞ୍ଜାମ ବ୍ଲକ ଟିମ୍‌ର ଦିଲୀପ କୁମାର ବେହେରା ପୁରସ୍କୃତ ହୋଇଥିଲେ । ଅମ୍ପାୟାର ଭଞ୍ଜ କିଶୋର ବିଶ୍ୱାଳ, ଅରୁଣ କୁମାର ମାନସିଂ ଓ ମନୋଜ କୁମାର ପାଢୀ ଏବଂ ସ୍କୋରର ସୁନୀଲ କୁମାର ଦାସ ମ୍ୟାଚ୍ ପରିଚାଳନା କରିଥିଲେ ।



ବିଏମସି ଟିମ୍‌କୁ ଅତିଥି ମାନେ ଟ୍ରଫି ପ୍ରଦାନ କରୁଛନ୍ତି।

### ବାରିକ ସଂଘର ସାଧାରଣ ବୈଠକ

**ବାଲିଗୁଡ଼ା,୧୬।୧୨(ଡି.ଏନ୍.ଏ.):** ବାଲିଗୁଡ଼ାସ୍ଥିତ ମା' ପାଟ୍ଟଖଣ୍ଡା ଗଡ଼ମାଳିଆ ବାରିକ ସଂଘର ସାଧାରଣ ବୈଠକ ସଭାପତି ନିରଞ୍ଜନ ଡାକୁଆଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଗୁଡ଼ା, କ.ନୂଆଗାଁ, ମହାଶିଙ୍ଗି, କୁର୍ତ୍ତମଗଡ଼, ତୁମୁଡ଼ିବନ୍ଧ ଓ କୋଟଗଡ଼ ଅଞ୍ଚଳର ସମସ୍ତ ବାରିକ ଭାଇମାନଙ୍କର ସମସ୍ୟା ଆଲୋଚନା କରାଯାଇଥିଲା। ୧୯୮୮ ମସିହାରୁ କାର୍ଯ୍ୟ କରି ଆସୁଥିବା ଏହି ସଂଘ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇଛି। କନ୍ଧମାଳ ଜିଲାର ସମସ୍ତ ବାରିକ ସଂଘ ଏକତ୍ରିତ ହୋଇ ଏହାକୁ ମଜଭୁତ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ। ବୈଠକରେ ସଭାପତି ଡାକୁଆଙ୍କ ସମେତ ସଂଘର ଜିଲା ବଡ଼ ବେହେରା ଭାବେ ଚିତ୍ତରଞ୍ଜନ ବେହେରା, ଉପସଭାପତି ରାଜକିଶୋର ବାରିକ, ସମ୍ପାଦକ ମନୋଜ କୁମାର ପଶାୟତ ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ସୁରେନ୍ଦ୍ର ଡାକୁଆ ଓ ସଂଘର ଅନ୍ୟ ସଦସ୍ୟ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

### 'ହାରିବାର ନୁହେଁ ଜୀବନ' କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧୬।୧୨**

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା କଳାକେନ୍ଦ୍ର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଉତ୍କଳ ଆଶ୍ରମ ଖୋଲାମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। 'ହାରିବାର ନୁହେଁ ଜୀବନ' ଶୀର୍ଷକ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତ ବର୍ଷ ଜରାଶ୍ରମର ବାସିନ୍ଦାଙ୍କୁ ଉତ୍ସର୍ଗ କରାଯାଇଥିଲା । ଏହି ଅବସରରେ ୩୦ ବାସିନ୍ଦାଙ୍କୁ ବସ୍ତ୍ର ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମପୁର ତହସିଲଦାର ଦୟାନନ୍ଦ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖବରଦାତା ଅମ୍ବିକା ପ୍ରସାଦ ଦାସ ଏବଂ ଜଗନମୋହନ ମହାପାତ୍ର ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୱେଷା କଳାକେନ୍ଦ୍ରର ନିର୍ଦ୍ଦେଶିକା ଉଷାରାଣୀ ମହାପାତ୍ର ଓ ଅନ୍ୱେଷା ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଡ. ମିହିର କୁମାର ତ୍ରିପାଠୀ ଏବଂ ପି. ସୁବାସ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ସୁଦୀପ ସାହୁ, ନବକିଶୋର ମହାପାତ୍ର ସଂଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଦୀପ୍ତିରଞ୍ଜନ ପାଢୀ ଧନ୍ୟବାଦ ଦେଇଥିଲେ ।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ବିଜୁ କନ୍ୟାରତ୍ନ ଯୋଜନା କର୍ମଶାଳା

**ବ୍ରହ୍ମପୁର ଅଫିସ,୧୬।୧୨**

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ କନିଷିର ଏକ ଘରୋଇ ଆବାସିକ କଲେଜରେ ବିଜୁ କନ୍ୟାରତ୍ନ ଯୋଜନା ସମ୍ପର୍କରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଟୁକୁନା ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲା କାର୍ଯ୍ୟାଳୟର ଲିଗାଲ୍ ପ୍ରୋବେଶନ ଅଧିକାରୀ ସୁଦାମ ପାଣିଗ୍ରାହୀ ଯୋଗଦେଇ ଶିଶୁମାନଙ୍କ ଅଧିକାର ଯଥା କନ୍ୟା ସନ୍ତାନଙ୍କ ବଞ୍ଚି ରହିବା, ବଢ଼ିବା ଓ ସୁରକ୍ଷା ସୁନିଶ୍ଚିତ କରିବା ସମ୍ପର୍କରେ କହିଥିଲେ। ଜିଲା ପ୍ରଶିକ୍ଷକ ସୁକଣ୍ଠ ପଣ୍ଡା ଏହି ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । କନ୍ୟା ଭ୍ରୁଣ ହତ୍ୟା ବନ୍ଦ କରିବା, ଲିଙ୍ଗଗତ ତାରତମ୍ୟତା ଜନିତ ସମସ୍ୟା ଦୂର କରିବା, କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ପୁଷ୍ଟି ନିରାପତ୍ତା ଏବଂ ବଞ୍ଚି ରହିବା, କନ୍ୟା ଶିଶୁମାନେ ସ୍କୁଲକୁ ଯିବା ଏବଂ ସ୍କୁଲରେ ଉପସ୍ଥାପନ ହାର ବଢ଼େଇବା ନିମନ୍ତେ ଆଲୋଚନା ହୋଇଥିଲା। ସେହିଭଳି ପୋଡ଼ାମାରି ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଇଂ. ପ୍ରଦୀପ କୁମାର ପାତ୍ରଙ୍କ ସଭାପତିତ୍ୱରେ ମଧ୍ୟ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା ।

# ଏମ୍ଏମ୍ଏସ୍ ତରଫରୁ ସହାୟତା ବଣ୍ଟନ

**ବ୍ରହ୍ମପୁର ଅଫିସ,୧୬।୧୨**

ମାରୱାଡ଼ି ମହିଳା ସମିତି ବ୍ରହ୍ମପୁର ଶାଖା ତରଫରୁ ରବିବାର କୁକୁଡ଼ାଖଣ୍ଡି ବ୍ଲକ କଙ୍କିଆ ପଞ୍ଚାୟତର ନୂଆ କରଞ୍ଜେଇ, ବଡ଼ଶୂଳିଆ ଏବଂ ମିତ୍ରାପୁର ଗ୍ରାମରେ ଲୋକମାନଙ୍କୁ ଶୀତବସ୍ତ୍ର, ଚୁଡ଼ା, ଗୁଡ଼ ଓ ଧନୁମୁଆଁ ବଣ୍ଟନ କରାଯାଇଛି । ଯୁବତୀ ଏବଂ ମହିଳାମାନଙ୍କୁ ସାନିଟାରି ନାପ୍‌କିନ୍ ସମ୍ପର୍କରେ ସଚେତନ କରାଯିବା ସହ ବଣ୍ଟନ ମଧ୍ୟ କରାଯାଇଥିଲା। ମହିଳା ସମିତି ସଭାନେତ୍ରୀ ମମତା ଚୌଧୁରୀଙ୍କ ନେତୃତ୍ୱରେ ସମିତି ସମ୍ପାଦିକା ରୁବି ଖେମାନି, କୋଷାଧ୍ୟକ୍ଷା ପ୍ରମିଳା ସରାଫ, ସୁମନ ସରାଫ, ଲକ୍ଷ୍ମୀ ଦେବୀ ଲୋହିଆ, ସାନା ଗୌରୀସରାୟା, ଉଷା ଝୁନ୍‌ଝୁନ୍‌ୱାଲା, ବୀଣା ଭାଗରିଆ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସବୁଜ ବାହିନୀ ସମ୍ପାଦକ ଏମ୍. ଦିଲୀପ କୁମାର, ଧର୍ମରାଜ ପାତ୍ର, ସଞ୍ଜୟ ପାତ୍ର ଓ ରାଜୀବ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ପ୍ରତି ବର୍ଷ ଶୀତ ଋତୁରେ ସମିତି ତରଫରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥାଏ ।

# ସିଲ୍‌କ ସିଟି ଚେସ୍ ଫେଷ୍ଟିଭାଲ୍

**ବ୍ରହ୍ମପୁର ଅଫିସ,୧୬।୧୨**

ସ୍ଥାନୀୟ କେ.ସି. ପବ୍ଲିକ ସ୍କୁଲରେ ରବିବାର ଦ୍ୱିତୀୟ ସିଲ୍‌କ ସିଟି ଚେସ୍ ଫେଷ୍ଟିଭାଲ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ରେୟସ୍ ଫାଉଣ୍ଡେଶନ୍ ତରଫରୁ ଆୟୋଜିତ ପ୍ରତିଯୋଗିତାରେ ୯୩ ପ୍ରତିଯୋଗୀ ଭାଗ ନେଇଥିଲେ। ବିଭିନ୍ନ ବିଭାଗରେ ହୃଷୀକେଶ ରଥ, ଲାଲ୍‌ବିହାରୀ ବେହେରା, ରବୀନ୍ଦ୍ର ସେଠୀ, ସନ୍ତୋଷ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ଅଭୟ ଚନ୍ଦ୍ର ତ୍ରିପାଠୀ, ସଞ୍ଜୀବ କୁମାର ଚର୍ଚ୍ଚି, ସୋହନ୍ ମିଶ୍ର, ଅର୍ଣ୍ଣବ ଆଚାର୍ଯ୍ୟ, ଓମ୍ ସ୍ୱରୂପ, ଅର୍ପିତା ପାଣିଗ୍ରାହୀ, ମିହିର ମହାପାତ୍ର, ବିଶାଲ୍ ବିଶ୍ୱଜିତ ସାହୁ, ଶୁଭଙ୍କର ଆଚାର୍ଯ୍ୟ ଏବଂ ପଦ୍ମିନୀ ପାଣିଗ୍ରାହୀ ପ୍ରମୁଖ ଚାମ୍ପିୟନ୍ ହୋଇଥିଲେ। ଫାଉଣ୍ଡେଶନ୍‌ର ଶିବ ପ୍ରସାଦ ପଣ୍ଡା, ରାଜ୍ କିଶୋର ପଣ୍ଡା, ବିଭୂତି ଭୂଷଣ ମହାପାତ୍ର, ରଶ୍ମିତା କୁମାରୀ ରଥ, ମଞ୍ଜୁପ୍ରଭା ଦାଶ ଏବଂ ରଞ୍ଜିତା ପାଣିଗ୍ରାହୀ ପରିଚାଳନା କରିଥିଲେ ।



ଆୟୋଜକଙ୍କ ଗହଣରେ ଚାମ୍ପିୟନ୍ ଖେଳାଳିମାନେ ।

# ବ୍ରହ୍ମପୁର : ଖ୍ରୀଷ୍ଟମାସ ମହୋତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୬।୧୨**

ବ୍ରହ୍ମପୁର ଖ୍ରୀଷ୍ଟିଆନ କମ୍ୟୁନିଟି ପକ୍ଷରୁ ଅନୁଷ୍ଠିତ ୩ ଦିନିଆ ଖ୍ରୀଷ୍ଟମାସ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସେଣ୍ଟ ଷ୍ଟିଫାନ ଚର୍ଚ୍ଚ ପଡ଼ିଆରେ ଆୟୋଜିତ ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଉଦ୍‌ଘାଟନୀ ଦିବସ ଗତ ଶୁକ୍ରବାର ଓ ଦ୍ୱିତୀୟ ଦିବସ ଶନିବାର ସନ୍ଧ୍ୟାରେ ଯିଶୁଙ୍କୁ ଆରାଧନା କରି ବମ୍ବେର ପ୍ରଖ୍ୟାତ କଣ୍ଠଶିଳ୍ପୀ ସଂଗୀତା ଆୱେଲା ଏବଂ ଓଡ଼ିଶାର ସୁନାମଧନ୍ୟ ଗାୟକ ଅମିତ ପାଣି ଭକ୍ତି ସଂଗୀତ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କୁ ବିଭୋର କରିଥିଲା । ତେବେ ଶେଷ ଦିବସ ସନ୍ଧ୍ୟାରେ ଝିପିଝିପି ବର୍ଷା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ଫିକା ପଡ଼ିଯାଇଥିଲା ।

ସୂଚନାଯୋଗ୍ୟ ଖ୍ରୀଷ୍ଟିଆନ କମ୍ୟୁନିଟି ଦ୍ୱାରା ସବୁବର୍ଷ ଏଠାରେ ଖ୍ରୀଷ୍ଟମାସ ମହୋତ୍ସବ ଅନୁଷ୍ଠିତ ହେଉଛି । ବଡ଼ଦିନ ପୂର୍ବରୁ ଏହା ୩ ଦିନ ଧରି ପାଳନ କରାଯାଉଛି । ଗଞ୍ଜାମ ସମେତ କନ୍ଧମାଳ ଓ ଗଜପତି ଜିଲାରୁ ଶହ ଶହ ଖ୍ରୀଷ୍ଟଧର୍ମାବଲମ୍ବୀ ଏଠାକୁ ଆସୁଛନ୍ତି । ସ୍ଥାନୀୟ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ପରିସରରେ ମଧ ପ୍ରଭୁ ଯିଶୁଙ୍କ ଜନ୍ମ ଦିବସକୁ ସ୍ମରଣ କରି ତାଙ୍କ ଶାନ୍ତିର ବାର୍ତ୍ତା ନେଇ ସଚେତନ କରାଯାଉଛି । ଅପରପକ୍ଷରେ ଖ୍ରୀଷ୍ଟିଆନ ପଡ଼ା ଗୁଡ଼ିକ ମଧ ଉତ୍ସବମୁଖର ହେଉଛି । ମହୋତ୍ସବର ଉଦ୍‌ଘାଟନ ଓ ଉଦ୍‌ଯାପନ ସମାରୋହରେ ମହୋତ୍ସବ କମିଟି ସଭାପତି ଦାନିଏଲ ଦାସ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ପଲ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶପ ରେଭ ସୁରେନ୍ଦ୍ର ନନ୍ଦ, ଦିଲ୍ଲୀର ଆଧ୍ୟାତ୍ମିକ ପ୍ରବଚକ ଡିପିଜି ଭର୍ଗସ, ରେଭ. ଅଜୟ କୁମାର ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଜ୍ୟୋତ୍ସ୍ନା ପାତ୍ର, ଲେନା ଚାନ୍ଦ, ହିନା ମାର୍ଗାରେଟ ପ୍ରଧାନ, ସୁଜାତା ନାୟକ, ସୁଶାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଉପସ୍ଥିତ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ।